# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, September 5/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 282 | ମୂଲ୍ୟ₹୭/-







ଆର୍.ଜି. କର ହସ୍ପିଟାଲରେ ଅଗଷ୍ଟ ୮ ରାତିରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବୁଧବାର ରାତିରେ କୋଲକାତାରେ ଅନେକ ହଜାର ଲୋକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି।

# ସମଲିଙ୍ଗୀ ସମ୍ପର୍କ ଯୌନ ଅପରାଧ: ଏନ୍ଏମ୍ସି

**ନୂଆଦିଲ୍ଲୀ,୪ା୯**

ଭାରତର ସର୍ବୋଚ୍ଚ ଡାକ୍ତରୀ ଶିକ୍ଷା ନିୟନ୍ତ୍ରକ ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍ସି) ସୋଡୋମି (ପୁରୁଷଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ) ଏବଂ ଲେସ୍ବିଆନ୍ଜିଜମ୍ (ମହିଳାଙ୍କ ସମଲିଙ୍ଗୀ ସମ୍ପର୍କ)କୁ ମେଡିକାଲ ପାଠ୍ୟକ୍ରମରେ ପୁନଃ ସାମିଲ କରିଛି। ଅଣ୍ଡରଗ୍ରାଜୁଏଟ୍ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ରିଭାଇଜ୍ଡ ପାଠ୍ୟକ୍ରମର ଫୋରେନ୍ସିକ୍ ମେଡିସିନ୍ ଏବଂ ଟେକ୍ସିକୋଲୋଜି ବର୍ଗରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏନ୍ଏମ୍ସି ହିମେନ୍ ଏବଂ ଏହାର ପ୍ରକାରଭେଦ, ମେଡିକୋ-ଲିଗାଲ୍ ତାତ୍ପର୍ଯ୍ୟ, ଭର୍ଜିନିଟିର ସଂଜ୍ଞା, ଡିଫ୍ଲୋରେଶନ୍ ଓ ଏହାର ବୈଧତା ଭଳି ବିତର୍କିତ ବିଷୟକୁ ମଧ୍ୟ ପାଠ୍ୟକ୍ରମରେ

## ମେଡିକାଲ ପାଠ୍ୟକ୍ରମକୁ ଫେରିଲା ସୋଡୋମି, ଲେସ୍ବିଆନିଜମ୍



ସ୍ଥାନିତ କରିଛି। ୨୦୨୨ ଅଗଷ୍ଟରେ ମାଡ୍ରାସ୍ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସବୁକୁ କରିକୁଲମ୍ରୁ ହଟାଇ ଦିଆଯାଇଥିଲା। ନୂଆ ପାଠ୍ୟକ୍ରମରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍), ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍), ଭାରତୀୟ ସାକ୍ଷ୍ୟ ସଂହିତା ଅଧିନିୟମ(ବିଏସ୍ଏ) ସମେତ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ, ଦେୱାନୀ ଓ ଆପରାଧିକ ମାମଲା, ଅପମୃତ୍ୟୁ ତଦନ୍ତ, ଧର୍ଷଣ ଓ ଅଧର୍ଷଣ ଅପରାଧ ଆଦିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପକ୍ଷେ ଏହି ୭ ଘଣ୍ଟିଆ ପାଠ୍ୟକ୍ରମରେ ଭିନ୍ନକ୍ଷମତା ସମ୍ପର୍କରେ ଉଲ୍ଲେଖ କରାଯାଇନାହିଁ। ବିଭିନ୍ନ ସମୟରେ ଆବଶ୍ୟକତାକୁ ଦେଖି ପାଠ୍ୟକ୍ରମରେ ଏଭଳି ପରିବର୍ତ୍ତନ କରାଯାଇଥାଏ ବୋଲି ଏନ୍ଏମ୍ସି ପକ୍ଷରୁ କମ୍ପିଟେନ୍ସି-ବେସ୍ଡ ମେଡିକାଲ ଏଜୁକେଶନ୍ କରିକୁଲମ୍ (ସିବିଏମ୍ଇ) ଗାଇଡ୍ଲାଇନ୍ସ, ୨୦୨୪ରେ ଉଲ୍ଲେଖ କରାଯାଇଛି।

# ୩୭୦ ଫେରାଇ ଆଣିବ ଇଣ୍ଡିଆ



**ଜମ୍ମୁ,୪ା୯**

ଲୋକ ସଭା ନିର୍ବାଚନରେ ଭାଜପାର ଦୁର୍ବଳ ପ୍ରଦର୍ଶନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ମୋଦି ଆତ୍ମବିଶ୍ୱାସ ହରାଇଦେଇଛନ୍ତି। ଖୁବ୍ଶୀଘ୍ର ତାଙ୍କ ସରକାରର ପତନ ଘଟିବାକୁ ଯାଉଛି ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ସହ ଅନୁଚ୍ଛେଦ ୩୭୦ ଫେରାଇ ଆଣିବ ବୋଲି ରାହୁଲ ଆଶ୍ୱାସନା ଦେଇଛନ୍ତି। ରାହୁଲଙ୍କ ଏହି ମନ୍ତବ୍ୟ କେବଳ କଶ୍ମୀର ନୁହେଁ, ବରଂ ଜାତୀୟ ରାଜନୀତିକୁ ସରଗରମ କରିଛି। ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ପାଇଁ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୮ରେ ତିନି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ କଶ୍ମୀରକୁ ପ୍ରଥମ ଥର ପ୍ରଚାରରେ ଯାଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ବନିହାଲ ନିର୍ବାଚନମଣ୍ଡଳୀର ସଙ୍ଗଲଦାନରେ କଂଗ୍ରେସର ଏକ ସଭାକୁ ସମ୍ବୋଧିତ

### କଶ୍ମୀରରେ ରାହୁଲ ଗାନ୍ଧୀ

କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ସେମାନଙ୍କ ବନ୍ଧୁମାନେ କେନ୍ଦ୍ର ସରକାରକୁ ଚଳାଉଛନ୍ତି। ୨ ଜଣ ବିଲିଅନେୟାର ବନ୍ଧୁଙ୍କ ସ୍ୱାର୍ଥରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ଏବଂ ବିମୁଦ୍ରୀକରଣ ଅଣାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରାଯିବା ଫଳରେ ଦେଶର କ୍ଷୁଦ୍ର ବ୍ୟବସାୟୀମାନଙ୍କୁ କ୍ଷତି ସହିବାକୁ ପଡ଼ିଛି। ସେହି ୨ ବନ୍ଧୁ ହେଲେ ଆଦାନୀ (ଏ୧) ଏବଂ ଅମ୍ବାନୀ (ଏ୨)। କେନ୍ଦ୍ର ସରକାର 'ଆମେ ଦୁଇ, ଆମର ଦୁଇ' ଭଳି। ଏହି ଦୁଇଜଣ ହେଲେ ମୋଦି ଓ ଶାହା। ବାସ୍ତବରେ ଏହି ୪ ଜଣ ହିଁ ସରକାର ଚଳାଉଛନ୍ତି।

ରାହୁଲ ଆହୁରି କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତାକୁ ଛଡ଼ାଇ ନିଆଯାଇଥିଲା। ଏହା ବି କେବଳ ୨ ଜଣ ବିଲିଅନେୟାରଙ୍କୁ ଲାଭ ଦେବା ପାଇଁ ଉଦ୍ଦିଷ୍ଟ ଥିଲା। ଦେଶର ଅବଶିଷ୍ଟ ଭାଗ ତୁଳନାରେ ଜମ୍ମୁ-କଶ୍ମୀର ସ୍ଥିତି ଅତ୍ୟନ୍ତ ଦୟନୀୟ। ଏଠାରେ ବେରୋଜଗାରି ହାର ସର୍ବାଧିକ। ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସରକାର କିଛି କରିନାହାନ୍ତି। ବିରୋଧୀ ଦଳଗୁଡ଼ିକ ଇଣ୍ଡିଆ ବ୍ଲକ୍ ଅଧୀନରେ ଏକାଠି ହେବା ପରେ ମୋଦିଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଇଛି। ଆମେ ମୋଦିଙ୍କୁ ମାନସିକସ୍ତରରେ ଶେଷ କରିଦେଇଛୁ। ପାର୍ଲାମେଣ୍ଟରେ ମୁଁ ତାଙ୍କ ସାମ୍ନାରେ ବସିଥାଏ। ତେଣୁ ଏହି ବିଷୟ ଜାଣିବାକୁ ପାଇଛି। ଏବେ ଅଳ୍ପ ସମୟ ବାକି ଅଛି, ମୋଦି ଏବଂ ଭାଜପାକୁ ସରକାରରୁ ଆମେ ହଟାଇଦେବୁ ବୋଲି କଂଗ୍ରେସ ନେତା ରାହୁଲ କହିଛନ୍ତି। ରାହୁଲ ବନିହାଲ ପରେ ଅନନ୍ତନାଗ ଜିଲା ଅଧୀନ ଦୁରୁ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି।



## ମୋ ସମ୍ମାନ ଆପଣଙ୍କ ହାତରେ: ଓମାର

ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍ଫରେନ୍ସ (ଏନ୍ସି) ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ବୁଧବାର ଗନ୍ଦେରବଲ ନିର୍ବାଚନମଣ୍ଡଳୀରୁ ନାମାଙ୍କନପତ୍ର ଦାଖଲ କରିବା ପରେ ସମର୍ଥକଙ୍କ ସହ ଶୋଭାଯାତ୍ରା କରୁଛନ୍ତି। ଏହି ଅବସରରେ ଓମାର ମତଦାତାଙ୍କୁ ଆବେଗପୂର୍ଣ୍ଣ ନିବେଦନକରି କହିଛନ୍ତି, ମୋ ସମ୍ମାନ ଆପଣମାନଙ୍କ ହାତରେ। ମୋତେ ଏକ ସୁଯୋଗ ଦିଅନ୍ତୁ।

# କୃଷି ଅଭିବୃଦ୍ଧିରେ ଗୁଜରାଟ ଏକ ମଡେଲ: ପି.କେ. ମିଶ୍ର

**ଭି.ଭି.ନଗର,୪ା୯**



ଗତ ୨୫ ବର୍ଷରେ ଗୁଜରାଟର କୃଷି କ୍ଷେତ୍ର ଏକ ନବପ୍ରବର୍ତ୍ତନ, ନମନୀୟ ଓ ଅଭିବୃଦ୍ଧିର ମଡେଲ ଭାବେ ଉଭା ହୋଇଛି। ଗୁଜରାଟ ଏକ ବଜାରଭିତ୍ତିକ କୃଷି କ୍ଷେତ୍ରର ଅର୍ଥନୀତି ରୂପେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଦୃଷ୍ଟାନ୍ତ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ଡ. ପ୍ରମୋଦ କୁମାର ମିଶ୍ର ବୁଧବାର ଗୁଜରାଟର ବଲ୍ଲଭ ବିଦ୍ୟାନଗସ୍ଥିତ ସର୍ଦ୍ଦାର ପଟେଲ ୟୁନିଭର୍ସିଟିରେ ଆୟୋଜିତ ଆଗ୍ରୋ-ଇକୋନୋମିକ୍ ରିସର୍ଚ୍ଚ ସେଣ୍ଟର (ଏଆଇଆର୍ସି) ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁସମ୍ବୋଧିତକରିଏହା କହିଛନ୍ତି।

ପି.କେ. ମିଶ୍ର ନିଜ ଅଭିଭାଷଣରେ ଦୀର୍ଘମିଆଦୀ ଉତ୍ପାଦନଶୀଳତା ଓ ପରିବେଶଗତ ସ୍ୱାସ୍ଥ୍ୟ ପାଇଁ ସ୍ଥାୟୀ କୃଷି ପଦ୍ଧତିର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ରିମୋଟ ସେନ୍ସିଂ, ଜିପିଏସ୍, ଡ୍ରୋନ୍ ଏବଂ ଏଆଇ ଭଳି ଅତ୍ୟାଧୁନିକ ଉପାୟରେ ମୃତ୍ତିକା ପରୀକ୍ଷଣ ଓ ଅନ୍ୟ ଚାଷକାର୍ଯ୍ୟ କରାଗଲେ ଉତ୍ପାଦନରେ ଉନ୍ନତି ଆସିବ। ସେହିପରି କୃଷି ଅବଶେଷରୁ ନବୀକରଣୀୟ ଶକ୍ତି ଏବଂ ଜୈବିକ ଶକ୍ତି ଉତ୍ପାଦନରେ ବ୍ୟବହାର କରାଯିବା ଉପରେ ପି.କେ. ମିଶ୍ର ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଡ. କିରିଟ୍ ଶେଲାଟଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ଫ୍ୟୁଚର ଆଗ୍ରିକଲ୍ଚର- ବିକଶିତ ଭାରତ'ର ଉନ୍ମୋଚନ କରାଯାଇଛି।

# ରାଜୀବଙ୍କ ତୁଳନାରେ ରାହୁଲ ବେଶି ବୁଦ୍ଧିଆ: ପିତ୍ରୋଡା

**ନୂଆଦିଲ୍ଲୀ,୪ା୯**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତୁଳନାରେ ବେଶି ବୁଦ୍ଧିମାନ। ଏପରି କି ରଣନୈତିକ ଦୃଷ୍ଟିରୁ ବି ସେ ତାଙ୍କ ବାପାଙ୍କଠାରୁ ଅଧିକ ସକ୍ଷମ ବୋଲି ବୁଧବାର ଗାନ୍ଧୀ ପରିବାରର ଘନିଷ୍ଠ ତଥା ଓଭରସିଜ୍ କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡା କହିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍କାର ଦେଇ ବରିଷ୍ଠ କଂଗ୍ରେସ ନେତା ପିତ୍ରୋଡା କହିଛନ୍ତି, ଭବିଷ୍ୟତ ପ୍ରଧାନମନ୍ତ୍ରୀ ରୂପେ ରାହୁଲଙ୍କ ନିକଟରେ ସବୁପ୍ରକାର ଗୁଣ ରହିଛି। ରାହୁଲ ବିଦେଶ ଗସ୍ତରେ ଥିବାବେଳେ ଦେଉଥିବା ମନ୍ତବ୍ୟକୁ ଭାଜପା ସମାଲୋଚନା କରିବା ଶାସକ ଦଳର ନିର୍ବୋଧତା। ରାହୁଲ ଆସନ୍ତା ୮ରେ ଆମେରିକା ଗସ୍ତକରି ୧୦ ତାରିଖ ପର୍ଯ୍ୟନ୍ତ ରହିବେ। ଏହି ଅବସରରେ ସେ କ୍ୟାପିଟୋଲ ହିଲ୍ରେ ବିଭିନ୍ନ ଲୋକଙ୍କୁ ସାକ୍ଷାତ କରିବେ। ସେହିପରି ଜର୍ଜଟାଉନ୍ ୟୁନିଭର୍ସିଟିରେ ମଧ୍ୟ ରାହୁଲଙ୍କ ଭାବବିନିମୟ କାର୍ଯ୍ୟକ୍ରମ ରହିଛି। ଲୋକ ସଭାର ବିରୋଧୀ ଦଳ ନେତା ହେବା ପରେ ଏହା ରାହୁଲଙ୍କ ପ୍ରଥମ ବିଦେଶ ଗସ୍ତ ବୋଲି ପିତ୍ରୋଡା କହିଛନ୍ତି।

# ଇସ୍ରାଏଲକୁ ଅସ୍ତ୍ର ରପ୍ତାନି ବନ୍ଦକରୁ ଭାରତ

### ସୁପ୍ରିମକୋର୍ଟରେ ପିଆଇଏଲ୍

**ନୂଆଦିଲ୍ଲୀ,୪ା୯**

ଇସ୍ରାଏଲ୍କୁ ଭାରତ ଅସ୍ତ୍ରଶସ୍ତ୍ର ଓ ସାମରିକ ଉପକରଣ ରପ୍ତାନି ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଛି। ନୋଏଡାର ଅଶୋକ କୁମାର ଶର୍ମାଙ୍କ ସମେତ ୧୧ ଜଣ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହି ପିଟିଶନ ଦାଖଲ କରିଛନ୍ତି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ପକ୍ଷଭୁକ୍ତ କରାଯାଇଛି। ବିବିଧ ଅନ୍ତର୍ଜାତୀୟ ଆଇନ ଏବଂ ଚୁକ୍ତିନାମାକୁ ମାନିବା ପାଇଁ ଭାରତ ବାଧ୍ୟ। ତେଣୁ ଯୁଦ୍ଧ ଅପରାଧରେ ଦୋଷୀ ରାଷ୍ଟ୍ରଗୁଡ଼ିକୁ ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରାଯାଉ ବୋଲି ନିବେଦନ କରାଯାଇଛି।

# 'ଏମର୍ଜେନ୍ସି'କୁ ହାଇକୋର୍ଟ ଝଟକା

**ମୁମ୍ବାଇ, ୪ା୯**

ସେନସରଶିପ୍କୁ ନେଇ ଅଭିନେତ୍ରୀ ତଥା ଏମ୍ପି କଙ୍ଗନା ରାଣାୱାତଙ୍କ 'ଏମର୍ଜେନ୍ସି' ଫିଲ୍ମକୁ ବୁଧବାର ବମ୍ବେ ହାଇକୋର୍ଟଙ୍କ ନିକଟରୁ ଆଶ୍ୱସ୍ତି ମିଳିନାହିଁ। ଫିଲ୍ମର ସହ ନିର୍ମାତା 'ଜି ଷ୍ଟୁଡିଓଜ୍' ପକ୍ଷରୁ କରାଯାଇଥିବା ଏକ ଆବେଦନର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ କହିଛନ୍ତି, 'ଏମର୍ଜେନ୍ସି' ଫିଲ୍ମକୁ ସାର୍ଟିଫିକେଟ ଦେବା ପାଇଁ ହାଇକୋର୍ଟ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍(ସିବିଏଫ୍ସି)କୁ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଜବଲପୁରର ଏକ ଶିଖ୍ ସଙ୍ଗଠନର ଅଭିଯୋଗକୁ ଭିତ୍ତିକରି ଫିଲ୍ମ ଉପରେ ନିଷ୍ପତ୍ତି ନେବାକୁ ପୂର୍ବରୁ ମଧ୍ୟପ୍ରଦେଶ ହାଇକୋର୍ଟ ସେନ୍ସର ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୮ ସୁଦ୍ଧା ଫିଲ୍ମକୁ ନେଇ




ବିଭିନ୍ନ ସଙ୍ଗଠନର ଆପତ୍ତି ଉପରେ ନିଷ୍ପତ୍ତି ନେବାକୁ ଉଚ୍ଚ ନ୍ୟାୟାଳୟ ସିବିଏଫ୍ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କଙ୍ଗନାଙ୍କର 'ଏମର୍ଜେନ୍ସି' ଫିଲ୍ମ ସେପ୍ଟେମ୍ବର ୧୮ ପୂର୍ବରୁ ରିଲିଜ୍ ହୋଇ ପାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଫିଲ୍ମର ଟ୍ରେଲର ରିଲିଜ୍ ହେବା ପରେ କେତେକ ଶିଖ୍ ସଙ୍ଗଠନ ଏହାକୁ ନେଇ ଆପତ୍ତି ଉଠାଇଥିଲେ।

## 'ବର୍ଷାରେ କଙ୍ଗନାଙ୍କର ମେକ୍ଅପ୍ ଖରାପ ହୋଇଯାଇଥାନ୍ତା'

**ସିମଲା, ୪ା୯**

ଭାଜପା ଏମ୍ପି କଙ୍ଗନା ରାଣାୱତଙ୍କୁ ନେଇ ହିମାଚଳ ପ୍ରଦେଶର ରାଜସ୍ୱ ମନ୍ତ୍ରୀ ଜଗତ ସିଂହ ନେଗୀ ବୁଧବାର ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଭୂସ୍ଖଳନ ଓ ବନ୍ୟା ଯୋଗୁ ମଣ୍ଡି ସଂସଦୀୟ କ୍ଷେତ୍ରର ଲୋକେ ଅସୁବିଧାରେ ପଡ଼ିଥିବାବେଳେ କଙ୍ଗନାଙ୍କର ଦେଖା ନ ଥିଲା। ବୋଧହୁଏ ବର୍ଷାରେ ମେକ୍ଅପ୍ ଛାଡ଼ିଯିବା ଭୟରେ ସେ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିବାକୁ ଭୟ କରୁଥିଲେ।

# ଆମେରିକାରେ କାର୍ ଦୁର୍ଘଟଣା: ୪ ଭାରତୀୟ ମୃତ

**ଅଷ୍ଟିନ, ୪ା୯**

ଆମେରିକାର ଟେକ୍ସାସସ୍ଥିତ ଆନ୍ନା ସହରରେ ବୁଧବାର ଭୀଷଣ କାର୍ ଦୁର୍ଘଟଣାରେ ୪ ଭାରତୀୟଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନେକ କାର୍ ପରସ୍ପର ସହ ଧକ୍କା ହେବା ଫଳରେ ଏକ ଏସ୍ୟୁଭି କାର୍ ଜଳି ଯାଇଥିଲା। ଉକ୍ତ ଏସ୍ୟୁଭି କାରରେ ଥିବା ୪ ଭାରତୀୟ ଜିଅନ୍ତା ଜଳି ମୃତ୍ୟୁବରଣ କରିଛନ୍ତି। ୪ ମୃତ ଭାରତୀୟ ହେଉଛନ୍ତି, ଆର୍ଯ୍ୟନ ରଘୁନାଥ ଓରମପତି, ଫାରୁଖ ଶେଖ, ଲୋକେଶ ପଲାଚରଲା, ଦର୍ଶିନୀ ବାସୁଦେବନ। ସେମାନେ ଉକ୍ତ କାର୍ରେ ଡଲାସ୍ରୁ ଭେଣ୍ଟନଭିଲେ ଅଭିମୁଖେ ଯାଉଥିଲେ।

" ବାଂଲାଦେଶ ବର୍ତ୍ତମାନ ଭାରତ ବିରୋଧୀ, ମହିଳା ବିରୋଧୀ ଓ ଗଣତନ୍ତ୍ର ବିରୋଧୀ ପାଲଟିଯାଇଛି। ୟୁନୁସ୍ ସରକାର ହାସିନା ସରକାରଙ୍କଠାରୁ ଆହୁରି ଖରାପ। ଦେଶରେ ଇସ୍ଲାମିକ୍ କଠୋରପନ୍ଥୀଙ୍କ ଶକ୍ତି ବୃଦ୍ଧି ଯୋଗୁ ମହିଳାଙ୍କ ଅଧିକାର ଛଡ଼ାଇନେଇ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଉଛି। ଏଭଳି ସମୟରେ ଅନ୍ତରୀଣ ସରକାରଙ୍କ ନୀରବତା ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି।

**-ତସ୍ଲିମା ନସରିନ୍, ନିର୍ବାସିତ ବାଂଲାଦେଶୀ ଲେଖିକା**



### ଫୁର୍ସତ୍

# ସ୍ନେକ୍ ଯୋଗାସନ



**ଲସ୍ ଏଞ୍ଜେଲସ**

ନିକଟରେ ସ୍ନେକ୍ ଯୋଗାସନର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହାକୁ ଦେଖି ଅନେକେ ବିସ୍ମୟ ପ୍ରକାଶ କରିବା ସହ ଭୟଭୀତ ମଧ୍ୟ ହୋଇଛନ୍ତି। ଭାଇରାଲ ହେଉଥିବା ଏହି ଭିଡିଓରେ କେତେଜଣ ଯୁବତୀ ନିଜ ନିଜ ଶରୀରରେ ଜିଅନ୍ତା ସାପ ଗୁଡ଼ାଇ ଯୋଗ କରୁଥିବା ଦେଖିବାକୁ ମିଳିଛି। ଆମେରିକୀୟ କଣ୍ଟେଣ୍ଟ କ୍ରିଏଟର ଜେନ୍ ଝାଙ୍ଗ ଉକ୍ତ ଭିଡିଓକୁ ନିଜ ଇନ୍ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଭିଡିଓରେ ସେ ସ୍ନେକ୍ ଯୋଗାସନ ବିଷୟରେ ନିଜ ଫଲୋଅର୍ସମାନଙ୍କୁ ବୁଝାଇବା ସହ ଏହାକୁ ପ୍ରଦର୍ଶିତ ମଧ୍ୟ କରୁଛନ୍ତି। ସେ ନିଜ ଶରୀରରେ ଏକ ଜିଅନ୍ତା ସାପକୁ ଗୁଡ଼ାଇ ଯୋଗ କରୁଥିବା ନେଇ ଏହି ଭିଡିଓରେ ଦେଖିବାକୁ ମିଳୁଛି। ଭିଡିଓରେ ଝାଙ୍ଗ୍ କହିଛନ୍ତି, ଲସ୍ ଏଞ୍ଜେଲସସ୍ଥିତ 'ଏଲ୍ ଏକ୍ସ ଆର୍ ପାଇଥନ୍ସ' ଯୋଗ କେନ୍ଦ୍ର ହେଉଛି ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠାରେ ସ୍ନେକ୍ ଯୋଗାସନର ପ୍ରଶିକ୍ଷଣ ଦିଆଯାଇଥାଏ। ସ୍ନେକ୍ ଯୋଗାସନ ସବୁବେଳେ ତାଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିଥାଏ ବୋଲି ଝାଙ୍ଗ୍ କହିଛନ୍ତି। ଉକ୍ତ ଯୋଗକେନ୍ଦ୍ରରେ ଶରୀରରେ ସାପ ରଖି ଯୋଗ କରିବା ବାଧ୍ୟତାମୂଳକ ବୋଲି ସେ କହିଛନ୍ତି।


ସାମନ୍ଥା ରୁଥ୍ ପ୍ରଭୁ

# ସଂଘର୍ଷକରି ସଫଳ ହୋଇଛି

**ହାଇଦ୍ରାବାଦ**

ଲୋକପ୍ରିୟ ସାଉଥ୍ ଅଭିନେତ୍ରୀମାନଙ୍କ ମଧ୍ୟରୁ ସାମନ୍ଥା ରୁଥ୍ ପ୍ରଭୁ ଅନ୍ୟତମ। କେବଳ ଦକ୍ଷିଣ ଭାରତରେ ନୁହେଁ ଦେଶବ୍ୟାପୀ ତାଙ୍କର ବହୁ ପ୍ରଶଂସକ ରହିଛନ୍ତି। ତେବେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ପରିଗଣିତ ହେବା ତାଙ୍କ ପାଇଁ ଏତେ ସହଜ ହୋଇ ନଥିବା ନେଇ ସାମନ୍ଥା ଏକ ସାକ୍ଷାତ୍କାରରେ କହିଛନ୍ତି। ସାମନ୍ଥା କହିଛନ୍ତି, ବହୁ ସଂଘର୍ଷର ସାମ୍ନା କରି ଆଜି ସେ ଜଣେ ପ୍ରତିଷ୍ଠିତ ଅଭିନେତ୍ରୀ ହୋଇପାରିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ଦ୍ୱାଦଶ ପଢ଼ା ପରେ ତାଙ୍କୁ କାମ ଆରମ୍ଭ କରିବାକୁ ପଡ଼ିଥିଲା। ପାର୍ଟ ଟାଇମ୍ କାମ କରିବା ସହ ସେ ନିଜର ସ୍ନାତକ ପଢ଼ା ସମାପ୍ତ କରିଥିଲେ। ଏହାପରେ ସେ ମଡେଲିଂ ଆଡ଼କୁ ମନ ବଳାଇଥିଲେ। ମଡେଲିଂ ସମୟରେ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିବା ସାମନ୍ଥା କହିଛନ୍ତି। ସେତେବେଳେ ନିଜ ପାଇଁ ଗୁଜୁରାଣ ମେଣ୍ଟାଇବା ତାଙ୍କ ପକ୍ଷେ ସହଜ ନ ଥିଲା। ସେତେବେଳେ ସେ ଦୈନିକ ମାତ୍ର ଥରଟିଏ ଖାଦ୍ୟ ଖାଇ କଷ୍ଟେ ମଷ୍ଟେ ଚଳୁଥିଲେ ବୋଲି ସାମନ୍ଥା କହିଛନ୍ତି।

ତେବେ 'ମାୟା ଚେସାବେ' ଫିଲ୍ମରୁ ସାମନ୍ଥା ଲୋକପ୍ରିୟତା ହାସଲ କରିଥିଲେ। ଏହି ଚଳଚ୍ଚିତ୍ରରେ ସେ ନିଜର ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କ ସହ ନଜରକୁ ଆସିଥିଲେ। ଏହାପରେ ସାମନ୍ଥା ଆଉ ପଛକୁ ଫେରି ନାହାନ୍ତି। ସେ ମହେଶ ବାବୁ, ପୱନ କଲ୍ୟାଣଙ୍କ ପରି ବଡ଼ ବଡ କଳାକାରଙ୍କ ବିପକ୍ଷରେ କାମ କରିବାର ସୁଯୋଗ ପାଇଛନ୍ତି।

# ମାଛ ମଡ଼କ ଯୋଗୁ ଏମର୍ଜେନ୍ସି

**ଏଥେନ୍ସ**



ଗ୍ରୀସ୍ର ଭୋଲୋସ ସହର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ହ୍ରଦ, ନଦୀ ଓ ବିଭିନ୍ନ ଜଳାଶୟଗୁଡ଼ିକରେ ଲକ୍ଷାଧିକ ମୃତ ମାଛ ପଡ଼ି ରହିଛନ୍ତି। ଏତେ ସଂଖ୍ୟାରେ ମୃତ ମାଛ ପଡ଼ି ରହିଥିବାରୁ ଦୁର୍ଗନ୍ଧରେ ଭୋଲୋସ ସହର ଫାଟି ପଡୁଛି। ପରିସ୍ଥିତିକୁ ଦେଖି ଗ୍ରୀସ୍ର ଜଳବାୟୁ ମନ୍ତ୍ରଣାଳୟ ସମ୍ପୃକ୍ତ ଅଞ୍ଚଳରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଷ୍ଟେଟ୍ ଅଫ୍ ଏମର୍ଜେନ୍ସି ଘୋଷଣା କରିଛନ୍ତି।

ଭୋଲୋସ ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ହୋଇଥିବାବେଳେ ଏହାର ଆଖପାଖ ବିଭିନ୍ନ ଜଳାଶୟରୁ ବର୍ତ୍ତମାନ ସୁଦ୍ଧା ୧୦୦ ଟନ୍ରୁ ଅଧିକ ମୃତ ମାଛ ବାହାର କରାଯାଇସାରିଥିବା ନେଇ ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି। ଏହି ଭୟଙ୍କର ମାଛ ମଡ଼କ ଯୋଗୁ ମତ୍ସ୍ୟଚାଷ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କ ଜୀବିକା ବିପଦରେ ଥିବା ନେଇ ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ ବର୍ଷ ଉକ୍ତ ଅଞ୍ଚଳରେ ହୋଇଥିବା ଭୟଙ୍କର ଝଡ଼ ଏବଂ ବନ୍ୟା ଯୋଗୁ ବିଭିନ୍ନ ଜଳାଶୟରେ ଥିବା ମଧୁର ଜଳ ମାଛଗୁଡ଼ିକ ସମୁଦ୍ରକୁ ଧୋଇ ହୋଇ ଯାଇଥିଲେ, ଫଳରେ ସେମାନଙ୍କର ମୃତ୍ୟୁ ଘଟିଥିବା ବିଶେଷଜ୍ଞ କହିଛନ୍ତି।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୨୪ | Bhubaneswar, Thursday, September 5/2024 | ପୃଷ୍ଠା-୧


# ଭାଙ୍ଗିଲା ୨୩ ସ୍ୱତନ୍ତ୍ର ଉନ୍ନୟନ ପରିଷଦ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ରାଜ୍ୟର ସମସ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଭଙ୍ଗ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଥିବା ସମସ୍ତ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକାରିତା ସମାପ୍ତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୯ଟି ଆଦିବାସୀ ବହୁଳ ଜିଲାରେ ଆଦିବାସୀ ଭାଷା, କଳା, ସଂସ୍କୃତି, ପ୍ରଥା, ପରମ୍ପରା ଆଦିର ବିକାଶ ଓ ସଂରକ୍ଷଣ ପାଇଁ ୨୦୧୭ ସେପ୍ଟେମ୍ବରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିଲେ। ସେହି ଜିଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ। ଏହାପରେ ୨୦୨୩ ମେ’ରେ ତତ୍କାଳୀନ ବିଜେଡି ସରକାର ଅନ୍ୟ ୧୪ ଆଦିବାସୀ ବହୁଳ ଜିଲାରେ ଏସ୍‌ଡିସି ଗଠନ କରିଥିଲେ। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, ଗଞ୍ଜାମ, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, କଳାହାଣ୍ଡି, ନୟାଗଡ଼, ନୂଆପଡ଼ା, ଅନୁଗୋଳ, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଏବଂ ଯାଜପୁର। ସାଧାରଣ ନିର୍ବାଚନ ଘୋଷଣା ହେବାର କିଛି ମାସ ପୂର୍ବରୁ ଆଦିବାସୀ ଭୋଟକୁ ହାତେଇବା ପାଇଁ ୯ ଜିଲାରୁ ୨୩ ଜିଲାକୁ ଏସ୍‌ଡିସି ସମ୍ପ୍ରସାରଣ କରାଯାଇଥିବା ନେଇ ସେ ସମୟରେ ଚର୍ଚ୍ଚା ହୋଇଥିଲା। ଏପରି କି ଏସ୍‌ଡିସିଗୁଡ଼ିକ ଶାସକ ଦଳର ଏକ ଥଇଥାନ କେନ୍ଦ୍ର ପାଲଟିଛି ବୋଲି ପୂର୍ବରୁ ବିରୋଧୀ ଦଳ ଥିବାବେଳେ ଭାଜପା ଆପତ୍ତି ଉଠାଉଥିଲା। ବିଜେଡି ସରକାରରୁ ଯିବା ପରେ ଭାଜପା ସରକାର ଏସ୍‌ଡିସିଗୁଡ଼ିକୁ ଭଙ୍ଗ କରିଛନ୍ତି।

ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ୨୩ଟି ଜିଲାର ଆଦିବାସୀଙ୍କ ଉପକାର କରିବା ନେଇ ବିଜେଡି ସରକାରର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଏକ ଅଭିନବ କାର୍ଯ୍ୟଶୈଳୀ ଥିଲା। ଏହାକୁ ଭଙ୍ଗ କରାଯିବା ଦୁର୍ଭାଗ୍ୟଜନକ। ଏଭଳି ଏକ ପରିଷଦ ଭାରତର କୌଣସି ରାଜ୍ୟରେ ଗଠନ କରାଯାଇ ନ ଥିଲା। ଏହାଦ୍ୱାରା ଆଦିବାସୀମାନଙ୍କ ପ୍ରଭୁତ କ୍ଷତି ହେବ। ☞ପୃଷ୍ଠା-୨

# କଂଗ୍ରେସରୁ ଲଢ଼ିପାରନ୍ତି ଫୋଗଟ, ପୁନିଆ

## ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ ରାହୁଲଙ୍କୁ ଭେଟିଲେ ୨ କୁସ୍ତିଯୋଦ୍ଧା

**ନୂଆଦିଲ୍ଲୀ,୪।୯**

କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ବୁଧବାର କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି। ୨ ରେସ୍‌ଲର କଂଗ୍ରେସ ଟିକେଟରେ ହରିୟାଣା ବିଧାନସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି କୁହାଯାଉଛି। ସୂତ୍ରରୁ ଜଣାପଡ଼ିଛି ଯେ, ଫୋଗଟଙ୍କୁ ଜୁଲାନା ଏବଂ ପୁନିଆଙ୍କୁ ବଡଲି ଆସନରେ ଟିକେଟ ଦେବା ପାଇଁ କଂଗ୍ରେସ ଦଳ ବିଚାର କରୁଛି। ତେବେ ଗୁରୁବାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ ବୋଲି ଏଆଇସିସି ସାଧାରଣ ସମ୍ପାଦକ ତଥା ହରିୟାଣା ପ୍ରଭାରୀ ଦୀପକ ବାବରିଆ ସୂଚନା ଦେଇଛନ୍ତି। ପୁନିଆ ଟୋକିଓ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ହୋଇଥିବାବେଳେ



ରାହୁଲ ଗାନ୍ଧୀଙ୍କ ସହ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ।

ଫୋଗଟ ଅଲିମ୍ପିକ୍ସରେ ପ୍ରତିଯୋଗିତା କରିବାରେ ପ୍ରଥମ ମହିଳା କୁସ୍ତିଯୋଦ୍ଧା। ଫୋଗଟ ୫୦ କେ.ଜି. ବର୍ଗରେ ଭାଗନେଇଥିବାବେଳେ ଓଜନ ୧୦୦ ଗ୍ରାମ ଅଧିକ ଥିବା ଦର୍ଶାଇ ଅଲିମ୍ପିକ୍ସ କମିଟି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା। ଏହା ପରେ ସେ ☞ପୃଷ୍ଠା-୨


ରେଳଟ୍ରାକ ପାର୍ଶ୍ୱରେ ପଡ଼ିଥିବା ଶିଶୁକୁ ଆର୍‌ପିଏଫ୍ କର୍ମଚାରୀ ଉଦ୍ଧାର କରିନେଉଛନ୍ତି।

# ଟ୍ରେନ୍‌ରୁ ପଡ଼ି ଟ୍ରାକ୍ ପାର୍ଶ୍ୱରେ ସାରା ରାତି

## ସକାଳୁ ଉଦ୍ଧାର ହେଲେ ୫ ବର୍ଷୀୟ ବାଳକ

**ରେଢାଖୋଲ, ୪।୯ (ଅଚ୍ୟୁତାନନ୍ଦ ପୁରୋହିତ)**

ଚଳନ୍ତା ଏକ୍ସପ୍ରେସ ଟ୍ରେନ୍‌ରୁ ଖସିପଡ଼ି ରେଳଧାରଣା ପାର୍ଶ୍ୱରେ ଏକାକୀ ରାତି କାଟିଲେ ୫ବର୍ଷୀୟ ଶିଶୁପୁତ୍ର। ସକାଳେ ମାଲ୍‌ବୋଝେଇ ଟ୍ରେନ୍‌ର ଡ୍ରାଇଭର ଉକ୍ତ ଶିଶୁକୁ ରେଳଧାରଣା ପାର୍ଶ୍ୱରେ ପଡ଼ିଥିବା ଦେଖି ଆର୍‌ପିଏଫ୍‌କୁ ସୂଚନା ଦେଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ରେଢାଖୋଲ ହସ୍ପିଟାଲରେ ଭର୍ତ୍ତି କରାଗଲା। ସାମାନ୍ୟ ଆହତ ହୋଇଥିବାରୁ ଚିକିତ୍ସା ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି ରେଢାଖୋଲ୍ ରେଳ ଷ୍ଟେଶନଠାରୁ ୪ କି.ମି. ଦୂରରେ। ଏହି ଘଟଣା ଗପ ☞ପୃଷ୍ଠା-୨

# ୯ରେ ସ୍କୁଲ ଛୁଟି

**ଭୁବନେଶ୍ୱର,୪।୯ (ଅନିଲ ଦାସ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ଅବସରରେ ଆସନ୍ତା ସେପ୍ଟେମ୍ବର ୯ (ସୋମବାର) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଛୁଟି ରହିବ। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାପୂର୍ବରୁ ଗତ ଅଗଷ୍ଟ ୨୯ରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅନନ୍ୟ ଆମ ସଂସ୍କୃତି**

# ସଚିନ୍ ଖିଲାରିଙ୍କୁ ରୌପ୍ୟ ପଦକ

**ପ୍ୟାରିସ୍,୪।୯(ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସରେ ବୁଧବାର ଭାରତ ପଦକ ତାଲିକାରେ ଆଉ ଏକ ରୌପ୍ୟ ଯୋଡିଛନ୍ତି ପାରା ଶଟପୁଟର ସଚିନ୍ ସର୍ଜେରାଓ ଖିଲାରି। ପୁରୁଷ ଏଫ୍ ୪୬ ବର୍ଗର ଶଟ୍‌ପୁଟ ଇଭେଣ୍ଟର ବିଶ୍ୱ ଚାମ୍ପିୟନ ସଚିନ୍ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଥିଲେ।

**ପ୍ୟାରିସ୍ ପାରାଲିମ୍ପିକ୍ସ**


ସଚିନ୍ ସର୍ଜେରାଓ ଖିଲାରି

ସେ ୧୬.୩୨ ମିଟରର ଥ୍ରୋ ସହିତ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଦଳର ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ୧୬.୩୦ ମିଟରର ଥ୍ରୋ ସହିତ ଏସିଆନ୍ ରେକର୍ଡ ନିଜ ନାମରେ କରିଥିବା ସଚିନ୍ ବୁଧବାର ଏହାକୁ ଭାଙ୍ଗିଥିଲେ। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ☞ପୃଷ୍ଠା-୨


ଓଡ଼ିଶା ସରକାର



ପବିତ୍ର ଗୁରୁ ଦିବସ ଅବସରରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ପବିତ୍ର ଗୁରୁ ଦିବସ ଅବସରରେ ରାଜ୍ୟର ସମସ୍ତ ଗୁରୁମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ଅତି ପ୍ରାଚୀନ କାଳରୁ ଭାରତୀୟମାନଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ବର୍ଣ୍ଣନା କରିବା ଅସମ୍ଭବ। ଯୁଗେ ଯୁଗେ ଗୁରୁ ହେଉଛନ୍ତି ପୂଜ୍ୟ। ବ୍ୟକ୍ତି ନିର୍ମାଣ ଓ ଚରିତ୍ର ଗଠନ ଦିଗରେ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ବିଧାଣି ହେଉଛନ୍ତି ଗୁରୁ। ଶିକ୍ଷକ ହିଁ ଦୂରଦ୍ରଷ୍ଟା-ଉପଦେଷ୍ଟା ଭାବରେ ଜାତିର ଶ୍ରେଷ୍ଠ ସମ୍ମାନ ପାଇଥାନ୍ତି। ଏକ ଆଦର୍ଶ ଶିକ୍ଷିତ ସମାଜ ଗଠନ ଦିଗରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ।

ଚିର ସ୍ମରଣୀୟ ଗୁରୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଶୁଭ ଜନ୍ମତିଥିରେ ତାଙ୍କର ମହନୀୟ ଚରିତକୁ ସ୍ମରଣ କରି କୃତାର୍ଥ ହେବା ସଙ୍ଗେ ସଙ୍ଗେ ଆମ ରାଜ୍ୟର ସମସ୍ତ ଗୁରୁ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ଏ ଗୁରୁ ଦିବସରେ ମୋର ଅଶେଷ ଶୁଭକାମନା।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ,
ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

DSPL-98

ଓଡ଼ିଶା ସରକାର



ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଗୁରୁ ଦିବସ-୨୦୨୪ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି। ଶିକ୍ଷକମାନେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାତା। ଶିକ୍ଷା ଜରିଆରେ ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆସିଥାଏ। ଯେଉଁ ଦେଶରେ ଶିକ୍ଷା ଓ ଶିକ୍ଷକଙ୍କ ମର୍ଯ୍ୟାଦା ଯେତେ ଅଧିକ, ସେ ଦେଶର ସଭ୍ୟତା ଓ ସଂସ୍କୃତି ସେତେ ଉନ୍ନତ। ତେଣୁ ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଜରିଆରେ ବିକାଶର ବୃହତ୍ତର ଲକ୍ଷ୍ୟ ପୂରଣ କରିବା ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଆମେ ସମସ୍ତେ ମିଳିମିଶି ଓଡ଼ିଶାକୁ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27068/13/0004/2425

**ଆଜିର ମନ୍ତବ୍ୟ**

ପିଲାମାନେ ଦେଶର ଭବିଷ୍ୟତ। ସେମାନଙ୍କଠାରେ ନୈତିକ ମୂଲ୍ୟବୋଧ, ଚିନ୍ତନ ଦକ୍ଷତା ଓ ସମାଜ ପ୍ରତି ଦାୟିତ୍ୱବୋଧ ଭରିବା ଶିକ୍ଷକମାନଙ୍କ କର୍ତ୍ତବ୍ୟ।
–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତରତ୍ନ ମଦର ଟେରେସାଙ୍କ ୨୭ତମ ମହାବିଶ୍ରାମ ଦିବସ, ସ୍ଥାନ: ଚର୍ଚ୍ଚ ନିକଟ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ, ସ୍ଥାନ: ଖାରବେଳ ନଗର, ୟୁନିଟ୍-୩, ସମୟ: ସକାଳ ୮ଟା।
- ଗୁରୁ ସ୍ମୃତି ବକ୍ତୃତା ମାଳା, ସ୍ଥାନ: ଡା. ଅଭୀନ ଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ସମୟ: ସକାଳ ୯ଟା ୩୦।
- ଅଲ୍ ଇଣ୍ଡିଆ ଏଜୁକେଶନ ସୋସାଇଟି ପକ୍ଷରୁ ଜାତୀୟସ୍ତରୀୟ ସେମିନାର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସକାଳ ୯ଟା ୩୦।
- ବଂଶୀଧର ପଣ୍ଡା ଏବଂ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଆଇଡେଏଟ୍ ୨୦୨୪, ସ୍ଥାନ: ମେ ଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତର ଛାତ୍ର ଫେଡେରେଶନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ୟୁଟିଆ), ଓଡ଼ିଶାର ୩୦ତମ ବାର୍ଷିକ ଉତ୍ସବ, ସମୟ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ମଧ୍ୟାହ୍ନ ୧୨ଟା ୫।
- ଓଡ଼ିଶା କ୍ରାଫ୍ଟ ଓଡେଶୀ ପ୍ରଦର୍ଶନୀର ଖବରଦାତା ସମ୍ମିଳନୀ, ସ୍ଥାନ: ଲଳିତ କଳା ଏକାଡେମୀ, ସମୟ: ଅପରାହ୍ନ ୪ଟା ୩୦।
- ପ୍ରଫେସର ଜିତେନ୍ଦ୍ର ମହାନ୍ତିଙ୍କ ଆତ୍ମଜୀବନୀର ଓଡ଼ିଆ ଅନୁବାଦ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ସତ୍ୟନଗର ଲେଡିଜ୍ ଫୋରମ ପକ୍ଷରୁ ଅଭିରୁଚି ଗୁରୁ ପ୍ରତିଭା ୨୦୨୪, ସ୍ଥାନ: ବୁଦ୍ଧ ମନ୍ଦିର ହଲ୍, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ପିଡବ୍ଲୁଡି ମ୍ୟୁଜିକାଲ ବ୍ୟାଣ୍ଡ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସ୍ୱସ୍ତି ପ୍ରିମିଟମ୍, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- ଜିଲା ପ୍ରଶାସନ ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଓଡ଼ିଶା ପୋଲିସ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ବିଦ୍ୟାବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଆଦର୍ଶ ଗୁରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ଅପରାହ୍ନ ୩ଟା ୩୦।
- ପରିଚୟ ଆଦିବାସୀ ମେଳା ଉଦ୍‌ଘାଟନ, ସ୍ଥାନ:କଟକ ଉପର ବାଲିଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୫ଟା।

## ଖୋର୍ଦ୍ଧା

- ପୀର ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ପୀର ବାବାଙ୍କ ପୀଠ, କଳାଙ୍ଗ, ବୋଲଗଡ଼, ସମୟ: ପ୍ରାତଃ ୪ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ-୨୦୨୪, ସ୍ଥାନ: ପଦ୍ମାବତୀ ପାର୍କ, ପାଛୁଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଯୋଗେନ୍ଦ୍ର ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ସମ୍ମିଳନୀ କକ୍ଷ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍‌ଟାକ୍‌ର ୧୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଶିକ୍ଷକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ବାହାନଗା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଥମିକ ଶିକ୍ଷକ ସଂଘର ଗୁରୁପୂଜା ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଶିକ୍ଷକ ସଂଘ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଏଲିମେଣ୍ଟାରୀ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ପ୍ରାଥମିକ ଶିକ୍ଷକ ଭବନ, ସୋର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଗୁରୁପୂଜନ, ସ୍ଥାନ: ଗାନ୍ଧୀପଡ଼ିଆସ୍ଥିତ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଦ୍ରକ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିକ୍ଷକ ସମାବେଶ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଶିକ୍ଷକ ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଗୁରୁ ପ୍ରତିଭା ସମ୍ମାନ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶାରଦା ବିଦ୍ୟାମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣଙ୍କ ମନ୍ଦିରରେ ଭାଗବତ ପାଠ ଏବଂ ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଗୁରୁ ଦିବସ ପାଳନ, ସ୍ଥାନ: ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ମା' ତାରିଣୀ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ମରିଚିଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଗୁରୁ ଦିବସ ପାଳନ, ସ୍ଥାନ: ରୁରାଲ ଏକାଡେମୀ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୮ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ରାଇରଙ୍ଗପୁର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ପୂଜନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପିସିଏମ୍ କଲ୍ୟାଣ ମଣ୍ଡପ, ରାଇରଙ୍ଗପୁର, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ରୋଟାରୀ କ୍ଲବ ଅଫ ଇଷ୍ଟ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧନା, ସ୍ଥାନ: ଧର୍ମନଗର ରୋଟାରୀ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଜିଲାସ୍ତରୀୟ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଛତ୍ରପୁର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦିବସ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ପ୍ରଧାନଶିକ୍ଷକଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ ଓ ଗୁରୁଦିବସ ପାଳନ, ସ୍ଥାନ : ତାରାଣୀପଲ୍ଲୀ, ଗଞ୍ଜାମ,ସମୟ: ସକାଳ ୧୦ଟା ୩୦ମି।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଗୁରୁ ଦିବସ ସମ୍ମାନ ସମାରୋହ, ସ୍ଥାନ: ବାଲିଗୁଡ଼ା ବ୍ଲକ କଲୋନୀ ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ-ମିନି ଷ୍ଟାଡିୟମ, ସମୟ-ପୂର୍ବାହ୍ନ ୧୦ଟା
- ଜାଭିୟର୍ସ ସ୍କୁଲରେ ଗୁରୁଦିବସ ପାଳନ, ସ୍ଥାନ-ହାଭିୟର୍ସ ସ୍କୁଲ ପରିସର, ରଣପଶି, ଗୋଇଁଟିଆ, ସମୟ-ପୂର୍ବାହ୍ନ ୧୦ଟା
- ଅଲଟରନେଟିଭ୍ ରିଦିମ ଥିଏଟରର ୧୧ତମ ପ୍ରତିଷ୍ଠା ଦିବସ, ସ୍ଥାନ-ଗୋପବନ୍ଧୁ ଟାଉନହଲ, ସମୟ- ସନ୍ଧ୍ୟା ୭ଟା।

## ଅନୁଗୋଳ

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ କାର୍ଯ୍ୟୋନ୍ନୟନ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲା ରିଲିଫ ଆସୋସିଏଶନ ଜେନେରାଲ ବଡି ମିଟିଂ, ସ୍ଥାନ: ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ, ସ୍ଥାନ: ତାଳଚେର ଦେଉଳବେଡ଼ା ଡିସିଆଇ କ୍ଲବ , ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଜଗତ୍‌ସିଂହପୁର

- ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା ପାରାଦୀପ, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ସ୍ଥାନ: ଜଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ସାଢେ ୯ଟା ।
- ଗୁରୁଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ ; କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ ପାରାଦୀପ, ସମୟ: ସକାଳ ୧୦ ଟା।
- ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ କୌଶଳ ରଥର ଉଦ୍‌ଘାଟନ, ସ୍ଥାନ: ପଲିଟେକନିକ କଲେଜ, ଛତା, ଡେରାବିଶ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରପଡ଼ା, ସମୟ: ସକାଳ ୯ଟା।
- ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଅଙ୍ଗୁଲାଇ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ,ସ୍ଥାନ : ରସୁଲପୁର ବ୍ଲକ ମୁଗପାଳ ହାଇସ୍କୁଲ ପରିସର,ସମୟ : ସାଢେ ୯ଟା।
- ସତ୍ୟନାରାୟଣ ପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ପ୍ରଣାମ ଗୁରୁଜୀ ସମ୍ବର୍ଦ୍ଧନା ପର୍ବ, ସ୍ଥାନ : ମୂଳାପାଳ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ସମୟ : ଅପରାହ୍ନ ୩ଟା।
- ଧର୍ମଶାଳା ଭାଜପା ପକ୍ଷରୁ ଗୁରୁ ବନ୍ଦନା କାର୍ଯ୍ୟକ୍ରମ,ସ୍ଥାନ : କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସମୟ : ପୂର୍ବାହ୍ନ ୯ଟା।
- ଧର୍ମଶାଳା ଭାଜପା ପକ୍ଷରୁ ଗୁରୁ ବନ୍ଦନା କାର୍ଯ୍ୟକ୍ରମ,ସ୍ଥାନ : ଜାରକା ମହୋତ୍ସବ ପଡିଆ,ସମୟ : ଅପରାହ୍ନ ୨ଟା।
- ଗୁରୁ ଦିବସ ପାଳନ ଅବସରରେ ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଭିବଗିୟୋର କ୍ଲାସେସ ପରିସର, ସମୟ : ଅପରାହ୍ନ ୩ଟା।

## ନୟାଗଡ଼

- ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ବଳରାମପ୍ରସାଦ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୫ଟା ।
- ନୂଆ ଟେକ୍ନୋଲୋଜି ଉପରେ କୌଶଳ ରଥ ଶୁଭାରମ୍ଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ଜିଲାର ସରକାରୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ:ନୟାଗଡ଼ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଜିଲାସ୍ତରୀୟ ସମାରୋହ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ସକାଳ ୯ ଟା।
- ଶିକ୍ଷକଙ୍କୁ ସାମୁହିକ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଗୁଣପୁର ବିଆରସିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତେନ୍ତୁଳି ପ୍ରସ୍ତୁତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସାଇକଲ୍ୟାଣ ମଣ୍ଡପ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ

- ନାଲ୍‌କୋ ଠିକା ଶ୍ରମିକ ସଙ୍ଗଠନ କୋଅର୍ଡିନେଶନ କମିଟି ପକ୍ଷରୁ ଗେଟ୍ ମିଟିଂ, ସ୍ଥାନ: ନାଲ୍‌କୋ ବିଶୋଧନାଗାର, ଦାମନଯୋଡ଼ି, ସମୟ: ସକାଳ ୮ଟା୩୦।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସମାରୋହ, ସ୍ଥାନ: ଓଏସ୍‌ଏପି ପଡ଼ିଆ, କୋରାପୁଟ, ସମୟ: ସକାଳ ୯ଟା ୩୦।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ୫ଟା।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ : ବୁର୍ଲା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ ସଭାକକ୍ଷ, ସମୟ : ସକାଳ ୯ଟା।
- ଗୁରୁ ଦିବସ ପୂଜନ କାର୍ଯ୍ୟକ୍ରମ, ସ୍ଥାନ : ବରେଇପାଲି ଶିଳ୍ପାଞ୍ଚଳ ସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟ-୧ ସଭାକକ୍ଷ, ସମୟ : ସକାଳ ୯ଟା।
- ଗୁରୁ ଦିବସ ଓ ଶିକ୍ଷକ ସମାବେଶ, ସ୍ଥାନ : ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ : ମନ୍ଦଲିଆସ୍ଥିତ ରିଭର ଇନ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର କାହାଣୀ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ : ବୁର୍ଲା ସ୍ଥିତ ଆଲୋକ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୧ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ : ସିଦ୍ଧେଶ୍ୱର ବେର୍ଣ୍ଣ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।
- ଭାରତୀୟ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଶିକ୍ଷକ ଦିବସ, ସ୍ଥାନ: ଓଡିଶା ସାଂସ୍କୃତିକ ସଭାଜ ଭବନ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜିଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଟାଉନ ବାଳକ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ପ୍ରାଦେଶିକ ବିଜ୍ଞାନ ମେଳା, ସ୍ଥାନ: କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷୟିତ୍ରୀ, ଲେଖକ-ଲେଖିକା ବୈଠକ, ସ୍ଥାନ: ମହାଲକ୍ଷ୍ମୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ଗୁରୁ ଦିବସ ପାଳନ, ସ୍ଥାନ: ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବହି ମିଶନ କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ବାଳକ ହାଇସ୍କୁଲ ଛକ ସାଇ ଗେଷ୍ଟ ହାଉସ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ଶିକ୍ଷକ ସମ୍ମାନ ସମାରୋହ। ସ୍ଥାନ-ସୋନପୁର ସହର ଢେରାପଡା ସ୍ଥିତ ଦୟାନନ୍ଦ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁଦିବସ ପାଳନ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ପହଣ୍ଡି କାଶୀନାଥ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଜନକଲ୍ୟାଣ ସେବା ଟ୍ରଷ୍ଟର ଅଡ଼ିଆ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ରେଳ ଷ୍ଟେଶନ ସମ୍ମୁଖ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।
- ପ୍ରାଥମିକ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ସରସ୍ୱତୀ ମଣ୍ଡପ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବଣ୍ଟନ, ସ୍ଥାନ: ବେହେରାମାଳସ୍ଥିତ ନବ ଦାସ ଓଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ରୁଦ୍ରାଭିଷେଖ ପୂଜା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଗୁରୁଦିବସ ପାଳନ, ସ୍ଥାନ: ସେକ୍ଟର-୧୪, ସମୟ: ସକାଳ ୭ଟା।
- ଶ୍ରମିକ ନେତା ରାଜକିଶୋର ସାମନ୍ତରାୟଙ୍କ ଶ୍ରାଦ୍ଧରେ ଫଳବଣ୍ଟନ, ସ୍ଥାନ: କଳ୍ପତରୁ ଆଶ୍ରମ, ସମୟ: ସକାଳ ୮ଟା ୩୦।
- ଭାଜପା ପକ୍ଷରୁ ଶିକ୍ଷକ ଦିବସ ପାଳନ, ସ୍ଥାନ: ଉପହାର ପେଲେସ, ସେକ୍ଟର-୧୮, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟବ୍ୟାପୀ ଶ୍ରମିକ ପକ୍ଷରୁ ବୈଠକ, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳରେ ଶିକ୍ଷକ ଦିବସ ପାଳନ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଗୁରୁ ଦିବସ ପାଳନ, ସ୍ଥାନ: ଚିନ୍ମୟ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ଦେବଗଡ କଲେଜ, ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ଗୁରୁ ଦିବସ ପାଳନ, ସ୍ଥାନ: ପାଠଗାର, ଦେବଗଡ, ସମୟ: ଅପରାହ୍ନ ୩ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: ଭବାନୀପାଟଣା ଡିଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ଗୁରୁଦିବସ ପାଳନ, ସ୍ଥାନ: ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କଲମପୁର ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ପ୍ରଗତି କ୍ଲବ ପକ୍ଷରୁ ପ୍ରଥମ ଆନ୍ତଃ ଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ କାଣ୍ଡତରା ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଗୁରୁଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ବୁଦ୍ଧିକୋମନା, ନୂଆପଡ଼ା, ସମୟ: ସକାଳ ୮ଟା।
- ଭାବଗତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଶ୍ରୀ ପତ୍ରିକା ଉନ୍ମୋଚନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧା, ସମୟ: ଅପରାହ୍ନ ୨ଟା ୩୦।
- ଗୁରୁ ଦିବସ ପାଳନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଦିବସ ପାଳନ, ସ୍ଥାନ: ରାଜା ଏଟି ବିଦ୍ୟାଳୟ ଖଡିଆଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁବନ୍ଦନା ଉତ୍ସବ ଓ କବିତା ପାଠୋତ୍ସବ,ସ୍ଥାନ: ପାରିଜାତ ପ୍ୟାଲେସ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ସକାଶେ ସମସ୍ୟାବହୁଳ ସାମାଜିକ ସ୍ଥିତି ଦେଖାଦେଇପାରେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ । ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ରୋହିଣୀ ନକ୍ଷତ୍ରର କାମଗୁଡ଼ିକ ବନ୍ଧୁଙ୍କ ସାହାଯ୍ୟ, ସହଯୋଗରୁ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାର୍ଯ୍ୟାରମ୍ଭ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଭୁଲ୍ ବୁଝାମଣାବଶତଃ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ମୃଗଶିରା ନକ୍ଷତ୍ର ବିଭିନ୍ନ କାମରେ ବ୍ୟସ୍ତ ରହିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ପରିବାର ପାଇଁ ନିଜ ମନ ପସନ୍ଦର ଜିନିଷ କିଣିବାକୁ ମନ ବଳାଇବେ।

**କର୍କଟ** ପୁଷ୍ୟାନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି କାରଣରୁ ଚିନ୍ତିତ ରହିପାରନ୍ତି। ବକ୍ତୃତା ପ୍ରଦାନରେ, ଲେଖାପଢ଼ାରେ, ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସି ରହିବେ।

**ସିଂହ** ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ମାମିଲମକଦ୍ଦମାରେ ବିଚାର ବିଳମ୍ବିତ ହେତୁ ମନସ୍ତାପ ବଢ଼ିଯିବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ହସ୍ତାନକ୍ଷତ୍ର ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ପ୍ରତିଯୋଗିତାରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** ଚିତ୍ରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ ହେତୁ ମାନସିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇ ଯିବେ। କଳହ ଲାଗିଥିବା ବନ୍ଧୁ ପ୍ରତି ସତର୍କ ନ ରହିଲେ ଅସୁବିଧାରେ ପଡ଼ିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ଜ୍ୟେଷ୍ଠା ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ମୁଳା ନକ୍ଷତ୍ର ଦୀର୍ଘଦିନରୁ ଆଶା କରୁଥିବା ଜିନିଷ ପାଇ ଖୁସି ହେବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ଭୁଲ୍ ବୁଝାମଣା ବଶତଃ ସାମୟିକ କଳହ ଦେଖାଦେଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାମିଲମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର** କାର୍ଯ୍ୟହାନି କାରଣରୁ ଶ୍ରବଣା ନକ୍ଷତ୍ରର ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ରହିବ। ରାଜନୈତିକ ସ୍ତରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କେତେକ କ୍ଷେତ୍ରରେ ବୁଝାମଣା ଅଭାବରୁ କାରଣ ନ ଥାଇ ମଧ୍ୟ ଦୋଷୀସାବସ୍ତ ହୋଇପାରନ୍ତି।

**କୁମ୍ଭ** ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ଦୀର୍ଘଦିନରୁ ପଡ଼ିରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପାରିବାରିକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ମୀନ** ରେବତୀ ନକ୍ଷତ୍ର ଯେତେ ସୁବିଧାରେ ରହିବା ପାଇଁ ଚେଷ୍ଟା କଲେ ମଧ୍ୟ ନିଜର ଲୋକମାନଙ୍କ ଦ୍ୱାରା ଅସନ୍ତୁଷ୍ଟ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ସଭାସମିତିରେ ବନ୍ଧୁମାନଙ୍କ ସହ ମତଭେଦ ଘଟିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି।

ଆଜି ସେପ୍ଟେମ୍ବର ୫ ତାରିଖ, ଗୁରୁଦିବସ, ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ, ଭାଦ୍ରବ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଶ୍ରୀମନ୍ଦିରରେ ନିକୁଲୀଳା, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ତୃତୀୟାର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୩୫ ଗତେ ଘ. ୦୭।୧୪ ମଧ୍ୟେ, ଘ.୧୦।୩୧ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୧୭ ଗତେ ଘ.୦୨।୪୯ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## କଂଗ୍ରେସରୁ ଲଢ଼ିପାରନ୍ତି ...

କ୍ରୀଡ଼ାରୁ ଅବସର ଘୋଷଣା କରିଥିଲେ। ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପାର ପ୍ରାକ୍ତନ ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆଗତ ଯୌନ ନିର୍ଯାତନା ଅଭିଯୋଗ ଆଣି ୨୦୨୩ରେ ବିକ୍ଷୋଭ ଚଳାଇଥିବା କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ପୁନିଆ ଓ ଫୋଗଟ ଥିଲେ। ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୫ରେ ନିର୍ବାଚନ ହେବାକୁ ଥିବାବେଳେ ଭୋଟଗଣତି ୮ରେ କରାଯିବ। କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ଅଦ୍ୟାବଧି ୬୬ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିସାରିଛି। କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନିର୍ବାଚନରେ ଆସନ ବୁଝାମଣା ପାଇଁ ଆଲୋଚନା ଜାରି ରଖିଛନ୍ତି।

## ଭାଙ୍ଗିଲା ୨୩ ସ୍ୱତନ୍ତ୍ର ...

ଆଦିବାସୀମାନଙ୍କ କଳା, ସଂସ୍କୃତିକୁ ଜୀବିତ ରଖିବାକୁ ଏହି ପରିଷଦ ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିଲା। ଯଦି ଏହାକୁ ନୂତନ ସରକାର ପୁନର୍ଗଠନ ନ କରନ୍ତି ତେବେ ଆଦିବାସୀମାନଙ୍କ ସ୍ୱାର୍ଥ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଜେଡିରାସ୍ତାକୁ ଓହ୍ଲାଇବ ବୋଲି ମାଝୀ କହିଛନ୍ତି। କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ କହିଛନ୍ତି, ଆମକୁ ୨ ବର୍ଷ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଆହୁରି ଏକ ମାସ କାର୍ଯ୍ୟକାଳ ରହିଥିଲା। ପରିଷଦ ରହିଥିଲେ ଭଲ ହୋଇଥାଆନ୍ତି। ଭାଙ୍ଗିବା ଦ୍ୱାରା ଆଦିବାସୀଙ୍କ ଉନ୍ନୟନ ନିମନ୍ତେ ହେବାକୁ ଥିବା କାମ ଅଧୁରା ରହିଯିବ। ସେହିପରି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କହିଛନ୍ତି, ରାଜନୈତିକ ଉଦ୍ଦେଶ୍ୟ ରଖି ଏସ୍‌ଡିସିଗୁଡ଼ିକୁ ଭଙ୍ଗାଯାଇଛି। ରାଜନୈତିକ ପୃଷ୍ଠପୋଷକତା ରଖି କାର୍ଯ୍ୟ କରାଯାଉଛି। ଗେମ୍ ଚେଞ୍ଜର କହି ନେମ୍ ଚେଞ୍ଜର ହେଉଛନ୍ତି। ସରକାର ଏଥିରେ କେତେଦୂର ଫଳପ୍ରଦ ହେବେ ଆଗାମୀ ଦିନରେ ତାହା ଜଣାପଡ଼ିବ ବୋଲି ପ୍ରତାପ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ବିଜେଡି ସରକାର ଥିବାବେଳେ ଏହାକୁ ଏହାକୁ ଥଇଥାନ କେନ୍ଦ୍ର କରିଥିଲା। ନେତାମାନଙ୍କୁ ବୁଝାଇ ରଖିବା ପାଇଁ ଏହି ସଂସ୍ଥାଗୁଡ଼ିକରେ ନିଯୁକ୍ତି ଦେଇଥିଲା। ଆଦିବାସୀଙ୍କ ବିକାଶ ପାଇଁ ଯେଉଁ ଟଙ୍କା ଯାଇଥିଲା, ତାହାକୁ କାମରେ ଲଗାଯାଇ ନ ଥିଲା। ଆଗକୁ ଭାଜପା ସରକାର ପ୍ରକୃତ ଆଦିବାସୀମାନଙ୍କୁ ଏହି ସବୁଥିରେ ନିଯୁକ୍ତି ଦେଇ ବାସ୍ତବ ବିକାଶ କାମ ଆଗେଇ ନେବ ବୋଲି ଗୋଲକ କହିଛନ୍ତି।

## ଟ୍ରେନ୍‌ରୁ ପଡ଼ି ଟ୍ରାକ୍ ...

ଭଳି ଲାଗୁଥିଲେ ମଧ୍ୟ ବାସ୍ତବରେ ଘଟିଛି। ମହାପ୍ରଭୁଙ୍କ ଚମତ୍କାରରୁ ପିଲାକୁ ସୁରକ୍ଷିତ ଭାବେ ଫେରି ପାଇଲୁ ବୋଲି ଶିଶୁର ମା'ବାପା କହିଛନ୍ତି। ବ୍ରହ୍ମପୁରର ମାନସ ହୋତା ନିଜ ସ୍ତ୍ରୀ, ୫ବର୍ଷର ପୁଅ ପ୍ରୀତୀଶପ୍ରଜ୍ଞା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗ-ପୁରୀ ଏକ୍ସପ୍ରେସରେ ରାୟପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ରାତି ପ୍ରାୟ ୧୦ଟା ପରେ ସମସ୍ତେ ଖାଇ ସାରି ଟ୍ରେନ୍‌ରେ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ପରିସ୍ରା କରିବାକୁ ପ୍ରୀତୀଶପ୍ରଜ୍ଞା ଉଠିଥିଲେ। ସେ ବଗିର ବାଥ୍‌ରୁମ୍ ନିକଟକୁ ଆସୁଥିବାବେଳେ ଅସାବଧାନତାରୁ ଗୋଡ଼ ଖସିଯିବାରୁ ସେ ଟ୍ରେନ୍ ତଳକୁ ପଡ଼ିଯାଇଥିଲେ। ମାନସଙ୍କ ପରିବାର ଲୋକ ସକାଳୁ ଉଠିବାବେଳେକୁ ପ୍ରୀତୀଶପ୍ରଜ୍ଞାଙ୍କୁ ପାଖରେ ପାଇ ନ ଥିଲେ। ଖୋଜାଖୋଜି କରୁଥିବାବେଳେ ଟ୍ରେନ୍ ଢେଙ୍କାନାଳ ଷ୍ଟେଶନରେ ପହଞ୍ଚିଥିଲା। ମାନସ ତୁରନ୍ତ ଟ୍ରେନ୍‌ରୁ ଓହ୍ଲାଇ ଢେଙ୍କାନାଳ ଷ୍ଟେଶନରେ ଆର୍‌ପିଏଫ୍‌ର ସହାୟତା ନେଇଥିଲେ। ଏହାର କିଛି ସମୟ ପରେ ରେଢ଼ାଖୋଲ ଆର୍‌ପିଏଫ୍ ଶିଶୁର ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ପୁଅ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଅଛି ଏବଂ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଆର୍‌ପିଏଫ୍ କର୍ତ୍ତୃପକ୍ଷ କହିଥିଲେ। ପରେ ମାନସ ପରିବାର ସହ ରେଢାଖୋଲରେ ପହଞ୍ଚି ପୁଅକୁ ସାଙ୍ଗରେ ନେଇଥିଲେ। ଆର୍‌ପିଏଫ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ତାଳଚେର-ସମ୍ବଲପୁର ରେଳପଥର ରେଢାଖୋଲ ଷ୍ଟେଶନଠାରୁ ପ୍ରାୟ ୪ କି.ମି. ଦୂର ଅଙ୍ଗାରପଡ଼ା ନିକଟ ରେଳ ଟ୍ରାକ୍ ପାର୍ଶ୍ୱରେ ଶିଶୁଟିଏ ପଡ଼ିଥିବା ନେଇ ଏକ ମାଲ୍‌ବୋଝେଇ ଟ୍ରେନ୍‌ର ଡ୍ରାଇଭର ବୁଧବାର ସକାଳେ ଦେଖିବାକୁ ପାଇଥିଲେ। ସେ ଏନେଇ ଆର୍‌ପିଏଫ୍‌କୁ ସୂଚନା ଦେଇଥିଲେ। ରେଢାଖୋଲ୍ ଷ୍ଟେଶନ ଆର୍‌ପିଏଫ୍ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରକୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ଶିଶୁପୁତ୍ରର ମୁହଁରେ ଆଘାତ ଲାଗିଥିବାବେଳେ ସେ ରାତିସାରା ଏକାକୀ ରେଳ ଧାରଣା ନିକଟରେ ପଡ଼ିଥିବାରୁ ଭୟଭୀତ ଅବସ୍ଥାରେ ଥିଲେ। ତାଙ୍କୁ ତୁରନ୍ତ ରେଢାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ସଚିନ୍ ଖିଲାରିଙ୍କୁ ...

ଏଫ୍ ୪୬ ବର୍ଗରେ ଏସିଆର ସର୍ବଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। କାନାଡାର ଗ୍ରେଗ୍ ଷ୍ଟିୱାର୍ଟ ୧୬.୩୮ ମିଟରର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତିଥିବା ଷ୍ଟିୱାର୍ଟ ଟାଇଟଲ ଡିଫେଣ୍ଡ କରିବାରେ ସମର୍ଥ ହୋଇଛନ୍ତି। କ୍ରୋଏସିଆର ଲୁକା ବାକୋଭିଚ୍ ୧୬.୨୭ ମିଟରର ଥ୍ରୋ ସହିତ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ଜିତିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ୨ ଭାରତୀୟ ମହମ୍ମଦ ୟାସିର(୧୪.୨୧) ଓ ରୋହିତ କୁମାର(୧୪.୧୦) ମିଟର ଥ୍ରୋ ସହିତ ଯଥାକ୍ରମେ ଅଷ୍ଟମ ଓ ନବମ ସ୍ଥାନରେ ରହିଛନ୍ତି। ଖିଲାରିଙ୍କ ପଦକକୁ ମିଶାଇ ଚଳିତ ପାରାଲିମ୍ପିକ୍ସରେ ଭାରତର ସମୁଦାୟ ପଦକ ସଂଖ୍ୟା ୨୧ରେ ପହଞ୍ଚିଛି। ଏହା ମଧ୍ୟରୁ ପାରା ଆଥଲେଟ ମାନେ ୧୧ ପଦକ ଜିତିଛନ୍ତି। ପାରା ଆଥଲେଟିକ୍ସରୁ ଭାରତ ଗୋଟିଏ ସ୍ୱର୍ଣ୍ଣ ଜିତିଥିବା ବେଳେ ୫ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛି। ଜାପାନର କୋବ୍‌ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଖିଲାରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଷ୍ଟିୱାର୍ଟ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏପରିକି ବୁଧବାର ପ୍ରଥମ ୨ ରାଉଣ୍ଡ ସୁଦ୍ଧା ସଚିନ୍ ଅଗ୍ରଣୀ ରହିଥିଲେ। ମାତ୍ର ତୃତୀୟ ଥ୍ରୋରେ ଷ୍ଟିୱାର୍ଟ ୧୬.୩୪ ମିଟର ଦୂରତା ହାସଲ କରିବା ସହ ପ୍ରଥମରେ ପହଞ୍ଚିଥିଲେ। ନିଜ ପ୍ରଦର୍ଶନରେ ଉନ୍ନତି ଆଣି ଅନ୍ତିମ ଥ୍ରୋରେ ୧୬.୩୮ ମିଟର ଦୂରତା ହାସଲ କରିଥିଲେ ଷ୍ଟିୱାର୍ଟ। ଏହି ଇଭେଣ୍ଟରେ ୧୬.୮୦ ମିଟରର ବିଶ୍ୱ ରେକର୍ଡ ଆମେରିକାର ଜୋସୁଆ ସିନାମୋଙ୍କ ନାମରେ ଥିବା ବେଳେ ୧୫.୬୬ ମିଟର ସହ ସେ ଚତୁର୍ଥ ସ୍ଥାନରେ ରହିଥିଲେ।

## ୯ରେ ସ୍କୁଲ ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେପ୍ଟେମ୍ବର ୯କୁ ଛୁଟି ଘୋଷଣା କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି। ସେହିଦିନ ରବିବାର ଥିବାରୁ ୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ଦ୍ଦେଶରେ କହିଥିଲେ।




# ନିୟନ୍ତ୍ରଣରେ ନାହିଁ ପିଆଜ, ରସୁଣ

## ବାଲେଶ୍ୱରରେ ରସୁଣ କେଜି ୨୫୦, ଭୁବନେଶ୍ୱରରେ ୪୦୦

**ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)**

କିଛିଦିନ ତଳେ ଆଳୁ ଦର ବୃଦ୍ଧିକୁ ନେଇ ରାଜ୍ୟବାସୀ ମୁଣ୍ଡରେ ହାତ ଦେଇଥିଲେ। ଖାଉଟିଙ୍କ ଅସନ୍ତୋଷ ପରେ ରାଜ୍ୟ ସରକାର ଦର ନିୟନ୍ତ୍ରଣକୁ ଆଣିବା ଲାଗି ନାନା କଟକଣା ଓ ପଦକ୍ଷେପ ନେଇଥିଲେ। ଫଳରେ ଆଳୁ କେ.ଜି. ୬୦ରୁ ଏବେ ୩୫ ତଳକୁ ଖସିଛି। ହେଲେ ଏବେ ପିଆଜ, ରସୁଣ ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ହୁ ହୁ ହୋଇ ବଢ଼ି ଚାଲିଥିବାରୁ ଖାଉଟିମାନେ ଶୋଷଣ ହେଉଥିବା ଅନୁଭବ କରୁଛନ୍ତି। ପିଆଜ ୬୦ ଟପିଥିବାବେଳେ ରସୁଣ ୪୦୦ ଛୁଇଁଛି। ସେହିଭଳି ଅଦା ଦର ମଧ୍ୟ ଉପରମୁହାଁ ହୋଇଛି। ବିଶେଷକରି ଅନ୍ୟ ସହରଠାରୁ ରାଜଧାନୀ ଭୁବନେଶ୍ୱରରେ ଅଧିକ ଦର ପାଖାପାଖି ଦୁଇଗୁଣା ରହୁଥିବାରୁ କଳା ବଜାର ହୋଇଥିବା ଅଭିଯୋଗ ଉଠୁଛି। ଏପରିକି ଆଳୁ ଭଳି ପିଆଜ, ଅଦା, ରସୁଣ ସହ ଅନ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଦାବି ଉଠୁଛି।

ବୁଧବାରର ବଜାର ଅନୁସାରେ, ଭୁବନେଶ୍ୱର ସମେତ ନୟାଗଡ଼, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଅଞ୍ଚଳରେ ପିଆଜ କେ.ଜି. ୬୦ ଟଙ୍କା ଓ ତା'ଠାରୁ ଅଧିକ ଥିଲା। ତେବେ ଅନ୍ୟାନ୍ୟ ସ୍ଥାନରୁ ଆସିଥିବା ତଥ୍ୟକୁ



ଦେଖିଲେ ପିଆଜ ଦର ୫୦ଟଙ୍କା ତଳକୁ ଖସି ନ ଥିଲା। ସେହିପରି କୋରାପୁଟ ଓ ଭୁବନେଶ୍ୱରରେ ରସୁଣ ଦର କେ.ଜି. ପ୍ରତି ୪୦୦ ଛୁଇଁଥିବାବେଳେ କେନ୍ଦ୍ରାପଡ଼ାରେ ୩୮୦ଟଙ୍କା, ବ୍ରହ୍ମପୁର ଓ ସୁନ୍ଦରଗଡ଼ରେ ୩୨୦ଟଙ୍କା, ନବରଙ୍ଗପୁର ଓ ଭଦ୍ରକରେ ୩୦୦ଟଙ୍କା, ନୟାଗଡ଼, ମାଲକାନଗିରି ଓ ରାୟଗଡ଼ାରେ ୨୮୦ ଟଙ୍କା, ମୟୂରଭଞ୍ଜରେ ୨୬୦ ଟଙ୍କା, ବାଲେଶ୍ୱର ଓ କେନ୍ଦୁଝରରେ ୨୫୦ଟଙ୍କା ରହିଥିଲା। ଏହା ବ୍ୟତୀତ ଅଦା କେଜି ୨୫୦ ଟଙ୍କା ଟପିଥିଲା। ଭୁବନେଶ୍ୱର ଅଦା ୨୫୦ ଟଙ୍କା ରହିଥିବା ବେଳେ କେନ୍ଦ୍ରାପଡ଼ା, ନବରଙ୍ଗପୁର, ମାଲକାନଗିରି, ଭଦ୍ରକ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ଅଦା ୨୦୦ଟଙ୍କା ରହିଥିଲା। ସେହିଭଳି ବାଲେଶ୍ୱରରେ ୧୫୦ ଟଙ୍କା, ରାୟଗଡ଼ାରେ ୧୪୦ ଟଙ୍କା, ମୟୂରଭଞ୍ଜ ଓ ନୟାଗଡ଼ରେ ୧୩୦ଟଙ୍କା, ବ୍ରହ୍ମପୁରରେ ୧୨୦ ଟଙ୍କା ରହିଥିଲା।

ଓଡ଼ିଆ ଖାଦ୍ୟରେ ନିତିଦିନିଆ ଭାବେ ବ୍ୟବହୃତ ମସଲା ଅଦା, ପିଆଜ ଓ ରସୁଣର ଆକାଶଛୁଆଁ ଦରର ପ୍ରଭାବ ଏବେ ହାଣ୍ଡିଶାଳଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳୁଛି। ବଜାରରେ ଯଥେଷ୍ଟ ପରିମାଣର ମହଜୁଦ୍ ଥିଲେ ମଧ୍ୟ ଉଚ୍ଚା ଦର ଖାଉଟିଙ୍କ ମନକୁ ଖଟା କରିଦେଉଛି। ଅତି ଜରୁରୀଥିଲେ ୫୦ କିମ୍ବା ୧୦୦ଗ୍ରାମ୍ ନେଇ କାମ ଚଳାଉଛନ୍ତି। ଦରଦାମ ବୃଦ୍ଧିକୁ ନେଇ ଖାଉଟି ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଖୁଚୁରା ବ୍ୟବସାୟୀ କ୍ଷତି ସହୁଥିବା କହୁଛନ୍ତି। ତେବେ ସ୍ଥିତି ନିୟନ୍ତ୍ରଣ ପାଇଁ ସରକାର ଆଗାମୀ ଦିନରେ କେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କର ନଜର ରହିଛି।

ଏନେଇ ରାଜ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ରସୁଣର ପାଇକାରୀ ଦର ୧୫୦ରୁ ୨୩୦ ଟଙ୍କା ରହିଛି। ମାତ୍ର ଏହା ୪୦୦ଟଙ୍କାରେ ବିକ୍ରି ହେବା ଦୁର୍ଭାଗ୍ୟଜନକ। ସରକାର କର୍ପୋରେଟ୍ ହାଉସ୍ ଉପରେ ନିୟନ୍ତ୍ରଣ ନ ଲଗାଇବା ଫଳରେ ସାଧାରଣ ବ୍ୟବସାୟୀ ଓ ସାଧାରଣ ଜନତା ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ବ୍ୟବସାୟୀ ସଂଘ ପକ୍ଷରୁ ଏ ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏପରି ସ୍ଥିତି ଉପୁଜୁଛି।

# ଝୋଟ ବ୍ୟାଗ୍ ବଣ୍ଟାରେ ୨୪୭.୩୬ କୋଟି ଖର୍ଚ୍ଚ କରିଥିଲେ ବିଜେଡି ସରକାର

## ପରିବାର ପିଛା ୧ ହଜାର ବାବଦରେ ୯୫୯ କୋଟି ଖର୍ଚ୍ଚ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବାଣ୍ଟିବା ବାବଦକୁ ୨୪୭ କୋଟି ୩୬ ଲକ୍ଷ ୬୪ ହଜାର ୨୯୭ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ଏହି ପରିବାରଗୁଡ଼ିକୁ ୧ ହଜାର ଟଙ୍କା ବଣ୍ଟନ କରାଯାଇଥିବା ବେଳେ ଏଥିପାଇଁ ଖର୍ଚ୍ଚ ହୋଇଛି ୯୫୯ କୋଟି ୫ ଲକ୍ଷ ୨୬ ହଜାର ଟଙ୍କା। ଭାଜପା ସଭ୍ୟ ଅମରେନ୍ଦ୍ର ଦାସଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ତେବେ ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ସେଗୁଡ଼ିକୁ ପ୍ରଦାନ କରିବା ପାଇଁ ବର୍ତ୍ତମାନ କିଛି ବ୍ୟବସ୍ଥା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ବିନୟ ତ୍ରିପାଠୀଙ୍କ ନାଁରେ ଯୋଡ଼ିହେଲା ଆୟ ବହିର୍ଭୂତ ସମ୍ପତ୍ତି ମାମଲା

**କଟକ,୪।୯ (କାର୍ତ୍ତିକ ସାହୁ)**

ଲାଞ୍ଚ ଦାବିକରିବା ଓ ସରକାରୀ ଟ୍ୟାକ୍ସ ବାବଦ ୫,୮୫,୩୫୬ ଟଙ୍କା ତୋସରପାତ କରିବା ଅଭିଯୋଗରେ ଜେଲରେ ଥିବା ଯାଜପୁର ସିଟି ଆଣ୍ଡ ଜିଏସ୍‌ଟିର ପୂର୍ବତନ ଆସିଷ୍ଟାଣ୍ଟ କମିଶନର ବିନୟ ଭୂଷଣ ତ୍ରିପାଠୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। କଟକ ଭିଜିଲାନ୍ସ ପକ୍ଷରୁ ଗତ ଅଗଷ୍ଟ ୧୮ରେ ତ୍ରିପାଠୀଙ୍କର ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ପରେ ତ୍ରିପାଠୀଙ୍କର ଆୟ, ବ୍ୟୟ ଓ ସମ୍ପତ୍ତି ଆଦିକୁ ହିସାବ କରାଯାଇଥିଲା। ତେବେ ସେ ୧ କୋଟି ଟଙ୍କା ମୂଲ୍ୟର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଥିଲା। ଏନେଇ କଟକ ଭିଜିଲାନ୍ସ ଥାନାରେ ମାମଲା (ନଂ.୨୪/୨୦୨୪) ରୁଜୁ ହୋଇଛି।

# ଜାହାନିଆ ବେଳାଭୂମିରେ ଜେଲିଫିଶ୍ ମଡ଼କ

**ଅସ୍ତରଙ୍ଗ,୪।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପୁରୀ ଜିଲା ଅସ୍ତରଙ୍ଗ ଉପକୂଳ ଜାହାନିଆ ବେଳାଭୂମିରେ ବୁଧବାର ଶତାଧିକ ଜେଲିଫିଶ୍‌ଙ୍କ ମୃତଦେହ ପଡ଼ିଥିବା ଦେଖାଯାଇଛି। ଅସ୍ତରଙ୍ଗଠାରୁ କୋଣାର୍କ ପର୍ଯ୍ୟନ୍ତ ବେଳାଭୂମି ସମୁଦ୍ର କୂଳରେ ବହୁସଂଖ୍ୟାରେ ଜେଲିଫିଶ୍ ଭାସୁଛନ୍ତି। ଜେଲିଫିଶ୍‌ରୁ ବାହାରୁଥିବା ଲାଳ ସମୁଦ୍ରରେ ଗାଧୋଉଥିବା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ଦେଖି ପର୍ଯ୍ୟଟକମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଜେଲିଫିଶ୍‌ର ଲାଳ ଶରୀରରେ ଲାଗିବା ଦ୍ୱାରା ଦେହ କୁଣ୍ଡେଇ ହେବା ସହ ନାଲି ପଡ଼ିଯାଏ। ବର୍ତ୍ତମାନ ସୁଦ୍ଧା କୌଣସି ପର୍ଯ୍ୟଟକ ଆହତ ହୋଇ ନ ଥିବାବେଳେ ଜେଲିଫିଶ୍ ସମୁଦ୍ରକୂଳରେ ଲାଗିଥିବାରୁ ଲୋକେ ସେତେ ମାତ୍ରାରେ ସ୍ନାନ କରୁନାହାନ୍ତି। ଗତ କିଛି ଦିନ ହେବ ଖରାର ପ୍ରକୋପ ବଢ଼ିଥିବାରୁ ସମୁଦ୍ର ଭିତରେ ତାତି ପ୍ରବଳ



ଜାହାନିଆ ବେଳାଭୂମିରେ ମରିପଡ଼ିଥିବା ଜେଲିଫିଶ୍।

ରହିଥାଏ। ଫଳରେ ଜେଲିଫିଶ୍ ଏକତ୍ରିତ ହୋଇ ପବନ ହୋଇଥିବା ଦିଗ ଅଭିମୁଖେ ଭାସିଆସି ବେଳାଭୂମିରେ ଲାଗିଛନ୍ତି। ପରେ ସମୁଦ୍ର ଢେଉରେ କେତେକ ଜେଲିଫିଶ୍ ପୁଣିଥରେ ସମୁଦ୍ର ଭିତରକୁ ଭାସି ଯାଉଥିବା ବେଳେ କେତେକ କୂଳରେ ପଡ଼ିରହୁଛନ୍ତି।

# ୫୦୦ରୁ ଊର୍ଦ୍ଧ୍ୱ କଇଁଛ ଜବତ, ୪ ଗିରଫ

**ମାଲକାନଗିରି,୪।୯ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମୋଟୁ ବନ ବିଭାଗ ଦ୍ୱାରା ବୁଧବାର ସକାଳେ ୫୦୦ରୁ ଊର୍ଦ୍ଧ୍ୱ ଜୀବନ୍ତ କଇଁଛ ଜବତ ହୋଇଛି। ଆନ୍ଧ୍ର- ଓଡ଼ିଶା ସୀମାନ୍ତ ମୋଟୁ ତନଖି ଫାଟକ ନିକଟରୁ ବନ ବିଭାଗ ୨ଟି ପିକ୍‌ଅପ୍ ଭ୍ୟାନ୍‌ରେ ଥିବା କଇଁଛ ଜବତ କରିବା ସହ ଚୋରାଚାଲାଣରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି।

ବିଶେଷ ସୂତ୍ରରୁ ଖବରପାଇ ମୋଟୁ ବନ ବିଭାଗ ତରଫରୁ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମୋଟୁ-ଚିନ୍ତୁର ରାସ୍ତା ନିକଟରେ ପଇଁତରା ମାରିଥିଲେ। ସେହି ସମୟରେ ୨ଟି ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସୁଥିବା ବନ ବିଭାଗ କର୍ମଚାରୀମାନେ ଦେଖି ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ଥିବା ବ୍ୟକ୍ତିଙ୍କୁ ପଚରାଉଚୁରା କରିବାରୁ ଗାଡିରେ ସାର (ଖତ) ଥିବା ସେମାନେ କହିଥିଲେ। ବନ ବିଭାଗ କର୍ମଚାରୀ ଗାଡ଼ିକୁ ଭଲଭାବେ



ଜବତ କଇଁଛ।

ତଲାସି କରିବାରୁ ଗାଡ଼ି ଭିତରେ ଏକ କଣ୍ଟେନରରେ ଥିବା କଇଁଛ ଜବତ କରିବା ସହ ୨ଟି ଗାଡ଼ିରେ ଥିବା ୪ ଜଣଙ୍କୁ ଗିରଫ କରିଥିଲେ। ଏହି ଦୁଇଟି ଗାଡ଼ିରେ ୫୦୦ରୁ ଊର୍ଦ୍ଧ୍ୱ କଇଁଛ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ଚୋରାଚାଲାଣ ହେଉଥିଲା। ଜବତ କଇଁଛ ଓ ୨ଟି ପିକ୍‌ଅପ୍ ଭ୍ୟାନ୍‌କୁ ଏମ୍‌ଭି ୭୯ କାର୍ଯ୍ୟାଳୟରେ ରଖାଯାଇଛି। ଏ ନେଇ ତଦନ୍ତ ଜାରି ରହିଥିବା ବନାଞ୍ଚଳ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।



ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ

-ଗୁରୁ ଦିବସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସ



# ଅନନ୍ୟ ଆମ ସଂସ୍କୃତି



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁ ସଭ୍ୟତା ବିଷୟରେ ବହୁତ କିଛି ଆଲୋଚନା ହେଉଛି କିମ୍ବା କେତେକେ ଏହାକୁ ଭାରତୀୟ ସଭ୍ୟତା ବୋଲି କହିବାକୁ ପସନ୍ଦ କରନ୍ତି। ପ୍ରକୃତ କଥା ହେଉଛି ସମସ୍ତେ ଅନୁଭବକରନ୍ତି ଯେ ସେମାନଙ୍କର ସଂସ୍କୃତି ଅନନ୍ୟ ଏବଂ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ, ଏହିପରି ଚିନ୍ତାଧାରା ପଛରେ କିଛି ଅତି ଦେଶଭକ୍ତି ଅଛି। ଅବଶ୍ୟ, ଜଣେ ପଛକୁ ଫେରି ମାନବ ଇତିହାସର ବୃହତ୍ ଧାରାକୁ ଲକ୍ଷ୍ୟକଲେ ଦେଖିପାରିବେ ଯେ, ଭାରତର ପଶ୍ଚିମ ଏବଂ ପୂର୍ବରେ ଦୁଇଟି ଭିନ୍ନ ବିଚାରଧାରା ଅଛି, ଯାହା ଉଭୟ ଭାରତୀୟ ଚିନ୍ତାଧାରାକୁ ପ୍ରକାଶ କରନ୍ତି ନାହିଁ। ସେହି ଦୃଷ୍ଟିରୁ, ଭାରତୀୟ ବିଚାରଧାରା ଅନନ୍ୟ ବୋଲି ବିବେଚନା କରାଯାଇପାରେ।

ଆସନ୍ତୁ , ପ୍ରଥମେ ବିଶ୍ୱରେ ଅଧିକ ପରିଚିତ ପାଶ୍ଚାତ୍ୟ ଚିନ୍ତାଧାରା ଉପରେ ବିଚାରକରିବା। ଭାରତର ପଶ୍ଚିମ ଦିଗରେ ରହିଛି ମଧ୍ୟପ୍ରାଚ୍ୟ, ମଧ୍ୟଏସିଆ ଏବଂ ଏହାପରେ ୟୁରୋପ ଓ ଆମେରିକା ଅଛି। ଏହି ଅଞ୍ଚଳରୁ ସୃଷ୍ଟି ହୋଇଥିବା ମହାନ୍ ଚିନ୍ତାଧାରା ହେଉଛି ଖ୍ରୀଷ୍ଟିଆନ, ଇସ୍‌ଲାମ। ପରବର୍ତ୍ତୀ ସମୟରେ ଏଠାରୁ ବିଜ୍ଞାନ, ଧର୍ମନିରପେକ୍ଷତା ଏବଂ ଗଣତନ୍ତ୍ର ସାମ୍ନାକୁ ଆସିଥିଲା। ଏହିସବୁ ବିଚାରଧାରା ବିଶ୍ୱସ୍ତରୀୟ ହେବାକୁ ଚେଷ୍ଟାକରେ ଏବଂ ସମସ୍ତ ମାନବ ସମାଜ ପାଇଁ ପ୍ରଯୁଜ୍ୟ ହେଉ ବୋଲି ଚାହେଁ। ତେଣୁ ଲୋକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅଦ୍ୱୈତବାଦୀ ଧର୍ମକୁ ପରିବର୍ତ୍ତନ କରିବା କିମ୍ବା ବିଜ୍ଞାନ, ଯୁକ୍ତିଯୁକ୍ତତା ଏବଂ ଜଟିଳ ଚିନ୍ତାଧାରା ଭଳି ଏକ ନିର୍ଦ୍ଦିଷ୍ଟ ବିଚାରଧାରାରେ ଲୋକଙ୍କୁ ଶିକ୍ଷା ଦେବାରେ ଏହା ଅଧିକ ଆସକ୍ତ। ପାଶ୍ଚାତ୍ୟ ଚିନ୍ତାଧାରା ଖ୍ରୀଷ୍ଟିଆନ ଧର୍ମର ଦାର୍ଶନିକ ଏବଂ ଈଶ୍ୱରତାତ୍ତ୍ୱିକ ଧାରଣାର ବୈଶ୍ୱିକ ପ୍ରୟୋଗ କିମ୍ବା ପ୍ରଯୁଜ୍ୟତା ଉପରେ ଗୁରୁତ୍ୱ ଦେଇଥାଏ। ଏହା କ୍ଷମତା ବା ଅଧିକାରକୁ ମଧ୍ୟ ଗୁରୁତ୍ୱ ଦେଇଥାଏ, ଯାହା ଦୁଇଟି ଗୋଷ୍ଠୀରେ ବିଭକ୍ତ। ଗୋଟିଏ ଗୋଷ୍ଠୀ ମଣିଷକୁ କ୍ଷମତା ପ୍ରଦାନ କରେ, ଯାହାକୁ ଆମେ ଏକଚ୍ଛତ୍ରବାଦୀ ଚିନ୍ତାଧାରା ବୋଲି କହିପାରିବା। ଅନ୍ୟ ଗୋଷ୍ଠୀ ବିଶ୍ୱାସ କରନ୍ତି ଯେ, କ୍ଷମତା ଜଣେ ବ୍ୟକ୍ତିଙ୍କୁ ନୁହେଁ, ବରଂ ଏକ ପ୍ରକାର ବୈଶ୍ୱିକ ନୀତି ଉପରେ ଆଧାରିତ ଅନୁଷ୍ଠାନକୁ ଦିଆଯିବା ଉଚିତ, ଯାହା ଧର୍ମୀୟ କିମ୍ବା ଧର୍ମନିରପେକ୍ଷ ହୋଇପାରେ। ତେଣୁ, ଆନୁଷ୍ଠାନିକ ମଡେଲ ସୃଷ୍ଟି ହୋଇଛି। ଆମ ପାଖରେ ଏପରି ଲୋକ ଅଛନ୍ତି, ଯେଉଁମାନେ ନିଜକୁ ଜାଗ୍ରତ ବୋଲି ଭାବନ୍ତି, ଯେଉଁମାନେ ସମୟ ଓ ପରିସ୍ଥିତି ଅନୁଯାୟୀ ପରିବର୍ତ୍ତିତ ଲିଙ୍ଗଗତ ପରିଚୟର ଧାରଣାକୁ ବିଶ୍ୱସ୍ତରୀୟ କରିବାକୁ ଚେଷ୍ଟା କରୁଛନ୍ତି। ଏହାର ସାଂସ୍କୃତିକ ଉତ୍ସଗୁଡ଼ିକ ସହ ସମ୍ପର୍କ ଥିଲେ ମଧ୍ୟ ତାହାକୁ ବିଚାରକୁ ନ ନେଇ ଏଭଳି କରୁଛନ୍ତି।



ଏବେ ପୂର୍ବ ଆଡ଼କୁ ଥିବା ଚାଇନା, କୋରିଆ, ଜାପାନ ଏବଂ ଭିଏତ୍‌ନାମକୁ ଯିବା। ୱାଲ୍ ସିଟି ବା ପାଚେରିଘେରା ସହର ପାଇଁ ଏହିସବୁ ଦେଶ ପ୍ରସିଦ୍ଧ। ଉଦାହରଣ ସ୍ୱରୂପ, ଚାଇନାର ଗ୍ରେଟ୍ ୱାଲ୍, ଯାହା ଶେଷରେ ଆଧୁନିକ ଯୁଗରେ ଚାଇନାର ଫାୟାରୱାଲ ପାଲଟିଗଲା। ଏଭଳି ବିଚ୍ଛିନ୍ନ ହୋଇ ରହିବା ପଛରେ ସମସ୍ତଙ୍କର ଏକ ଇତିହାସ ଅଛି। ବିଦେଶୀମାନଙ୍କୁ ସେମାନଙ୍କ ଦେଶରେ ପ୍ରବେଶ କରିବାକୁ ନ ଦେବା ଏବଂ ଅବଶିଷ୍ଟ ପୃଥିବୀରୁ ଅଲଗା ରହିବା ଏହାର ପ୍ରମୁଖ କାରଣ। ଏହି ପୂର୍ବ ଓ ପଶ୍ଚିମାଞ୍ଚଳଗୁଡ଼ିକର ସବୁ ଆଡ଼େ ବିଶ୍ୱାସ ରହିଛି ଯେ, ତୁମେ କେବଳ ଥରେ ବଞ୍ଚିବ। ଅର୍ଥାତ୍ ଭବିଷ୍ୟତ ଜୀବନ କଥା ନ ଭାବି ଏଇ ଜୀବନରେ ଯାହା କିଛି କରିବାର ଧାରଣା ରହିଛି। ପାଶ୍ଚାତ୍ୟରେ, ତୁମେ ଠିକ୍ କରିବାର ଅଧିକ ଇଚ୍ଛା ଏକ ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ। ପୂର୍ବରେ ଥିବା ଅଞ୍ଚଳଗୁଡ଼ିକରେ ତୁମ ପିତୃପୁରୁଷଙ୍କୁ ଅସମ୍ମାନ ନ କରିବା ଏବଂ ଅପମାନ ନ ଦେବାକୁ କୁହାଯାଇଛି। ଏହା ବ୍ୟତୀତ ତୁମର ସମ୍ମାନ ଓ ଖ୍ୟାତି ବଜାୟ ରଖିବା ହେଉଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଚାରଧାରା। ଏହି ଅଞ୍ଚଳଗୁଡ଼ିକ ମଧ୍ୟରୁ କୌଣସିଠାରେ ପୁନର୍ଜନ୍ମର ଧାରଣା ନାହିଁ। କିନ୍ତୁ ଏହି ପୁନର୍ଜନ୍ମ ଧାରଣା ହିଁ ଭାରତରେ ଅଛି।

ଭାରତୀୟ ବିଚାରଧାରାର ମୂଳ ତଥା ପ୍ରମୁଖ ଧାରଣା ପୁନର୍ଜନ୍ମ ବୌଦ୍ଧ, ଜୈନ ଏବଂ ହିନ୍ଦୁଧର୍ମରେ ଅଛି। ପୁନର୍ଜନ୍ମର କାହାଣୀ ପ୍ରାୟ ୨୫୦୦ ବର୍ଷ ପୂର୍ବେ ବିଭିନ୍ନ ରୂପରେ ପ୍ରସାରିତ ହେବାକୁ ଆରମ୍ଭ କରିଥିଲା। ଏକ ଆକାଉଣ୍ଟିଂ ମଡେଲର ଡେବିଟ୍ ଏବଂ କ୍ରେଡିଟ୍ ସହିତ ଏହାର ନିବିଡ଼ ସମ୍ପର୍କ ରହିଛି। ଧାରଣା ହେଉଛି ଯେତେବେଳେ ଭାଗ୍ୟ ଆସେ ସେତେବେଳେ ଜାଣିବ ତୁମର କ୍ରେଡିଟ୍ ଅଛି, ଅର୍ଥାତ୍ ଗୋଟିଏ ଜନ୍ମରେ ସଞ୍ଚିତ ଭଲ କର୍ମର ଫଳ ମିଳୁଛି। ଦୁର୍ଭାଗ୍ୟ ଯେତେବେଳେ ଆସିବ ଜାଣିବ ତୁମର ଡେବିଟ୍ ଥିବ, ଅର୍ଥାତ୍ କିଛି କୁକର୍ମର ଫଳ ମିଳୁଛି। ଯେତେବେଳେ ତୁମର ଡେବିଟ୍ କିମ୍ବା କ୍ରେଡିଟ୍ ନ ଥାଏ ସେତେବେଳେ ଜୀବନ ମୁକ୍ତ ହୋଇଯାଏ। ଏହି ବିଚାରଧାରା ଅନୁମାନ କରେ ଯେ, ଜୀବନରେ କୌଣସି ଚରମସୀମା ନାହିଁ, ଶେଷ ଲକ୍ଷ୍ୟ ନାହିଁ ଏବଂ ଏହା ବିଶ୍ୱସ୍ତରୀୟ ହେବାକୁ ଚାହେଁନାହିଁ, ଯାହା ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ପରିପ୍ରେକ୍ଷୀରେ ଭାରତୀୟ ବିଚାରଧାରା ଅନନ୍ୟ।

ପୂର୍ବାଞ୍ଚଳ ସଂସ୍କୃତିଗୁଡ଼ିକର ଦ୍ୱାର ସାଧାରଣତଃ ପାଶ୍ଚାତ୍ୟ ଖ୍ରୀଷ୍ଟିଆନ ଧର୍ମର ଦାର୍ଶନିକ ଏବଂ ଈଶ୍ୱରତାତ୍ତ୍ୱିକ ଧାରଣା ପାଇଁ ବନ୍ଦ। ଭାରତୀୟମାନେ ତାହା କରନ୍ତି ନାହିଁ। କିନ୍ତୁ ଭାରତୀୟମାନେ ଏକରୂପତାକୁ ବିରୋଧ କରନ୍ତି। ଏଠାରେ ଗତିଶୀଳ ବିବିଧତା ପ୍ରତି ଭଲ ପାଇବା ଅଛି। ଅନେକ ଗୋଷ୍ଠୀର ସଙ୍ଗଠନ ଅଛି, କିନ୍ତୁ ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଏକ ବ୍ୟାପକ ମାନକ ବ୍ୟବସ୍ଥା ନାହିଁ। ପୂର୍ବ ଏବଂ ଦକ୍ଷିଣପୂର୍ବ ଏସୀୟଦେଶଗୁଡିକ ବିଦେଶୀ ସଂସ୍କୃତି ପତି ଖୋଲାଖୋଲି ଭାବେ ଘୃଣା ଭାବ ପ୍ରକାଶ କରନ୍ତି। ଭାରତରେ ଜାତିପ୍ରଥା, ରୀତିନୀତି ଶୁଦ୍ଧତାର ଚିନ୍ତାଧାରା, ଏପରିକି ଅନ୍ୟ ଲୋକଙ୍କ ଘରେ ନ ଖାଇବାର ଅହଂକାର ମାଧ୍ୟମରେ ବିଦେଶୀ ସଂସ୍କୃତି ପ୍ରତି ଘୃଣାଭାବ ପ୍ରକଟିତ ହୋଇଥାଏ।

ସମାନତା ଏବଂ ନ୍ୟାୟକୁ ଗ୍ରହଣ କରୁଥିବା ଏକ ବିଶ୍ୱ ସମସ୍ତଙ୍କ ପାଇଁ ଗ୍ରହଣୀୟ। ଆମେ ଲୋକଙ୍କୁ ମନେପକାଇବାକୁ ପଡ଼ିବ ପାଶ୍ଚାତ୍ୟଦେଶଗୁଡ଼ିକର ବିଚାରଧାରା ଯୁକ୍ତିଯୁକ୍ତ ନୁହେଁ। ଏହି ଚିନ୍ତାଧାରା ଇସ୍‌ଲାମ ଏବଂ ଖ୍ରୀଷ୍ଟିଆନ ପରି ମୁଖ୍ୟସ୍ରୋତର ରକ୍ଷଣଶୀଳ ଧର୍ମଗୁଡ଼ିକର ଉତ୍‌ଥାନକୁ ରୋକିବାରେ ବିଫଳ ହୋଇଛି। ଏହା ମଧ୍ୟ ନ୍ୟାୟ ଏବଂ ସମାନତା ଉପରେ ବିଶ୍ୱାସକରେ ବୋଲି ଦାବିକରେ ଏବଂ ଏସବୁ ଏକ ଉଚ୍ଚ ଧର୍ମୀୟ ଶାସନ ଦ୍ୱାରା ଅନୁମୋଦିତ, ଯିଏ କାହା ପାଇଁ ଉତ୍ତରଦାୟୀ ନୁହେଁ। ପାଶ୍ଚାତ୍ୟ ବୈଶ୍ୱିକ ସ୍ତରରେ ପ୍ରୟୋଗ କରିବାକୁ ଚାହୁଁଥିବା ଖ୍ରୀଷ୍ଟଧର୍ମର ଦାର୍ଶନିକ ଏବଂ ଈଶ୍ୱରତାତ୍ତ୍ୱିକ ଧାରଣାକୁ ଭାରତ ଅନୁସରଣ କରେନାହିଁ କିମ୍ବା ପୂର୍ବାଞ୍ଚଳ ଦେଶଗୁଡ଼ିକ ନିଜକୁ ଅବଶିଷ୍ଟ ବିଶ୍ୱଠାରୁ ଯେଭଳି ଅଲଗା କରି ରଖୁଥିଲେ ଭାରତ ତାହା କରେନାହିଁ। ଏହାର ସ୍ୱତନ୍ତ୍ରତା ହେଉଛି ନୂତନ ଚିନ୍ତାଧାରା ସହ କାର୍ଯ୍ୟ କରିବା ଏବଂ ସମୟ ସହିତ ଲଗାତର ଭାବରେ ତା' ସ୍ୱରୂପ ଓ ପରିଚୟକୁ ପରିବର୍ତ୍ତନ କରିବା। ସେଥିପାଇଁ ବୌଦ୍ଧଧର୍ମ ଓ ହିନ୍ଦୁଧର୍ମରେ ଅନେକ ବିବିଧତା ଅଛି। ଜୈନଧର୍ମରେ ଅନେକ ବିଚାରଧାରା ଅଛି। ତେବେ ବହୁ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ କେହି ବି ଗୋଟିଏ ବିଚାରଧାରକୁ ଅନ୍ୟ ଉପରେ ଲଦିଦେବାକୁ ଚେଷ୍ଟା କରନ୍ତି ନାହିଁ।

-devduttofficial@gmail.com

# ଗୁରୁ ଚିର ନମସ୍ୟ



ଡ. ହିମାଂଶୁ ବାରିକ

ଦେଶର ଅଗଣିତ ଶିଶୁମାନଙ୍କୁ ଶିକ୍ଷାଦାନ କରି ଜଣେ ସୁନାଗରିକ କରିବାରେ ଗୁରୁମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମାଜରେ ଯଥେଷ୍ଟ ଉପରେ ରହିଛି। ଆମ ପୁଣ୍ୟ ଭୂମି ଭାରତବର୍ଷରେ ଗୁରୁଙ୍କର ମହତ୍ତ୍ୱ ଅସୀମ। ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଗୁରୁକୁଳରେ ଗୁରୁ ଶିଷ୍ୟଙ୍କ ସମ୍ପର୍କ ଯଥେଷ୍ଟ ଉନ୍ନତ ଥିଲା। ଛାତ୍ରୀଛାତ୍ରମାନଙ୍କୁ ନୈତିକ ଶିକ୍ଷା, ବୈଷୟିକ ଶିକ୍ଷା, କର୍ମଭିତ୍ତିକ ଶିକ୍ଷା, ଚରିତ୍ର ଗଠନ ଶିକ୍ଷା, ସର୍ବୋପରି ସ୍ୱାବଲମ୍ବୀ ହେବାର ପ୍ରଧାନ ଲକ୍ଷ୍ୟ ଥିଲା। ସେଥିପାଇଁ ତ ଯୁଗେ ଯୁଗେ ଭାରତକୁ ବିଶ୍ୱଗୁରୁ ଆଖ୍ୟା ଦିଆଯାଇଛି। ଆମ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯେତେପ୍ରକାର ଉତ୍ସବ ପର୍ବପର୍ବାଣି ପାଳନ କରାଯାଉଛି ସେଥିରେ ଗୁରୁ ପୂଜନ ଅନ୍ୟତମ। ଗୁରୁ ବିନା ଶିକ୍ଷା ଅସମ୍ପୂର୍ଣ୍ଣ ବୋଲି କୁହାଯାଇଥାଏ। 'ଗୁରୁ' ଶବ୍ଦର ଅର୍ଥ ହେଲା 'ଗୁ' କହିଲେ ଅନ୍ଧକାର 'ରୁ'ର ଅର୍ଥ ଅନ୍ଧକାର ନିରୋଧକ ଜ୍ୟୋତି ବା ଆଲୋକ ଅର୍ଥାତ୍ ଯିଏ ଅନ୍ଧକାର ଦୂରେଇ ଶିଷ୍ୟର ଅନ୍ତରର ଜ୍ଞାନ ଭାବର ଆଲୋକ ଜଳାଇ ସ୍ୱତନ୍ତ୍ର ଉତ୍ତମ ମାର୍ଗ ପ୍ରଦର୍ଶନ କରନ୍ତି ସେ ହିଁ ପ୍ରକୃତରେ ଗୁରୁ ପଦବାଚ୍ୟ। ଏହି ପୁଣ୍ୟ ଭୂମିରେ କେତେ କେତେ ମହାନ୍ ଗୁରୁ- ଲବକୁଶଙ୍କ ଗୁରୁ ବାଲ୍ମୀକ, ଏକଲବ୍ୟଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ, ଛତ୍ରପତି ଶିବାଜୀଙ୍କ ଗୁରୁ ରାମଦାସ, ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ରାମକୃଷ୍ଣ ପରମହଂସ ଏପରି ମହାନ୍ ଗୁରୁ ଶିଷ୍ୟର ପରମ୍ପରା ଭାରତବର୍ଷରେ ରହିଛି। ଏଠାରେ କେତେ କେତେ ମହାନ୍ ଗୁରୁ ନିଜର ଦିଗ୍‌ଦର୍ଶନ ସମାଜକୁ ଦେଇ ଶ୍ରେଷ୍ଠ ଛାତ୍ରୀଛାତ୍ର ଗଠନ କରି ଆମ ସମାଜର ମଙ୍ଗଳ ସାଧନ କରିଯାଇଛନ୍ତି। ଗୁରୁମାନଙ୍କୁ ସମ୍ମାନ ଜଣାଇ ଏହି କବିତାର ଅର୍ଘ୍ୟ ହେଲା- ''ଅନ୍ଧାରରୁ ତୁମେ ଆଲୋକ ଦିଗକୁ ଦେଖେଇଲ ପଥ ମତେ/ ତମ ଆଶୀର୍ବାଦ ମୋ ସାଙ୍ଗରେ ଥିଲେ ଚଢ଼ିବି ପାହାଚ କେତେ''। ଭଗବାନ କୃଷ୍ଣଙ୍କୁ ଅର୍ଜୁନ ପ୍ରକୃତ ବନ୍ଧୁ ଓ ଗୁରୁ ଭାବରେ ଗ୍ରହଣ କରିଥିଲେ। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଅର୍ଜୁନ ତମେ ଗୁରୁ ଗ୍ରହଣ ନ କଲେ ତୁମକୁ ସଦ୍‌ଜ୍ଞାନ ପ୍ରାପ୍ତ ହେବ ନାହିଁ। ''ଗୁରୁ ନ କଲେ ଅରଜୁନ, କାହିଁ ପାଇବୁ ସଦ୍‌ଜ୍ଞାନ।''

ଆଜିର ଏ ପବିତ୍ର ଗୁରୁଦିବସରେ ଭକ୍ତି ଭାବ ରୂପକ ସମସ୍ତ ଗୁରୁଙ୍କ ପୟରରେ ବନ୍ଦନା କରିବା ଉଚିତ। ଗୁରୁଙ୍କୁ ଭକ୍ତି ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରି ଯଥୋଚିତ ସମ୍ମାନ ଦେବା ଫଳରେ ତାଙ୍କର ଅପାର କୃପା ମିଳିଥାଏ। ଜଣେ ସଦ୍‌ଗୁରୁ କେବେ ବି ଛାତ୍ରୀଛାତ୍ରଙ୍କ ଜୀବନରେ କୌଣସି ବାଧାବିଘ୍ନ ଆସିବାକୁ ଦିଅନ୍ତି ନାହିଁ। ସର୍ବଦା ଶିଷ୍ୟମାନଙ୍କର ମଙ୍ଗଳ ସାଧନ କରିବା ଏକାନ୍ତକାମ୍ୟ। ପ୍ରତ୍ୟେକ ଗୁରୁ ତାହା ହିଁ ପାଳନ କରି ନିଜର ସମସ୍ତ ଜ୍ଞାନ ଗରିମା ଆଶୀର୍ବାଦ ଶିଷ୍ୟଙ୍କ ପାଖରେ ଢାଳି ଦେଇଥାନ୍ତି। ଗୁରୁଙ୍କ ଆଶୀର୍ବାଦରେ ଅସମ୍ଭବ ହିଁ ସମ୍ଭବ ହୋଇଥାଏ। ଏଣୁ ଗୁରୁ ହିଁ ପ୍ରତ୍ୟେକ ଶିଷ୍ୟର ଆଦରର ପାତ୍ର। ଏହିପରି ଜଣେ ମହାନ୍ ଛାତ୍ରବତ୍ସଳ ଗୁରୁ ହେଲେ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଯିଏ କି ବିଶ୍ୱର ସର୍ବଶ୍ରେଷ୍ଠ ଗୁରୁ। ତାଙ୍କରି ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ସର୍ବତ୍ର ଗୁରୁଦିବସ ରୂପେ ପାଳନ କରାଯାଉଛି। ଡ. ରାଧାକ୍ରିଷ୍ଣନଙ୍କ ଛାତ୍ରବତ୍ସଳ ମନୋଭାବ, ଆଦର୍ଶ, ଛାତ୍ରୀଛାତ୍ରମାନଙ୍କୁ ଭଲ ପାଇବାର ନିଚ୍ଛକ ଗୁଣ ହିଁ ତାଙ୍କୁ ରାଷ୍ଟ୍ରପତି ରୂପେ ଯେତିକି ଖ୍ୟାତି ଦେଇ ନ ଥିଲା, ଜଣେ ବିଦ୍ୱାନ୍ ଦାର୍ଶନିକ ଗୁରୁ ରୂପେ ସାରା ବିଶ୍ୱରେ ପରିଚିତ କରାଇଥିଲା। ଭାରତ ମାଟି କାହିଁକି ସାରା ବିଶ୍ୱରେ ତାଙ୍କୁ ଶ୍ରେଷ୍ଠ ଗୁରୁ ଆଖ୍ୟା ଦିଆଯାଉଛି।

ଗୁରୁଙ୍କ ପାଖରେ ଦୟା, କ୍ଷମା, ସହନଶୀଳତା, ଧୈର୍ଯ୍ୟ, ଶୃଙ୍ଖଳାଜ୍ଞାନ, ସମୟାନୁବର୍ତ୍ତିତା, ସ୍ନେହ, ପ୍ରେମ ମମତାର ବନ୍ଧନ ଡୋରି ଓ ଜ୍ଞାନର ଭଣ୍ଡାର ପୂରି ରହିଥାଏ। ଗୁରୁମାନେ ଅନ୍ଧକାରକୁ ଭେଦ କରି ନିଜର ଜ୍ଞାନରେଣୁ ବଳରେ ପ୍ରତ୍ୟେକ ଶିଷ୍ୟଙ୍କୁ ନିଜର ଜ୍ଞାନ ଚକ୍ଷୁରୁ କିଛି ଜ୍ଞାନ ବିତରଣ କରିଥାନ୍ତି। ଏକ ସୁନ୍ଦର ସମାଜ ଗଠନରେ ଆଦର୍ଶ, ମହାନତା, ଦାୟିତ୍ୱବାନ୍ ଓ କର୍ତ୍ତବ୍ୟବୋଧ ଛାତ୍ରୀଛାତ୍ର ତିଆରି କରିବାରେ ଗୁରୁମାନେ ସର୍ବଦା ପ୍ରୟାସ ଜାରିରଖିଥାନ୍ତି। ଗୁରୁ ହିଁ ସଦ୍‌ମାର୍ଗର ପଥିକ। ଗୁରୁଭକ୍ତି ଦ୍ୱାରା ହିଁ ଶ୍ରେଷ୍ଠତ୍ୱ ଲାଭ ମିଳିଥାଏ। ସୁତରାଂ ଗୁରୁଙ୍କ ପଥାନୁସରଣ ସର୍ବଦା କରିବା ଉଚିତ।

**ଅଧ୍ୟକ୍ଷ, ମାକାସେ ବିଏଡ୍ କଲେଜ,**
**ମୁର୍ଶିଦାବାଦ, ପଶ୍ଚିମବଙ୍ଗ**
**ମୋ: ୯୦୬୪୬୬୬୯୧୪**

## ଏଇ ଭାରତରେ

ଆଇଆଇଟି ମୁମ୍ବାଇର ଦୁଇ ବନ୍ଧୁ ଅମିତ କୁମାର ଏବଂ ଅଭୟ ସିଂ ବିନା ମାଟିରେ ପରିବେଶ ଉପଯୋଗୀ ତଥା ପାରମ୍ପରିକ ପଦ୍ଧତି(ହାଇଡ୍ରୋପୋନିକ)ରେ ୮୦ ପ୍ରତିଶତ ପାଣି ବଞ୍ଚାଇ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି । ଅନ୍ୟ ପଦ୍ଧତି ତୁଳନାରେ ଏଥିରେ ଚାଷ ଖୁବ୍ ଶୀଘ୍ର ହୋଇପାରୁଛି। ସେମାନେ ପରିବେଶ ସହନୀୟ ଷ୍ଟାର୍ଟଅପ 'ଏକି ଫୁଡ' ମାଧ୍ୟମରେ ଏହି ଚାଷ କରୁଛନ୍ତି। ଏକି ଜାପାନିଜ୍ ବିଶ୍ୱାସ ଏକିଗାଇରୁ ଆସିଛି, ଯାହାର ଅର୍ଥ ହେଉଛି ସୁସ୍ଥ ଜୀବନଶୈଳୀ ଓ ଲକ୍ଷ୍ୟପୂର୍ଣ୍ଣ ଜୀବନ ଏବଂ ଏହି ଉଦ୍ଦେଶ୍ୟ ନେଇ ସେମାନେ ଚାଷ ଜାରି ରଖିଛନ୍ତି। ଏହି ଦୁଇ ବନ୍ଧୁ ହରିୟାଣାର ପାନିପଥରେ ହାଇଡ୍ରୋପୋନିକ ଉପାୟରେ ୭ ଏକର ଜମିରେ ଏଭଳି ଚାଷ କରୁଛନ୍ତି ଓ ଆଉ ୩୩ ଏକରରେ ଚାଷ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସେମାନେ ଟମାଟୋ, କାକୁଡ଼ି, ଲଙ୍କା, ଗୋଲମରିଚ, ପୋଇ, ଲାଉ, କଲରା, ଧନିଆ ସହ ତରଭୁଜ ଓ ଫୁଟି ଆଦି ଉତ୍ପାଦନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ସେପ୍ଟେମ୍ବର ୧୯୭୫

- କର୍ନାଟକ ଅନ୍ତର୍ଗତ ଧରଓ୍ୱର ଜିଲାର ୧୧ଟି ସମ୍ବାଦପତ୍ର ଓ ପତ୍ରିକାର ପ୍ରକାଶନ ଉପରେ ଜିଲା ମାଜିଷ୍ଟ୍ରେଟ ନିଷେଧାଦେଶ ଜାରି କରିଛନ୍ତି।
- ବିହାରର ବହୁ ଅଞ୍ଚଳ ଓ ବିଶେଷକରି ରାଜଧାନୀ ପାଟନା ଅଞ୍ଚଳରେ ହୋଇଥିବା ନାହିଁ ନଥିବା ବନ୍ୟା ଫଳରେ ପ୍ରାୟ ୫ ଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ଏକ ପାର୍ଲାମେଣ୍ଟାରୀ ସମୀକ୍ଷାରୁ ପ୍ରକାଶ।
- ସିନ୍ଧୁ ପ୍ରଦେଶରେ ପ୍ରବଳ ବନ୍ୟା ଫଳରେ ୧୪ ଜଣ ପ୍ରାଣ ହରାଇଥିବା ନେଇ ସରକାରୀ ଭାବେ ଘୋଷଣା କରାଯାଇଛି।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 9 | | 5 | | |
| 1 | | | | | | | | 3 |
| | | | 8 | | | | 4 | |
| | | | | 6 | 1 | | 3 | |
| | | | | 7 | 8 | 4 | | |
| | 1 | | 3 | | | | | 7 |
| | | 5 | | 2 | | | | |
| | | 6 | | | | 8 | 7 | |
| | 4 | | | | 7 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 3 | 7 | 6 | 9 | 8 | 4 | 1 |
| 7 | 1 | 8 | 2 | 4 | 3 | 5 | 9 | 6 |
| 4 | 6 | 9 | 1 | 5 | 8 | 3 | 2 | 7 |
| 2 | 8 | 4 | 6 | 1 | 7 | 9 | 5 | 3 |
| 9 | 7 | 5 | 3 | 8 | 4 | 6 | 1 | 2 |
| 6 | 3 | 1 | 5 | 9 | 2 | 4 | 7 | 8 |
| 8 | 4 | 6 | 9 | 2 | 1 | 7 | 3 | 5 |
| 3 | 5 | 2 | 4 | 7 | 6 | 1 | 8 | 9 |
| 1 | 9 | 7 | 8 | 3 | 5 | 2 | 6 | 4 |

ଗତକାଲିର ଉତ୍ତର

# ଗାନ୍ଧିଜୀଙ୍କ ଅନୁସୃତ ଚିକିତ୍ସା ପଦ୍ଧତି



ଡା. ଗୋପାଳ ଚନ୍ଦ୍ର ଦାଶ

ମନୁଷ୍ୟ ଶରୀର ପଞ୍ଚଭୂତରୁ ସୃଷ୍ଟି। ସେଗୁଡ଼ିକ ହେଉଛି- ଅଗ୍ନି, ବାୟୁ, ଜଳ, ଆକାଶ ଓ ପୃଥିବୀ। ତେଣୁ ମାଟି, ପାଣି, ବାୟୁ, ଆଲୋକ ଓ ଉତ୍ତାପ ଆଦିର ପ୍ରୟୋଗ ମାଧ୍ୟମରେ ଉପଚାର ବିଜ୍ଞାନସମ୍ମତ। ଜାତିର ଜନକ ମହାତ୍ମା ଗାନ୍ଧୀ ପ୍ରାକୃତିକ ଉପାୟରେ ରୋଗର ଚିକିତ୍ସା କରୁଥିଲେ। ତାଙ୍କ ଦ୍ୱାରା ଅନୁସୃତ ପ୍ରାକୃତିକ ଚିକିତ୍ସା ପଦ୍ଧତି ଓ ଅନୁଭୂତିକୁ 'କି ଅଫ୍ ହେଲ୍‌ଥ' ପୁସ୍ତକରେ ବିଶଦ୍ ଭାବରେ ସେ ବର୍ଣ୍ଣନା କରିଛନ୍ତି।

ମନୁଷ୍ୟ ଶରୀରର ଶତକଡ଼ା ୯୦ ଭାଗ ଜଳ। ଗାନ୍ଧିଜୀ ଜଳ ଦ୍ୱାରା ମୁଣ୍ଡବିନ୍ଧା, ନିଦ୍ରାହୀନତା, ବଦହଜମି, କୋଷ୍ଠକାଠିନ୍ୟ, ଆଣ୍ଠୁଗଣ୍ଠି ବାତ, ନିମୋନିଆ ଓ ଟାଇଫଏଡ୍ ଜ୍ୱରର ଚିକିତ୍ସା କରୁଥିଲେ। ସେଥିପାଇଁ ସେ ଉଭୟ ଥଣ୍ଡା ଓ ଗରମ ଜଳର ପ୍ରୟୋଗ କରୁଥିଲେ। ଜ୍ୱର, ମୁଣ୍ଡବିନ୍ଧା ଓ ନିଦ୍ରାହୀନତାର ଉପଚାର ପାଇଁ ଥଣ୍ଡା ପାଣିରେ ଭିଜା ଗାମୁଛାକୁ ମୁଣ୍ଡରେ ବାନ୍ଧି ଦେଉଥିଲେ। କୋଷ୍ଠକାଠିନ୍ୟ ଓ ବଦହଜମି ପାଇଁ ରୋଗୀକୁ କଟିସ୍ନାନ କରାଉଥିଲେ। ଏକ ବଡ଼ ମାଠିଆରେ ପାଣିକୁ ରାତିସାରା ରଖି ଥଣ୍ଡା କରୁଥିଲେ। ସକାଳୁ ଏକ ବଡ଼ ପାତ୍ରରେ ଏହି ଥଣ୍ଡା ପାଣିକୁ ଭରି ରୋଗୀକୁ ୧୫ରୁ ୩୦ ମିନିଟ ଯାଏ ନାଭି ପର୍ଯ୍ୟନ୍ତ ବୁଡ଼ାଇ ବସାଉଥିଲେ। ଏକ ଛୋଟ ତଉଲିଆ ଦ୍ୱାରା ତଳିପେଟକୁ ଘଷୁଥିଲେ। ନିଜର ଅନୁଭୂତିକୁ ବର୍ଣ୍ଣନା କରି ଗାନ୍ଧିଜୀ କହିଛନ୍ତି, ଥରେ ତାଙ୍କର ଦ୍ୱିତୀୟ ପୁତ୍ର ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହେବା ଦ୍ୱାରା ଶରୀରର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଲା। ଗାନ୍ଧିଜୀ ଏକ କମ୍ବଳକୁ ଥଣ୍ଡା ପାଣିରେ ଭିଜାଇ ନିଜ ପୁଅ ଶରୀରରେ ୨-୩ ପରସ୍ତ ଗୁଡ଼ାଇ ଶୁଆଇ ରଖିଥିଲେ। ଏହାଦ୍ୱାରା ଶରୀରର ତାପମାତ୍ରା କିଛି ସମୟ ପରେ ଅପସରି ଯାଉଥିଲା। ଏହିପରି ଭାବରେ ୫-୬ ଦିନ ଚିକିତ୍ସା କରିବା ଦ୍ୱାରା ଜ୍ୱର ପୁନର୍ବାର ଆସି ନ ଥିଲା। କୌଣସି ଡାକ୍ତରୀ ଔଷଧ ସେବନ ବିନା ଟାଇଫଏଡ୍ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା। ଅଗିଆବାତ, ଘିମିରି, ମିଳିମିଳା ଓ ବସନ୍ତ ଆଦି ରୋଗର ଉପଚାର ପାଇଁ ଚର୍ମ ଉପରେ ଥଣ୍ଡା ପାଣିର ପଟି ପକାଉଥିଲେ। ଗୋଡ଼ର ମାଂସପେଶୀ ଦରଜ ହେଉଥିଲେ ଥଣ୍ଡା ବରଫ ଘଷୁଥିଲେ। ଗରମ ପାଣି ଓ ବାମ୍ଫର ପ୍ରୟୋଗ ଦ୍ୱାରା ଥଣ୍ଡାଜ୍ୱର, ଗଳାବଥା, କାନବିନ୍ଧା ଓ ରୁମାଟିଜମ୍ ଆଦି ରୋଗର ଚିକିତ୍ସା କରୁଥିଲେ। ଅଧ ବାଲ୍ଟି ଉଷୁମ ପାଣିରେ ସୋରିଷ ଗୁଣ୍ଡ ପକାଇ ଗୋଡ଼କୁ ଆଣ୍ଠୁ ପର୍ଯ୍ୟନ୍ତ ୧୦-୧୫ ମିନିଟ୍ ବୁଡ଼ାଇ ରଖିବା ଦ୍ୱାରା ଗୋଡ଼ବିନ୍ଧାରୁ ଉପଶମ ମିଳୁଥିଲା। ସାଇନୋସାଇଟିସ୍ ପାଇଁ ଷ୍ଟିମ୍, ଗଳା ଦରଜ ଓ ମୁଖଗହ୍ୱରର ଦୁର୍ଗନ୍ଧ ଦୂର କରିବା ପାଇଁ ଉଷୁମ ଲୁଣ ପାଣିରେ କୁଳୁକୁଞ୍ଚା କରାଉଥିଲେ। ବିଛା କାମୁଡ଼ା ସ୍ଥାନକୁ ଉଷୁମ ପାଣିରେ ବୁଡ଼ାଇ ରଖିବା ଦ୍ୱାରା ଯନ୍ତ୍ରଣାର ଉପଶମ ହେଉଥିଲା। ଲୁଗାକୁ ଗରମ ପାଣିରେ ଭିଜାଇ ଶରୀରରେ ଗୁଡ଼ାଇ ଅପସ୍ମାର ରୋଗର ଚିକିତ୍ସା କରୁଥିଲେ। ରୁମାଟିଜମ୍ ରୋଗର ଚିକିତ୍ସା ଷ୍ଟିମ୍-ବାଥ୍ ଦ୍ୱାରା କରାଯାଉଥିଲା। ରୋଗୀକୁ ଖୋଲା ଦେହରେ ଏକ ଦଉଡ଼ି ଖଟିଆ ଉପରେ ଶୁଆଇଦେଇ ତଳୁ ଗରମ ବାମ୍ଫ ପ୍ରୟୋଗ କରୁଥିଲେ। ରୋଗୀର ଦେହରୁ ଝାଳ ବୋହିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରଖୁଥିଲେ।

ଆମ ଶାସ୍ତ୍ରରେ ମାଟିକୁ ମାଆର ମାନ୍ୟତା ପ୍ରଦାନ କରାଯାଇଛି। ମାଆ ସନ୍ତାନର



ସେବା କରିବା ପରି ମାଟି ଦ୍ୱାରା ଗାନ୍ଧିଜୀ କୋଷ୍ଠକାଠିନ୍ୟତା, ବିଭିନ୍ନ ପ୍ରକାର ଜ୍ୱର, ବଥ ଓ ବିରୁଡ଼ି ଦଂଶନରୁ ହେଉଥିବା ଯନ୍ତ୍ରଣାର ଉପଚାର କରୁଥିଲେ। ବିଭିନ୍ନ ଜ୍ୱର ଓ ମୁଣ୍ଡବିନ୍ଧା ପାଇଁ ଶରୀର ଓ ମୁଣ୍ଡରେ ମାଟିର ଲେପ ଦେଉଥିଲେ। ସାପକାମୁଡାର ଉପଚାର ପାଇଁ ସମଗ୍ର ଶରୀରକୁ ଓଦା ମାଟିରେ ଘୋଡ଼ାଇ ଦେଉଥିଲେ। ଗାନ୍ଧିଜୀଙ୍କ ସେବାଗ୍ରାମ ଆଶ୍ରମରେ ବିଛା କାମୁଡ଼ା ଏକ ନିତିଦିନିଆ ଘଟଣା ଥିଲା। ବିଛା କାମୁଡ଼ା ଜାଗାରେ ମାଟିର ଲେପ ପ୍ରଦାନ ଦ୍ୱାରା ଯନ୍ତ୍ରଣାର ଉପଶମ ହେଉଥିଲା। ତାଙ୍କ ମତରେ ମାଟି ଖାଇଲେ ତାହା ହଜମ ହୋଇ ନ ଥାଏ। ତେଣୁ ଏହା ତନ୍ତୁ ଭଳି କାମ କରିଥାଏ। ଶୁଦ୍ଧ ମାଟି ସେବନ ଦ୍ୱାରା କୋଷ୍ଠକାଠିନ୍ୟତା ଦୂର ହୋଇଥାଏ।

ଗାନ୍ଧିଜୀଙ୍କ ଭାଷାରେ ଆକାଶର ଅର୍ଥ ମନୁଷ୍ୟ ଚତୁପାର୍ଶ୍ୱରେ ଥିବା ଖାଲି ସ୍ଥାନ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆକାଶର ଅର୍ଥ ଖୋଲା ପରିବେଶ। ସୁସ୍ଥ ଜୀବନଯାପନ କରିବାକୁ ହେଲେ ମନୁଷ୍ୟ ଶରୀର ଓ ଆକାଶ ମଧ୍ୟରେ କୌଣସି ପ୍ରତିବନ୍ଧକ ରହିବା ଅନାବଶ୍ୟକ। ଏପରିକି ଘରର କାନ୍ଥ, ଘରର ଛାତ ଓ ପିନ୍ଧିଥିବା ପୋଷାକ ଯେପରି ପ୍ରତିବନ୍ଧକ ନ ହୁଏ ସେଥିପ୍ରତି ଦୃଷ୍ଟିଦେବା ଦରକାର। କୋଳାହଳମୟ ଜନବସତିଠାରୁ ଦୂରରେ ରହି ମୁକ୍ତ ବାୟୁ ଚଳାଚଳ ହେଉଥିବା ସ୍ଥାନରେ ବସବାସ ଦ୍ୱାରା ସୁସ୍ଥ ଓ ନୀରୋଗ ଜୀବନ ମିଳିଥାଏ। ଘର ଭିତରେ ବିଭିନ୍ନ ପ୍ରକାର ସାଜସଜ୍ଜା ଉପକରଣ, ଫର୍ନିଚର ଓ ଆବଶ୍ୟକତାଠାରୁ ଅଧିକ ପଦାର୍ଥ ନ ରଖିବା ପାଇଁ ସେ ପରାମର୍ଶ ଦେଉଥିଲେ। ଏଗୁଡ଼ିକ ଦ୍ୱାରା ଘର ମଧ୍ୟରେ ଖୋଲା ସ୍ଥାନର ଅଭାବ ଘଟିଥାଏ। ଏହା ବ୍ୟତୀତ ଫର୍ନିଚର ଗାଲିଚା ଓ ଅନ୍ୟାନ୍ୟ ସାଜସଜ୍ଜା ଉପକରଣ ଧୂଳିକୁ ଆମନ୍ତ୍ରଣ କରିବା ସହିତ ବିଭିନ୍ନ କୀଟ ଓ ଜୀବାଣୁଙ୍କର ବାସସ୍ଥାନ ପାଲଟିଥାଏ। ଲଜ୍ଜା ନିବାରଣ ନିମନ୍ତେ ଶରୀରକୁ ଢାଙ୍କିବା ପାଇଁ ଯେତିକି ପରିମାଣର ପୋଷାକ ଆବଶ୍ୟକ ତାହା ପିନ୍ଧିବା ଦରକାର। ସକାଳର ସୂର୍ଯ୍ୟକିରଣରେ ଖାଲି ଦେହରେ ରହିବା ଦ୍ୱାରା ଶରୀରରେ ଭିଟାମିନ୍-ଡି ସୃଷ୍ଟି ହୋଇଥାଏ। ଏହା ଶରୀରରୁ ଆଳସ୍ୟ ଓ ମନରୁ ଅବସାଦ ଦୂର କରିଥାଏ। ପୁରାଣରେ କଥିତ ଅଛି ଯେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଅର୍କକ୍ଷେତ୍ରରେ ସୂର୍ଯ୍ୟସ୍ନାନ ଦ୍ୱାରା କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିଲେ। ମନୁଷ୍ୟ ନିଜ ଶରୀରକୁ ମୁକ୍ତ ପରିବେଶ ସହିତ ଯେତେ ଖୋଲା ରଖିବ ସେତେ ସୁସ୍ଥ ରହିବ। ଖୋଲା ଆକାଶ ତଳେ ଶୋଇରହି ମିଞ୍ଜି ମିଞ୍ଜି ତାରାଗୁଡ଼ିକୁ ଦେଖି ଦେଖି ଯେଉଁ ସୁନିଦ୍ରା ଆସେ, ତାହା ଶରୀରର କ୍ଳାନ୍ତି ମେଣ୍ଟାଇବା ସହିତ ମନ ଓ ଦେହକୁ ସୁସ୍ଥ ରଖେ। ଗାନ୍ଧିଜୀଙ୍କ ଭାଷାରେ ''He who establish contact with infinite possess nothing and yet possess everything''।

ଶୁଦ୍ଧ ବାୟୁ ବିନା ମନୁଷ୍ୟ କ୍ଷଣେ ମଧ୍ୟ ବଞ୍ଚି ରହିବା ଅସମ୍ଭବ। ନୀରୋଗ ଶରୀର ପାଇଁ ଶୁଦ୍ଧ ବାୟୁ ଏକାନ୍ତ ଆବଶ୍ୟକ। ସେଥିପାଇଁ ଖୋଲା ଜାଗାରେ ଘର କରିବା ସହିତ ଘର ମଧ୍ୟରେ ମୁକ୍ତବାୟୁ ଚଳାଚଳ ହେବା ଆବଶ୍ୟକ। ନିୟମିତ ଭାବରେ ନାକକୁ ସଫା କରି ପାଟି ବନ୍ଦ କରି ନାକବାଟେ ନିଃଶ୍ୱାସ ନେବା ଦରକାର। ଛାତି ଫୁଲାଇ ନିଃଶ୍ୱାସ ନେବା ଦ୍ୱାରା ଶରୀରକୁ ଊର୍ଦ୍ଧ୍ୱ ବାୟୁ ପ୍ରବେଶ କରିଥାଏ। ଗୁରୁପାକ ଭୋଜନଠାରୁ ଦୂରେଇ ରହି ନିୟମିତ ଉପବାସ ଦ୍ୱାରା ଶରୀରରେ ପାଚନ ଶକ୍ତି ବୃଦ୍ଧି ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥାଏ ।

ଧୈର୍ଯ୍ୟର ସହିତ ପ୍ରାକୃତିକ ପଦ୍ଧତିରେ ରୋଗର ଉପଚାର କଲେ ଯେଉଁ ସୁଫଳ ମିଳିଥାଏ ତାହା ଆଧୁନିକ ଚିକିତ୍ସା ପ୍ରଣାଳୀରୁ ମିଳେ ନାହିଁ। ଆଧୁନିକ ଚିକିତ୍ସା ପ୍ରଣାଳୀ ବ୍ୟୟବହୁଳ ଓ ପାର୍ଶ୍ୱ ପ୍ରତିକ୍ରିୟାପୂର୍ଣ୍ଣ। ତେଣୁ ପ୍ରାଚୀନ ଭାରତର ଆୟୁର୍ବେଦରେ ବର୍ଣ୍ଣନା କରାଯାଇଥିବା ବିଭିନ୍ନ ପ୍ରାକୃତିକ ଚିକିତ୍ସା ପଦ୍ଧତି ତଥା ଦିନଚର୍ଯ୍ୟାକୁ ମାନି ଚଳିବା ଫଳରେ ମନୁଷ୍ୟ ସୁସ୍ଥ ଓ ନୀରୋଗ ଜୀବନ ଅତିବାହିତ କରିପାରିବ।

ମୋ: ୭୮୪୮୮୫୦୯୫୦

## ଚିରନ୍ତନୀ

ଅନ୍ଧକାରେ
ମୋ ପାଶେ ବସି
ଗାଇଲ କିଏ ଗୀତ
ସ୍କନ୍ଧେ ରଖି ପରଶ-ନବନୀତ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୁଭଦ୍ରା ଯୋଜନାରେ ବୟସ ତାରତମ୍ୟ ରଖା ନ ଯାଉ

ମହାଶୟ,

ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏଥିରେ ଯୋଗ୍ୟତା ପାଇଁ ମହିଳାଙ୍କ ବୟସ ତାରତମ୍ୟ ରଖାଯାଇଛି। ଏହାଦ୍ୱାରା ବୟସ ଭିତ୍ତିରେ ଅଯୋଗ୍ୟ ହେଉଥିବା ମହିଳାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବ ସହ ସେମାନଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିବ। ଏହି ପରିପ୍ରେକ୍ଷୀରେ କୌଣସି ବୟସ ତାରତମ୍ୟ ରଖା ନ ଯାଉ। ସବୁ ବୟସ ବର୍ଗର ମହିଳା କିଭଳି ଏହି ଯୋଜନାରେ ଉପକୃତ ହେବେ ସରକାର ସେଥିପ୍ରତି ଦୃଷ୍ଟି ହେବା ଦରକାର।

**-କୃଷ୍ଣ ପ୍ରସାଦ ଘୋଷ, ବରିଷ୍ଠ ନାଗରିକ, ବରାଳ ପୋଖରୀ, ଚରନ୍ଦ୍ରା, ଭଦ୍ରକ**

ସେପ୍ଟେମ୍ବର ୪ ତାରିଖରେ ପ୍ରକାଶିତ 'ମହିଳା ବିରୋଧୀ ଭାବନା' ଶୀର୍ଷକ ସମ୍ପାଦକୀୟରେ ଆମେରିକାର ଟୁଇନ ଟାୱାର ଓ ପେଣ୍ଟାଗନ୍ ଉପରେ ଆକ୍ରମଣ ୧୧ ସେପ୍ଟେମ୍ବର ୨୦୦୧ ପରିବର୍ତ୍ତେ ଭୁଲ୍‌ବଶତଃ ୨୦୨୧ ପ୍ରକାଶ ପାଇଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।
-ସମ୍ପାଦକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକ୍ଷକରୁ ମୁଖ୍ୟମନ୍ତ୍ରୀ

ସମୟଟି ଥିଲା ପ୍ରାୟ ୧୯୯୩ ମସିହାର କଥା। ସଦ୍ୟ କଲେଜରୁ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି ମୋହନ, ମନରେ ଅସରନ୍ତି ଆଶା, କିଛି ଗୋଟାଏ କରିବେ। କାରଣ ଘରର ପରିସ୍ଥିତି ଯାହା, ସେଥିରେ ବାପାଙ୍କ ଉପରେ ବୋଝ ନ ହେବାକୁ ମନେ ମନେ ସ୍ଥିର କରିଥାଆନ୍ତି। ଯେପରି ହେଉ ବାପାଙ୍କୁ ଘର ଖର୍ଚ୍ଚରେ 'ସେତୁବନ୍ଧରେ ଗୁଣ୍ଡୁଚି' ଭଳି ଟିକିଏ ସାହାଯ୍ୟ କରିବେ। ତେବେ କିଏ ଏହି ମୋହନ? କାହିଁକି ତାଙ୍କ ସମ୍ପର୍କରେ ଏହି ଚର୍ଚ୍ଚା! ସେକଥା ଜାଣିବା ପୂର୍ବରୁ ପ୍ରଥମେ ଆସନ୍ତୁ ଜାଣିନେବା ତାଙ୍କ ସମ୍ପର୍କରେ ଆଉ କିଛି ତଥ୍ୟ।

କାମ ଖୋଜୁଥିବା ମୋହନଙ୍କୁ ମିଳିଗଲା ଜଣେ ଶିକ୍ଷକର ଚାକିରି। କେନ୍ଦୁଝର ଜିଲା ଝୁମ୍ପୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରାଥମିକ ଗୁରୁଜୀଙ୍କ ଚାକିରି। ଆଉ ଦରମା ଥିଲା ମାସିକ ୩ ଶହ ଟଙ୍କା ମାତ୍ର। ଏତିକି ଟଙ୍କାରେ ଜଣେ କେମିତି ଚଳୁଥିବ, ଥରେ ଚିନ୍ତାକଲେ ଦେଖି! ଆଜ୍ଞା ହଁ, ସେ ହେଉଛନ୍ତି ଆଜି ଆମ ରାଜ୍ୟରେ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଆଖ୍ୟା ପାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବାଲ୍ୟକାଳରୁ ପ୍ରତିକୂଳ ପରିସ୍ଥିତି ସହ ସଂଘର୍ଷକରି ବଡ଼ ହୋଇଥିବା ମୋହନ ବାସ୍ତବରେ ସମବୟସ୍କ ସହପାଠୀମାନଙ୍କ ପାଇଁ ଥିଲେ ଜଣେ ବନ୍ଧୁ ଓ ପଥ ପ୍ରଦର୍ଶକ। ଯଦି କେବେ କେହି ରୋଗରେ ପଡୁଥିଲେ, ଲୋଡ଼ା ହେଉଥିଲେ ମୋହନ। ଯଦି କେହି ପାଠ ବୁଝିପାରୁ ନ ଥିଲେ, ଲୋଡ଼ା ହେଉଥିଲେ ମୋହନ, ଆଉ ଯଦି କାହାରି ଘରେ ଭୁଲ୍ ବୁଝାମଣାରୁ କଳି ଲାଗୁଥିଲା, ସମାଧାନ ପାଇଁ ଯିଏ ଆଗକୁ ବାହାରୁଥିଲେ, ସେ ହେଉଛନ୍ତି ମୋହନ, ଆଜିର ମୁଖ୍ୟମନ୍ତ୍ରୀ। ବାସ୍ତବିକ, ନେତୃତ୍ୱ ନେବା ତାଙ୍କ ରକ୍ତରେ ଯେପରି ଭରି ରହିଥିଲା।

ଗୁରୁଜୀ ହେବାର ୬ ମାସ ପୂର୍ବରୁ ସେ ଟ୍ୟୁଶନ କରୁଥିଲେ। ସେଥିରୁ ମାସକୁ ପ୍ରାୟ ଦେଢଶହ ଟଙ୍କା ରୋଜଗାର କରୁଥିଲେ ଓ ସେହି ସ୍ୱଳ୍ପ ଆୟରେ ନିଜକୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିଲେ। ସେହି ସମୟରେ ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାକ୍ଷାତ୍କାର ଜରିଆରେ ଗୁରୁଜୀ ଭାବେ ନିଯୁକ୍ତି ପାଇଲେ। ସକାଳୁ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ଯାଇ ୪ଟା ବେଳକୁ ଛୁଟି ହେବା ପରେ ମଧ୍ୟ ସେ ଘରକୁ ଫେରିପାରୁ ନ ଥିଲେ। କାରଣ ସ୍କୁଲ ଛୁଟି ପରେ କ'ଣ ଦିଇଟା ପାଟିରେ ପକାଇ ସେ ଟ୍ୟୁଶନ ପଢ଼ାଇବାକୁ ପହଞ୍ଚିଯାଉଥିଲେ ପିଲାମାନଙ୍କ ଘରେ। ଏହି ଧାରା ବେଶ୍ କିଛିଦିନ ଧରି ଚାଲିଥିଲା। ପରେ ୧୯୯୭ ମସିହାରେ ସେ ନିଜ ଗ୍ରାମପଞ୍ଚାୟତର ସରପଞ୍ଚ ଭାବରେ ଜିତିବା ପରେ ଶିକ୍ଷାଦାନ ପ୍ରତି ସମୟ ଦେଇପାରି ନ ଥିଲେ। ଶେଷରେ ବାଧହୋଇ ତାଙ୍କୁ ଶିକ୍ଷକତା ଛାଡ଼ିବାକୁ ପଡ଼ିଥିଲା। ସେ ସରପଞ୍ଚ ଭାବେ ମାତ୍ର ୩ ବର୍ଷ ସେବା ପ୍ରଦାନ କରିବା ପରେ ୨୦୦୦ ମସିହାରେ ଭାରତୀୟ ଜନତା ପାର୍ଟିର ଟିକେଟ ପାଇ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ ଓ ଜୟଯୁକ୍ତ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ସମୟରେ ମୋହନ ଥିଲେ ସର୍ବ କନିଷ୍ଠ ବିଧାୟକ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ତେବେ ସେ ସିନା ଶିକ୍ଷକତାକୁ ଛାଡ଼ିଦେଲେ, ହେଲେ ଶିକ୍ଷକତା କ'ଣ ତାଙ୍କୁ ଛାଡ଼ିପାରିଲା? ଆଜି ମଧ୍ୟ ସୁଯୋଗ ପାଇଲେ ସେ ପିଲାଙ୍କୁ ପଢ଼ାଇବା ସୁଯୋଗକୁ କେବେ ହାତଛଡ଼ା କରନ୍ତି ନାହିଁ। ଗାଁରେ ଯେତେବେଳେ ସେ ପ୍ରାଥମିକ ଶ୍ରେଣୀରେ ପଢୁଥିଲେ, ସେତେବେଳେ ତାଙ୍କର ସେଠାରେ ଥିଲେ ଅନେକ ସାଙ୍ଗ। ସେମାନଙ୍କ ମଧ୍ୟରୁ ଆଦିକନ୍ଦ ନାଏକ ହେଉଛନ୍ତି ଜଣେ। ଆଦିକନ୍ଦଙ୍କ କହିବା କଥା, ମୁଁ ରାଇକଳା ପ୍ରାଥମିକ ବିଦ୍ୟାଳୟରେ ୧୯୭୭ରୁ ୧୯୮୪ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ୧ମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ମୋହନଙ୍କ ସହିତ ପାଠ ପଢ଼ିଥିଲି। ଅନ୍ୟ ସାଧାରଣ ପିଲାଙ୍କ ଭଳି ବୋହୂଚୋରି, ଧାଁ ଦୌଡ଼, ଫୁଟ୍‌ବଲ ଇତ୍ୟାଦି ସବୁ ଖେଳୁଥିଲୁ। ଆମେ ପଢ଼ିବା ସମୟରେ ଜଗତମୋହନ ନାଏକ ସାର୍ ମୋହନ ଘରକୁ ଟ୍ୟୁଶନ ପଢ଼ାଇବାକୁ ଆସୁଥିଲେ। ତେବେ ସେ ମୋହନର ଘରୋଇ ଶିକ୍ଷକ ନ ଥିଲେ। ମୋହନର ଘର ଅବସ୍ଥା ମଧ୍ୟ ଘରୋଇ ଟ୍ୟୁଶନ ହେବା ପରି ସେତେଟା ସ୍ୱଚ୍ଛଳ ନ ଥିଲା। ତେବେ ସାର୍ ତାଙ୍କ ଘରକୁ ଆସିବାର କାରଣ ହେଲା, ମୋହନର ଘର ଥିଲା ଗାଆଁର କେନ୍ଦ୍ରସ୍ଥଳରେ। ସମସ୍ତଙ୍କ ଘରଠାରୁ ମଝିଆ ମଝି ସ୍ଥାନରେ ଥିବାରୁ ସେଠାକୁ ଜଗତମୋହନ ସାର୍‌ଙ୍କୁ ଆସିବା ମଧ୍ୟ ସୁବିଧା ହେଉଥିଲା। ଆମେ ମଧ୍ୟ ସେଠାକୁ ପଢ଼ିବାକୁ ଯାଉଥିଲୁ। ମୋହନ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀ ପାଠପଢ଼ା ସାରି ଝୁମ୍ପୁରା ଉଚ୍ଚ ବିଦ୍ୟାଳୟକୁ ୮ମ ଶ୍ରେଣୀରେ ପଢ଼ିବାକୁ ଚାଲିଗଲା। ମୁଁ ରାଇକଳା ହାଇସ୍କୁଲରେ ହିଁ ପଢ଼ିଲି।

ମୋହନଙ୍କ ଅନ୍ୟ ଜଣେ ସାଙ୍ଗ ଧ୍ରୁବଚରଣ ବାରିକ ପିଲାଦିନେ ତାଙ୍କ ସହ ବିଦ୍ୟାଳୟରେ ଘଟିଥିବା ଏକ ନିଆରା ଅଭିଜ୍ଞତା ବର୍ଣ୍ଣନାକରି ବସନ୍ତି। ଅତୀତର ସ୍ମୃତି ରୋମନ୍ଥନକରି ସେ କହନ୍ତି, ବିଦ୍ୟାଳୟକୁ ସେତେବେଳେ ଧନୁଷ୍ଟଙ୍କାର ରୋଗର ଟିକା ଦେବାପାଇଁ ଡାକ୍ତରୀ ଟିମ୍ ପ୍ରତିବର୍ଷ ଆସୁଥିଲେ। ଆମେ ଡିବିରି ନିଆଁରେ ଇଞ୍ଜେକ୍ସନ ଛୁଞ୍ଚି ଲାଲ ଟକ୍ ଟକ୍ ହୋଇ ତାତି ଉଠୁଥିବା ଦେଖି ଆତଙ୍କରେ ଶିହରିଉଠୁଥିଲୁ। କିଭଳି ଉକ୍ତ ଡାକ୍ତରୀ ଦଳର ଅନ୍ୟମନସ୍କତାର ସୁଯୋଗ ନେଇ ସେଠାରୁ ଖସିଯିବୁ, ସେହି ଚିନ୍ତାରେ ରହୁଥିଲୁ। କେହି କେହି ପଛ ଦରଜା ବାଟଦେଇ ନିକଟସ୍ଥ ଜଙ୍ଗଲକୁ ଧାଇଁ ଯାଇ ସେଠାରେ ଛପିଯାଉଥିଲେ। ମାତ୍ର ମୋହନ ସେ ବୟସରେ ମଧ୍ୟ ଏସବୁକୁ ଖାତିର କରୁ ନ ଥିଲା। ଓଲଟି ଆମମାନଙ୍କୁ ବୁଝାଉଥିଲା, ଧନୁଷ୍ଟଙ୍କାର ଟିକା ନେବା ଶରୀର ପାଇଁ ଭଲ। ଏହା କ୍ଷଣିକ ପାଇଁ ଆମକୁ କଷ୍ଟଦେବ ସତ, ମାତ୍ର ସବୁଦିନ ପାଇଁ ନୀରୋଗ ରଖିବାରେ ସହାୟକ ହେବ। ଆଶ୍ଚର୍ଯ୍ୟ, ଯେଉଁ ବୟସରେ ଆମେ ସମସ୍ତେ ଇଞ୍ଜେକ୍ସନ ଛୁଞ୍ଚିକୁ ଦେଖିଲେ ଭୟରେ ଛାନିଆ ହୋଇଉଠୁ, ସେହି ବୟସରେ ରାଇକଳା ଭଳି ଜଙ୍ଗଲ ପରିବେଷ୍ଟିତ ନିପଟ ମଫସଲ ଗାଁର ଜଣେ କୁନି ପିଲା ମନରେ ଏତେ ସାହସ ଆସିଲା କେଉଁଠୁ? କହିବା ବାହୁଲ୍ୟ, ସାଙ୍ଗମାନେ ମୋହନର କଥାକୁ ବୁଝିଯାଇଥିଲେ। ଆଉ ଧୀରସ୍ଥିର ଭାବରେ ଟିକା ନେଇଥିଲେ। ଧ୍ରୁବ ଆଜି ମନେପକାନ୍ତି, ସେହି ଟିକା ଦ୍ୱାରା ମୋ ହାତରେ ଏକ ଚିହ୍ନ ସବୁଦିନ ପାଇଁ ରହିଯାଇଥିଲା ସତ, ମାତ୍ର ଧନୁଷ୍ଟଙ୍କାର ଭଳି ରୋଗରେ ମୁଁ କେବେ ବି ଆକ୍ରାନ୍ତ ହୋଇନାହିଁ, ମୋର ସାଙ୍ଗମାନେ ମଧ୍ୟ। ହୁଏତ ଏହି ଘଟଣା ହିଁ ମୋହନଙ୍କ ମଧ୍ୟରେ ଯେ ନେତୃତ୍ୱ ନେବାର ଦକ୍ଷତାଟି ଅଙ୍କୁରିତ ହେଉଛି, ତାହା ଏହି ଘଟଣାଟି ପ୍ରତିପାଦିତ କରିଥିଲା।

ଗାଁରେ ମୋହନଙ୍କ ବାବଦରେ ଲୋକେ କଥା ହେବାର ଅନେକ ଲୋକ ଶୁଣିଥିଲେ, ଗୁନାରାମର ପୁଅଟି ନିଶ୍ଚେ ଦିନେ ବଡ଼ ମଣିଷ ହେବ। କାରଣ ଅନ୍ୟମାନଙ୍କଠାରୁ ତା'ର ମୁଣ୍ଡଟି ଟିକିଏ ବଡ଼। ହୁଏତ ସେମାନଙ୍କ ସେହି ଅଦୃଶ୍ୟ ଆଶୀର୍ବାଦ ହିଁ 'ବଡ଼ମୁଣ୍ଡିଆ' ମୋହନକୁ ଜଣେ ଟ୍ୟୁଶନ କରୁଥିବା ଏବଂ ମାସକୁ ମାତ୍ର ୩ ଶହ ଟଙ୍କା ଦରମା ପାଉଥିବା ଶିଶୁମନ୍ଦିର ଶିକ୍ଷକରୁ ନେଇ ସାଢ଼େ ୪କୋଟି ଲୋକଙ୍କ ରାଜ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ବସାଇଦେଲା।

**ଲେଖକ– ହିତାଂଶୁ ଶେଖର ମହାନ୍ତ**

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ମୃତ

ଗୁଣପୁର,୪।୯
(ପ୍ରଦୀପ କୁମାର ପାଢ଼ୀ)


ମୃତ ହାତୀ

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଫୁଲପୁଟି ତାରମାଳ ରାସ୍ତା ପୋଲ ନିକଟସ୍ଥ କପାବାଡ଼ରେ ଗୋଟିଏ ମାଈ ହାତୀର ମୃତଦେହ ଠାବ ହୋଇଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ବନ ବିଭାଗ ସନ୍ଦେହ କରିଛି। ଖବରପାଇ ବନ ବିଭାଗର ଏକ ଟିମ୍ ବୁଧବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ୬ ଟିକିଆ ହାତୀପଲ ଜଙ୍ଗଲରୁ ଆସି ଗୁଣପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବୁଲି ଆନ୍ଧ୍ରକୁ ଚାଲିଯାଇଥିଲେ। ସେଥିମଧ୍ୟରୁ ଦୁଇଟି ହାତୀ ଗୁଣପୁର ଅଞ୍ଚଳକୁ ଫେରିଥିବା ବେଳେ ୪ଟି ହାତୀ ଆନ୍ଧ୍ରରେ ରହିଥିଲେ। ଗତବର୍ଷ ଆନ୍ଧ୍ରର ବାତିଲି ନିକଟ କାତ୍ରାଗଡ଼ାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୪ ହାତୀଙ୍କ ମୃତ୍ୟୁ ହୋଇଥିଲା। ଗୁଣପୁର ଫେରିଥିବା ଦୁଇଟି ହାତୀ ସାଥୀମାନଙ୍କୁ ହରାଇ ଫୁଲପୁଟି ତାରମାଳ ଅଞ୍ଚଳରେ ଘୂରି ବୁଲୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଦ୍ୱୟ ନିକଟରେ ଥିବା ବିଭିନ୍ନ ଚାଷ ଜମିରେ ପଶି ଫସଲ ନଷ୍ଟ କରିଥିଲେ। ଚାଷୀ ସାଇପନୀ ଶବରଙ୍କ ବାଡ ଭିତରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପାଡିବା ସହ କୁଡ଼ିଆ ଭାଙ୍ଗିଥିବା ଦେଖିବାକୁ ମିଳିଛି। ବୁଧବାର ଭୋର ସମୟରେ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଛି। ଫଳରେ ଆଉ ଗୋଟିଏ ଅଣ୍ଡିରା ହାତୀ ହିଁ ବଳକା ରହିଛି। ମୃତ ମାଈହାତୀଟି ଗର୍ଭବତୀ ଥିବା ସ୍ଥାନୀୟ ଅଞ୍ଚଳରେ ପ୍ରଚାର ଚାଲିଛି। ତେବେ ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଆଇଆଇଟି ଛାତ୍ରୀଙ୍କ ଆତ୍ମହତ୍ୟା

ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)/ଭୁବନେଶ୍ୱର, ୪।୯
(ସତ୍ୟଜିତ୍ ରାଉତ)

**ଏକାଡେମିକ୍ ବ୍ଲକ୍ ଝରକାରୁ ଡେଇଁପଡ଼ିଲେ**

ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରରେ ଜଣେ ବି.ଟେକ୍ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀଜଣଙ୍କ ହେଲେ ବିହାରର କ୍ରିତିକା ରାଜ୍ (୨୧)। ମଙ୍ଗଳବାର ରାତି ପ୍ରାୟ ୧୧ଟା ୩୦ରେ ଏକାଡେମିକ୍ ବ୍ଲକ୍ ଝରକାରୁ କ୍ରିତିକା ଡେଇଁ ପଡ଼ିଥିବା ଆଇଆଇଟି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଟଣୀ ପୋଲିସକୁ ସୂଚନା ଦିଆଯାଇଛି। ଦିଲ୍ଲୀରେ ରହି ପ୍ରତିରକ୍ଷା ମନ୍ତ୍ରଣାଳୟରେ କାମ କରୁଥିବା ବାପା ବିଜୟ ରାଜକ୍ ଏବଂ ମା' ଭୁବନେଶ୍ୱରରେ ପହଞ୍ଚିବା ପରେ ବୁଧବାର କ୍ୟାପିଟାଲ ହସ୍ପିଟାଲରେ କ୍ରିତିକାଙ୍କ ବ୍ୟବଚ୍ଛେଦ ହୋଇଥିଲା। ପରେ ପୋଲିସ ପକ୍ଷରୁ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଆଇଆଇଟି ସିକ୍ୟୁରିଟି ଇନ୍‌ଚାର୍ଜ ରବୀନ୍ଦ୍ରନ୍‌ଙ୍କ ରିପୋର୍ଟ ଆଧାରରେ ଜଟଣୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଜଟଣୀ ଥାନାଧିକାରୀ ସୌମ୍ୟକାନ୍ତ ବଳିଆରସିଂ କହିଛନ୍ତି, ଓବ୍‌ସେସିଭ୍ କମ୍ପଲସିଭ୍ ଡିଜ୍‌ଅର୍ଡର(ଓସିଡି) ନାମକ ଏକ ମାନସିକ ରୋଗରେ କ୍ରିତିକା ପୀଡ଼ିତା ଥିଲେ। ଏକାଡେମିକ୍ ବ୍ଲକ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ ଓ ଅନ୍ୟମାନଙ୍କୁ ପଚରାଉଚରା ପରେ କ୍ରିତିକା ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ସେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କ୍ରିତିକା ମେଟ୍ରୋଲୋଜି ଟ୍ରେଡ୍‌ରେ ବି.ଟେକ୍ କରୁଥିଲେ। ମାନସିକ ରୋଗ ପାଇଁ ସେ ନିୟମିତ ଔଷଧ ମଧ୍ୟ ସେବନ କରୁଥିଲେ। ଏହି ରୋଗ ପାଇଁ ସେ ଶେଷ ସେମିଷ୍ଟର ପରୀକ୍ଷା ମଧ୍ୟ ଦେଇ ନ ଥିଲେ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ୭ଦିନ ତଳେ କ୍ରିତିକା ତାଙ୍କର ଜଣେ ସାଙ୍ଗଙ୍କ ସହ ପରିବାର ଲୋକଙ୍କ ପାଖକୁ ଦିଲ୍ଲୀ ଯାଇଥିଲେ। ହେଲେ ୩ଦିନ ପରେ ପରିବାର ଲୋକ ତାଙ୍କୁ ପୁଣି ଭୁବନେଶ୍ୱର ପଠାଇ ଦେଇଥିଲେ। ଏପରି କି ମାନସିକ ରୋଗ ପାଇଁ କ୍ରିତିକାଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ଦିଲ୍ଲୀ ନେଇଯିବାକୁ ଆଇଆଇଟି କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଅନୁରୋଧ କରିଥିଲେ। ହେଲେ ତାଙ୍କ ଅଭିଭାବକ ଅଣ୍ଡରଟେକିଂ ଲେଖିବା ସହ ଯାହା ବି ଘଟିବ ସେଥିପାଇଁ ସେମାନେ ଦାୟୀ ରହିବେ ବୋଲି ଆଇଆଇଟି କର୍ତ୍ତୃପକ୍ଷଙ୍କୁ କହିଥିଲେ। ମଙ୍ଗଳବାର ରାତିରେ କ୍ରିତିକା ହଷ୍ଟେଲରେ ରାତ୍ରି ଭୋଜନ କରି ସିଧା ଏକାଡେମିକ୍ ବ୍ଲକ୍‌କୁ ଚାଲିଯାଇଥିଲେ। ଏକାଡେମିକ୍ ବ୍ଲକ୍ ମଧ୍ୟରେ ଏକ ଲାଇବ୍ରେରି ରହିଥିବାବେଳେ ତାହା ରାତି ୨ଟା ୩୦ ପର୍ଯ୍ୟନ୍ତ ଖୋଲା ରୁହେ। ହେଲେ କ୍ରିତିକା ଲାଇବ୍ରେରିରେ ପଢ଼ି ନ ଥିଲେ। ସେ ପଞ୍ଚମ ମହଲାର ଏକ ଝରକା ନିକଟରେ ବ୍ୟାଗ ଓ ଚପଲ ଥୋଇ ତଳକୁ ଡେଇଁ ପଡ଼ିଥିଲେ। ଏକ ଉଚ୍ଚଶବ୍ଦ ହେବା ପରେ ସିକ୍ୟୁରିଟି ଗାର୍ଡ ଓ ଅନ୍ୟ ସହପାଠୀମାନେ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରେ କ୍ରିତିକାଙ୍କ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆଇଆଇଟି କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ରିତିକାଙ୍କୁ ପ୍ରଥମେ କ୍ୟାମ୍ପସ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର କ୍ରିତିକାଙ୍କୁ ମୃତ ଘୋଷଣା କରିଥିଲେ।

# ଶିକ୍ଷା ଭାରତକୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୯ (ସୁନିତ୍ ମିଶ୍ର)

ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ଭାରତରେ ଥିବା ପ୍ରାୟ ୫୦୦୦ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ବୁଧବାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ସଂସ୍ଥାଗତ ବିକାଶ ଯୋଜନା(ଆଇପିଡି) ଉପରେ ଆୟୋଜିତ ଦିନିକିଆ କର୍ମଶାଳାକୁ ଉଦ୍‌ଘାଟନକରି କେନ୍ଦ୍ରମନ୍ତ୍ରୀ ୟୁଜିସି ନିୟମାବଳୀ ସଂକଳନକୁ ୟୁଜିସିର ସମସ୍ତ ନିୟମର ଏକକ, ସୁଲଭ ଏବଂ ବିଶ୍ୱସନୀୟ ଉତ୍ସ ଭାବେ ଉନ୍ମୋଚନ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର ଶିକ୍ଷାର ଉଦ୍ଦେଶ୍ୟ ଏବଂ ଢାଞ୍ଚା ଉପରେ ଆଲୋକପାତ କରିଛନ୍ତି। ସେ ଆହୁରି କହିଛନ୍ତି, ଦେଶରେ ନାମଲେଖା ଅନୁପାତକୁ ଦ୍ୱିଗୁଣିତ କରିବା, ଅଧିକାଂଶ ଜନସଂଖ୍ୟାକୁ ଉଚ୍ଚଶିକ୍ଷା ପରିସରକୁ ଆଣିବା ଜରୁରୀ। ଶିକ୍ଷା ଭାରତକୁ ଏକ ଉପଭୋକ୍ତା ଅର୍ଥନୀତିରୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ। ଆନୁଷ୍ଠାନିକ ଉନ୍ନତି ଯୋଜନାରେ ଆମର ବିଶାଳ ଜନସଂଖ୍ୟାର ଦକ୍ଷତା ବୃଦ୍ଧି, ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବା, ଉଦ୍ଭାବନ, ଉଦ୍ୟୋଗ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଓ ଗବେଷଣା ଏବଂ ବିକାଶର ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲକରିବା ଉପରେ ପ୍ରାଥମିକତା ଦେବାକୁ ହେବ। ଆମ ଶିକ୍ଷା ଏପରି ହେବା ଦରକାର, ଯେଉଁ ଶିକ୍ଷା ଏକବିଂଶ ଶତାବ୍ଦୀର ଆକାଂକ୍ଷା ପୂରଣକରିବା ସହ ସ୍ଥାନୀୟ ଏବଂ ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ। ନୂଆ ମଡେଲ ଏବଂ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ଭାରତର ପ୍ରତିଭାବାନ ଯୁବଶକ୍ତିଙ୍କ ଉପରେ ବିଶ୍ୱର ନଜର ରହିଛି। ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଜାତୀୟ ପ୍ରାଥମିକତା ହାସଲ ଦିଗରେ ଏକ ସମୟବଦ୍ଧ ଢଙ୍ଗରେ କାର୍ଯ୍ୟ କରିବାକୁ ଶିକ୍ଷାବିତମାନଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।




# ଓଡ଼ିଶାର ୩ଜଣଙ୍କୁ 'ଶିଳ୍ପୀ ଗୁରୁ', 'ଜାତୀୟ ହସ୍ତଶିଳ୍ପ ପୁରସ୍କାର'

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ର ବୟନ ମନ୍ତ୍ରଣାଳୟ ଅଧୀନ ଉନ୍ନୟନ କମିଶନର(ହସ୍ତଶିଳ୍ପ) ୱେଲ୍‌ଫେୟାର ସେକ୍ସନ ପକ୍ଷରୁ 'ଶିଳ୍ପୀ ଗୁରୁ' ଏବଂ 'ଜାତୀୟ ହସ୍ତଶିଳ୍ପ ପୁରସ୍କାର–୨୦୨୩' ଘୋଷଣା ହୋଇଛି। ସର୍ବଭାରତୀୟ ସ୍ତରରୁ ହସ୍ତକଳାରେ ୫ଜଣ ଶିଳ୍ପୀଙ୍କୁ 'ଶିଳ୍ପୀ ଗୁରୁ ସମ୍ମାନ' ଓ ୧୮ କାରିଗରଙ୍କୁ 'ହସ୍ତଶିଳ୍ପ ପୁରସ୍କାର' ପାଇଁ ମନୋନୟନ କରାଯାଇଛି। ଏଥିରେ ଓଡ଼ିଶାରୁ ୩ଜଣ ରହିଛନ୍ତି। ଭୁବନେଶ୍ୱରର ସୁଧୀର ମହାରଣା 'ଶିଳ୍ପୀ ଗୁରୁ ସମ୍ମାନ' ଓ ତାଙ୍କ ସ୍ତ୍ରୀ ଉର୍ବଶୀ ମହାରଣା 'ହସ୍ତଶିଳ୍ପ ପୁରସ୍କାର' ଲାଗି ମନୋନୀତ ହୋଇଛନ୍ତି। ଗୋଟିଏ ପରିବାରକୁ ୨ଟି ପୁରସ୍କାର ମିଳିବା ନେଇ ଘୋଷଣା ପରେ ଉଭୟ ସୁଧୀର ଓ ସ୍ତ୍ରୀ ଉର୍ବଶୀ ଖୁସିବ୍ୟକ୍ତ କରିଛନ୍ତି। ଦୀର୍ଘ ୬୦ ବର୍ଷ ଧରି ସୁଧୀର ଗୋବରରେ ପାରମ୍ପରିକ ପଟ୍ଟଚିତ୍ର ଆଙ୍କି ଆସୁଥିବାବେଳେ ଉର୍ବଶୀ ଗୋବରରେ ବିଭିନ୍ନ କଣ୍ଢେଇ ପ୍ରସ୍ତୁତ କରି ଚାଲିଛନ୍ତି। ପଥର କଳାରେ ହସ୍ତଶିଳ୍ପ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ଯାଜପୁର ଧର୍ମଶାଳା ଅନ୍ତର୍ଗତ ସୁଭଦ୍ରାପୁରର ବ୍ରହ୍ମାନନ୍ଦ ମହାରଣା।

# ଗୁରୁଙ୍କ ସହ ଅଭୁଲା ସ୍ମୃତି

ଗୁରୁ ଜୀବନର ଆଲୋକ ବର୍ତ୍ତିକା। ଯିଏ ଅନ୍ଧାରରୁ ଆଲୋକର ପଥ ଦେଖାନ୍ତି। ଗୁରୁଙ୍କ ବିନା ଶିକ୍ଷା ସମ୍ପୂର୍ଣ୍ଣ ହୁଏନି। ତେଣୁ ଜୀବନରେ ଗୁରୁଙ୍କର ରହିଛି ବିଶେଷ ଭୂମିକା। ଆଜି ଗୁରୁଦିବସ ଅବସରରେ ଗୁରୁଙ୍କୁ ନେଇ ରହିଥିବା ଅଭୂଲା ସ୍ମୃତି ସମ୍ପର୍କରେ....

## ବିଜୟ ସାରଙ୍କ ସହ ପ୍ରଥମ ନାଟକ ମୋ ଜୀବନର ବଡ଼ ସ୍ମୃତି



ସଙ୍ଗୀତ ମହାବିଦ୍ୟାଳୟରେ ୧୯୭୫/୭୬ ମସିହା ବେଳକୁ ନୂଆ କରି ନାଟକ ବିଭାଗ ଖୋଲା ହେଲା। ସେତେବେଳେ ଆମେ ପ୍ରଥମ ବ୍ୟାଚକୁ ବିଜୟ୍ କୁମାର ମହାନ୍ତି ଥିଲେ ଆମର ପ୍ରଥମ ଗୁରୁ। ତାଙ୍କୁ ନେଇ ଅନେକ ସ୍ମୃତି ରହିଛି। ସେ ଏବେ ନାହାନ୍ତି ସତ ମାତ୍ର ସେ କେବଳ ଗୁରୁ ନ ଥିଲେ, ସାଙ୍ଗ ଥିଲେ। ତାଙ୍କ ସହ ମୁଁ ଅନେକ ନାଟକ କରିଛି। ତେବେ ରବୀନ୍ଦ୍ର ମଣ୍ଡପରେ 'ଏବମ୍ ଇନ୍ଦ୍ରଜିତ' ସାରଙ୍କ ସହ ମୋର ପ୍ରଥମ ନାଟକ। ବିନା ଗାଳିରେ ସେ ଯେଭଳି ଶିଖାଉଥିଲେ, ନିର୍ଦ୍ଦେଶନା ଦେଉଥିଲେ ଭାରି ନିଜର ଲାଗନ୍ତି। ସେହି ପ୍ରଥମ ନାଟକର ସ୍ମୃତି ମୋ ପାଇଁ ସବୁବେଳେ ଅଭୁଲା ହୋଇ ରହିଛି। ସେହିପରି ୧୯୭୭ରେ ବାରିପଦାରେ ନାଟକ ମଞ୍ଚସ୍ଥ ହୋଇଥିଲା। ବାରିପଦା ସାରଙ୍କ ପ୍ରାଣ କେନ୍ଦ୍ର ଥିଲା। ତେତେବ ନାଟକ ମଞ୍ଚସ୍ଥ ପରେ ସାର୍ ଖୁସି ହୋଇ ଆମକୁ ଭୋଜି ଦେଇଥିଲେ।

– ଧୀରେନ୍ଦ୍ର ମଲ୍ଲିକ, ନାଟ୍ୟକାର-ନିର୍ଦ୍ଦେଶକ

## ଗୁରୁ ରାମହରି ଦାସ ମୋତେ ଅନେକ ମଞ୍ଚରେ ସୁଯୋଗ ଦେଇଛନ୍ତି



ଗୁରୁ ରାମହରି ଦାସ ମୋତେ ଅନେକ ମଞ୍ଚରେ ସୁଯୋଗ ଦେଇଛନ୍ତି। ସେ ମୋ ଜୀବନରେ ସବୁବେଳେ ସ୍ୱତନ୍ତ୍ର ହୋଇ ରହିବେ। ସେ ଗୁରୁ ଭାବେ ଅନନ୍ୟ। ଯୁକ୍ତ ୨ରେ ପାଠପଢ଼ା ସରି ଆସିବା ବେଳକୁ ଏକ କାର୍ଯ୍ୟକ୍ରମ ଥାଏ। ସେଠାରେ ମୁଁ ଉପସ୍ଥିତ ଥିଲି। ସେତେବେଳେ ଅନେକ ଗୁରୁଙ୍କ ସହ ମୋର ପରିଚୟ କରାଇ ମୁଁ ସଙ୍ଗୀତ ପରିବେଷଣ କରିବି ବୋଲି ସୂଚନା ଦେଇଥିଲେ। ଯାହା ମୋତେ ବହୁତ ଖୁସି ଦେଇଥିଲା। ବଡ଼ ବଡ଼ ଗୁରୁଙ୍କ ମଧରେ ଜଣେ ଅନଭିଜ୍ଞ ଭାବେ ଏକ ରାଗ ପରିବେଷଣ କରିଥିଲି। ଆଉ ତାହା ନିର୍ଭୁଲ ହୋଇଥିଲା।

– ଗୁରୁ ବିଜୟ୍ ଜେନା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ୍ ଅଧକ୍ଷ

## ଗୁରୁ କେଳୁଚରଣଙ୍କ ସ୍ମୃତିକୁ ନେଇ ମୁଁ ମରିବାକୁ ଚାହିଁବି



ଗୁରୁ କେଳୁଚରଣ ମହାପାତ୍ରଙ୍କ ସହ ମୋର ଅନେକ ସ୍ମୃତି ରହିଛି। ତାଙ୍କ ନୃତ୍ୟଧାରା, ଶୈଳୀକୁ ନେଇ ମୁଁ ସବୁବେଳେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି। ଥରେ ସଙ୍ଗୀତ ନାଟକ ଏକାଡେମୀ ବ୍ୟାନରରେ ମୋର ଏକକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଥାଏ। ଯେତେବେଳେ ଗୁରୁଙ୍କୁ ପଚରାଯାଇଥିଲା ଆପଣଙ୍କର କିଏ ଶିଷ୍ୟ ଯାହାଙ୍କୁ ଆପଣଙ୍କ ପରେ ଯୁବ ଓ ଆଗାମୀ ଭବିଷ୍ୟତ ଭାବେ ଦେଖିବାକୁ ଚାହୁଁଛନ୍ତି, ସେ ସେଇଠି ମୋ ନାମ ଦେଇଥିଲେ। ତାହା ମୋ ଜୀବନର ସବୁଠୁ ଅବିସ୍ମରଣୀୟ ମୂହୁର୍ତ୍ତ ଥିଲା। ସେହିପରି ଚେନ୍ନାଇରେ ରାମାୟଣ ପ୍ରଦର୍ଶନ କଲାବେଳେ ଗୁରୁ ଧୀବର ହୋଇଥିଲେ ଓ ମୁଁ ହୋଇଥିଲି ଲକ୍ଷ୍ମଣ। ଗୋଟିଏ ଦୃଶ୍ୟରେ ସେ ମୋ ପାଦ ଛୁଇଁଥିଲେ। ସେହି ସ୍ମୃତିକୁ ମୁଁ ମୋ ସାଙ୍ଗରେ ନେଇ ମରିବାକୁ ଚାହିଁବି।

– ମୀରା ଦାସ, ଓଡ଼ିଶୀ ନୃତ୍ୟଗୁରୁ

## ଆଜି କେଉଁଠି ମୁଖ୍ୟବକ୍ତା ହେଲେ ଶଶାଙ୍କ ସାରଙ୍କ କଥା ମନେପଡ଼େ



ସଂସ୍କୃତରେ ପଢିଥିଲି ଶୃଗାଳ ଶିଶୁ କଥା। ସେଥିରେ ସିଂହ ଛୁଆ ଶୃଗାଳ ଛୁଆଙ୍କ ସହିତ ବଢିଥିଲା, କିନ୍ତୁ ବଡ ହେଲା ପରେ ଶୃଗାଳ ପରି ଆଚରଣ ନ ଦେଖେଇ ସିଂହ ପରି ବ୍ୟବହାର କଲା। ମୁଁ କ୍ଲାସରେ ପ୍ରଥମ ହେଉଥିଲି। ମାତ୍ର ତର୍କ ପ୍ରତିଯୋଗିତାରେ ଭାଗ ନନେଇ ଲୁଚୁଥିଲି। ନବମ ଶ୍ରେଣୀରେ ସଂସ୍କୃତ ଶିକ୍ଷକ ଶଶାଙ୍କ ଶେଖର ଦାଶ ମୋତେ କ୍ଲାସ୍‌ରେ ଛିଡା କରି କହିଲେ କି ମୁଁ ଶୃଗାଳଶିଶୁ ବୋଲି ତର୍କ ପ୍ରତିଯୋଗିତାରେ ଭାଗ ନନେଇ ଲୁଚୁଛି। ମୋତେ ଭାରି ଖରାପ ଲାଗିଲା। ପର ଦିନ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଆୟୋଜିତ ପ୍ରତିଯୋଗିତାରେ ଭୟ ନ କରି ଭାଗ ନେଲି ଆଉ ତୃତୀୟ ହେଲି। ସାର୍ ବହୁତ ଖୁସି ହୋଇଥିଲେ। ତା' ପରେ ଆଉ ତର୍କ ପ୍ରତିଯୋଗିତାରେ ଭାଗ ନେବାକୁ ଭୟ ଲାଗିଲା ନାହିଁ। ଆଜି କୌଣସି ସଭାରେ ମୁଖ୍ୟବକ୍ତା ହେଲେ ସାର୍‌ଙ୍କ କଥା ମନେ ପଡ଼େ।

– କମଳାକାନ୍ତ ଜେନା,ପ୍ରାଧାପକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ

ଉପସ୍ଥାପନା: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର



# ଜିଏସ୍‌ଟି ଚଢ଼ାଉ: ୫୫ ହଜାର ଟଙ୍କା ଜରିମାନା ଆଦାୟ

ସଇଁତଲା,୪।୯(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ଗ୍ରାମରେ ଥିବା ଏକ କିରାନା ଦୋକାନରେ ବୁଧବାର ବଲାଙ୍ଗୀର ଜିଏସଟି ବିଭାଗ ଚଢ଼ାଉ କରି ୫୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ପ୍ରକାଶ ଯେ, ଘୁନସର ଗ୍ରାମରେ ବିକାଶ ବେହେରା ଦୀର୍ଘ ବର୍ଷ ହେଲା ଏକ କିରାନା ଦୋକାନ କରିଥିବା ବେଳେ ହୋଲସେଲିଂ ମଧ କରିଥାନ୍ତି। ଦୀର୍ଘ ବର୍ଷ ହେଲା ସେ ତାଙ୍କ ଦୋକାନକୁ ପଞ୍ଜୀକରଣ କରି ନ ଥିବା ଏବଂ ଜିଏସ୍‌ଟି ଦେଉ ନ ଥିବା ଖବର ପାଇ ବୁଧବାର ବଲାଙ୍ଗୀର ଜିଏସଟି ବିଭାଗର ତିନିଜଣିଆ ଟିମ୍ ଦୋକାନ ଉପରେ ଚଢ଼ାଉ କରିଥିଲା। ଦୋକାନର ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗରେ ୫୫ହଜାର ଟଙ୍କା ଜରିମାନା କରାଯାଇଥିଲା । ଦୋକାନୀ ବେହେରା ଯଥାଶୀଘ୍ର ପଞ୍ଜୀକରଣ କରିବା ସହ ଜିଏସ୍‌ଟି ପ୍ରଦାନ କରିବେ ବୋଲି କହିଛନ୍ତି।

# ଜିଲାପାଳ ଅଫିସ ଆଗରେ ଧାରଣା, ପ୍ରତିବାଦ ସଭା

ବଲାଙ୍ଗୀର,୪।୯(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ବଲାଙ୍ଗୀର ଜିଲା ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଥିଲା। ଅଗଷ୍ଟ ୧ ତାରିଖ ଦିନ ସର୍ବୋଚ୍ଚ ନ୍ୟାୟାଳୟ ଏସସି-ଏସଟି ସଂରକ୍ଷଣ ଉପରେ ଯେଉଁ ରାୟ ଦେଇଛନ୍ତି ଏହାର ପ୍ରତିବାଦ କରି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରେରଣ କରାଯାଇଥିଲା। ପ୍ରତିବାଦ ସଭାରେ ଉଭୟ ବର୍ଗର ସଦସ୍ୟା,ସଦସ୍ୟମାନେ ସଂରକ୍ଷଣ ରାୟ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ପୁନର୍ବିଚାର କରିବାକୁ ନିବେଦନ କରିଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ରରେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଏସ୍‌ସି/ଏସ୍‌ଟି ଆରକ୍ଷଣ ସଂକ୍ରାନ୍ତୀୟ ରାୟ ଦେଇଛନ୍ତି ତାକୁ ରଦ୍ଦ କରିବା, ଏସ୍‌ସି-ଏସ୍‌ଟି ସମାଜ ଉପରେ ହୋଇଥିବା ଅତ୍ୟାଚାରର ସମାଧାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଏସ୍‌ସି-ଏସ୍‌ଟି ଛାତ୍ରୀଛାତ୍ରମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଦ୍ୟାଳୟ ଗୁଡିକରେ ଉପଯୁକ୍ତ ସୁବିଧା ସୁନିଶ୍ଚିତ କରିବା ଏବଂ ନିକଟରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ଏସ୍‌ସି-ଏସ୍‌ଟି ବର୍ଗର ଜମି ବିକ୍ରି ସଂକ୍ରାନ୍ତୀୟ ରାୟକୁ ବିରୋଧ କରାଯାଇଥିଲା। ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସାମ୍ବିଧାନିକ ଅଧିକାର ଓ ମାନବ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ପାଇଁ ଦାବି କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଆଇନଜୀବୀ ଦିନେଶ ନାଗ, ଜିଲା ଆଦିବାସୀ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ, ପାଣ୍ଡବ କୁମ୍ଭାର, ପୁରୁଷୋତ୍ତମ ଭୋଇ, ବୀରେନ୍ଦ୍ର ବାଗ, ଭରତ ସିଂ ଭୋଇ, ଦିନେଶ ତାଣ୍ଡି, ଦ୍ରୋଣ କୁମ୍ଭାର, ନଟରାଜ ନାଗ, ତରଣୀ ସେନ ଦୀପ, ଜ୍ୟୋତିଷ ମୁଗ୍ରୀ, ବିଜୟ କୁମାର ବାରିକ, ସୀତାରାମ କୁମ୍ଭାର ଓ ଅନ୍ୟ ମାନ୍ୟଗଣ୍ୟ ସଦସ୍ୟ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଧାରଣାରେ ବହୁ ସଦସ୍ୟା ସଦସ୍ୟ ସାମିଲ ଥିଲେ।

# ବିଦେଶକୁ ରପ୍ତାନି ହେଲା ୪ କୁଇଣ୍ଟାଲ ଡ୍ରାଗନ ଫଳ

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶାରୁ ବିଦେଶକୁ ଗଲା ଡ୍ରାଗନ ଫଳ। ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ ଟର୍ମିନାଲରୁ ପ୍ରଥମଥର ଡ୍ରାଗନ ଫଳର ରପ୍ତାନି ହୋଇଛି। ବଲାଙ୍ଗୀର ଜିଲାର ପାଟଣାଗଡ଼ରେ ଉତ୍ପାଦିତ ହୋଇଥିବା ଏହି ଫଳକୁ ଦୁବାଇ ପଠାଯାଇଛି। ପୂର୍ବରୁ ଢେଙ୍କାନାଳର ଆମ୍ବ, ବଲାଙ୍ଗୀରର ପୋଟଳ ବିଦେଶକୁ ଯାଇସାରିଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପତାକା ଦେଖାଇ ଏହି ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ନିଜକୁ ଜଣେ ଗର୍ବିତ ଚାଷୀ ଭାବେ ପରିଚୟ ଦେଇ କହିଲେ, ମୁଁ ରାଜନୀତି ସହ ଚାଷ କରୁଛି। କୋଭିଡ୍ ସମୟରେ ନେଇଥିବା ନିଷ୍ପତ୍ତି ଏବେ ଫଳପ୍ରସୂ ହୋଇଛି। ଆଜି ଇଣ୍ଡିଗୋ କାର୍ଗୋ ଯୋଗେ ୪ କୁଇଣ୍ଟାଲ ଡ୍ରାଗନ ଫଳ ଦୁବାଇକୁ ରପ୍ତାନି କରାଯାଇଛି। ଡ୍ରାଗନ ଫଳର ଚାହିଦା ବିଦେଶରେ ବହୁତ ଅଧିକ। ଏହାର ଚାଷ ସମ୍ପୂର୍ଣ୍ଣ ରୂପେ ଜୈବିକ ପ୍ରକ୍ରିୟାରେ ହୋଇଛି। ଏହାଦ୍ୱାରା ଫଳର ପୌଷ୍ଟିକ ତତ୍ତ୍ୱ ଅକ୍ଷୁଣ୍ଣ ରହିବା ସହ ଅନ୍ୟ ରାସାୟନିକ ସାର ଦେଇ ଉତ୍ପାଦନ ହେଉଥିବା ଫଳ ତୁଳନାରେ ଅଧିକ ଦିନ ସତେଜ ରହିବ। ଡ୍ରାଗନ ଫଳ ସ୍ୱାସ୍ଥ୍ୟ ପକ୍ଷେ ଖୁବ୍ ହିତକର। ଏହାକୁ ଖାଇଲେ ଶରୀରରେ କ୍ୟାନ୍‌ସର, ଡାଇବେଟିସ, କୋଷ୍ଠକାଠିନ୍ୟ ଭଳି ବେମାରିର ସମସ୍ୟା ରହିବ ନାହିଁ ବୋଲି ସିଂଦେଓ କହିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ, ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟାନ କୃଷି ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସେଥିରେ କ୍ଷେତ ପୋଖରୀ, ସୁଗମ ଜଳସେଚନ ବ୍ୟବସ୍ଥା, ଡିବିଟି ମାଧ୍ୟମରେ ସବ୍‌ସିଡ୍ ପ୍ରଦାନ ଆଦି ପ୍ରୋତ୍ସାହନର ସୁବିଧା ରହିଛି। ଦିନକୁ ଦିନ ଚାହିଦା ବଢୁଥିବାରୁ ଆଜିର ଦିନରେ ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଚାଷୀମାନେ ଖୁବ୍ କମ ସମୟ ମଧ୍ୟରେ ଅଳ୍ପ ଖର୍ଚ୍ଚରେ ଲାଭବାନ ମଧ୍ୟ ହୋଇପାରୁଛନ୍ତି। ତେଣୁ ସରକାର ମଧ୍ୟ ସେହି ଅନୁରୂପ ଯୋଜନା ସବୁ ଖୁବ୍‌ଶୀଘ୍ର ପ୍ରଣୟନ କରିବେ। ଆଗାମୀ ଦିନରେ ଓଡିଶାରୁ ଉନ୍ନତ ମାନର କୃଷି ଉତ୍ପାଦ ବଡ଼ ଆକାରରେ ବିଦେଶକୁ ରପ୍ତାନି କରାଯିବା ଲକ୍ଷ୍ୟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, 'ଆପେଡା' ଓ 'ପାଲାଡିୟମ'ର ସୀତାକାନ୍ତ ମଣ୍ଡଳ, ବିଶ୍ୱଜିତ ବେହେରା, ଦେବରତି ଘଟକ, ସାର୍ଥକ ଦର୍ଶନ, ଶ୍ରୀତମ ପାଣିଗ୍ରାହୀ, ବିଭୂତି, ବିକାଶ ପିଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ୪୫ ଲିଟର ଦେଶୀ ମଦ ଜବତ: ଜଣେ କୋର୍ଟ ଚାଲାଣ

ମୁରିବାହାଲ,୪।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତର ବାରବନ୍ଧ ଗ୍ରାମରେ ଅବକାରୀ ବିଭାଗ ତରଫରୁ ବୁଧବାର ଚଢାଉ କରାଯାଇ ୪୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଧନେଶ୍ୱର ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଉକ୍ତ ଗ୍ରାମରେ ଦୀର୍ଘ ଦିନ ହେବ ବେଆଇନ ଭାବେ ଦେଶୀ ମଦ ରନ୍ଧା ଯାଉଥିଲା। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଭାଗୀୟ କର୍ମଚାରୀ ଚଢାଉ କରିଥିଲେ। ଚଢାଉ ସମୟରେ ୪୫ ଲିଟର ଦେଶୀ ମଦ, ବ୍ୟବହୃତ ରନ୍ଧା ସାମଗ୍ରୀ ଆଦି ଜବତ ହୋଇଥିଲା। ଏହାଛଡା ମଦ ରାନ୍ଧୁଥିବା ଧନେଶ୍ୱରଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଅବକାରୀ ଆଇନ ଅନୁସାରେ ଏକ ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ବଙ୍ଗୋମୁଣ୍ଡା ଅବକାରୀ ବିଭାଗର ଓ.ଆଇ.ସି ସୁମିତ କୁମାର ସାହୁ, ଏଏସଆଇ ଯତୀନ କୁମାର ଦୀପ, କନଷ୍ଟେବଲ ପ୍ରଫୁଲ୍ଲ ନାଗ, ଲଳିତା ଭୁଏ, ଶ୍ରୀପତି ନାୟକ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ,ଏହି ଗ୍ରାମର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକ ଜଙ୍ଗଲ ଘେରରେ ରହିଛି। ଫଳରେ ଏହାର ଫାଇଦା ନେଇ ବେପାରୀମାନେ ଦେଶୀ ମଦ କାରବାରରେ ଲିପ୍ତ ରହୁଛନ୍ତି। ଏହାଛଡା ଏହିଠାରୁ ବିଭିନ୍ନ ସ୍ଥାନକୁ ଦେଶୀ ମଦ ଚୋରା ଚାଲାଣ ନିୟମିତ ଭାବରେ ହେଉଛି ।

# ପ୍ରାଦେଶିକ ବିଜ୍ଞାନ ମେଳାରେ ୧୬୮ ପ୍ରକଳ୍ପ


ପ୍ରାଦେଶିକ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରକଳ୍ପକୁ ବିଚାରକମାନେ ମୂଲ୍ୟାୟନ କରୁଛନ୍ତି।

ବଲାଙ୍ଗୀର,୪।୯(ବୀରେନ୍ଦ୍ର କୁମାର ଝାଙ୍କର)

- ଲୋକସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ କଲେ ଉଦ୍‌ଘାଟନ
- କୁନି ବୈଜ୍ଞାନିକଙ୍କ ବିଜ୍ଞାନ ପ୍ରକଳ୍ପକୁ ବିଚାରକଙ୍କ ପ୍ରଶଂସା

ଅଖିଳ ଭାରତୀୟ ସଙ୍ଗଠନ ବିଦ୍ୟା ଭାରତୀ ଆନୁକୂଲ୍ୟରେ ଶିକ୍ଷା ବିକାଶ ସମିତି ଓଡିଶା ମାର୍ଗଦର୍ଶନରେ ବଲାଙ୍ଗୀର କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ପ୍ରାଦେଶିକ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଛି। ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରାଦେଶିକ ବିଜ୍ଞାନ ମେଳାରେ ରାଜ୍ୟର ବିଭିନ୍ନ ସମ୍ଭାଗରୁ କୃତିତ୍ୱ ଅର୍ଜନ କରିଥିବା ୧୬୮ ଜଣ ଛାତ୍ରୀଛାତ୍ର ଯୋଗଦାନ କରିଛନ୍ତି। ତିନିଦିନ ଧରି ଏହି ବିଜ୍ଞାନ ମେଳା ଚାଲିବ। ଛାତ୍ରୀଛାତ୍ରଙ୍କ ଭିତରେ ନୂତନ ବିଜ୍ଞାନ ଚେତନା ପାଇଁ ଏହି ମେଳା ଆୟୋଜନ କରାଯାଉଛି। ମେଳାରେ ରାଜ୍ୟର ବିଭିନ୍ନ ସ୍କୁଲର ୮୬ ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଯୋଗଦାନ କରିଛନ୍ତି। ଏହାସହିତ ବାଲ ବର୍ଗ, କିଶୋର ବର୍ଗ, ତରୁଣ ବର୍ଗରେ ଏହି ମେଳା ଆୟୋଜନ ହେଉଛି। ଓଡିଶା ଶିକ୍ଷା ବିକାଶ ସମିତି ସଭାପତି କିଶୋରଚନ୍ଦ୍ର ମହାନ୍ତି କହିଥିଲେ, ଛାତ୍ରୀଛାତ୍ରଙ୍କ ଭିତରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ଏବଂ କୁନି ଛାତ୍ରୀଛାତ୍ରଙ୍କ ପ୍ରତିଭା ଏହି ମେଳାରେ ପ୍ରଦର୍ଶିତ ହେଉଛି। ଡ. ତାରକ ପ୍ରସାଦ ସରକାର, ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ଦାଶ, ବଲାଙ୍ଗୀର ବିଭାଗ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ପରିଚାଳନା କମିଟି ସମ୍ପାଦକ ନୀଳାଞ୍ଚଳ ଚିରଗୁନ, ଶିକ୍ଷାବିତ୍ ସନାତନ ଠାକୁର, ମାଧବ ଚନ୍ଦ୍ର ଶତପଥୀ, ଜୀବେଶ୍ୱର ପ୍ରଧାନ, ରାମ କୁମାର ମିଶ୍ର, ଡା ଗୋଦାବରୀଶ ରଥ, ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ଡକାୟତି ଘଟଣାରେ ୩ କୋର୍ଟ ଚାଲାଣ


ଗିରଫ ୩ ଅଭିଯୁକ୍ତ ଓ ରିଭଲଭର ।

ଲାଠୋର,୪।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଟଙ୍କପାଣି ଗ୍ରାମଠାରେ ଘଟିଥିବା ଡକାୟତି ଘଟଣାର ୩ ଅଭିଯୁକ୍ତଙ୍କୁ ଲାଠୋର ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ଗତ ଜୁଲାଇ ୧ ତାରିଖ ଅପରାହ୍ନ ୨ଟା ବେଳେ ବୁଢ଼ାଛାପର ଗ୍ରାମର ଗୋପାଳ ବିଶ୍ୱାଳ ଏବଂ ଟଙ୍କଧର ବେମାଲ ଏକ ବାଇକ୍ ଯୋଗେ ଲାଠୋରରୁ ଘରକୁ ଫେରୁଥିଲେ । ଏହି ସମୟରେ ଟଙ୍କପାଣି ଗ୍ରାମର ପୃଥ୍ୱିରାଜ ବାଗ(୨୧), ରାକେଶ ଓରଫ ଗୋରେଖ ବରିହା(୧୯) ଏବଂ ଜଣେ ନାବାଳକ ଟଙ୍କପାଣି ପଞ୍ଚାୟତ କାର୍ଯ୍ୟାଳୟଠାରେ ସେମାନଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ୬ ହଜାର ଟଙ୍କା ଏବଂ ବାଇକ୍ ଚାବି ଛଡେଇ ନେଇ ମାରପିଟ କରିଥିଲେ । ଭୟରେ ଦୁଇ ଯୁବକ ସେଠାରୁ ପଳାଇ ଥିଲେ । ପରେ ଏନେଇ ବିଶ୍ୱାଳ ଲାଠୋର ଥାନାରେ ଏତଲା ଦେଇଥିଲେ। ଏତଲା ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ସଂପୃକ୍ତ ଯୁବକମାନଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ଠାରୁ ଗୋଟିଏ ରିଭଲଭର, ଗୋଟିଏ ଅଫୁଟା ଗୁଳି, ୧ ଏଆରଗନ, ଗୋଟିଏ ମୋବାଇଲ ଫୋନ,ବାଇକ୍ ଚାବି ଏବଂ ୩୫ ଶହ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଲାଠୋର ଥାନାରେ ନଂ ୧୯୪/୨୪ରେ ଦଫା ୩୦୯(୬)/୩୧୧ ବିଏନଏସ/ଆର.ଡବ୍ଲୁ ସେକ୍ସନ ୨୫/୨୭ ଆର୍ମସ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି । ୩ ଅଭିଯୁକ୍ତଙ୍କୁ ପାଟଣାଗଡ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି ।

# ବଲାଙ୍ଗୀରର ପ୍ରତିଯୋଗୀଙ୍କୁ ୯ ପଦକ


ପଦକ ଜିତିଥିବା ବଲାଙ୍ଗୀରର କୃତୀ ପ୍ରତିଯୋଗୀ ଓ କୋଚ୍।

ବଲାଙ୍ଗୀର,୪।୯(ବୀରେନ୍ଦ୍ର କୁମାର ଝାଙ୍କର)

**ସପ୍ତମ ପେନ୍‌ଟାକ୍ ସିଲାଟ ରାଜ୍ୟ ଚାମ୍ପିୟନଶିପ୍ ପ୍ରତିଯୋଗିତା**

ସପ୍ତମ ପେନ୍‌ଟାକ୍ ସିଲାଟ ରାଜ୍ୟ ଚାମ୍ପିୟନଶିପ୍ ପ୍ରତିଯୋଗିତା ରାଉରକେଲାସ୍ଥିତ ଭଞ୍ଜଭବନଠାରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ଅଗଷ୍ଟ ୩୧ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଚାମ୍ପିୟନଶିପ୍‌ରେ ମୁଖ୍ୟଅତିଥି ଭାବେ ବିଜ୍ଞାନୀ ଶେଖର ଦେଓ ଏବଂ ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଆତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ କହିଥିଲେ। ଓଡ଼ିଶାର ୨୦ଟି ଜିଲାରୁ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେଥିମଧ୍ୟରୁ ବଲାଙ୍ଗୀର ପେନ୍‌ଟାକ୍ ସିଲାଟ୍ ଆସୋସିଏଶନ୍ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। କୋଚ୍ ପ୍ରଶାନ୍ତ ପାତ୍ରଙ୍କ ପ୍ରଶିକ୍ଷଣ କ୍ରମେ ବଲାଙ୍ଗୀର ଟିମ୍ ୯ଟି ବିଭିନ୍ନ ପଦକ ହାସଲ କରିଥିଲା। ବଲାଙ୍ଗୀରର କୀର୍ତ୍ତିକା ଅଗ୍ରୱାଲ ଏବଂ ଇଶାନି ଜୈନ ଟେଣ୍ଡିଂ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ସୋମ ନାରାୟଣ ଦୀପ ଟେଣ୍ଡିଂରେ ବ୍ରୋଞ୍ଜ ପଦକ, ତ୍ରିଲୋକେଶ ଶତପଥୀ ଟେଣ୍ଡିଂ ଏବଂ ତୁଙ୍ଗଲ୍‌ରେ ବ୍ରୋଞ୍ଜ୍ ଏବଂ ରୌପ୍ୟ ପଦକ, ସ୍ଥିତପ୍ରଜ୍ଞା ମିଶ୍ର ଟେଣ୍ଡିଂ ଏବଂ ତୁଙ୍ଗଲରେ ରୌପ୍ୟ ଏବଂ ବ୍ରୋଞ୍ଜପଦକ ଏବଂ ଖୁସିରାମ ସେଠ୍ ତୁଙ୍ଗଲ ଏବଂ ଟେଣ୍ଡିଂ ଇଭେଣ୍ଟରେ ଦୁଇଟି ରୌପ୍ୟ ପଦକ ହାସଲ କରି ବଲାଙ୍ଗୀରର ଗର୍ବ ବଢ଼ାଇଛନ୍ତି। ଏହି ସଫଳତା ପାଇଁ କୃତି ପ୍ରତିଯୋଗୀଙ୍କୁ ଜିଲାର କ୍ରୀଡାପ୍ରେମୀମାନେ ଅଭିନନ୍ଦନ ଜଣାଇଛନ୍ତି।

# ରାସ୍ତା ନିର୍ମାଣ ବିଳମ୍ବିତ, ବଢୁଛି ଜନ ଅସନ୍ତୋଷ

ଲୋଇସିଂହା,୪।୯(ସୁଶାନ୍ତ ବାରିକ)

- ସୀମା ନିର୍ଦ୍ଧାରଣ ହେଉନି
- ରାଜସ୍ୱ ବିଭାଗକୁ ଚିଠି ଲେଖି ପୂର୍ତ୍ତ ବିଭାଗ ହାତ ବାନ୍ଧି ବସିଛି

ବଲାଙ୍ଗୀର ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ଆଗଲପୁର ବ୍ଲକର ସାଲେଭଟାରୁ ଆଗଲପୁର ରାସ୍ତା ଉନ୍ନତୀକରଣ କାମ ହାତକୁ ନିଆଯାଇଛି। ହେଲେ ଉକ୍ତ ରାସ୍ତାର କେତେକ ସ୍ଥାନରେ ସୀମା ନିର୍ଦ୍ଧାରଣକୁ ନେଇ ବିବାଦ ଦେଖାଦେଇଛି। ସୀମା ନିର୍ଦ୍ଧାରଣ ପାଇଁ ଆଗଲପୁର ତହସିଲଦାରଙ୍କୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ବହୁବାର ଅନୁରୋଧ କରାଯାଇଛି। ହେଲେ ଆଗଲପୁର ତହସିଲ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଫଳରେ ରାସ୍ତା କାମ ଅଗ୍ରଗତି ହେଉନାହିଁ। ଅଧାପନ୍ତରିଆ ରାସ୍ତାରେ ଯାତାୟତ କରିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଛଡା ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ସାଲେଭଟାରୁ ଭାୟା ବ୍ଲକ ମୁଖ୍ୟାଳୟ ଡୁଡୁକା ଦେଇ ଆଗଲପୁରକୁ ରାସ୍ତା ସଂଯୋଗୀକରଣ ହୋଇଛି। ପ୍ରାୟ ୧୬.୩୩୨ କିମି ରାସ୍ତା ଚଉଡ଼ା ସାଙ୍ଗକୁ ଉନ୍ନତୀକରଣ କରାଯାଉଛି। ଏହି ରାସ୍ତାର ସାଲେଭଟା, ଫାସଡ, ଡୁଡୁକା, ମହୁଲପାଲି, ଫଟାମୁଣ୍ଡା ଓ ଆଗଲପୁର ଆଦି ସ୍ଥାନରେ ରାସ୍ତା ଜବରଦଖଲ ଯୋଗୁ ରାସ୍ତା କାମ ବାଧାପ୍ରାପ୍ତ ହେଉଛି। ସୀମା ନିର୍ଦ୍ଧାରଣ ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଗତବର୍ଷ ଡିସେମ୍ବର ୧୫ ତାରିଖ ଓ ୨୫ ସେପ୍ଟେମ୍ବର ଏବଂ ଚଳିତବର୍ଷ ଜୁଲାଇ ୫ ତାରିଖରେ ଆଗଲପୁର ତହସିଲଦାରଙ୍କୁ ଚିଠି ଲେଖିଛନ୍ତି। ହେଲେ ତହସିଲ କର୍ତ୍ତୃପକ୍ଷ ଏହି ଚିଠି ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି। ଅପରପକ୍ଷେ ପୂର୍ତ୍ତ ବିଭାଗ ଚିଠି ଲେଖି ଚୁପ ରହିଛି। ପୂର୍ତ୍ତ ବିଭାଗ ଆନ୍ତରିକତା ଅଭାବରୁ ରାସ୍ତା କାମ ବିଳମ୍ବ ହେଉଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ସମସ୍ୟାକୁ ନେଇ ନୂଆଁଖାଇ ପରେ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# 'ଅଙ୍ଗନୱାଡି କେନ୍ଦ୍ରକୁ ବିଜୁଳି, ପାନୀୟ ଜଳ ଯୋଗାଅ'

ବଲାଙ୍ଗୀର,୪।୯(ବୀରେନ୍ଦ୍ର କୁମାର ଝାଙ୍କର)



ବୈଠକରେ ଖାଦ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ସମୀକ୍ଷା କରୁଛନ୍ତି।

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ଦୁଇଦିନିଆ ବଲାଙ୍ଗୀର ଗସ୍ତରେ ଆସି ବୁଧବାର ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲାର ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଚାଲିଥିବା ମଧ୍ୟାହ୍ନ ଭୋଜନ, ଛତୁଆ ବଣ୍ଟନ, ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଦତ୍ତ ହିତାଧିକାରୀଙ୍କ ଭତ୍ତା ବଣ୍ଟନ, ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗୀକରଣ, ପାନୀୟ ଜଳ ଯୋଗାଣ, ଯୋଗାଣ ବିଭାଗର ରାଶନ କାର୍ଡ ବଣ୍ଟନ ଉପରେ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଟିଟିଲାଗଡ ଉପଜିଲାପାଳ ରେହାନ କ୍ଷେତ୍ରୀ, ପାଟଣାଗଡ ଉପଜିଲାପାଳ ଅମିତ ନାୟକ, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ଓ ପ୍ରଭାସ କୁମାର ନାୟକ ମଞ୍ଚାସୀନ ଥିଲେ। ଆୟୋଗ ଅଧ୍ୟକ୍ଷ ସାହୁ କହିଥିଲେ ଯେ, କୌଣସି ପରିସ୍ଥିତିରେ ମଧ ମଧ୍ୟାହ୍ନ ଭୋଜନର ମାନ ଯେପରି ହ୍ରାସ ନ ପାଇବ ସେଦିଗରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସଚେତନ ରହିବ ଉଚିତ୍। ଏହାବାଦ ଯେଉଁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ଓ ପାନୀୟ ଜଳ ସମସ୍ୟା ରହିଛି ପ୍ରାଥମିକତା ଭିତ୍ତିରେ ତାର ପ୍ରତିକାର କରାଯିବାକୁ ପରାମର୍ଶ ଦେଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନାର ଯେଉଁ ନୂଆ ହିତାଧିକାରୀ କାର୍ଡ ପାଇଛନ୍ତି ସେମାନଙ୍କୁ କିଭଳି ସହାୟତା ମିଳୁଛି ଏବଂ ପୁରୁଣା ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦିଆଯାଇଛି କି ନାହିଁ ସେନେଇ ଅନୁଧ୍ୟାନ କରିଥିଲେ। ଏହାସହିତ ବଲାଙ୍ଗୀର ମ୍ୟୁନିସିପାଲିଟି ଏବଂ ପୁଇଁତଲା ବ୍ଲକର ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଥିଲେ। ସରକାରୀ ଯୋଜନାଗୁଡିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁଛି କି ନାହିଁ ତାହା ତଦାରଖ କରିଥିଲେ। ସମୀକ୍ଷା ବୈଠକରେ ଲାଇନ୍ ବିଭାଗଗୁଡିକର ଅଧିକାରୀ ଉପସ୍ଥିତ ଥିଲେ।

# ତେଲେଙ୍ଗାନା ଯାଇ ହଟହଟା: ଶ୍ରମିକ ପରିବାରଙ୍କୁ ପ୍ରାପ୍ୟ ମିଳିନାହିଁ

ଲାଠୋର,୪।୯(ଭୁବନେଶ୍ୱର ବାରିକ)

- ନୂଆଁଖାଇ କେମିତି ପାଳିବେ ଚିନ୍ତା ଘାରିଛି
- ଶ୍ରମ ବିଭାଗର ସହାୟତା ଲୋଡ଼ିଛନ୍ତି ଭଗବାନ

ଆଗକୁ ନୂଆଁଖାଇ। ହାତରେ ଟଙ୍କା ନାହିଁ। ଚଳିତବର୍ଷ କେମିତି ପରିବାର ସହ ନୂଆଁଖାଇ ପର୍ବ ପାଳିବେ ସେହି ଚିନ୍ତା ଘାରିଛି ଏବେ ଭଗବାନ ଛତ୍ରିଆ(୫୫)ଙ୍କୁ। ପରିବାର ପ୍ରତିପୋଷଣ ପାଇଁ ସେ ସୁଦୂର ତେଲେଙ୍ଗାନା ଯାଇ କାମ କରିଥିଲେ ହେଁ ପ୍ରାପ୍ୟ ମିଳିବା ନେଇ ଏବେ ଅନିଶ୍ଚିତତା ଦେଖାଦେଇଛି। ଫଳରେ ନିଜ ପାରିଶ୍ରମିକ ପାଇବା ପାଇଁ ସେ ଶ୍ରମ ବିଭାଗର ସହାୟତା ଲୋଡିଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମ ଆଦର୍ଶପଡ଼ାରେ ଭଗବାନଙ୍କ ଘର । ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଜଣେ ଦଲାଲଙ୍କ ପ୍ରରୋଚନାରେ ପଡି ସେ ଗତ ମେ ମାସରେ ନିଜ ପରବାର ବର୍ଗଙ୍କ ସହ ତେଲେଙ୍ଗାନା ରାଜ୍ୟର ସିକନ୍ଦରାବାଦକୁ ଯାଇଥିଲେ । ସାଙ୍ଗରେ ସ୍ତ୍ରୀ ବାସନ୍ତୀ(୪୬), ଝିଅ ସାବିତ୍ରୀ(୩୦) ଏବଂ ଛୋଟ ନାତୁଣୀ ଯାଇଥିଲେ। ଖପ୍ରାଖୋଲ ଗ୍ରାମର ଜଣେ ଦଲାଲ ଜଣ ପିଛା ମାସିକ ୯ ହଜାର ଟଙ୍କା ପାରିଶ୍ରମିକରେ ସିକନ୍ଦରାବାଦରେ ଥିବା ଶ୍ରୀଚୈତନ୍ୟ କଲେଜକୁ ସଫେଇ କାମ କରିବା ପାଇଁ ନେଇଥିଲେ। ପରିବାରବର୍ଗ ସେଠାରେ ପହଞ୍ଚିବା ପରେ ଦଲାଲ ଜଣକ ଖର୍ଚ୍ଚ କରିବା ବାବଦକୁ ୧୧ ହଜାର ଟଙ୍କା ଦେଇ ସେମାନଙ୍କୁ ସଫେଇ କାମରେ ନିୟୋଜିତ କରିଥିଲେ। କିଛି ଦିନ କାମ କଲା ପରେ ଦଲାଲ ସେମାନଙ୍କୁ ଅଧିକା କାମ କରିବା ପାଇଁ ବାଧ କରିଥିଲେ। ଶ୍ରମିକ ପରିବାର ପ୍ରତିବାଦ କରିବାରୁ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ଗତ ଜୁଲାଇ ୨ ତାରିଖରେ କାମରୁ ବାହାର କରି ଦେଇଥିଲେ। ହାତରେ ଟଙ୍କା ନ ଥିବା ହେତୁ ଭଗବାନ ତାଙ୍କ ଭାଇ ଲାଏବାନଙ୍କୁ ଫୋନ କରି ଟଙ୍କା ମାଗିଥିଲେ। ଭାଇ ଟଙ୍କା ପଠାଇବା ପର୍ଯ୍ୟନ୍ତ ସେଠାରେ ପଡ଼ି ରହିଥିଲେ। ପରେ ଭାଇ ଟଙ୍କା ପଠାଇବାରୁ ସେ ପରିବାରବର୍ଗଙ୍କୁ ନେଇ ସିକନ୍ଦରାବାଦରୁ ଲାଠୋରସ୍ଥିତ ନିଜ ଘରକୁ ଆସିଥିଲେ। ଘରେ ପହଞ୍ଚିବା ପରେ ତାଙ୍କର ବକେୟା ଥିବା ଦେଢ଼ ମାସର ପ୍ରାପ୍ୟ ବାବଦକୁ ୨୯ ହଜାର ୫ ଶହ ଟଙ୍କା ସମ୍ପୃକ୍ତ ଦଲାଲଙ୍କୁ ଫୋନ କରି ମାଗିଥିଲେ। ଆଜିକାଲି କହି ସେ ସମୟ ଗଡ଼େଇ ଚାଲିଥିଲେ । ଏବେ ଫୋନ କଲେ ମଧ ସେ ଉଠାଉ ନାହାନ୍ତି। ଏହାମଧ୍ୟରେ ମାସେ ବିତିଲାଣି। ପ୍ରାପ୍ୟ ନ ପାଇ ଭଗବାନ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଆଗକୁ ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଖାଇ ଥିବା ବେଳେ ଘରେ କାହାରି ହାତରେ ଚଳିବାକୁ ଟଙ୍କା ନାହିଁ। କାମ ବି ମିଳିନାହିଁ। ଭୋକ ଉପାସରେ ଏହି ପରିବାର ଦିନ କାଟୁଥିବା ବେଳେ ନୂଆଖାଇ ପର୍ବ କେମିତି ପାଳନ କରିବେ ଚିନ୍ତାରେ ରହିଛନ୍ତି। ଅନେକ ସମୟରେ ଶ୍ରମିକମାନେ ପେଟପାଟଣା ପାଇଁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇ କିପରି ହଟହଟାର ସମ୍ମୁଖୀନ ହେଉଛନ୍ତି ଏହା ତା'ର ଏକ ଉଦାହରଣ। ଶ୍ରମବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ପାଇକମାଲରେ ଶିଶୁ ଶ୍ରମିକ ଧରପଗଡ଼

ପାଇକମାଲ,୪।୯(ବଡ ଶତପଥି): ବରଗଡ଼ ଜିଲା ପାଇକମାଲ ଅଞ୍ଚଳରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବିଭିନ୍ନ ହୋଟେଲ ଓ ଦୋକାନ ଗୁଡିକରେ ଶିଶୁ ଶ୍ରମିକ କାମ କରୁଥିବା ସନ୍ଦେହ କରି ଚଢଉ କରିଥିଲେ। ସେଠାରେ ଶିଶୁ ଶ୍ରମିକ କାମ କରିବାର ଦେଖିବାକୁ ପାଇ ନ ଥିଲେ। ଶିଶୁଙ୍କୁ କାମ ନ କରାଇବା ପାଇଁ ହୋଟେଲ ଓ ଦୋକାନୀଙ୍କୁ ପରାମର୍ଶ ଦେଇଥିଲେ। ପଦ୍ମପୁର ଏକ ହୋଟେଲରୁ ୩ ଜଣ ଶିଶୁଙ୍କୁ କାମ କରୁଥିବା ଦେଖି ଉଦ୍ଧାର କରିଥିଲେ। ଉକ୍ତ ୩ ଜଣ ଶିଶୁଙ୍କୁ ବରଗଡ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଛି। ଚଢଉ ସମୟରେ ଚିଙ୍କୁ ବରିହା, ଗୋବର୍ଦ୍ଧନ ପାଣିଗ୍ରାହୀ, କେଦାର ସିଂ ବରିହା, ବବିତା ରାଉତ, ତରୁନସେନ ପୁସେଠ ପ୍ରମୁଖ ଉପସ୍ଥିତ ଥିଲେ।

### ୪ ମୋବାଇଲ ଚୋରଙ୍କୁ ଧରିଲା ପୋଲିସ

ବରପାଲି,୪।୯(ଚିତ୍ତରଞ୍ଜନ ସାହୁ): ବରପାଲି ପୋଲିସ ଏକ ମୋବାଇଲ ଦୋକାନ ଚୋରି ମାମଲାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନସିବ ଖାନ, ବଷ୍ଟି ବେହେରା, ରାହୁଲ ବଡି ଏବଂ ସମିଧ ପାଣିଗ୍ରାହୀ। ଗତ ୨୭ ତାରିଖ ରାତିରେ ହସ୍ପିଟାଲ ଛକରେ ଥିବା ଏକ ମୋବାଇଲ ମରାମତି ଦୋକାନରୁ ତାଲା ଭାଙ୍ଗି ଚୋରମାନେ ଚୋରୀ କରିଥିଲେ। ଦୋକାନ ମାଲିକ ରାଜୁ ମେହେର ଏନେଇ ବରପାଲି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଦୋକାନର ୪ଟି ତାଲା ଭାଙ୍ଗି ମରାମତି ପାଇଁ ଆସି ଥିବା ୨୦ ଟି ମୋବାଇଲ ଫୋନ ସହ ଏକ ହଜାର ଟଙ୍କା ଚୋରି ହୋଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଥିଲେ।


ମୁଖ୍ୟ ଅତିଥି ଏବଂ ଅନ୍ୟମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଖଣିଜ ରତ୍ନ ପଥର, ଜୀବାଶ୍ମ ପ୍ରଦର୍ଶନୀ

ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)

- ୮୫୦ରୁ ଉର୍ଦ୍ଧ୍ୱ ଖଣିଜ ରତ୍ନ ପଥର ପ୍ରଦର୍ଶିତ
- ପ୍ରଦର୍ଶନୀରେ ୧୧୦୦ରୁ ଉର୍ଦ୍ଧ୍ୱ ବିରଳ ସାମଗ୍ରୀ
- ବିଶ୍ୱ ରେକର୍ଡ଼ ପାଇଁ ଆଶା ବାନ୍ଧିଛନ୍ତି ସଂଗ୍ରାହକ

ବରଗଡ଼ ଗାନ୍ଧିଛକ ନିକଟ କଲ୍ୟାଣ ମଣ୍ଡପରେ ବୁଧବାର ଦି ୱାଣ୍ଡର ମିନେରାଲ୍ସ ପ୍ରୋଗ୍ରାମ ମାଧ୍ୟମରେ ଖଣିଜ ରତ୍ନ ପଥର ଏବଂ ଜୀବାଶ୍ମ ପ୍ରଦର୍ଶନୀ ହୋଇଥିଲା। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପୂର୍ବତନ ଲୋକସଭା ଏମ୍‌ପି ତଥା ରାଜ୍ୟ ମ୍ୟୁଜିୟମର ପୂର୍ବତନ କ୍ୟୁରେଟର ଡ. ପ୍ରଭାସ ସିଂ, ସୁପରିନଟେଣ୍ଡିଙ୍ଗ ଆର୍କିଓଲୋଜିଷ୍ଟ ଡ. ଡି. ବି. ଗଡ଼ନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆର୍ଥ ସାଇନ୍ସ ବିଭାଗ ମୁଖ୍ୟ ଆସିଷ୍ଟାଣ୍ଟ ପ୍ରଫେସର ଡ. ଦୁର୍ଯ୍ୟୋଧନ ବେହେରା, ପ୍ରଫେସର ଡ. ପ୍ରଭାତ କୁମାର ସାହୁ, ବରିଷ୍ଠ ଖବରଦାତା ସୁରେନ୍ଦ୍ର ହୋତା, ସାଇନ୍ସ କମ୍ୟୁନିକେଟର ଲକ୍ଷ୍ମୀ ନାରାୟଣ ବକ୍ସି, ବରିଷ୍ଠ ଆଡ଼ଭୋକେଟ୍ ଅନନ୍ତ ଶୟନ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରକୃତିପ୍ରେମ ଏନଜିଓର ସାଧାରଣ ସମ୍ପାଦକ ଉପାନନ୍ଦ ସରକାର ପ୍ରଦର୍ଶନୀ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ଉକ୍ତ ପ୍ରଦର୍ଶନୀରେ ବରଗଡ଼ର ସଂଗ୍ରାହକ ଡ. ସତ୍ୟକେତନ ମହାନ୍ତିଙ୍କ ଦ୍ୱାରା ସଂଗୃହୀତ ୮୫୦ରୁ ଅଧିକ ଖଣିଜ ରତ୍ନ ଏବଂ ୧୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ସାମଗ୍ରୀ ଏଥିରେ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରେ ଦେଶ, ବିଦେଶରୁ ସଂଗୃହୀତ ଖଣିଜ ପଥର, ଜୀବାଶ୍ମ ଆଦି ରହିଥିଲା। ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ଶତାଧିକ ଲୋକେ ପ୍ରଦର୍ଶନୀକୁ ଆସି ସଂଗୃହୀତ ବିରଳ ସାମଗ୍ରୀ ଦେଖି ଜ୍ଞାନ ଆହରଣ କରିଥିଲେ। ଏଠାରେ ଉଲ୍ଲେଖନୀୟ, ସଂଗ୍ରାହକ ମହାନ୍ତିଙ୍କ ପାଖରେ ଦେଶ, ବିଦେଶରୁ ସଂଗୃହୀତ ୧୪ପ୍ରକାର ବିଭାଗର ୧୭ହଜାରରୁ ଉର୍ଦ୍ଧ୍ୱ ସାମଗ୍ରୀ ରହିଥିବା ସେ କହିଛନ୍ତି। ତନ୍ମଧ୍ୟରୁ ବୁଧବାର କେବଳ ଗୋଟିଏ ବିଭାଗର ପ୍ରଦର୍ଶନୀ ହୋଇଥିଲା। ଏଭଳି ସାମଗ୍ରୀ ସଂଗ୍ରହ କରି ସୁରକ୍ଷିତ ରଖିଥିବା ଯୋଗୁ ଗତ ୨୦୧୩ ମସିହାରେ ସାଂକେତିକ ମୁଦ୍ରା ଏବଂ ୨୦୧୪ ମସିହାରେ ସାମୁଦ୍ରିକ ଶଙ୍ଖ ସଂଗ୍ରହ ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଛନ୍ତି। ସେହିପରି ୨୦୧୯ ମସିହାରେ ଭିଏତ୍‌ନାମର ୱାର୍ଲଡ୍ ରେକର୍ଡ଼ ଇନଭର୍ସିଟି ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଛି। ବୁଧବାର ପ୍ରଦର୍ଶନୀ ମାଧ୍ୟମରେ ସେ ଇଣ୍ଟର ନ୍ୟାଶନାଲ ବୁକ୍ ଅଫ ରେକର୍ଡ଼ ଦ୍ୱାରା ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇବେ ବୋଲି ସଂଗ୍ରାହକ ମହାନ୍ତି ଆଶାବ୍ୟକ୍ତ କରିଛନ୍ତି।

## ଗୁରୁ ହିଁ ଜୀବନର ପଥ ପ୍ରଦର୍ଶକ

ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)

ଗୁରୁଙ୍କ ଆଶୀର୍ବାଦ ବିନା ଜୀବନ ନିରର୍ଥକ। ତେଣୁ ଗୁରୁ ହିଁ ଅଗ୍ରପୂଜ୍ୟ ଓ ଚିର ନମସ୍ୟ ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲରେ ବୁଧବାର ଅନୁଷ୍ଠିତ ତସ୍ମୈଶ୍ରୀ ଗୁରବେ ନମଃ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ସ୍କୁଲର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସଂସଦର ସଭାନେତ୍ରୀ ରେଣୁକା ଭୋଇ ଅଧ୍ୟକ୍ଷତା କରିଥିଲେ। ଗୁରୁ ଦିବସର ଦିନକ ପୂର୍ବରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ସଂକୀର୍ତ୍ତନ୍ୟ ଗୁରୁ ପ୍ରମୋଦ ଦାଶ, ଗୁରୁ ମନୋରଞ୍ଜନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ଶିକ୍ଷୟିତ୍ରୀ ସୁନୀତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଜୀବନକୁ ଆଲୋକିତ କରିବା ପାଇଁ ଗୁରୁ ହିଁ ଆଲୋକବର୍ତ୍ତିକା ବୋଲି କହିଥିଲେ। ଭାରତୀ ଶିଶୁ ସାହିତ୍ୟ ସଂସଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଛାତ୍ରୀମାନେ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଗୁରୁ କିଭଳି ଜୀବନର ପଥ ପ୍ରଦର୍ଶକ, ସେ ନେଇ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଅଶ୍ଳେଷା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ନୂଆଖାଇ ପାଇଁ ନୃସିଂହନାଥକୁ ଝିଟିକିରୁ ଆସିଲା ସାଲିଆନା ଭାର

ପାଇକମାଲ,୪।୯(ବଡ ଶତପଥି)

ବରଗଡ଼ ଜିଲା ପାଇକମାଲ ବ୍ଲକ ଝିଟିକି ଗ୍ରାମରୁ ପ୍ରତି ବର୍ଷ ପରି ଚଳିତ ବର୍ଷ ନୂଆଁଖାଇ ପାଇଁ ନୃସିଂହନାଥ ମନ୍ଦିରକୁ ଆସିଲା ସାଲିଆନା ଭାର। ଝିଟିକି ଗ୍ରାମର ଚାଷୀମାନଙ୍କ ସହ ସମଗ୍ର ଗ୍ରାମବାସୀ ପ୍ରାୟ ୩୦୦ ପରିବାର ଗାଁରେ ଘର ଘର ବୁଲି ସଂଗ୍ରହ କରି ଥିଲେ ନୂଆଁଖାଇ ସାମଗ୍ରୀ। ବୁଧବାର ପ୍ରାୟ ୪୦ ଜଣ ଗ୍ରାମବାସୀ ଭାର ଆଣି ନୃସିଂହନାଥ ମନ୍ଦିରର ଭଣ୍ଡାର ମହୁରୀ ସତ୍ୟ ପୁରୋହିତ ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ପାଖରେ ଜମା ଦେଇଛନ୍ତି। ହରି ଧରୁଆ, ବ୍ରହ୍ମ ଧରୁଆ, ଅର୍ପିନ ଭୋଇ ପ୍ରମୁଖଙ୍କ ସହ ୪୦ ଜଣ ଗ୍ରାମବାସୀ ସାଲିଆନା ଭାର ସହ ଆସିଥିଲେ। ସେମାନେ ସମସ୍ତେ ନୃସିଂହ ମହାପ୍ରଭୁଙ୍କୁ ଦର୍ଶନ କରି ଅନ୍ନ ପ୍ରସାଦ ଖାଇ ଘରକୁ ଫେରିଥିଲେ। ହରି ଧରୁଆଙ୍କୁଙ୍କୁ ଏନେଇ ପଚାରିବାରୁ, ଆମେ ଆଣୁଥିବା ଜିନିଷ ନୂଆଖାଇ ଦିନ ଠାକୁରଙ୍କ ଠାରେ ଭୋଗ ଲଗାଯାଇ ଭକ୍ତମାନଙ୍କୁ ଅର୍ଣ୍ଣ ପ୍ରସାଦ ବଣ୍ଟା ଯାଉଥିବାରୁ ପ୍ରତିବର୍ଷ ଆମେ ସାଲିଆନା ଭାର ମନ୍ଦିରକୁ ଆଣିଥାଉ।


ମନ୍ଦିରକୁ ଭାର ଆସୁଛି।


ମହିଳାମାନେ ବେଆଇନ ମଦ ବିକ୍ରିକୁ ବିରୋଧ କରୁଛନ୍ତି।

## ବେଆଇନ ମଦ ବିକ୍ରି ବନ୍ଦ ଦାବି

ବରପାଲି,୪।୯(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ କଣ୍ଟାପାଲି ଗ୍ରାମରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ଗ୍ରାମର ମହିଳା ଏସଏସଜି ତଥା ବହୁ ମହିଳା ବରପାଲି ଥାନାରେ ଏକ ଲିଖିତ ଅଭିଯୋଗ କରି ଏହାକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏଥିସହ ଗ୍ରାମରେ ଏକ ବିରାଟ ଶୋଭାଯାତ୍ରା କରିବା ସହ ବିଭିନ୍ନ ମଦ ବିରୋଧୀ ସ୍ଲୋଗାନ ଦେଇଥିଲେ। ଗ୍ରାମରେ ମଦ ବିକ୍ରି ବନ୍ଦ କରା ନ ଯାଏ ତେବେ ବିରାଟ ଆନ୍ଦୋଳନ ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। କଣ୍ଟାପାଲି ଗ୍ରାମ ଆଦିବାସୀ, ହରିଜନ ଅଧ୍ୟୁଷିତ ଗ୍ରାମ। ଗ୍ରାମର ପ୍ରାୟ ସମସ୍ତେ କୃଷି କିମ୍ବା ଦିନ ମଜୁରିଆ କାମ କରି ପରିବାର ଭରଣ ପୋଷଣ କରନ୍ତି। ହେଲେ ଗ୍ରାମର ପ୍ରତ୍ୟେକ ଗଳି କନ୍ଦିରେ ଦେଶି ଓ ବିଦେଶୀ ମଦ ବିକ୍ରୀ ହେଉଥିବାରୁ ମଜୁରିଆମାନେ ସବି ପଇସା ସେଇଠି ଦେଇ ସର୍ବଶ୍ୱନ୍ତ ହେଉଛନ୍ତି। ଫଳରେ ପରିବାର ଭରଣ ପୋଷଣ କଷ୍ଟ ହେଉଛି। ଏହା ସହିତ ପ୍ରତିଦିନ ମଦ ପିଇ ବିଭିନ୍ନ ରୋଗରେ ଅକାଳ ମୃତ୍ୟୁ ଘଟୁଛି। ଅନ୍ୟ ପକ୍ଷରେ ମଦ ନିଶା ଯୋଗୁ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବରପାଲି ମଦ ଭାଟିରୁ ଏଜେଣ୍ଟ ଜରିଆରେ ସେଠାରେ ମଦ ବିକ୍ରୀ ହେଉଥିବା ମଧ୍ୟ ସେମାନେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମର ଶତାଧିକ ମହିଳା ବରପାଲି ଥାନାରେ ଲିଖିତ ଅଭିଯୋଗ କରିବା ସାଙ୍ଗକୁ ବରପାଲି ଦେଶୀ ମଦ ଭାଟିକୁ ଯାଇ ବିକ୍ଷୋଭ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ବ୍ଲକସ୍ତରୀୟ କବାଡ଼ି ଚୟନ ପ୍ରକ୍ରିୟା ସମାପନ

ପାଇକମାଲ,୪।୯(ବଡ ଶତପଥି)

ବରଗଡ ଜିଲା ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ହାଇସ୍କୁଲରେ ବ୍ଲକ ସ୍ତରୀୟ କବାଡି ଚୟନ ପ୍ରକ୍ରିୟା ସମାପନ ହୋଇଛି। ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜାମସେଠ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମ୍ୟାନେଜର ବିଭୂପଦ ସାହୁ,ସ୍ୱତନ୍ତ୍ର ଅତିଥି ପାଇକମାଲ ଏବିଇଓ ଧଲେନ୍ଦ୍ର ବାରିକ ଓ ସମ୍ମାନୀତ ଅତିଥି ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, କ୍ଲବ ସଭାପତି ହେମନ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରମୋଦ ରାଏ, ସ୍କୁଲ ପରିଚାଳନା କମିଟି ଚେୟାରମେନ ବିପିନ ବିହାରୀ ସାହୁ, ପଙ୍କଜ କୁମାର ଭୋଇ, ସିଆରସିସି ବ୍ରଜକିଶୋର ଜେନା, ଉଗ୍ରସେନ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୪ଟି ସବ୍‌ଜୋନରୁ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ବାଳିକା ବାଳକମାନେ ଅଂଶ ଗ୍ରହଣ କରିଥିଲେ। ମନୋନୀତ ଖେଳାଳୀମାନେ ଝାରବନ୍ଧ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲା ସ୍ତରୀୟ କବାଡି ଚୟନରେ ଅଂଶଗ୍ରହଣ କରିବେ। ଖେଳ ପରିଚାଳନା ଖେଳ ଶିକ୍ଷକ ସୁଦର୍ଶନ ମହାକୁଡ଼,ହେମସାଗର ସାହୁ, ଅଜିତ ପ୍ରଧାନ, ବୈବସ୍ୱତ ପ୍ରଧାନ, ଅମିତ ସାହୁ, ପ୍ରଫୁଲ୍ଲ ମେହେର,ରଜତ ମିଶ୍ର, ସ୍ୱତନ୍ତ୍ର ସାହୁ, ପ୍ରିତମ ପଣ୍ଡା, ନମିତା ସାହୁ, ଶିବାନୀ କଣ୍ଡେଲ, ରଶ୍ମୀତା ତନସନା ପ୍ରମୁଖ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଅତାବିରା, ୪।୯(ହୃଷିକେଶ ଖମାରୀ)


ମୁକୁଳା ହୋଇ ପଡିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ।

ବରଗଡ଼ ଜିଲା ଅତାବିରା ବ୍ଲକ କୁଲତା ଟୁକୁରା ସ୍କୁଲ ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ହୋଇପଡ଼ିଛି। ବିଭାଗୀୟ ଅଧିକାରୀ, କର୍ମଚାରୀମାନଙ୍କ ଦୃଷ୍ଟିକୁ ଆସୁଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉ ନ ଥିବାରୁ ଦିନକୁ ଦିନ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ଦେଖାଯାଇଛି। ବିଦ୍ୟୁତ୍ ବିଲ୍ ବାବଦକୁ ଉପଭୋକ୍ତାମାନଙ୍କଠାରୁ କୋଟିକୋଟି ଟଙ୍କା ଆଦାୟ କରାଯାଉଥିବାବେଳେ ମୁକୁଳା ହୋଇ ପଡ଼ିଥିବା ବିଦ୍ୟୁତ ଟ୍ରାନ୍ସଫରମର ଚାରିପଟେ ପାଚେରୀ ଦିଆଯାଉ ନ ଥିବାରୁ ଅବାଧରେ ଗୋରୁ ପଶୁଛନ୍ତି। ବିଦ୍ୟୁତ୍ ଟ୍ରାନ୍ସଫରମର ନିକଟକୁ ଯାଉଥିବାରୁ ଗୋରୁ ମୃତ୍ୟୁ ମୁଖରେ ପଡ଼ିବା ଆଶଙ୍କା ରହିଛି। ପୁଣି ରାସ୍ତାପାର୍ଶ୍ୱ ସ୍କୁଲ ନିକଟର ଟ୍ରାନ୍ସଫର୍ମର ଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଇଁ ମଧ୍ୟ ବିପଦ ରହିଛି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପାଚେରୀ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପଞ୍ଚାୟତ କଲେଜରେ ଆଲୋଚନାଚକ୍ର

ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜ ରାଜନୀତିବିଜ୍ଞାନ ଏବଂ ସମାଜ ବିଜ୍ଞାନ ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଂଲାଦେଶର ରାଜନୈତିକ ଅସ୍ଥିରତା ଓ ପଡ଼ୋଶୀ ରାଷ୍ଟ୍ରମାନଙ୍କ ଉପରେ ଏହାର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁବଳ ମେହେର ଏବଂ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ହୃଦାନନ୍ଦ ଭୁଏଁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷକ ନେତା ଲିଙ୍ଗରାଜ ମୁଖ୍ୟ ଆଲୋଚକଭାବେ ଯୋଗଦେଇ ଅଲୋଚ୍ୟ ବିଷୟବସ୍ତୁ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ। ଏହାପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସହକାରୀ ପ୍ରଫେସର ବିଜୟ ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡ. ସଂଯୁକ୍ତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକବୃନ୍ଦ।

## କମ୍ପ୍ୟୁଟର, ୟୁପିଆଇ ସମ୍ପର୍କିତ ଶିକ୍ଷା ପ୍ରଦାନ

ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ପ୍ରାୟୋଜିତ ଭାରତ ସରକାରଙ୍କ ସ୍କିଲିଂ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭ୍ରାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍ ମାଧ୍ୟମରେ ଭାତବିଡ଼ା ଗ୍ରାମରେ ୨୬ଜଣ ବିଦ୍ୟାର୍ଥୀଙ୍କୁ କମ୍ପ୍ୟୁଟର ଏବଂ ୟୁପିଆଇ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ପ୍ରଦାନ କରାଯାଇଛି। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ୨୬ଜଣ ଛାତ୍ର ଅଂଶଗ୍ରହଣ କରି ସଫଳତାର ସହିତ ସେମାନଙ୍କୁ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ଭାତବିଡ଼ା ଗ୍ରାମର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ୮୦ ଛାତ୍ରୀଛାତ୍ର ସ୍କିଲିଂ ଇଣ୍ଡିଆ ଅନ୍ତର୍ଗତ ସାଧାରଣଜ୍ଞାନ ପରୀକ୍ଷାରେ ସାମିଲ ହୋଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ସମସ୍ତ କାର୍ଯ୍ୟକ୍ରମ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିନୀତ ଦୋରା ଓ ଗଣିତ ଶିକ୍ଷକ ହରେକୃଷ୍ଣ ଦୁବେଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଅଧିକରୁ ଅଧିକ ସଂଖ୍ୟାରେ ଶିକ୍ଷାର୍ଥୀମାନେ କିଭଳି ଏହି ଅଭିଯାନରେ ସାମିଲ ହୋଇ ଏହାର ଲାଭ ପାଇବେ, ସେ ଦିଗରେ ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ସର୍ବଦା ତତ୍ପରତା ସହିତ କାମ ଜାରି ରଖିଛି ବୋଲି କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ସୂଚନା ଦେଇଛନ୍ତି।



ଭାତବିଡ଼ା ଗ୍ରାମରେ କ୍ରୀଷ୍ଣା ବିକାଶ ଫାଉଣ୍ଡେଶନର ଭ୍ରାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍।

## କୃଷି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)


ମୁଖ୍ୟ ଜିଲା କୃଷି ଅଧିକାରୀ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ଆସନ୍ତା ୮ତାରିଖ ଅନୁଷ୍ଠିତ ହେବ। ତେବେ ଉକ୍ତ ଦିନ ସିଏମ୍ କିଷାନ ସହାୟତା ପ୍ରଦାନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଥିବା ଯୋଗୁ କୃଷି କର୍ମଚାରୀମାନେ ନୂଆଖାଇ ପାଳନରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଏ ନେଇ ଓଡ଼ିଶା ଏଗ୍ରିକଲଚର୍ ସର୍ଭିସ ଆସୋସିଏଶନ, ବରଗଡ଼ ଶାଖା ପକ୍ଷରୁ ବୁଧବାର କୃଷି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉପରୋକ୍ତ ସରକାରୀ କାର୍ଯ୍ୟକ୍ରମକୁ ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଇଛି। କିନ୍ତୁ କର୍ମଚାରୀମାନଙ୍କୁ ସେମାନଙ୍କ ନିଜ ଜିଲା(ହୋମ ଡିଷ୍ଟ୍ରିକ୍ଟ)ର ଜିଲାସ୍ତରୀୟ କିମ୍ବା ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ କରାଗଲେ ସେମାନେ କାର୍ଯ୍ୟକ୍ରମରେ ଯୋଗଦାନ ସହିତ ନୂଆଖାଇ ପାଳନ କରିପାରିବେ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଏହାର ପୁନର୍ବିଚାର କରିବାକୁ ଆସୋସିଏଶନ କୃଷି ନିର୍ଦ୍ଦେଶକଙ୍କୁ ନିବେଦନ କରିଛି। ଆସୋସିଏଶନର ସଭାପତି ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ରବି ନାରାୟଣ ସେନାପତି ପ୍ରମୁଖଙ୍କ ସ୍ୱାକ୍ଷର ସ୍ମାରକପତ୍ରରେ ରହିଛି।

# ଆଧୁନିକ ମେଟାଲିକ୍ସ କାରଖାନାରେ ଶ୍ରମିକ ପୋଡ଼ିହୋଇ ଗୁରୁତର

କୁଆଁରମୁଣ୍ଡା,୪।୯ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଚାର୍ଡିହରିହରପୁରରେ ଥିବା ଆଧୁନିକ ମେଟାଲିକ୍ସ କାରଖାନାରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ଉପରେ ବୁଧବାର ମଧ୍ୟାହ୍ନରେ ଜଳନ୍ତା ପାଉଁଶ ପଡିବାରୁ ସେ ଗୁରୁତର ହୋଇପଡିଛନ୍ତି। ସେ ହେଉଛନ୍ତି ଭାଗିରଥି ହଂସ। ତାଙ୍କୁ ରାଉରକେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ନେଇ ସ୍ତ୍ରୀ ସରସ୍ୱତୀ ବିରମିତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ କାରଖାନା କର୍ତ୍ତୃପକ୍ଷ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ସରସ୍ୱତୀ ଦାବି କରିଛନ୍ତି।

# ଜୀବିକା ଦେଲା ଜିଆଖତ ଚାଷ

- ସ୍ୱାବଲମ୍ବୀ ହେଉଛନ୍ତି ମହିଳା
- ୫୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜିଆଖତ ଅମଳର ଲକ୍ଷ୍ୟ ରଖିଛନ୍ତି ମହିଳା ଗୋଷ୍ଠୀ

ସୁନ୍ଦରଗଡ, ୪।୯ (ଜୟ ନାରାୟଣ ମେଣ୍ଢୁଲି)

ପ୍ରଥମକରି ଜିଆଖତ ଚାଷ ଭଳି ଏକ ନୂତନ ବ୍ୟବସାୟ ଆରମ୍ଭ କରି ସଫଳତା ହାସଲ କରିଛନ୍ତି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଅଧୀନ ସୁନ୍ଦରଗଡ଼ ବନଖଣ୍ଡର ଉଜ୍ଜଳପୁର, ହେମଗିର, ସୁନ୍ଦରଗଡ଼ ଓ ବଡ଼ଗାଁ ବନ ସୁରକ୍ଷା ସମିତିର ୫୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ମହିଳା। ବିଶେଷ କରି ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକରେ କାର୍ଯ୍ୟରତ ୧୩ ଟି ବନ ସୁରକ୍ଷା ସମିତିର ୨୮ ସ୍ୱୟଂ ସହାୟକ ଗୋଷ୍ଠୀର ୨୮୦ ଜଣ ମହିଳା କ୍ଲଷ୍ଟର ଭିତ୍ତିକ ଜିଆଖତ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଚାଲୁଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଆବର୍ତ୍ତନ ପାଣ୍ଠିର ସଦ ବ୍ୟବହାର କରି ଏକ ଚିରସ୍ଥାୟୀ ଜୀବିକାର ସନ୍ଧାନ ପାଇଛନ୍ତି ଏହି ମହିଳା ଗୋଷ୍ଠୀ। ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ବନ ସୁରକ୍ଷା ସମିତିର ଏହି ମହିଳାଙ୍କ ଦ୍ୱାରା ଉତ୍ପାଦିତ ଜିଆଖତକୁ ସୃଜନିକା ନାମକରଣ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨୦୧୭ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜିଆଖତ ଅମଳ କରି ବିକ୍ରି କରି ସାରିଥିବା ବେଳେ ଚଳିତ ଋତୁରେ ଆହୁରି ୫୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜିଆଖତ ଅମଳର ଲକ୍ଷ୍ୟ ରଖିଛନ୍ତି ଏହି ମହିଳା ଗୋଷ୍ଠୀ। ସେମାନେ ବିକ୍ରି କରିଥିବା ଜିଆଖତର ବଜାର ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଥିବା ବେଳେ ୨୦ ଜଣ ମହିଳା ସାଜିଛନ୍ତି ଲକ୍ଷପତି। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ତତ୍ତ୍ୱାବଧାନରେ ଏହାର ସଂପୂର୍ଣ୍ଣ ବିକ୍ରି ବ୍ୟବସ୍ଥା କରାଯାଇଥିବା ବେଳେ ଦେବଗଡ଼ ଓ ବଣାଇ ବନଖଣ୍ଡକୁ ମଧ୍ୟ ଏହି ଜିଆଖତ ବିକ୍ରିକରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ବନ ସୁରକ୍ଷା ସମିତିର ମହିଳାମାନେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଆୟ ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ପାରସ୍ପରିକ ସହଭାଗିତା ବୃଦ୍ଧି ହେବା ସହ ବଜାର ଉପରେ ଅଭିଜ୍ଞତା ବଢ଼ିଛି। ସାଗରପାଲି ବନ ସୁରକ୍ଷା ସମିତିର ଜଣେ ସଫଳ ଜିଆଖତ ଚାଷୀ ଭାରତୀ ପଟେଲ କହିଛନ୍ତି, ଜିଆଖତ ଚାଷ ମତେ ଓ ମୋର ପରିବାରକୁ ଏକ ନୂଆ ଜୀବିକାର ବାଟ ଦେଖାଇଛି। ମୋ ଭଳି ଆମ ଗାଁର ଆହୁରି ୩୦ ଜଣ ମହିଳା ଏହି ଜିଆଖତ ଚାଷ କରି ଲାଭବାନ ହୋଇ ପାରିଛନ୍ତି। ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠିର ସହାୟତାରେ ମହିଳା ଗୋଷ୍ଠୀ ସ୍ୱାବଲମ୍ବୀ ହୋଇପାରିଛି। ଜଙ୍ଗଲ ବିଭାଗର ସହାୟତାରେ ନିଜ ଘରେ ରହି ଏହାର ବିକ୍ରି ବ୍ୟବସ୍ଥା ହେଉଥିବାରୁ ଆମେ ବନଖଣ୍ଡ ଅଧିକାରୀ ସମେତ ଜଙ୍ଗଲ ବିଭାଗର ପ୍ରତ୍ୟେକ ଅଧିକାରୀଙ୍କୁ ଧନ୍ୟବାଦ ଜଣାଉଛୁ।



ଜିଆ ଚାଷ କରିଥିବା ମହିଳାମାନେ ।

# ଘଉଡ଼ାଇଲା ବେଳେ ଯୁବକଙ୍କୁ ଦଳିଦେଲା ଦନ୍ତା

ବଣାଇଁ,୪।୯ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନାଞ୍ଚଳ ସରସରା ସେକ୍ସନ କୁଲୁକୁତାରେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଘଉଡାଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଲୁକୁତା ମୁଣ୍ଡା ବସ୍ତିର ଗୋବିନ୍ଦ ମୁଣ୍ଡା। ବିନ ବିଭାଗ ମୃତଦେହ ଜବତ କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା। ବନବିଭାଗ ପକ୍ଷରୁ ବୁଝାଶୁଝା ପରେ ସ୍ଥିତି ଶାନ୍ତ ରହିଛି। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୦ ପ୍ରତିଶତ ଅର୍ଥାତ୍ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମ୍ପୂର୍ଣ୍ଣ କ୍ଷତପୂରଣ ଦିଆଯିବା ପ୍ରକ୍ରିୟା ଚାଲିଥିବା ବଣାଇଁ ଡିଏଫ୍‌ଓ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କୁଲୁକୁତା ଅଞ୍ଚଳରେ ପ୍ରାୟ ୭ ଦିନ ଧରି ଏକ ଗୋଠଛଡା ଦନ୍ତା ଆତଙ୍କ ସୃଷ୍ଟି କରୁଥିଲା । ଧନ ଜୀବନ ହାନି ଆଶଙ୍କାରେ ଅଞ୍ଚଳବାସୀ ବନବିଭାଗର ସହାୟତା ଲୋଡି ହାତୀ ଘଉଡାଇବା କାର୍ଯ୍ୟରେ ସହଯୋଗ କରିଥିଲେ। ମଙ୍ଗଳବାର ରାତିରେ ଗୋବିନ୍ଦ ବିନବିଭାଗ ସହ ହାତୀ ଘଉଡାଇବକୁ ଯାଇଥିଲେ। ହେଲେ ହାତୀର ପାଲଟା ଆକ୍ରମଣରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।

# ଜଙ୍ଗଲରୁ ଉଦ୍ଧାର ଶିଶୁପୁତ୍ର ମୃତ

ସୁନ୍ଦରଗଡ,୪।୯ (ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ସଲଙ୍ଗାବୁଡ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବୁଧବାର ଏକ ନବଜାତ ଶିଶୁପୁତ୍ରକୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରିଥିଲେ। ଏନେଇ ଜିଲା ଶୁଶୁ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଧିକାରୀମାନେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ସୂଚନା ଦେଇଛନ୍ତି। ଏନେଇ ଧରୁଆଡିହି ପୋଲିସ ଏକ ଅପମୃତ୍ୟୁ ମାମଲା କେଶ ନଂ. ୧୪।୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ସ୍ଥାନୀୟ ଲୋକେ ବୁଧବାର ଜଙ୍ଗଲକୁ ଯାଇଥିବାବେଳେ ନବଜାତ ଶିଶୁପୁତ୍ରର କାନ୍ଦ ଶୁଣିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗ୍ରାମର ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ପାଖକୁ ନେଇଥିଲେ। ସେଠାରେ ଶିଶୁପୁତ୍ରକୁ ଦୁଗ୍ଧପାନ କରାଇଥିଲେ।

# ବିପଦକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ୍ ଟାୱାର

## ୭ ଦିନ ଭିତରେ ନିଆଯିବ ପଦକ୍ଷେପ



ବିଦ୍ୟୁତ୍ ଟାୱାରରେ ଗୁଡାଇ ହୋଇ ରହିଥିବା ଅନାବନା ଲଟା।

ରାଉରକେଲା,୪।୯ (ଦିନେଶ ମିଶ୍ର)

ବିପଦକୁ ନିମନ୍ତ୍ରଣ କରୁଛି ସ୍ମାର୍ଟସିଟି ରାଉରକେଲା ରାସ୍ତାକଡରେ ଥିବା ହାଇଭୋଲଟେଜ୍ ବିଦ୍ୟୁତ ଟାୱାର। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏଭଳି ଦୃଶ୍ୟ ରାଉରକେଲା ବନ୍ଧମୁଣ୍ଡା କୁମ୍ଭାରପଡା ବସ୍ତି କଡରେ ଯାଇଥିବା ହାଇଭୋଲଟେଜ୍ ବିଦ୍ୟୁତ ଟାୱାରରେ ଦେଖିବାକୁ ମିଳିଛି। ଏହି ଟାୱାରଟି ରାସ୍ତାକଡରେ ଥିବାବେଳେ ଏହା ଉପରେ ଅନାବନା ଲତାମାଡିଯାଇଛି। ବର୍ଷାଦିନ ସହ ଟାୱାର ତାର ଓ ବାଡ ଉପରେ ସମ୍ପୂର୍ଣ୍ଣ ଲତା ମାଡିଯାଇଥିବାରୁ ଏହା ବିପଦକୁ ଆମନ୍ତ୍ରଣ କରୁଛି। ରାଉରକେଲାରୁ ବନ୍ଧମୁଣ୍ଡା ଦେଇ ବିଶ୍ରା ଅଞ୍ଚଳକୁ ଏହି ବିଦ୍ୟୁତ ଟାୱାର ମାଧ୍ୟମରେ ବିଦ୍ୟୁତ ସଂଯୋଗୀକରଣ କରାଯାଇଛି। ଏହି ଟାୱାର ଦେଇ ୨୨୦/୧୩୨ କେ.ଭି ବିଦ୍ୟୁତ ସଂଚରଣ ହେଉଛି। ତେବେ ରାସ୍ତାକଡରେ ଥିବା ଏହି ହାଇଭୋଲଟେଜ୍ ବିଦ୍ୟୁତ ଟାୱାରର ରକ୍ଷଣାବେକ୍ଷଣ ଅଭାବରୁ ଏହାର ଚତୁଃପାର୍ଶ୍ୱ ଜଙ୍ଗଲରେ ପରିଣତ ହୋଇଛି। ଏହି ଟାୱାର ତଳେ ସ୍ଥାନୀୟ ବସ୍ତିବାସୀଙ୍କ ଚାଷ ଜମି ରହିଛି। ଏଠାକାର ଚାଷୀମାନେ ସେମାନଙ୍କ ଜମିରେ ପନିପରିବା ଚାଷ କରୁଥିବାବେଳେ ଏଭଳି ବିପଦସଙ୍କୁଳ ଅବସ୍ଥା ଦେଖି ଭୟଭୀତ ହୋଇ ରହୁଛନ୍ତି। ସେହିପରି ଟାୱାର ଚାରିପାଖରେ କୌଣସି ସୁରକ୍ଷା ବଳୟ ନ ଥିବାରୁ ଏହା ତଳେ ବୁଲାପ୍ରାଣୀ ଚଳପ୍ରଚଳ କରୁଛନ୍ତି। ଟାୱାରରେ ଗୁଡାଇ ହୋଇଥିବା ଲତାଗୁଡିକୁ ଖାଇବା ପାଇଁ ସେମାନେ ଯାଉଥିବାବେଳେ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ଏ ନେଇ ଓପିଟିସିଏଲର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ଡି. କେ. ମହନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ବନ୍ଧମୁଣ୍ଡା କୁମ୍ଭାରପଡା ରାସ୍ତାକଡରେ ଯାଇଥିବା ହାଇଭୋଲଟୋଜ୍ ବିଦ୍ୟୁତ ଟାୱାରର ଅବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଉକ୍ତ ରାସ୍ତାକଡ ଦେଇ ଝାଡ଼ଖଣ୍ଡର ବିଦ୍ୟୁତ ଟାୱାର ମଧ୍ୟ ଯାଇଛି। ତଥାପି ଆସନ୍ତା ୭ ଦିନ ଭିତରେ ବିଭାଗୀୟ କର୍ମଚାରୀଙ୍କୁ ପଠାଇ ହାଇଭୋଲଟେଜ୍ ଟାୱାରଗୁଡିକୁ ଯାଞ୍ଚ କରିବା ପରେ ତୁରନ୍ତ ଜେବିବିଏନ୍ଏଲ ଅଧିକାରୀଙ୍କୁ ଅବଗତ କରି ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ମହନ୍ତ କହିଥିଲେ।

# ଅଣ୍ଡର ୧୪ ବାଳକ ଫୁଟବଲ ପ୍ରତିଯୋଗିତା



ରନର ହୋଇଥିବା ଖେଳାଳିମାନେ ।

## ବନ୍ଧମୁଣ୍ଡା କେବି ରନର

ବନ୍ଧମୁଣ୍ଡା,୪।୯ (ସୁବ୍ରତ ଡେ)

ଲକ୍ଷ୍ନୌ ସହରର ଆଲିଗଞ୍ଜ ସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟଠାରେ ଆୟୋଜିତ ରିଜିନାଲ ଅଣ୍ଡର -୧୪ ବାଳକ ଫୁଟବଲ ପ୍ରତିଯୋଗିତାରେ ବନ୍ଧମୁଣ୍ଡା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭଲ ଖେଳ ପ୍ରଦର୍ଶନ କରି ପ୍ରତିଯୋଗିତାରେ ରନର ହୋଇଛି। ତିନି ଦିବସୀୟ ଏହି ଫୁଟବଲ ପ୍ରତିଯୋଗିତାରେ ବନ୍ଧମୁଣ୍ଡା ଟିମ କ୍ରମାଗତ ୭ଟି ମ୍ୟାଚ ଜିତି ଫାଇନାଲ ମ୍ୟାଚରେ କଡ଼ା ସଂଘର୍ଷ ପରେ ପ୍ରତିଯୋଗିତାର ରନର୍ ଅପ ହେଇଛି। ଏହି ପ୍ରତିଯୋଗିତାରେ ଦେଶର ୨୩ ଟି ରାଜ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ଟିମ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ବନ୍ଧମୁଣ୍ଡା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଦଳର ଖେଳାଳିମାନେ ଭଲ ପ୍ରଦର୍ଶନ କରି ରନର ହେଇଛନ୍ତି। ପ୍ରତିଯୋଗିତା ଶେଷରେ ଅତିଥିମାନେ ବିଜେତା ଏବଂ ଉପବିଜେତା ଟିମକୁ ପଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ। ବନ୍ଧମୁଣ୍ଡା ଟିମର ଏହି ସଫଳତା ପରେ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲ ହେମଲତା ନାୟକ ଟିମର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଭାଜପାର ଖବରଦାତା ସମ୍ମିଳନୀ

ଲହୁଣୀପଡ଼ା,୪।୯ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ସ୍ଥିତ ବଣେଇ ସାଙ୍ଗଠନିକ ଜିଲା ଭାଜପା କାର୍ଯ୍ୟାଳୟଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ଭାଜପା ଜିଲା ସାଙ୍ଗଠନିକ ସଭାପତି ମନୋଜ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ ,ଲୁଥାର ଓରାମ,ଜିଲା ସଦସ୍ୟତା ଟଲି ସଭ୍ୟ ଉପେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟି ତରଫରୁ ସଦସ୍ୟତା ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧ ଠାରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବ। ଏହି କ୍ରମରେ ଭାଜପା ରାଷ୍ଟ୍ରୀୟ ସଭାପତି ଜଗତ ପ୍ରସାଦ ନଡ୍ଡା ପ୍ରଧାନ ମନ୍ତ୍ରୀଙ୍କୁ ସଦସ୍ୟ କରିଥିବା ବେଳେ ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଥମ ସଦସ୍ୟ ଭାବେ ଗ୍ରହଣ କରିଥିଲେ। ଓଡ଼ିଶାର ୩୭ଟି ସାଙ୍ଗଠନିକ ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଏଥିରୁ କୌଣସି କାରଣ ବଶତଃ ବାଦ ପଡିଥିବା ଲୋକଙ୍କୁ ଅକ୍ଟୋବର ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ସଦସ୍ୟତା ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ରାଜ୍ୟ ଭାଜପା ପକ୍ଷରୁ ଓଡ଼ିଶାରେ ୪୧ ଲକ୍ଷ ସଦସ୍ୟ ଟାର୍ଗେଟ ଦିଆଯାଇଥିଲେ ମଧ୍ୟ ତାଠାରୁ ଅଧିକ ସଦସ୍ୟ ସଂଗ୍ରହ କରିବାରେ ଭାଜପା ସକ୍ଷମ ହେବ। ସେହି ତୁଳନାରେ ବଣେଇ ନିର୍ବାଚନ ମଣ୍ଡଳୀରେ ମଧ୍ୟ ସର୍ବାଧିକ ସଦସ୍ୟ ସଂଗ୍ରହ କରି ବଣେଇ ଭାଜପା ରେକର୍ଡ କରିବ। ଏହା ପୂର୍ବରୁ ପ୍ରତ୍ୟେକ ୩ ବର୍ଷରେ ଥରେ ସଦସ୍ୟତା ଅଭିଯାନ ଦଳ ପକ୍ଷରୁ କରାଯାଇଥାଏ। କିନ୍ତୁ କରୋନା ସମୟରେ ଏହି କାର୍ଯ୍ୟକ୍ରମ କରିବା ସମ୍ଭବ ପର ହୋଇ ନ ଥିବାରୁ ୫ ବର୍ଷ ପରେ ୨୦୨୪ ମସିହାରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ଏହା ପୂର୍ବରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ କାଗଜ କଲମରେ କରାଯାଉଥିବା ବେଳେ ଚଳିତ ବର୍ଷ ଦଳ ତରଫରୁ ଦିଅ ଯାଇଥିବା ମୋବାଇଲ ନମ୍ବରରେ ଇଚ୍ଛୁକ ବ୍ୟକ୍ତି ମିସକଲ କଲେ ସଦସ୍ୟ ଭାବେ ଗ୍ରହଣ କରାଯିବ। ଯେଉଁ ଅଞ୍ଚଳରେ ମୋବାଇଲ ଟାୱାରର ଅସୁବିଧା ଅଛି କିମ୍ବା ମୋବାଇଲ ନାହିଁ ବିକଳ୍ପ ବ୍ୟବସ୍ଥାରେ ସେମାନଙ୍କୁ ଫର୍ମ ପୂରଣ କରି ସଦସ୍ୟ ଭାବେ ଗ୍ରହଣ କରାଯିବ। ଏଥିପାଇଁ ଜିଲା ସଦସ୍ୟ ଟଲିର ସଭ୍ୟଙ୍କ ସହିତ ଭାଜପା କର୍ମକର୍ତ୍ତା ଓ କର୍ମୀମାନେ ଘରକୁ ଘର ଯାଇ ପରିବାରର ଲୋକଙ୍କ ସହିତ ଆଲୋଚନା କରି ଆଗ୍ରହୀ ଲୋକଙ୍କୁ ଭାରତୀୟ ଜନତା ପାର୍ଟିର ସଦସ୍ୟ ଭାବେ ଗ୍ରହଣ କରିବେ ବୋଲି ଅନୁଷ୍ଠିତ ସମ୍ମିଳନୀରେ ସୂଚନା ଦିଆଯାଇଛି।

# ଗଣେଶ ପୂଜା ପାଇଁ ଶାନ୍ତି କମିଟି ବୈଠକ

ରାଜଗାଙ୍ଗପୁର,୪।୯ (ଅଶୋକ ପାଣି)

ଗଣେଶ ପୂଜା ଓ ଭସାଣି ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ କମ୍ୟୁନିଟି ସେଣ୍ଟରଠାରେ ସହରର ସମସ୍ତ ପୂଜା କମିଟି ଏବଂ ଶାନ୍ତି କମିଟିରେ ଥିବା ସବୁ ସମ୍ପ୍ରଦାୟର ଲୋକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶାନ୍ତି ଶୃଙ୍ଖଳାରେ କିଭଳି ଗଣେଶ ପୂଜା ଓ ବିସର୍ଜନ ହେବ ତା ଉପରେ ଆଲୋଚନା ହୋଇଥିଲା। ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ଯେଉଁ ରାସ୍ତା ଦେଇ ବିସର୍ଜନ ଶୋଭାଯାତ୍ରା ଯାଇଥିଲା ଉକ୍ତ ରାସ୍ତାଦେଇ ଚଳିତ ବର୍ଷ ବିସର୍ଜନ ଶୋଭାଯାତ୍ରା ଯିବା ପାଇଁ ସ୍ଥିର କରାଯାଇଛି। ଏହା ୧୩ ତାରିଖରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ମେଢ଼ ସହ ନିଜର ୫ ଜଣ ସ୍ୱେଚ୍ଛାସେବୀମାନେ ରହିବେ। ଉଚ୍ଚ ନ୍ୟାୟାଳୟ ଆଦେଶକୁ ପାଳନ କରି ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିବେଦନ କରିଥିଲେ। ନିଶା ସେବନ କରି ଶୋଭାଯାତ୍ରାରେ ସାମିଲ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତବାନୀ ଦିଆଯାଇଛି। ଉକ୍ତ ଶାନ୍ତି କମିଟି ବୈଠକକୁ ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସଞ୍ଚାଳନ କରିଥିଲେ। ଏହି ବୈଠକରେ ତହସିଲଦାର ଜଗବନ୍ଧୁ ମଲ୍ଲିକ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ବାଗ, ପୌରପାଳିକା ଅଧ୍ୟକ୍ଷା ମାଧୁରୀ ଲୁଗୁନ, ଉପ ନଗରପାଳ ଏମଡି ଇଫାନ ଡିଏସପି ଅମ୍ରିତା ମହାନ୍ତି ନିଜ ନିଜର ମତ ବ୍ୟକ୍ତ କରିଥିଲେ। ଶାନ୍ତି କମିଟିର ବହୁ ସଦସ୍ୟ ଉପସ୍ଥିତି ରହିବା ସହ ପ୍ରଶାସନ ପକ୍ଷରୁ ଏସଆଇ ପ୍ରତ୍ୟୁଷ ପ୍ରିତମ ଜେନା, ଲାଞ୍ଜି ବେର୍ଣା ଫାଣ୍ଡି ଅଧିକାରୀ ଖଗେଶ୍ୱର ବିଶ୍ୱାଳ, ଏସଆଇ ଦମୟନ୍ତୀ ମହାନ୍ତ, ଏଏସଆଇ ହେମନ୍ତ କୁମାର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ସହରର ୭୮ ପେଣ୍ଡାଲରେ ଗଣେଷ ପୂଜା ପାଇବେ।

# ଦ୍ୱିଦିବସୀୟ କବାଡି, ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

ବଡ଼ଗାଁ,୪।୯ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମଙ୍ଗଳବାର ବ୍ଲକ ଅଞ୍ଚଳର ୧୩ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଦ୍ୱି ଦିବସୀୟ କବାଡି ଓ ଖୋଖୋ ପ୍ରତିଯୋଗିତା ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଓ ବଡ଼ଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀତା ଲାକ୍ରା ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ପୁରସ୍କାର ବିତରଣ ପରେ କ୍ରୀଡା ପତାକା ଅବତରଣ କରି ଥିଲେ। ମଙ୍ଗଳବାର ଖୋଖୋ ପ୍ରତିଯୋଗିତା ହୋଇଥିଲାବେଳେ ବୁଧବାର କବାଡି ପ୍ରତିଯୋଗିତା ହୋଇଥିଲା। ବାଳକ କବାଡି ଅଣ୍ଡର ୧୪ରେ ବଡ଼ଗାଁ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଓ ସାହାଜବାହାଲ ଉଚ୍ଚ ବିଦ୍ୟାଳୟ ରନର୍ସ ହୋଇଛି। ବାଳକ କବାଡି ଅଣ୍ଡର ୧୭ରେ ଦାଣ୍ଡଜମରା ଉଚ୍ଚ ବିଦ୍ୟାଳୟ ରନର୍ସ ହୋଇଥିଲାବେଳେ ବଡ଼ଗାଁ ଉଚ୍ଚ ବିଦ୍ୟାଳୟ ରନର୍ସ ହୋଇଛି। ବାଳିକା କବାଡି ଅଣ୍ଡର ୧୪ରେ ସର୍ବତି ଦେବୀ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଓ ବଡ଼ଗାଁ ଉଚ୍ଚ ବିଦ୍ୟାଳୟ ରନର୍ସ ହୋଇଛି। ଅଣ୍ଡର ୧୭ରେ ବରଙ୍ଗାକଛାର ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଓ ଦାଣ୍ଡଜମରା ଉଚ୍ଚ ବିଦ୍ୟାଳୟ ରନର୍ସ ହୋଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ବିଭିନ୍ନ ସ୍କୁଲର କ୍ରୀଡା ଶିକ୍ଷକ ମୁରଲୀଧର ବେହେରା, ପ୍ରଭାତ କୁମାର ଦ୍ୱାରି, ଉଗ୍ରସେନ ବେହେରା, ଚିତ୍ତରଞ୍ଜନ ଡାକୁଆ, ରଞ୍ଜନ କୁମାର ବସନ୍ତରା, ଅମିତ ମହାରଣା, ମିଳନ ମଞ୍ଜରୀ ନାଇ ଓ କାଦମ୍ବିନୀ ପଟେଲ ପରିଚାଳନା କରିଥିଲେ। ବଡ଼ଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ।



ଚାମ୍ପିୟନ ଓ ରନରଅପ୍ ହୋଇଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର।

# ଓଡ଼ିଆ ସାହିତ୍ୟର ରୋମାଣ୍ଟିକ ଚେତନାର କବି ଥିଲେ ବିନୋଦ

ସୁନ୍ଦରଗଡ଼,୪।୯ (ଜୟ ନାରାୟଣ ମେଣ୍ଢୁଲି)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କବି ବିନୋଦ ଚନ୍ଦ୍ର ନାୟକ ଆଧୁନିକ ଯୁଗର ଜଣେ ପ୍ରଗତିଶୀଳ ସ୍ରଷ୍ଟା। ପ୍ରଲମ୍ବିତ ଦୃଷ୍ଟିଭଙ୍ଗୀ ତାଙ୍କ ସୃଜନ ସତ୍ତାର ସ୍ୱତନ୍ତ୍ରତା। ସେ ଆଧୁନିକ ଓଡ଼ିଆ ସାହିତ୍ୟର ରୋମାଣ୍ଟିକ ଚେତନାର କବି ଥିଲେ ବୋଲି ସୋମବାର ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏବଂ ସୁନ୍ଦରଗଡ଼ ଅରଣ୍ୟା ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ କବି ବିନୋଦ ଚନ୍ଦ୍ର ନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଉଦ୍‌ଘାଟକଭାବେ ଯୋଗାଦେଇ କବି ବିନୋଦ ଚନ୍ଦ୍ର ନାୟକ ଓଡ଼ିଆ ସାହିତ୍ୟ ଜଗତର ଜଣେ ଉଜ୍ଜ୍ୱଳ ନକ୍ଷେତ୍ର ବୋଲି ମତବ୍ୟକ୍ତ କରି ତାଙ୍କର କାଳଜୟୀ କବିତା "ଗ୍ରାମପଥ "ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ପୁଲକ ସୃଷ୍ଟି କରିଛି ବୋଲି କହିଥିଲେ। ମୁଖ୍ୟଅତିଥିଭାବେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. କୃଳମଣି ବେହେରା ଯୋଗଦେଇ ତାଙ୍କ କାବ୍ୟକବିତା କୃତୀରେ ଫୁଟି ଉଠିଥିବା ରୋମାଣ୍ଟିକ ଚେତନା ଓ କାଳଜୟୀ କବିତା ଗ୍ରାମ ପଥରେ କବିଙ୍କ ମାତୃଭୂମି ପ୍ରତି ରହିଥିବା ଅଙ୍ଗୀକାରବଦ୍ଧତା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସାହିତ୍ୟକ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ବିଭୂତି ପଣ୍ଡା ଯୋଗଦେଇ କବି ବିନୋଦଙ୍କ ଛାତ୍ର ଜୀବନର ସ୍ମୃତି ଚାରଣ କରିଥିଲେ। ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ସୁପ୍ରିୟା ପାଲ ଓ ଅଧ୍ୟାପକ ଡ.ଭଗବାନ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କବି ବିନୋଦଙ୍କୁ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ପୁରୁଷ ବୋଲି ଅଭିହିତ କରିଥିଲେ। ଅରଣ୍ୟାର ସମ୍ପାଦକ ତଥା ଗାଳ୍ପିକ ରାଜୁ ଷଡ଼ଙ୍ଗୀ ସଭାରେ ପୌରହିତ୍ୟ କରି ସ୍ୱାଗତ ଅଭିଭଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ଲବ୍ଧ ପ୍ରତିଷ୍ଠିତ ବର୍ଷିୟାନ ସାହତ୍ୟିକ ଗିରି ଦଣ୍ଡସେନାଙ୍କୁ ଅରଣ୍ୟା ଅନୁଷ୍ଠାନ ପକ୍ଷରୁ ପ୍ରଥମ କରି କବି ବିନୋଦ ନାୟକ ସ୍ମୃତି ସମ୍ମାନରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ଶିଳ୍ପୀ ରୀତା ସାହୁ ତାଙ୍କ ଦଳ ଦ୍ୱାରା "ଗ୍ରାମପଥ ଓ ସାଧବ ଝିଅ ଗୋଟିଏ କଥା'-କବି ବିନୋଦଙ୍କ ଏହା ୨ଟି କାଳଜୟୀ କାବ୍ୟ ସୃଷ୍ଟିକୁ ସଙ୍ଗୀତରେ ସଜାଇ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିନୋଦୀୟ କବିତା ଆସରର ସଂଯୋଜନା କରିଥିଲେ ଅଧ୍ୟାପିକା ମିନତୀ ମିଶ୍ର ଓ ଅଧ୍ୟାପକ ଗଣେଶ ତ୍ରିପାଠୀ। ଏଥିରେ ୨୫ଜଣ କବି କବୟିତ୍ରୀ କବି ବିନୋଦ ନାୟକଙ୍କ କବିତା ପାଠ କରିଥିଲେ। ପରିଶେଷରେ ଯୁବ ଗାଳ୍ପିକ ବିବିଧ ବିଶ୍ୱା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଷ ପିଇ ଜଣେ ବ୍ୟକ୍ତିଙ୍କ ଆତ୍ମହତ୍ୟା

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ଭୂୟାଁସାହି ୨ନମ୍ବର ୱାର୍ଡରେ ବିଷ ଖାଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ଶରଦ ନାୟକ(୫୫)। ମିଳିଥିବା ସୂଚନା ଅନୁଯାୟୀ ଭୂୟାଁସାହିର ଶରଦ ପ୍ରାୟ ୧ଟାରେ ସାହି ପିଲାଙ୍କ ସହିତ ତାସ ଖେଳି ଘରକୁ ଫେରିଥିଲେ। କିଛି ସମୟ ପରେ ତାଙ୍କୁ ଝାଡା ହୋଇଥିଲା ଓ ସେ ଗୁରୁତର ହୋଇପଡିଥିଲେ। ଅନ୍ୟପକ୍ଷରେ ତାଙ୍କ ମୁହଁରୁ କୌଣସି ବିଷାକ୍ତ ସାମଗ୍ରୀର ଗନ୍ଧ ବାହାରୁଥିବାରୁ ସେ ବିଷଖାଇଥିବା ପରିବାର ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ତୁରନ୍ତ ସେମାନେ ଶରଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ଦେବଗଡ ଥାନା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ ଓ ବ୍ୟବଚ୍ଛେଦ ପରେ ଏହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାରେ ସାମିଲ ୨୦୩ ଛାତ୍ରୀଛାତ୍ର

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ସମଗ୍ର ଶିକ୍ଷା ଦେବଗଡ଼ଙ୍କ ନିର୍ଦ୍ଦେଶକ୍ରମେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତିଲେଇବଣିଙ୍କ ଆନୁକୂଲ୍ୟରେ ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟ ଦେବଗଡ଼ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୪ ଅନ୍ତର୍ଗତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା ଜିଲା ଶିକ୍ଷା ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ଼, ସୁଶାନ୍ତ କୁମାର ସାହୁ, ତିଲେଇବଣି ଗୋଷ୍ଠୀ କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଉପ କନିଷ୍ଠ ବର୍ଗରେ ୬୪ଜଣ, କନିଷ୍ଠ ବର୍ଗରେ ୬୪ଜଣ ଓ ବରିଷ୍ଠ ବର୍ଗରେ ୭୫ଜଣ ମିଶି ମୋଟ ୨୦୩ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୩ଟି ବର୍ଗ ଉପକନିଷ୍ଠ ବର୍ଗ, କନିଷ୍ଠବର୍ଗ ଓ ବରିଷ୍ଠ ବର୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲିଖିତ ପରୀକ୍ଷଣ ମାଧ୍ୟମରେ ଫଳାଫଳ ଚୟନ କରାଯାଇଥିଲା। ଉପ କନିଷ୍ଠ ବର୍ଗରେ ବୁକାବେଡା ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଦିବ୍ୟାଶା ପ୍ରିୟଦର୍ଶିନୀ ଶର୍ମା ପ୍ରଥମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଉଦ୍‌ଯାପିତ**

ଦୁଧିଆନାଳି ଛାତ୍ରୀ ଚିନ୍ମୟୀ ମାଝି ଦ୍ୱିତୀୟ, ଜଗନ୍ନାଥ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଚାନ୍ଦିନୀ ସାହୁ ତୃତୀୟ, କନିଷ୍ଠ ବର୍ଗରେ ଧୋବଲିପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଗିରିଶ ନାୟକ ପ୍ରଥମ, ଗାଙ୍ଗନନ ଉଚ୍ଚ ବିଦ୍ୟାଳୟ ଛାତ୍ର ଅମିତ କୁମାର ସାହୁ ଦ୍ୱିତୀୟ, ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ତରଣୀସେନ ବିଶ୍ୱାଳ ତୃତୀୟ, ବରିଷ୍ଠ ବର୍ଗରେ ଅପୂର୍ବ ଉଚ୍ଚ ବିଦ୍ୟାଳୟ ଛାତ୍ର ସ୍ୱାଗତ କୁମାର ସାହୁ ପ୍ରଥମ, ସମିତ ସାହୁ ଦ୍ୱିତୀୟ, ଛାତ୍ରୀ ଦୀପିକା ପ୍ରିୟଦର୍ଶିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀରେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଶିକ୍ଷଣ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ଼, ସୁଶାନ୍ତ କୁମାର ସାହୁ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ଯୋଗ୍ୟତା ପ୍ରମାଣପତ୍ର ଓ ଅନ୍ୟ ସମସ୍ତ ପ୍ରତିଭାଗୀମାନଙ୍କୁ ପୁରସ୍କାର ସହ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ବିଦ୍ୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ କୁନିତା ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ପରୀକ୍ଷା ପରିଚାଳନାରେ ସିଆରସିସି ଭେନସ କୁମାର ପ୍ରଧାନ, ଅଶୋକ କୁମାର ସାହୁ, ଛାୟାକାନ୍ତ ବିଶ୍ୱାଳ, ଉଦୟନାଥ ପ୍ରଧାନ ଦେବାନନ୍ଦ ସୁତାର, ରାଜେଶ ନାୟକ, କ୍ଷିତିଷ କୁମାର ପ୍ରଧାନ, ଚୂଡ଼ାମଣି ସାହୁ ଏବଂ ନିରୀକ୍ଷକ ଭାବେ ବିରକିଶୋର ପ୍ରଧାନ, ଦୀପିକା ମିଞ୍ଜ, ମାନସ ମହନ୍ତ, ହିମାଂଶୁ କୁମାର ଦେହୁରୀ, ଝସକେତନ ନାହାକ, ଭବାନୀକାନ୍ତ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏମଆଇସ ସୁମନ ମହାନ୍ତି, ଆକାଉଣ୍ଟାଣ୍ଟ ରଞ୍ଜନ କୁମାର ନାୟକ, ହରିହର ମହାପାତ୍ର, ସିଆରସିସି ଅଶୋକ କୁମାର ଭୋଇ, ମହାବୀର ନାୟକ, ବିପିନ ବିହାରୀ ଅଡା, ନୀଳାମ୍ବର କଲୋ, ଅଜୟ କୁମାର ସାହୁ, ସୁବ୍ରତ କୁମାର ପ୍ରଧାନ, ବ୍ରହ୍ମାନନ୍ଦ ଛତ୍ରିଆ, ଶିକ୍ଷକ ସୁଧୀର ଦାସ, ଫକୀର ମୋହନ ପ୍ରଧାନ ବିଦ୍ୟାଳୟ କର୍ମଚାରୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ସହଯୋଗ କରିଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୬୪ଜଣଙ୍କୁ ସହାୟତା

ଝାରସୁଗୁଡ଼ା,୪।୯(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାରେ ନିର୍ମାଣ କଲ୍ୟାଣ ସହାୟତା ଯୋଜନା ବାବଦକୁ ୬୪ ଜଣଙ୍କୁ ବିଭିନ୍ନ ବର୍ଗରେ ସହାୟତା ରାଶି ବଣ୍ଟନ କରାଯାଇଛି। ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ଉଦ୍ଦେଶ୍ୟରେ ବଣ୍ଟନ କରାଯାଉଥିବା ବିଭିନ୍ନ ସହାୟତା ରାଶି ସମ୍ପର୍କରେ ଉଲ୍ଲେଖ କରିବା ସହ ସହାୟତା ରାଶି ବଣ୍ଟନ କରିଥିଲେ। ଏହି କ୍ରମରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ବାବଦକୁ ୨୨ଜଣଙ୍କୁ ୪୩ଲକ୍ଷ, ଅନ୍ତ୍ୟେଷ୍ଟି କ୍ରିୟା ବାବଦକୁ ୨୧ଜଣଙ୍କୁ ୧ଲକ୍ଷ ଟଙ୍କା, ଶିକ୍ଷା ବାବଦକୁ ୯ଜଣଙ୍କୁ ୯୮,୨୦୦ ଟଙ୍କା, ପ୍ରସୂତୀକାଳୀନ ସହାୟତା ବାବଦକୁ ୬ଜଣଙ୍କୁ ୬୦ ହଜାର ଓ ବିବାହ ସହାୟତା ବାବଦକୁ ୬ଜଣଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ଶ୍ରମ ଅଧିକାରୀ ସୁନିତା କିଷାନ, ଜିଲା ଶ୍ରମ ଅଧିକାରୀ ସସ୍ମିତା ବିଶ୍ୱାଳ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ପରିଚାଳକ ଜନ୍ମେଜୟ ସା, କଲ୍ୟାଣ ସଂଯୋଜକ କାନ୍ତେଶ୍ୱର ମହାପାତ୍ର ଓ ଆଶିଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ନିର୍ମାଣ ଶ୍ରମିକ ଅଧିକାରୀଙ୍କଠୁ ସହାୟତା ରାଶି ଗ୍ରହଣ କରୁଛନ୍ତି।

# ପିଏମ୍ ଜନମନ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଶରଣକୁଟ ଗ୍ରାମରେ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା ରୁଗୁଡ଼ାକୁଦର କାର୍ଯ୍ୟାଳୟ ପକ୍ଷରୁ ପିଏମ ଜନମନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଳାକାର ଓ ଜିଲା ସଂସ୍କୃତି ସଂଘ ଉପସଭାପତି ସରସ୍ୱତୀ କିଷାନ ମାଧ୍ୟମରେ ଲୋକଙ୍କୁ ସଚେତନତା କରିବା ସହିତ ପ୍ରଶାସନ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତିଲେଇବଣୀ ସନ୍ଧ୍ୟା ମାଝି, ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତି, ପ୍ରକଳ୍ପ ପରିଚାଳକ ପ୍ରବିଣ କୁମାର ପାତ୍ର, ଆର୍‌ଏସଇଟିଆ ନିର୍ଦ୍ଦେଶକ ସୁଶୀଲ କେରକେଟା, ସିପିଏଲସି ବିକାଶ ଟୋପ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ଲୋକମାନଙ୍କ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପାଉଡି ଭୂୟାଁ ଗ୍ରାମଗୁଡ଼ିକରେ ମୌଳିକ ସୁବିଧା, ପକ୍କାଘର, ବିଦ୍ୟୁତ୍ ସଂଯୋଗୀକରଣ, ପାନୀୟ ଜଳ ସୁବିଧା, ଧନ୍ଦାମୂଳକ ଶିକ୍ଷା, ସ୍ୱାସ୍ଥ୍ୟସେବା, ପୋଷଣଯୁକ୍ତ ଆହାର, ଶତ ପ୍ରତିଶତ ଆଧାର ପଞ୍ଜୀକରଣ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ଗ୍ରାମରେ ବିଭିନ୍ନ ଷ୍ଟଲମାନ ମଧ୍ୟରେ ସିକଲିନ ସେଲ ପରୀକ୍ଷା, ପୋଷଣ, ଆଧାର କାର୍ଡ କେନ୍ଦ୍ର, ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଷ୍ଟଲ ଲୋକମାନଙ୍କ ପାଇଁ ଖୋଲାଯାଇଥିଲା। ପାଉଡି ଭୂୟାଁ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମ ସଫଳ କରାଇବା ପାଇଁ ସମ୍ମତି ପ୍ରକାଶ କରିଥିଲେ।

# ଆଧାରକାର୍ଡ ଅପ୍‌ଡେଟ୍ ପାଇଁ ମୁଖ୍ୟ ଡାକଘରରେ ମହିଳାଙ୍କ ଭିଡ଼


ମହିଳାମାନେ ଆଧାରକାର୍ଡ ଅପ୍‌ଡେଟ୍ କରିବା ପାଇଁ ଲମ୍ବା ଲାଇନ୍‌ରେ ଅପେକ୍ଷା କରିଛନ୍ତି।

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

**'ସୁଭଦ୍ରା' ଯୋଜନା ନେଇ ପ୍ରବଳ ଉତ୍ସାହ**

ଦେବଗଡ ଜିଲାରେ 'ସୁଭଦ୍ରା' ଯୋଜନା ଆବେଦନ ପାଇଁ ମହିଳାମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଏଥିପାଇଁ ଆଧାରକାର୍ଡ ମୁଖ୍ୟ ଦସ୍ତାବିଜ ହୋଇଥିବା ବେଳେ ଆଧାରକାର୍ଡ ଅପଡେଟ ପାଇଁ ବିଭିନ୍ନ ଆଧାର ସେବା କେନ୍ଦ୍ର ଓ ମୁଖ୍ୟ ଡାକଘରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ବିଶେଷ ଭାବେ ଦେବଗଡ ଜିଲା ସଦର ମହକୁମାସ୍ଥିତ ମୁଖ୍ୟ ଡାକଘର ସମେତ ଗ୍ରାମାଞ୍ଚଳରେ ମଧ୍ୟ ବୁଧବାର ଶହ ଶହ ମହିଳାଙ୍କ ଭିଡ ଦେଖିବାକୁ ମିଳିଥିଲା। ଭିଡ ଅସମ୍ଭାଳ ହେବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବହୁ ସଂଖ୍ୟକ ପୋଲିସ ମୁତୟନ କରାଯାଇଥିଲା। ଗତ ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ମଧ୍ୟରେ ଦେବଗଡ ମୁଖ୍ୟ ଡାକଘରେ ୨୦୦ଜଣ ମହିଳା ଆଧାରକାର୍ଡ ଅପଡେଟ କରାଇଥିବା ବେଳେ ଜିଲାର ଅନ୍ୟ ଡାକଘର ଏବଂ ଉପଡାକଘର ଜରିଆରେ ୫ଶହ ମହିଳା ଆଧାରକାର୍ଡ ଅପଡେଟ କରାଇଥିବା ସୂଚନା ମିଳିଛି। ବିଶେଷ ଭାବେ ଆଧାରକାର୍ଡ ସହିତ ମୋବାଇଲ ଲିଙ୍କ ପାଇଁ ଭିଡ ଜମୁଥିବା ବେଳେ ଆଉ କିଛି ମହିଳା ନିଜର ନାମ, ବୟସ ଓ ଠିକଣା ଆଦି ସଂଶୋଧନ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବୁଧବାରଠାରୁ 'ସୁଭଦ୍ରା' ଯୋଜନାର ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଆଗକୁ ଭିଡ ବଢିବାର ଆଶଙ୍କା ରହିଥିବାରୁ ଜିଲା ପୋଲିସ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଧିକ କ୍ରିୟାଶୀଳ ହେବାର ଆବଶ୍ୟକତା ରହିଛି।

# ଜିଲା ମୁଖ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୪।୯(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ମୁଖ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜୟକୃଷ୍ଣ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୭୦ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୮ଟି ସାମୂହିକ ୬୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ୱାର୍ଡ଼ ନଂ. ୭ରେ ମାଟି ରାସ୍ତାକୁ କଂକ୍ରିଟ ରାସ୍ତାରେ ପରିଣତ


ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ନାଳ ନିର୍ମାଣ, ଲଇକେରା ବ୍ଲକ କୁଲେମୁରା ଗ୍ରାମପଞ୍ଚାୟତ ଅଧୀନ ସାଲେଟିକ୍ରାର ରୁଗୁଡ଼ି ବନ୍ଧକୁ ଗାଧୁଆ ବନ୍ଧ ଭାବରେ ସଂରକ୍ଷିତ କରାଯିବା, କୋଲାବିରା ବ୍ଲକ ଅନ୍ତର୍ଗତ ସିରିଆପଲି ପରମାଣପୁର ଗ୍ରାମରେ ବେଦାନ୍ତ ପକ୍ଷରୁ ଅଧିଗୃହିତ ଜମିର କ୍ଷତିପୂରଣ, ଲଖନପୁର ବ୍ଲକ ଅନ୍ତର୍ଗତ ପୂଝାରିପାଲି ଗ୍ରାମରେ ରୟତି ଜମିରେ ଟିଆରଏଲ କ୍ରୋସାକି ପକ୍ଷରୁ ରାସ୍ତା ନିର୍ମାଣ, ଲୋଇସିଙ୍ଗ ପଞ୍ଚାୟତ ଅଧୀନ ଭୋଇମୁଣ୍ଡା ଓ ଠକସପୁର ଗ୍ରାମରେ ଉଠାଜଳ ସେଚନ ବିଭାଗ ପକ୍ଷରୁ କ୍ଲଷ୍ଟର ବୋରୱେଲ କାର୍ଯ୍ୟ ସମ୍ପୂର୍ଣ୍ଣକରଣ, ଭାଗିପାଲି ଗ୍ରାମକୁ ସରକାରୀସ୍ତରରେ ବିସ୍ଥାପିତ ଗ୍ରାମ ଭାବେ ଘୋଷଣା କରାଯିବା, ବୃନ୍ଦାବନ କଲୋନୀରେ ସରକାରୀ ଜାଗା ଅବରୋଧ ଓ ବୃନ୍ଦାମାଲରେ ଗାଈ ଗୋରୁଙ୍କ ଯୋଗୁ ଫସଲ ହାନି ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ବୈଠକରେ ଶୁଣାଣି କରାଯାଇଥିଲା। ଆଗତ ଅଭିଯୋଗ ଯଥାଶୀଘ୍ର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲା ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ପୁରୁଣାଗଡସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ସଦସ୍ୟତା ଅଭିଯାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ମଣ୍ଡଳରୁ ଦଳୀୟ ପଦାଧିକାରୀ ଯୋଗଦେଇ ଭାଜପାର ସଦସ୍ୟତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ଭାଜପା ସଭାପତି ସାହୁ ଦେବଗଡ ଜିଲାରେ ବୁଧବାରଠାରୁ ଭାଜପା ସଦସ୍ୟତା ଅଭିଯାନ ଆରମ୍ଭ ହେଲା ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ବୈଠକରେ ସଦସ୍ୟତା ଅଭିଯାନର ଦେବଗଡ ଜିଲା ସଂଯୋଜକ ରଞ୍ଜିତ କୁମାର ପଟେଲ, ଭାଜପା ଜିଲା ଉପ ସଭାପତି ସତ୍ୟନାରାୟଣ ପାଣି, ହରମୋହନ ପାଣି, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ତିଲେଇବବଣି ମଣ୍ଡଳ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ଶୁଭ୍ରାଂଶୁ ଶେଖର ପ୍ରଧାନ, ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, କାଉନସିଲର ମଧୁ ସୂଦନ ବାଘ, ଈତିଶ୍ରୀ ମିଶ୍ର ଓ ସରୋଜିନୀ ମୁଣ୍ଡାଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଇ- କେୱାଇସି ନେଇ ବୈଠକ


ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇ- କେୱାଇସି ବୈଠକ।

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଇ- କେୱାଇସି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ସାଧାରଣ ବଣ୍ଟନର ବ୍ୟବସ୍ଥା ଇ- କେୱାଇସି ନେଇ ବୈଠକରେ ରାଶନ କାର୍ଡ ହିତାଧିକାରୀମାନଙ୍କ କେୱାଇସି ଯାଞ୍ଚ ଓ ଗ୍ରାମପଞ୍ଚାୟତରେ ପିଡିଏସ କ୍ୟାସବୁକ ଯାଞ୍ଚ, ପିଡିଏସ ଖାଦ୍ୟ ଶସ୍ୟର ଉଠାଣ ବଣ୍ଟନ, ପିଡିଏସ ଡିଲର ମାରକିଙ୍ଗ ପ୍ରଦାନ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ କେଦାରନାଥ ନାୟକ, ସମସ୍ତ ଏବିଡିଓ ଓ ଜିପିଓ, ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପିଡିଏସ ରିଟେଲର ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାର ଏକାଦଶକୁ ହରାଇ ସେମିରେ ମାଣିକେଶ୍ୱରୀ କ୍ଲବ

ବ୍ରଜରାଜନଗର,୪।୯(ବିଜୟ ବରାଡ଼)

**ନୂଆଁଖାଇ ଭେଟ୍‌ଘାଟ୍ ଫୁଟ୍‌ବଲ ପ୍ରତିଯୋଗିତା**

ଝାରସୁଗୁଡ଼ା ଜିଲା ରାଜପୁର ପଞ୍ଚାୟତ କଷ୍ଟାପାଲି ଫୁଟବଲ ପଡିଆରେ ଚାଲିଥିବା ୨୯ତମ ନୂଆଁଖାଇ ଭେଟ୍‌ଘାଟ୍ ଫୁଟ୍‌ବଲ ପ୍ରତିଯୋଗିତାରେ ବୁଧବାର ଷ୍ଟାର ଏକାଦଶ ଓ ମାଣିକେଶରୀ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟାର ଏକାଦଶକୁ ୩-୧ ଗୋଲରେ ହରାଇ ମାଣିକେଶରୀ କ୍ଲବ ସେମିରେ ପହଞ୍ଚିଛି। ଖେଳରେ ସ୍ଥାନୀୟ ଡାକ୍ତର ସରୋଜ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରାଜୀବ ପାଢଯୋଶୀ, ଆୟୋଜକ ଗଣପତି କ୍ଲବ ସଭାପତି ଈଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଶୋକ ବାବୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ସନ୍ତୋଷୀ କ୍ଲବ ରାମପୁର ଓ କିରା ରାମା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

# ସେମିଫାଇନାଲରେ ନାଗରୁପତ୍ରା ବିଜୟୀ

କୋଲାବିରା,୪।୯(ଚିନ୍ମୟ କୁମାର ବହିଦାର)

ଜ୍ୟୋତି କ୍ଲବ କୁଲିହାମାଲ ଆନୁକୂଲ୍ୟରେ ଆୟୋଜିତ ଜ୍ୟୋତି ଏକାଦଶ ଲିଗ୍-କମ୍-ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତାରେ ବୁଧବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଭାଇଭାଇକୁ ୩ ଗୋଲରେ ପରାସ୍ତ କରି ଏନାଗରୁପତ୍ରା ଦଳ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଛି। ଗତ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ନୂଆଁଖାଇ ୮ତାରିଖରେ ଶେଷ ହେବ। ଏଥିରେ ବିଭିନ୍ନ ଅଞ୍ଚଳର ୪ଟି ଗ୍ରୁପରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ବୁଧବାର ୨୧ତମ ଦିବସରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ଖେଳ ନାଗରୁପତ୍ରା ଏବଂ ସଏସଜି ବ୍ରଦର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪-୧ ଗୋଲରେ ବିଜୟ ହୋଇ ନାଗରୁପତ୍ରା ଫାଇନାଲକୁ ପ୍ରବେଶ କରିଛି। ଏହି ମ୍ୟାଚ ଶାରୀରିକ ଖେଳ ଶିକ୍ଷକ କାର୍ତ୍ତିକ


ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥିବୃନ୍ଦ।

**ଜ୍ୟୋତି ଏକାଦଶ ଲିଗ୍-କମ୍-ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତା**

ଦାସ୍, ରାଜକୁମାର ମଣ୍ଡଳ, ଭିଷ୍ଣୁଦେବ ବୁଦ୍ଧୁଲା ଓ ଲକ୍ଷ୍ମଣ କିଷାନ ପରିଚାଳନା କରିଥିବା ବେଳେ ଜ୍ୟୋତି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ ଅବସରରେ ମୁଖ୍ୟଅତିଥି ଭାବେ ତାପସ ରାୟ ଚୌଧୁରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରେଫରି ଆସୋସିଏଶନର ମୁଖ୍ୟ ଜଗନ୍ନାଥ ରାଓ, ମୁନ୍ନା ମହାନ୍ତି, ଗ୍ରାମ ସଭାପତି ସୌରେନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ ନାଏକ, ସାମାଜିକ କର୍ମୀ ଗୋବର୍ଦ୍ଧନ ନାଏକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ମନୋବଳ ବଢାଇବା ସହିତ ଉତ୍ସାହିତ କରିଥିଲେ। ଗୁରୁବାର ବେଲପାହାଡ ଏବଂ ଏସ୍‌ଜି ବ୍ରଦର୍ସ ମଧ୍ୟରେ ତୃତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ନୂଆଁଖାଇ ଭେଟ୍‌ଘାଟ୍ ଓ ଇଦ୍ ମୁବାରକ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୪।୯ (ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ଓ ଇଦ୍ ମୁବାରକ ପର୍ବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବୀର ପଡ଼ା ସିଭିଲ ସୋସାଇଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମ୍ପ୍ରଦାୟର ସଭ୍ୟଙ୍କ ସମେତ ସୋସାଇଟିର କର୍ମକର୍ତ୍ତା ଯୋଗଦେଇ ଥିଲେ। ଏହି ପର୍ବକୁ କିପରି ଧୁମଧାମରେ ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ପାଳନ କରାଯିବ। ଏହି ଉପଲକ୍ଷେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଛାତ୍ରୀଛାତ୍ର, ମହିଳା ଓ ପୁରୁଷଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋସାଇଟିର ସଭାପତି ତଥା ଆଇନଜୀବୀ ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ସମ୍ପାଦକ ମହମ୍ମଦ ବୁରହାନଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ଆଇନଜୀବୀ ଜଗନ୍ନାଥ ମୁଣ୍ଡ, ଭବେନ୍ଦ୍ର ପଣ୍ଡା, ନିରଞ୍ଜନ ଜୈନ, ଶରତ ନାୟକ, ଜୟନ୍ତ କୁମାର ଚାନ୍ଦ, ଦେବେନ୍ଦ୍ର ଗହୀର, କପିଳେଶ୍ୱର ପୁରୋହିତ, ସଲିଳ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶୈଳେସ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ଜୀବନ ସହ ସଂଗ୍ରାମ କରୁଛନ୍ତି ଅଭି



**ଜୁନାଗଡ଼,୪।୯ (ଅଂଶୁମାନ ଯୋଶୀ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ପଞ୍ଚାୟତ ଚିଲିଗୁଡା ଗ୍ରାମର ଅଭି ମାଝି (୪୫) ଗତ ୧୦ ମାସ ହେଲା ପକ୍ଷାଘାତ ରୋଗରେ ପୀଡିତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ଘରର ଏକମାତ୍ର ରୋଜଗାର କ୍ଷମ ଅଭିଙ୍କ ଏପରି ଅବସ୍ଥା ଯୋଗୁ ତାଙ୍କ ପରିବାର ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି।

**ଅର୍ଥାଭାବରୁ ହୋଇପାରୁ ନାହିଁ ଚିକିତ୍ସା**

ପରିବାର କହିଲେ ତାଙ୍କ ସ୍ତ୍ରୀ, ଦୁଇଟି ଝିଅ ଓ ଗୋଟିଏ ପୁଅ। ବଡ଼ ଝିଅ ଭଜନ୍ତି (୧୯), ପୁଅ ପ୍ରବୀଣ (୧୬) ଓ ସାନ ଝିଅ ଚୁମକି (୧୪)। ସ୍ୱାମୀଙ୍କ ଏଭଳି ଅବସ୍ଥା ଦେଖି ସ୍ତ୍ରୀ ସୁଚିତ୍ରା କୁଲିମଜୁରି କାମ କରି ପରିବାର ଚଳାଉଛନ୍ତି। ଅର୍ଥ ବାଧକ ସାଜିବାରୁ ପୁଅ ପ୍ରବୀଣ କଲେଜ ପଢ଼ି ନ ପାରି ଏବେ ମଜୁରି କରିବାକୁ ଯାଉଛନ୍ତି। ପେଟକୁ ଦାନା ଯୋଗାଡ଼ କରିବାକୁ ମା' ଓ ପୁଅ ସଂଘର୍ଷ କରୁଥିବା ବେଳେ ଅଭିଙ୍କ ଚିକିତ୍ସା କିପରି ହେବ ତାହା ସେମାନଙ୍କୁ ଚିନ୍ତାରେ ପକାଇଛି। ଚିକିତ୍ସା ଆବଶ୍ୟକ କରୁଥିବା ଅଭି ଏବେ ବିଛଣାରେ ପଡିରହି ଜୀବନ ସହ ସଂଗ୍ରାମ କରୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ତଥା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଲୋକଙ୍କ ପାଖକୁ ଯିବ ପ୍ରଶାସନ: ଜିଲାପାଳ

ନୂଆପଡ଼ା,୪।୯ (ମକାରୁ ବେମାଲ)




ଚକୋଟିଆ ଭୂଞ୍ଜିଆ ସମ୍ପ୍ରଦାୟର ଲୋକଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ନୂଆପଡ଼ା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଚକୋଟିଆ ଭୂଞ୍ଜିଆ ଜନଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅନୁଷ୍ଠିତ ହୋଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ବନ୍ୟଜନ୍ତୁ ବିଭାଗ ଡିଏଫ୍‌ଓ ମହାଦେବ ବୁଡାଇକ, ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ସୁନାବେଡା ସରପଞ୍ଚ ରଜନୀ ଜଗତ, ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, କୋମନା ବିଡିଓ ହିତାଂଶୁ ଶେଖର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଚକୋଟିଆ ଭୂଞ୍ଜିଆ ଉନ୍ନୟନ କର୍ତ୍ତପକ୍ଷ ବିଜୟା ନନ୍ଦ ମଲ୍ଲିକଙ୍କ ଦ୍ୱାରା ଆୟୋଜିତ ସଭାରେ ଜିଲାପାଳ ଦାସ କହିଥିଲେ, ସୁନାବେଡା ଅଭୟାରଣ୍ୟ ଭିତରେ

**ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ**

ବସବାସ କରୁଥିବା ଆଦିମ ଜନଜାତି ଚକୋଟିଆ ଭୂଞ୍ଜିଆ ସମ୍ପ୍ରଦାୟର ଲୋକ ବର୍ତ୍ତମାନ ସୁଦ୍ଧା ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନାହାନ୍ତି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ଅଭିଯାନ ଜନମନ ଯୋଜନାରେ ଆଦିମ ଜନଜାତିଙ୍କ ଉନ୍ନତି ପାଇଁ ସମସ୍ତଙ୍କୁ ପକ୍କା ଘର, ଘରକୁ ନଳପାଣି, ବିଜୁଳି ଯୋଗାଇ ଦିଆଯିବ। ପ୍ରତି ଗାଁକୁ ପକ୍କା ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଟେଲି ଯୋଗାଯୋଗ ସୁବିଧା କରାଯିବ। ଯୁବତୀଯୁବକଙ୍କୁ ଧନ୍ଦାମୂଳକ ଶିକ୍ଷା ଦିଆଯିବ। ଜନ କଲ୍ୟାଣକାରୀ ଯୋଜନାରୁ ଯଦି କୌଣସି ବ୍ୟକ୍ତି ବଞ୍ଚିତ ଅଛନ୍ତି ତା'ହେଲେ ଏହିସବୁ ସୁବିଧା ସେମାନଙ୍କ ଦ୍ୱାର ଦେଶରେ ପହଞ୍ଚାଇ ଦିଆଯିବ। ଏହି ଅବସରରେ ହିତାଧିକାରୀଙ୍କୁ ଆଧାର କାର୍ଡ, ଖାଉଟି କାର୍ଡ, ଜନଧନ ଆକାଉଣ୍ଟ, ଜନ୍ମ ଓ ବାସିନ୍ଦା ପ୍ରମାଣପତ୍ର ଯୋଗାଇ ଦିଆଯାଇଥିଲା। ରୋଗ ନିରୁପଣ ଓ ଆଶୁ ଚିକିତ୍ସା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିଲା । ଏବେ ଲୋକେ ପ୍ରଶାସନ ପାଖକୁ ଯିବେ ନାହିଁ, ବରଂ ପ୍ରଶାସନ ଲୋକଙ୍କ ପାଖକୁ ଆସି ସମସ୍ତ ସୁବିଧା ଯୋଗାଇଦେବ ବୋଲି ଜିଲାପାଳ କହିଥିଲେ। ପରେ ଜିଲାପାଳ ଦାସ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଚକୋଟିଆ ଭୂଞ୍ଜିଆ ସମ୍ପ୍ରଦାୟର ଲୋକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଫୁଟ୍‌ବଲ ଲିଗ୍: ଇଭିନିଂ କ୍ଲବ ଚାମ୍ପିୟନ

ଭବାନୀପାଟଣା,୪।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ୨୧ତାରିଖରୁ ଚାଲିଥିବା ପଞ୍ଚମ ଭବାନୀପାଟଣା ଟାଉନ୍ ଫୁଟ୍‌ବଲ ଲିଗ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଇଭିନିଂ କ୍ଲବ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଭିନିଂ କ୍ଲବ (ଏ) ପଏଣ୍ଟ ପାଇ ବିଜୟୀ ହେବାସହ ଚାମ୍ପିୟନ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ବିଜୟୀ ଦଳର ପପୁ ମାଝିଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳକୁ ନବୀନ ନାଏକ, ରଞ୍ଜନ ଦାଶ, ଛବି ନାୟକ ଓ ଉଦ୍ଧବ ମାଝି ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନର ସଭାପତି ଜଗମୋହନ ପଟ୍ଟନାୟକ, ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ଉପସଭାପତି ଅର୍ଜୁନ ପଟ୍ଟନାୟକ, ରାମ କୁମାର ଜୈନ, କାଳୀ ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠୀ, ଫୁଟବଲ୍ ସମ୍ପାଦକ ଅବଦୁଲ କାଦିର, ଶମ୍ଭୁ ରାଉତ, ଅଜୟ ପଟ୍ଟନାୟକ, ଭିକାରୀ ମିଶ୍ର, ସନ୍ତୁ ସିଂହ ପ୍ରମୁଖ ଯୋଗଦେଇଥିଲେ।



ମୁଖ୍ୟ ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

## ଲେଖକଙ୍କୁ ଭେଟ, ଦଳିତ ସାହିତ୍ୟ ଉପରେ ସମ୍ମାନ

ଭବାନୀପାଟଣା,୪।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ବୁଧବାର ପୃଥକ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦଳିତ ସାହିତ୍ୟ ଉପରେ ଆଲୋଚନା ପାଇଁ ବିଶିଷ୍ଟ ଦଳିତ କବି ଓ ଲେଖକ ବାସୁଦେବ ସୁନାନୀ ଆଲୋଚକ ଭାବେ ଯୋଗଦେଇଥିଲେ। ସାହିତ୍ୟକୁ ଦଳିତଙ୍କ ଅବଦାନ ଓ ଦଳିତ ପ୍ରତି ଥିବା ସମାଜର ଆଭିମୁଖ୍ୟ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଜି କାଉନ୍‌ସିଲ ଅଧ୍ୟକ୍ଷା ଡ. ନିବେଦିତା ନାଥ, ବିଭାଗ ମୁଖ୍ୟ ଡ. ଜୟଦେବ ସାହୁ, ସଞ୍ଜୀବ ସାହୁ, ସୁବ୍ରତ ପ୍ରଧାନ ପ୍ରମୁଖ ଭାଗନେଇଥିଲେ। କାର୍ଯ୍ୟକ୍ରମକୁ ଡ. ଝରଣାରାଣୀ ଧଙ୍ଗଡାମାଝି ପରିଚାଳନା କରିଥିଲେ। ଲେଖକଙ୍କୁ ଭେଟ କାର୍ଯ୍ୟକ୍ରମରେ ଅତିଥି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭାବେ ନାଟ୍ୟକାର ଜୟଦେବ ସାହୁ ଯୋଗଦେଇଥିଲେ। ତାଙ୍କ ରଚିତ ନାଟକ ତାଜମହଲ ଓ ମୋତେ ଝି ଦରକାର ଝି ଦିଅ ଉପରେ ଆଲୋଚନା ହୋଇଥିଲା। ନାଟକ ଦୁଇଟି ସମାଜ ସଂସ୍କାରଧର୍ମୀ ଓ ନାରୀ ସ୍ୱାଧୀନତାର ବାର୍ତ୍ତାବହ ବୋଲି ଅତିଥି ଭାବେ ଯୋଗଦେଇଥିବା ବିଶିଷ୍ଟ ନାଟ୍ୟକାର ପରମେଶ୍ୱର ମୁଣ୍ଡ ତାଙ୍କ ବକ୍ତବ୍ୟରେ କହିଥିଲେ। ବିଶିଷ୍ଟ ସାହିତ୍ୟିକ, କବି ସୁଧୀର ଧଙ୍ଗଡ଼ା ମାଝି ଓ ଦିଲେଶ୍ୱର ରଣା ଯୋଗଦେଇଥିଲେ। ସଞ୍ଜୀବ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଝରଣାରାଣୀ ଧାଙ୍ଗଡା ମାଝି ଓ ଛାତ୍ରୀ ଆର୍ଯ୍ୟା ନାୟକ ପରିଚାଳନା କରିଥିଲେ। ଅମରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଇଂରାଜୀ ଓ ଓଡ଼ିଆ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଭାଜପାର ନୂତନ ସଦସ୍ୟତା ଅଭିଯାନ

**ନୂଆପଡ଼ା,୪।୯ (ମକାରୁ ବେମାଲ):** ନୂଆପଡ଼ା ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଧବାର ନୂତନ ସଦସ୍ୟତାକୁ ନେଇ ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁବ୍ରତ ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜିଲା ସଦସ୍ୟତା ପ୍ରମୁଖ ତୁଳସ ପଟେଲ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଶିବ ପ୍ରସାଦ ମୁଣ୍ଡ, ସୁଶାନ୍ତ ପତି, ଅତିତ୍ର ଜିତ ସିଂ, କମଲେଶ ଦୀକ୍ଷିତ ପ୍ରମୁଖ ମଞ୍ଚାସୀନ ଥିଲେ। କର୍ମକର୍ତ୍ତା ଦର୍ଶାଇଥିଲେ, ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନୂତନସଦସ୍ୟତା ଗ୍ରହଣ କରିଥିବାବେଳେ ବୁଧବାରଠାରୁ ପ୍ରତ୍ୟେକ ଜିଲାରେ ଏହି ଅଭିଯାନ ଆରମ୍ଭ ହୋଇଛି। ଜିଲାର ସମସ୍ତ କର୍ମକର୍ତ୍ତା ପ୍ରତ୍ୟେକ ବୁଥ୍‌କୁ ଯାଇ ପ୍ରାଥମିକ ସଦସ୍ୟତା କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବେ। ଟୋଲ ଫ୍ରି ନଂ.୮୮୦୦୦୦୨୦୨୪ରେ ମିସ୍‌କଲ କଲେ ସଦସ୍ୟତା ହୋଇପାରିବେ। ଚଳିତ ସାଧାରଣ ନିର୍ବାଚନରେ ଭାଜପାକୁ ନୂଆପଡା ନିର୍ବାଚନ ମଣ୍ଡଳୀରେ ୪୫ ପ୍ରତିଶତ ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ୮୩ ପ୍ରତିଶତ ମତଦାନ ହୋଇଥିଲା। ଆଗାମୀ ଦିନରେ ଶହେ ପ୍ରତିଶତ କରିବା ପାଇଁ ଭାରତୀୟ ଜନତା ପାର୍ଟି ଉଦ୍ୟମ ଜାରି ରଖିଛି ବୋଲି ଜିଲା ସଭାପତି ଠାକୁର ସୂଚନା ଦେଇଛନ୍ତି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜୟପାଟଣା,୪।୯ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅର୍ଥଶାସ୍ତ୍ର ଅଧ୍ୟାପିକା କାଞ୍ଚନପ୍ରଭା ମୁଣ୍ଡ, ବରିଷ୍ଠ କିରାଣି ଭୋଲେଶ୍ୱର ନାଏକ ଓ ଜୀବ ବିଜ୍ଞାନ ବିଭାଗର ସହାୟକ ଅମୂଲ୍ୟ ମୁଣ୍ଡ ପ୍ରମୁଖଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ତୁଳସୀରାମ ରାଉତ ସଭାପତିତ୍ୱ କରି ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟଶୈଳୀ ଓ କଲେଜ ପ୍ରତି ସେମାନଙ୍କ ଅବଦାନକୁ ମନେପକାଇ ଭାବ ବିହ୍ୱଳ ହୋଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କ୍ରୀଡା ଶିକ୍ଷକ ପ୍ରବୀଣ କୁମାର ବେହେରାଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଭୂଗୋଳ ଅଧ୍ୟାପିକା ପୁଷ୍ପଲତା ବେହେରା ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ




ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥିମାନେ।

ବେହେରା,୪।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବାନୀ ନାଏକ ମୁଖ୍ୟ ଅତିଥି ଓ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ଗଣିତ ଓ ବିଜ୍ଞାନକୁ ମିଶାଇ ମୋଟ ୩୨ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଅତିଥିମାନେ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ଓ ସ୍ୱଳ୍ପ ମୂଲ୍ୟର ଜିନିଷ ବ୍ୟବହାର କରି ବିଜ୍ଞାନ ପ୍ରକଳ୍ପ କିପରି ପ୍ରସ୍ତୁତ କରାଯାଇ ପାରିବ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ବିଭାଗରେ ପୁଷ୍ପାଞ୍ଜଳି ମାଝୀ ପ୍ରଥମ, ଗୀତାଞ୍ଜଳି ପୂଜାରୀ ଦ୍ୱିତୀୟ, ନମିତା ନାଗ ତୃତୀୟ ଏବଂ କନିଷ୍ଠ ବିଭାଗରେ ନନ୍ଦିନୀ ମାଝି ପ୍ରଥମ, ରଞ୍ଜିତା ମାଝି ଦ୍ୱିତୀୟ, ବିଳାସିନୀ ମାଝି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ରୁପେନ୍ଦ୍ର ବାଣୁଆ, ଜିତେନ୍ଦ୍ର ନାଏକଓ ଚୈତନ୍ୟ ମେହେର ବିଚାରକ ଭାବେ ସହଯୋଗ କରିଥିଲେ। ସହ ଶିକ୍ଷକ ହିମାଂଶୁ ଶେଖର ମାଝି ଅତିଥି ପରିଚୟ ଓ ସୁଧାଂଶୁ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଜ୍ଞାନ ଶିକ୍ଷକ ସୁବାସ ଚନ୍ଦ୍ର ବାଗ ଓ ପରୀମିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଳାହାଣ୍ଡି ଜିଲାପାଳଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ

**କର୍ଲାମୁଣ୍ଡା,୪।୯(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳକୁ ବୁଧବାର ଜିଲାପାଳ ସଚିନ ପାୱାର ଗସ୍ତ କରି ଉନ୍ନୟନ କାର୍ଯ୍ୟ ଦେଖିଥିଲେ। ସେ ପ୍ରଥମେ ନବନିର୍ମିତ ଗୋଷ୍ଠ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ପରିଦର୍ଶନ କରିବା ସହ ରେଗଡା ଭୋଇ ପଡ଼ା ଓ ଅନ୍ୟ କେତେକ ସ୍ଥାନକୁ ଗସ୍ତ କରିଥିଲେ। ଏଥିରେ ବିଡ଼ିଓ ମଣ୍ଟୁ ଖମାରୀ, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୋ ସେବା କେନ୍ଦ୍ର ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ଖଡ଼ିଆଳ,୪।୯ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ରେଜିଷ୍ଟ୍ରିଭୁକ୍ତ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ପକ୍ଷରୁ ବୁଧବାର ଖଡ଼ିଆଳ ବିଡ଼ିଓଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ମହିଳାମାନଙ୍କୁ ଆର୍ଥିକ ସହାୟତା ନିମନ୍ତେ ସୁଭଦ୍ରା ଯୋଜନା ଦ୍ୱାରା ଜନସେବା କେନ୍ଦ୍ରରେ ଅନ୍‌ଲାଇନ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସରକାରଙ୍କ ନିୟମ ଅନୁସାରେ ଜନସେବା ଓ ମୋ ସେବା କେନ୍ଦ୍ର ଦ୍ୱାରା ସମସ୍ତ ଆବେଦନକାରୀ ବିନା ମୂଲ୍ୟରେ ଅନ୍‌ଲାଇନ ଆବେଦନ କରିପାରିବେ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଯୋଜନାର ସୁପରିଚାଳନା ନିମନ୍ତେ ଆବେଦନକାରୀଙ୍କଠାରୁ ପାରିଶ୍ରମିକ ଭିତ୍ତି କରି ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କଲେ ସମସ୍ତ ଅସୁବିଧା ଯଥା ବିଦ୍ୟୁତ୍ ଖର୍ଚ୍ଚ, କଲର ପ୍ରିଣ୍ଟ ଖର୍ଚ୍ଚ, ସ୍କାନିଂ ଓ ଅପରେଟରଙ୍କ ଦିନମଜୁରି ଆଦି ବ୍ୟବସ୍ଥା ହୋଇପାରିବ ବୋଲି ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ରର ଭିଏଲ୍‌ଇମାନେ ଆବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉଦୟଭାନୁ ସିଂ ବାବୁ, ସରୋଜ କୁମାର ପଟେଲ, ପୁଣ୍ଡରିକାକ୍ଷ କଟା, ନରେନ୍ଦ୍ର ଠେଲା, ନାରାୟଣ ସୁନାରି, ପ୍ରବୀଣ ସରାଫ, ପରମେଶର ବିଶି, ଦୁର୍ଲଭ ପଟେଲ, ତୁଳାରାମ ଥନାପତି, ରମାକାନ୍ତ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

### ଚାକୋଟିଆ ଭୁଞ୍ଜିଆଙ୍କୁ ସିବିଡିଏରେ ସାମିଲ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି

**ଖଡ଼ିଆଳ,୪।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ସୁନାବେଡ଼ା ଅଭୟାରଣ୍ୟରେ ବସବାସ କରନ୍ତି ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ। ଏହି ଜନଜାତିଙ୍କ ବିକାଶ ପାଇଁ ଚକୋଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା ସିବିଡିଏ କାର୍ଯ୍ୟ କରୁଛି। ହେଲେ ଏହି ଜନଜାତି ତାଲିକାଭୁକ୍ତ ହୋଇନାହାନ୍ତି। ସୁନାବେଡ଼ା ଅଭୟାରଣ୍ୟବାସୀ ସୁଫଳ ପାଉଥିବା ବେଳେ ଖଡିଆଳ ନିର୍ବାଚନ ମଣ୍ଡଳୀର ୩ ବ୍ଲକ ସିନାପାଲି, ଖଡିଆଳ ଓ ବୋଡ଼େନରେ ବସବାସ କରୁଥିବା ଚାକୋଟିଆ ଭୁଞ୍ଜିଆ ବଞ୍ଚିତ ହେଉଛନ୍ତି। ଏହି ଜନଜାତିଙ୍କୁ ସାମିଲ କରିବାକୁ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି।

## ସିଙ୍ଗାରୀ ଘାଟି ରାସ୍ତା ଶୋଚନୀୟ

ଥୁଆମୂଳ ରାମପୁର,୪।୯ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ସିଙ୍ଗାରୀ ଘାଟି ରାସ୍ତା ଶୋଚନୀୟ ହୋଇପଡିଛି। ଭାରିଯାନ ଚଳାଚଳ ଉପରେ କଟକଣା ରହିଥିଲେ ମଧ୍ୟ ଏକ ଠିକା ସଂସ୍ଥାର ୨୦ରୁ ଅଧିକ ହାଇୱା ରାସ୍ତାରେ ଯିବାଆସିବା କରୁଛି। ଫଳରେ ରାସ୍ତା ଖାଲଖମା ହୋଇ ବିପଦ ସୃଷ୍ଟି କରୁଛି। ଏହି ରାସ୍ତା ଉପରେ ଜୟପାଟଣା, ଜୁନାଗଡ଼, କଲମପୁର ବ୍ଲକ ସମେତ ପଡୋଶୀ କାଶିପୁର ବ୍ଲକ ଏବଂ ଥୁଆମୂଳ ରାମପୁର ବ୍ଲକର ମାଳିଗାଁ, ଅଡ୍ରି, ଗୋପିନାଥପୁର, ବଡଛତରଙ୍ଗ, ବିରିକୋଟ, ଗୋପାଳପୁର, ସିନ୍ଧିପଦର ଆଦି ଅଞ୍ଚଳର ଲୋକେ ନିର୍ଭର କରୁଛନ୍ତି। ଠିକା ସଂସ୍ଥାର ବାଲି, ଚିପ୍‌ସ, ମେଟାଲ ବୋଝେଇ ହାଇୱା ଚଳପ୍ରଚଳ ଯୋଗୁ ରାସ୍ତା ଖାଲଖମା ସୃଷ୍ଟି ହୋଇଛି। ଫଳରେ ଅଧିକାଂଶ ସମୟରେ ଛୋଟବଡ ଦୁର୍ଘଟଣା



ଘଟୁଥିବା ନଜିର ରହିଛି। ଏ ନେଇ ଆର୍‌ଡି ଜେଇଙ୍କୁ ପଚାରିବାରୁ ଏହା ତାଙ୍କ ବିଭାଗ ନୁହେଁ, ପିଡବ୍ଲ୍ୟୁଡି ଅଧୀନରେ ରହିଛି ବୋଲି କହିଥିଲେ। ସେହିପରି ପିଡବ୍ଲ୍ୟୁଡି ଜେଇ ପ୍ରତ୍ୟୁଷ କୁମାରଙ୍କୁ ପଚାରିବାରୁ ସିଙ୍ଗାରୀ ରାସ୍ତାରେ ଭାରିଯାନ ଯିବାଆସିବା କରିବା କଥା ନୁହଁ ବୋଲି କହିଥିଲେ।

## ୩ କୋଟିରେ ନିର୍ମାଣ ହେବ ଏନ୍‌ଏସି କାର୍ଯ୍ୟାଳୟ

ଭବାନୀପାଟଣା, ୪।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିର ନିଜସ୍ୱ ଗୃହ ଦୀର୍ଘ ୫୫ ବର୍ଷ ପରେ ନିର୍ମାଣ ହେବାକୁ ଯାଉଛି। ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଜୁନାଗଡ଼ ଏନ୍‌ଏସି କାର୍ଯ୍ୟାଳୟର ନୂତନ ଗୃହ କେବେ ନିର୍ମାଣ ହେବ ସେ ନେଇ ବିଧାନସଭାରେ ପ୍ରଶ୍ନ ରଖିଥିଲେ। ଏହାର ଜବାବରେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ପାତ୍ର ଉତ୍ତର ରଖିଥିଲେ ଯେ, ଜୁନାଗଡ଼ ଏନ୍‌ଏସି ଅଫିସର ନୂତନ ଗୃହ ପାଇଁ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୫୮୨୨/ତା ୧୧।୩।୨୦୨୪ରେ ୩ କୋଟି ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପର ଆବଶ୍ୟକ ବିବରଣୀ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଉଛି ବୋଲି



ମନ୍ତ୍ରୀ ପାତ୍ର ତାଙ୍କ ଉତ୍ତରରେ କହିଥିଲେ। ପ୍ରକାଶ ଯେ, ଜୁନାଗଡ ଏନ୍‌ଏସି କାର୍ଯ୍ୟାଳୟ ୧୯୭୦ ମାର୍ଚ୍ଚ ୧୮ରେ ସ୍ଥାପିତ ହୋଇଥିଲା। ସେତେବେଳଠୁ ପଞ୍ଚାୟତ

**ଜୁନାଗଡ଼ ବିଧାୟକଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର**

କାର୍ଯ୍ୟାଳୟରେ ଏହା ଚାଲୁଥିଲା। ହେଲେ କୋଠା ଛାତରୁ ସିମେଣ୍ଟ ଖଣ୍ଡ ଖସିବା ସହ ବର୍ଷା ହେଲେ ପାଣି ଗଳୁଥିଲା। ଫଳରେ କାର୍ଯ୍ୟାଳୟ କର୍ମଚାରୀ ନିଜକୁ ନିରାପଦ ନ ଭାବି ପରିସରରେ ଥିବା ପାଠାଗାରକୁ କାର୍ଯ୍ୟାଳୟ ସ୍ଥାନାନ୍ତର କରିଥିଲେ। ଗତ ୫ବର୍ଷ ହେଲା ପାଠାଗାରରେ ଏନ୍‌ଏସି କାର୍ଯ୍ୟାଳୟ ଚାଲୁଛି। ଏବେ ନୂତନ ଗୃହ ହେବା ଆଶା ଉଜ୍ଜୀବିତ ପରେ ସ୍ଥାନୀୟ ନଗରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ବଡବର୍ଡାକଟାକୁ ମୁଖ୍ୟମନ୍ତ୍ରୀ ବସ୍ ସମ୍ପ୍ରସାରଣ ଦାବି

ଅମରପାଲି,୪।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ଗ୍ରାମ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପ୍ରସାରଣ କରିବାକୁ ଦାବି ହେଉଛି। ଏନେଇ ଜିଲାପାଳଙ୍କୁ ଇ -ମେଲ ଯୋଗେ ସ୍ୱେଚ୍ଛାସେବୀ ସଙ୍ଗଠନ ସିୟା ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ ବୀରମହାରାଜପୁରରୁ ଖଣ୍ଡହତା ପର୍ଯ୍ୟନ୍ତ ପ୍ରତିଦିନ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରୁଛି। ଖଣ୍ଡହତାରୁ ବଡବର୍ଡାକଟା ପର୍ଯ୍ୟନ୍ତ ପ୍ରାୟ ୫ କିମି ଦୂର। ଏହି ଗ୍ରାମକୁ କୌଣସି ବସ ସେବା ନାହିଁ। ଉକ୍ତ ଗ୍ରାମରୁ ବୀରମହାରାଜପୁର କିମ୍ବା ସମ୍ବଲପୁର ଯିବାକୁ ହେଲେ ଘିଚାପାଲି ନିକଟସ୍ଥ ମେଟାକାନୀ ଛକ ପର୍ଯ୍ୟନ୍ତ ଯିବାକୁ ଦିନେ ଉକ୍ତ ରାସ୍ତାରେ କାଦୁଅ ଯୋଗୁ ଯିବା ଆସିବାରେ ନାହିଁ ନ ଥିବା ସମସ୍ୟା ଦେଖାଦେଇଥାଏ। ତେଣୁ ଉକ୍ତ ଗ୍ରାମର ସମସ୍ୟାକୁ ଦେଖି ମୁଖ୍ୟମନ୍ତ୍ରୀ ବସ୍ ସେବା ବଡବର୍ଡାକଟା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ନିକଟସ୍ଥ ରିଜୁମୁଣ୍ଡା, ପୁରୁଷୋତ୍ତମପାଲି,କୋହ୍ଲପଡା ବାସୀମଧ୍ଯ ଉପକୃତ ହୋଇପାରିବେ।

### ଆମ୍ବୁଲାନ୍ସ-ବାଇକ୍ ଧକ୍କା: ୩ ଗୁରୁତର

ଘଣ୍ଟାପଡ଼ା,୪।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା, ପୋଡାପଦରଠାରେ ଥିବା ପଟ୍ରୋଲ ପମ୍ପ ନିକଟରେ ୧୦୮ ଆମ୍ବୁଲାନ୍ସ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ସହ ୨ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ, ମନମୁଣ୍ଡା-ସିନ୍ଧିଗୋରାର ୪୧ନଂ ରାଜ୍ୟ ରାଜପଥର ଘଣ୍ଟାପଡ଼ା-ପୋଡାପଦରସ୍ଥିତ ପେଟ୍ରୋଲ ପମ୍ପରେ ୩ ଜଣ ଯୁବକ ବାଇକ୍‌ରେ ତେଲ ଭର୍ତ୍ତି କରି କଣ୍ଟାମାଳକୁ ଯିବା ପାଇଁ ବାହାରୁଥିବା ସମୟରେ ଏକ ଆମ୍ବୁଲାନ୍ସ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସେମାନେ ହେଲେ କୁଲୁଡାଯୋର ପଞ୍ଚାୟତ ଗିଧାମାଳ ଗ୍ରାମର ବାପ ପୁଅ ଭୀମସେନ ସାହୁ ,ଦିନେଶ ସାହୁ ଓ ଉକ୍ତ ଗ୍ରାମର ବିରାଟ ମାଝୀ। ଆହତମାନଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ଘଣ୍ଟାପଡ଼ା ପୋଲିସ ପହଞ୍ଚି ୧୦୮ଆମ୍ବୁଲାନ୍ସ (ନଂ ଓଡ଼ି୨୬ ଏଲ୯୬୪୨) ଓ ବାଇକ୍ (ନଂ ଓଡ଼ି୨୭ବି୪୪୩୭)କୁ ଜବତ କରଛି ।

### ୪୫ ଲିଟର ଦେଶୀ ମଦ ଜବତ: ଜଣେ କୋର୍ଟ ଚାଲାଣ

ମୁରିବାହାଲ,୪।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମରେ ଅବକାରୀ ବିଭାଗ ତରଫରୁ ବୁଧବାର ଚଢାଉ କରାଯାଇ ୪୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଧନେଶ୍ୱର ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଉକ୍ତ ଗ୍ରାମରେ ଦୀର୍ଘ ଦିନ ହେବ ବେଆଇନ ଭାବେ ଦେଶୀ ମଦ ରନ୍ଧା ଯାଉଥିଲା। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଭାଗୀୟ କର୍ମଚାରୀ ଚଢାଉ କରିଥିଲେ। ଚଢାଉ ସମୟରେ ୪୫ ଲିଟର ଦେଶୀ ମଦ, ବ୍ୟବହୃତ ରନ୍ଧା ସାମଗ୍ରୀ ଆଦି ଜବତ ହୋଇଥିଲା। ଏହାଛଡା ମଦ ରାନ୍ଧୁଥିବା ଧନେଶ୍ୱରଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଅବକାରୀ ଆଇନ ଅନୁସାରେ ଏକ ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ବଙ୍ଗୋମୁଣ୍ଡା ଅବକାରୀ ବିଭାଗର ଓ.ଆଇ.ସି ସୁମିତ କୁମାର ସାହୁ, ଏଏସଆଇ ଯତିନ କୁମାର ଦୀପ, କନଷ୍ଟେବଳ ପ୍ରଫୁଲ୍ଲ ନାଗ, ଲଳିତା ଭୁଏ, ଶ୍ରୀପତି ନାୟକ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ,ଏହି ଗ୍ରାମର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକ ଜଙ୍ଗଲ ଘେରରେ ରହିଛି। ଫଳରେ ଏହାର ଫାଇଦା ନେଇ ବେପାରୀମାନେ ଦେଶୀ ମଦ କାରବାରରେ ଲିପ୍ତ ରହୁଛନ୍ତି। ଏହାଛଡା ଏହିଠାରୁ ବିଭିନ୍ନ ସ୍ଥାନକୁ ଦେଶୀ ମଦ ଚୋରା ଚାଲାଣ ନିୟମିତ ଭାବରେ ହେଉଛି ।

# ସଚେତନତା ନିରୋଗ ରହିବାର ମୁଖ୍ୟ ଅସ୍ତ୍ର

ଅମରପାଲି,୪।୯(ପୀତାମ୍ବର ସାହୁ)



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏଡସ, ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସ ୟୁନିଟ ଆନୁକୂଲ୍ୟରେ ଏଚ୍ଆଇଭି ଏଡ୍ସ ଓ ଡେଙ୍ଗୁ ରୋଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ହୃଷୀକେଶ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ର ଜୀବନରେ ଶୃଙ୍ଖଳା, ଉତ୍ତମ ବ୍ୟବହାର ଗଠନ ତଥା ଆତ୍ମ ସଚେତନର କୌଶଳ କିପରି ଜଣେ ଛାତ୍ରକୁ ଏକ ଉତ୍ତମ ବ୍ୟକ୍ତିତ୍ୱରେ ପରିଣତ କରିଥାଏ ସେ ଉପରେ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଦାଶ ଓ ମୁକେଶ ଭୋଇ ଯୋଗଦାନ କରି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ ଏବଂ ପ୍ରତ୍ୟେକ ଛାତ୍ରକୁ ଉପଯୁକ୍ତ ବାତାବରଣ ଯୋଗେଇଦେବା ଉପରେ ମତବ୍ୟକ୍ତ କରିଥିଲେ। ସୁବର୍ଣ୍ଣପୁର ଜୁନିୟର ରେଡ଼କ୍ରସ ଅଫିସର ରବିଚନ୍ଦ୍ର ପଶାୟତ ସଚେତନ ହିଁ ନିରୋଗ ରହିବାର ମୁଖ୍ୟ ଅସ୍ତ୍ର ବୋଲି କହିଥିଲେ। ଏଡ଼ସ ଭଳି ମାରାତ୍ମକ ରୋଗରୁ ନିଜକୁ ଦୂରେଇ ରଖିବା ପାଇଁ ବିଦ୍ୟାଳୟସ୍ତରରୁ ପିଲାଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ମହାବିଦ୍ୟାଳୟ ଭଳି ବିଦ୍ୟାଳୟସ୍ତରରେ

**ଏଡ୍ସ, ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ**

ମଧ୍ୟ ରେଡ ରିବନ କ୍ଲବ ଖୋଲାଯିବାର ଲକ୍ଷ୍ୟ ସହ ଆଜି ଏହି ବିଦ୍ୟାଳୟରୁ ଏ କାର୍ଯ୍ୟକ୍ରମକୁ ଆରମ୍ଭ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ । ସୋନପୁର ବିସିସି ଗୋପେଶ ପଣ୍ଡା ପ୍ରାଥମିକ ଚିକିତ୍ସା ତଥା ଜୀବନ କୌଶଳ ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନମୂନା ପ୍ରଦର୍ଶନ କରିଥିଲେ। ଗ୍ରାମୋତ୍ଥାନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ପଧାନ ଗ୍ରାମାଞ୍ଚଳରେ ଶୈକ୍ଷିକ ଉନ୍ନତି ପାଇଁ ସଂସ୍ଥାର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ମହଦା ସରପଞ୍ଚ ପ୍ରତିନିଧି ପ୍ରଦୀପ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତ୍ୟେକ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ ସୃଜନାତ୍ମକ ପ୍ରାଚୀର ପତ୍ର ମହକର ଉନ୍ମୋଚନ କରାଯାଇଥିଲା। ଏହା ସହିତ ସ୍କୁଲର ନାମ ଫଳକ ଉଦ୍‌ଘାଟନ ଏବଂ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅବିଭାବିକାମାନଙ୍କ ମଧ୍ୟରେ ଏକ ରଙ୍ଗୋଲି ଓ ଝୋଟିଚିତ୍ର ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ସହକାରୀ ଶିକ୍ଷକ ନରେନ୍ଦ୍ର ନାଗ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଭରତ ହରିପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଚ୍ୟୁତ ରଣାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ଷୀରେନ୍ଦ୍ର ରଣାଙ୍କ ନେତୃତ୍ୱରେ ପ୍ରାଚୀର ପତ୍ର, ଶିବରାମ ଚାନ୍ଦ, ଦିଲ୍ଲୀପ ପଣ୍ଡା ଓ ସତ୍ୟନାରାୟଣ ମେହେରଙ୍କ ନେତୃତ୍ୱରେ ସଚେତନ ରାଲି ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ପ୍ରତ୍ୟେକ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘଣ୍ଟାପଡ଼ା ହାଇସ୍କୁଲରେ ସଂସ୍କୃତ ଦିବସ ପାଳିତ

ଘଣ୍ଟାପଡ଼ା,୪।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସଂସ୍କୃତ ଶିକ୍ଷକ ତଥା କାର୍ଯ୍ୟକ୍ରମ ସଂଯୋଜକ ଦୁର୍ଗାଶଙ୍କର ପଣ୍ଡାଙ୍କ ସଂଯୋଜନାରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୀତବାସ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଘଣ୍ଟାପଡ଼ା ଡିଗ୍ରୀ କଲେଜର ଅଧ୍ୟକ୍ଷ ଗିରିଧର ଦେହୁରୀ ,ସମ୍ମାନିତ ଅତିଥି ଭାବେ ପ୍ରଭାତ ସାହୁ ଓ ମୁଖ୍ୟବକ୍ତା ଭାବେ ଖୁଣ୍ଟିଗୋରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗୋବିନ୍ଦ ସାହୁ ଯୋଗଦେଇ ଦେଶରେ ସଂସ୍କୃତର ଉପଯୋଗିତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ ସାହୁ, ଶାନ୍ତନୁ ସେଠୀ,ଶିକ୍ଷୟିତ୍ରୀ ସୁପ୍ରଭା ଦେହୁରୀ ଓ ଖେଳ ଶିକ୍ଷୟିତ୍ରୀ ମନ୍ଦାକିନୀ ବଗର୍ତ୍ତୀ ପ୍ରମୁଖ ଯୋଗଦେଇ ଆଧୁନିକ ଯୁଗରେ ସଂସ୍କୃତର ଆବଶ୍ୟକତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ପୂର୍ବରୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଦୁର୍ଗାଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପିଲାଙ୍କ ମଧ୍ୟରେ ସଂସ୍କୃତ ସମ୍ଭାଷଣ, ନାଚ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପୂର୍ବରୁ ସ୍କୁଲର ଛାତ୍ର ଶୁଭମ ଚୌହାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ମିନର୍ଭା ସା ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ରୋଜାଲିନ କହଁର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ସଙ୍ଗଠନର ମୂଳ ଆଧାର କାର୍ଯ୍ୟକର୍ତ୍ତା



ଭାଜପା ନେତୃବୃନ୍ଦ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)

ଭାଜପାର ସଦସ୍ୟତା ଅଭିଯାନ ଗତ ୨ ତାରିଖ ସୋମବାରଠାରୁ ଆରମ୍ଭ ହୋଇଛି। ଅଧିକରୁ ଅଧିକ ସଦସ୍ୟ ସଂଗ୍ରହ କରିବାକୁ ଭାଜପା ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ପ୍ରସ୍ତୁତି ଚାଲିଛି। ଜିଲାରେ ୧ଲକ୍ଷ ସଦସ୍ୟ ସଂଗ୍ରହ କରିବାକୁ ଦଳ ଲକ୍ଷ୍ୟ ରଖିଛି। ଏପରିକି ପ୍ରତି ବୁଥ୍‌ରେ ଯେପରି ୨ ଜଣ ସକ୍ରିୟ ସଦସ୍ୟ ରହିବେ ସେଥିପାଇଁ ଦଳ ଯୋଜନା କରିଛି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମହାପାତ୍ର କହିଥିଲେ ଓଡିଶାରେ ଡବଲ ଇଞ୍ଜିନ୍ ସରକାର ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ବର୍ଷ ହେବ ଦେଶକୁ ବିକାଶ ପଥରେ ଆଗେଇ ନେଇଛନ୍ତି। ଲୋକେ ଆମ ଉପରେ ଆସ୍ଥାପ୍ରକଟ କରି କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିବା ପାଇଁ ଭୋଟ ଦେଇଛନ୍ତି। ରାଜ୍ୟରୁ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ଶାସନ ବ୍ୟବସ୍ଥାକୁ ହଟାଇବା ପାଇଁ ଆମ କାର୍ଯ୍ୟକର୍ତ୍ତାମାନେ ବହୁ ସଂଘର୍ଷ କରିଛନ୍ତି। ଭାଜପା ସଙ୍ଗଠନର ମୂଳ ଆଧାର କାର୍ଯ୍ୟକର୍ତ୍ତା ବୋଲି ମହାପାତ୍ର କହିଥିଲେ। ପ୍ରାକ୍ତନ ଜିଲା ସଭାପତି ତଥା

**ସୁବର୍ଣ୍ଣପୁରରେ ୧ଲକ୍ଷ ସଦସ୍ୟ ସଂଗ୍ରହ ଲକ୍ଷ୍ୟ**

ସଦସ୍ୟତା ଅଭିଯାନର ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମହଲା କହିଥିଲେ ବହୁ ସଂଘର୍ଷ ପରେ ଭାଜପା ବିଶ୍ୱର ସବୁଠୁ ବଡ ରାଜନୈତିକ ଦଳ ହୋଇପାରିଛି। ଏହି ଦଳ ରାଷ୍ଟ୍ରବାଦ ବିଚାରଧାରାରେ ବିଶ୍ୱାସ କରେ। ସଦସ୍ୟତା ଅଭିଯାନରେ ସମାଜର ସବୁ ବର୍ଗ ଓ ସବୁସ୍ତରର ଲୋକଙ୍କୁ ଯୋଡାଯିବ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଶକ୍ତିକେନ୍ଦ୍ର ଓ ବୁଥସ୍ତରୀୟ ସଦସ୍ୟତା ଇନ୍‌ଚାର୍ଜ ଚୟନ କରାଯିବ। କାର୍ଯ୍ୟକର୍ତ୍ତାମାନେ ଘରକୁ ଘର ବୁଲି ସଦସ୍ୟ ସଂଗ୍ରହ କରିବେ। ସଦସ୍ୟତା ହେଉଛି କାର୍ଯ୍ୟକର୍ତ୍ତା ଚୟନର ମୂଳ ଆଧାର। କାର୍ଯ୍ୟକର୍ତ୍ତାମାନେ ଦଳ ଓ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଦେଇପାରିବେ ଏବଂ ସେମାନଙ୍କ ମତାମତ ଲୋଡାଯିବ ବୋଲି ମହଲା କହିଥିଲେ। ଏହି ସମ୍ମିଳନୀରେ ଜିଲା ସଦସ୍ୟତା ଅଭିଯାନର ସହସଂଯୋଜକ ଅଭିନାଶ ଦାଶ, ଜିଲା ମିଡିଆ ସେଲ ସଂଯୋଜକ କଲ୍ୟାଣ ନାଏକ ଓ ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ଅନନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ୮୦ ହଜାର ସଦସ୍ୟତା ଲକ୍ଷ୍ୟରେ ଜିଲା ଭାଜପା



ଭାଜପାର ଖବରଦାତା ସମ୍ମିଳନୀ।

ବୌଦ୍ଧ,୪।୯ (ଅଜିତ କୁମାର ବାରିକ)

ସେପ୍ଟେମ୍ବର ୨ ତାରିଖଠାରୁ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭାଜପା କାର୍ଯ୍ୟାଳୟଠାରେ ବୁଧବାର ଦିନ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ମୁତାବକ ବୌଦ୍ଧ ଜିଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରଥମଥର ପାଇଁ କ୍ଷମତା ଦଖଲ କରିଥିବାବେଳେ ଏଥର ସଦସ୍ୟତା ଅଭିଯାନ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ୨୦୧୯ରେ ଜିଲାରେ ୪୪୬୦୦ ଜଣ ଭାଜପାର ସକ୍ରିୟ ସଦସ୍ୟତା ଗ୍ରହଣ କରିଥିଲେ। ଏଥର ଜିଲାର ଦୁଇଟି ନିର୍ବାଚନମଣ୍ଡଳୀରେ ଭାଜପା ସକ୍ରିୟ ସଦସ୍ୟ ସଂଖ୍ୟାକୁ ୮୦ ହଜାର କରିବା ଲକ୍ଷ୍ୟରେ ରହିଥିବା ଜିଲା ଭାଜପା ପକ୍ଷରୁ ଏହି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଦସ୍ୟତା ଅଭିଯାନ ଜରିଆରେ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ମଜଭୁତ କରିବା ଭାଜପାର ମୂଳ ଲକ୍ଷ୍ୟ ରହିଛି। ଏଣୁ ଦଳୀୟ କର୍ମକର୍ତ୍ତାମାନଙ୍କୁ ଲକ୍ଷ୍ୟ ପୂରଣ ପାଇଁ କାମ କରିବାକୁ ପରାମର୍ଶ ଦିଆଯାଇଥିଲା। ସମ୍ମିଳନୀରେ ପ୍ରେମାନନ୍ଦ ମିଶ୍ର, ତାପସ ପଟ୍ଟନାୟକ, ଶ୍ୟାମସୁନ୍ଦର ପୁରୋହିତ, ନିରଞ୍ଜନ ଦାନୀ, ରାଜକୁମାର ମେହେର ଉପସ୍ଥିତ ଥିଲେ ।

### ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ନେଇ ବୈଠକ

ବୌଦ୍ଧ,୪।୯(ଅଜିତ କୁମାର ବାରିକ)

ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବୁଧବାର ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ପରିଷଦର ସଭାପତି ସଞ୍ଚିତା ମହାନ୍ତି, ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ଉପଦେଷ୍ଟା ବାଳକୃଷ୍ଣ ପଣ୍ଡା ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରି ଏହାର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶ୍ରୀଜଗନ୍ନାଥ ଚେତନା ପରିଷଦର ଜିଲା ସଭାପତି ଦେବାଶିଷ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ସଂଯୋଜନା କରିଥିଲେ। ବୈଠକରେ ଜିଲାର ବିଭିନ୍ନ ସ୍ଥାନରୁ ଶ୍ରୀ ଜଗନ୍ନାଥ ମନ୍ଦିରର ପୂଜକ ଓ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

### ଜିଏସ୍‌ଟି ଚଢ଼ାଉ: ୫୫ ହଜାର ଟଙ୍କା ଜରିମାନା ଆଦାୟ

ସଇଁତଲା,୪।୯(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ଗ୍ରାମରେ ଥିବା ଏକ କିରାନା ଦୋକାନରେ ବୁଧବାର ବଲାଙ୍ଗୀର ଜିଏସଟି ବିଭାଗ ଚଢ଼ାଉ କରି ୫୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ପ୍ରକାଶ ଯେ, ଘୁନସର ଗ୍ରାମରେ ବିକାଶ ବେହେରା ଦୀର୍ଘ ବର୍ଷ ହେଲା ଏକ କିରାନା ଦୋକାନ କରିଥିବା ବେଳେ ହୋଲସେଲିଂ ମଧ୍ୟ କରିଥାନ୍ତି। ଦୀର୍ଘ ବର୍ଷ ହେଲା ସେ ତାଙ୍କ ଦୋକାନକୁ ପଞ୍ଜୀକରଣ କରି ନ ଥିବା ଏବଂ ଜିଏସ୍‌ଟି ଦେଉ ନ ଥିବା ଖବର ପାଇ ବୁଧବାର ବଲାଙ୍ଗୀର ଜିଏସଟି ବିଭାଗର ତିନିଜଣିଆ ଟିମ୍ ଦୋକାନ ଉପରେ ଚଢ଼ାଉ କରିଥିଲା। ଦୋକାନର ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗରେ ୫୫ହଜାର ଟଙ୍କା ଜରିମାନା କରାଯାଇଥିଲା । ଦୋକାନୀ ବେହେରା ଯଥାଶୀଘ୍ର ପଞ୍ଜୀକରଣ କରିବା ସହ ଜିଏସ୍‌ଟି ପ୍ରଦାନ କରିବେ ବୋଲି କହିଛନ୍ତି।

# ଆବର୍ଜନାମୁକ୍ତ ପାଇଁ ଇ-ରିକ୍ସା ବଣ୍ଟନ

ଅମରପାଲି,୪।୯(ପୀତାମ୍ବର ସାହୁ)



ଇ-ରିକ୍ସା ବଣ୍ଟନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ଶୃଙ୍ଖଳା ଆବର୍ଜନାମୁକ୍ତ ପାଇଁ ବ୍ୟବହାର ହେବ ଇ-ରିକ୍ସା। ପ୍ରଥମେ ୪ଟି ଗ୍ରାମ ପଞ୍ଚାୟତର ସରପଞ୍ଚମାନଙ୍କ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାସ୍ମାନଙ୍କୁ ପ୍ରଦାନ କରାଯାଇଛି ଏହି ଇ-ରିକ୍ସା। ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ଉପସ୍ଥିତରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ଚମ୍ପାମାଲ, ବାଗବର, କମିରା ଏବଂ ଲୁତୁରପଙ୍କ ପଞ୍ଚାୟତକୁ ଏହି ଆବର୍ଜନାମୁକ୍ତ ଯାନ ପ୍ରଦାନ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ, ଜିଲା ଜଳ ଓ ପରିମଳ ବିଭାଗ ଆୟୋଜନକ୍ରମେ କାର୍ଯ୍ୟକ୍ରମରେ ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, ବାଗବର ସରପଞ୍ଚ ନିରୂପମା ବଗର୍ତ୍ତୀ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, କମିରା ସରପଞ୍ଚ ଅନୁସୟା ପଧାନ, ଚମ୍ପାମାଲ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସଂଗ୍ରାପୁର ସମିତି ସଭ୍ୟ ସ୍ୱପ୍ନେଶର କର୍ମୀ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ।

# ଘାସିରାମ ପଣ୍ଡାଙ୍କୁ ଲାଡ୍‌ଲି ମିଡିଆ ଆୱାର୍ଡ



ଅଭିନେତ୍ରୀ ରେଣୁକା ସାହାନେ ସାମାଜିକକର୍ମୀ ଘାସିରାମଙ୍କୁ ଆୱାର୍ଡ ପ୍ରଦାନ କରୁଛନ୍ତି।

ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)

ସ୍ତମ୍ଭକାର ତଥା ଯୁବ ସାମାଜିକକର୍ମୀ ଘାସିରାମ ପଣ୍ଡାଙ୍କୁ ଲାଡ୍‌ଲି ମିଡିଆ ଆୱାର୍ଡ ପ୍ରଦାନ କରାଯାଇଛି। ବୁଧବାର ସନ୍ଧ୍ୟାରେ ମୁମ୍ବାଇରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ରେଣୁକା ସାହାନେ ସୁବର୍ଣ୍ଣପୁର ସହର ରାମଜୀନଗର ଅଞ୍ଚଳର ପଣ୍ଡାଙ୍କୁ ଏହି ସମ୍ମାନଜନକ ଆୱାର୍ଡ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ପଣ୍ଡା ଡାଉନ ଟୁ ଆର୍ଥରେ ଆସାମ ରାଜ୍ୟରେ ବାଲ୍ୟ ବିବାହ ରୋକିବା ପାଇଁ ଗିରଫଦାରୀ ଅଭିଯାନ ସମ୍ପର୍କିତ ଏକ ବ୍ୟଙ୍ଗାତ୍ମକ ସମ୍ଭ ଲେଖିଥିଲେ। ବାଲ୍ୟବିବାହ ଏକ ଅର୍ଥନୈତିକ ଓ ସାମାଜିକ ପ୍ରସଙ୍ଗ। ଜୋର ଜବରଦସ୍ତ ଗିରଫ କରିବା ଦ୍ୱାରା ବାଲ୍ୟ ବିବାହକୁ ରୋକା ଯାଇପାରିବ ନାହିଁ ବୋଲି ସେ ଦର୍ଶାଇଥିଲେ। ଇଂରାଜୀରେ ଏହି ଲେଖାକୁ ନେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ପଣ୍ଡା ଡାଉନ ଟୁ ଆର୍ଥର ମାନେଜିଂ ଏଡିଟର ରିଚାର୍ଡ ମହାପାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକ୍ସନଏଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ଚାର୍ଚ୍ଚାଙ୍କୁ କୃତଜ୍ଞତା ଜଣାଇଛନ୍ତି। ପଣ୍ଡା ଦୀର୍ଘ ବର୍ଷ ଧରି ବାଲ୍ୟ ବିବାହ ବିରୋଧରେ କାର୍ଯ୍ୟ କରିବା ସହ ଧରିତ୍ରୀ ସମେତ ବିଭିନ୍ନ ପତ୍ର ପତ୍ରିକାରେ ନିୟମିତ ଲେଖି ଆସୁଛନ୍ତି।

# ନାଟକ ପ୍ରତିଯୋଗିତାରେ ମହାରାଜା ହାଇସ୍କୁଲ ପ୍ରଥମ

ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)



ଅତିଥିଙ୍କ ଗହଣରେ ନାଟକରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ର।

ମହାରାଜା ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଜା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଛି। ପୁରସ୍କାର ବିତରଣ ଉତ୍ସବରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପର୍ଶୁରାମ ମେହେର ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ଓ ମହାରାଜା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶିଷ ରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମନୋଜ ବାରିକ ଓ ସୌମ୍ୟକାନ୍ତ ମିଶ୍ର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିବା ଜି ଥିଲେ ଜିବ୍‌କା ନାଟକଟିକୁ ଶିବାଶିଷ ମିଶ୍ର ନିର୍ଦ୍ଦେଶନା ଦେଇଥିଲା ବେଳେ ମାମା ମୁଧୁରୀ ପଣ୍ଡା ଲିପି ଲେଖିଥିଲେ।

# ବିଦେଶୀ ନକଲି ମଦ ଜବତ: ୫ ଗିରଫ

ରାଉରକେଲା, ୪।୯(ସଙ୍ଗୀତା ଜେନା)


ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଚିକିଟି ମଦମୃତ୍ୟୁ ପରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ବୁଧବାର ଛେଣ୍ଡ ଥାନା ଅନ୍ତର୍ଗତ ଛେଣ୍ଡ ଧାମରା ବସ୍ତିରୁ ବେଆଇନ ବିଦେଶୀ ମଦ କାରଖାନା ଠାବ କରାଯାଇ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ଅଟୋ-୧ଟି, ବାଇକ୧ଟି , ସ୍କୁଟି ୧ଟି ଜବତ ସହ ସମ୍ପୃକ୍ତି ନେଇ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଗୋପବନ୍ଧୁପାଲୀ ଅଞ୍ଚଳର ହାମିଦ୍ ଖାନ୍, ସେକ୍ଟର-୧୯ର ଦୀପକ ଗୌର, ଶିବ ଆହୁଜା, ଦିଲ୍ଲୀପ ବେହେରା, ଅବତାର ସିଂ। ଏ ସମ୍ପର୍କରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଆସିଫ୍ ଅଲୀଙ୍କ ଅଧ୍ୟକ୍ଷତାରେ ଡିଏସ୍ଇ ଅର୍ଚ୍ଚନା ବାରିକ, ଇନ୍ସପେକ୍ଟର ମୋହନ ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ସୁପରିଟେଣ୍ଡେଣ୍ଟ ଅଲୀ କହିଲେ ଅଭିଯାନ ଅନ୍ତର୍ଗତ ୯୨ଟି ମାମଲା ରୁଜୁ ହେବା ସହ ଏକ କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ୭ ହଜାର ଲିଟର ଦେଶୀମଦ ଓ ପୋଚ ଜବତ, ନଷ୍ଟ ହୋଇଛି। ଆଗାମୀ ଦିନରେ ଏହି ଅଭିଯାନ ଜାରି ରହିବ ବୋଲି ଅଲୀ ସୂଚନା ପ୍ରଦାନ କରିଥିଲେ। ଡିଏସଇ ବାରିକ ସୂଚନାଦେଇ ଚଢ଼ାଉ ସମ୍ପର୍କରେ କହିଲେ, ଗୁପ୍ତସୂଚନା ଆଧାରରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ୧୨୦ ବୋତଲ ମଦ ପ୍ରାୟ ୧୧୫ ଲିଟର, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭-୮ ଲକ୍ଷ ଟଙ୍କା ହେବ। ଏଥିରେ ନକଲି କର୍କ ଜବତ ସହ ଏହି ମଦଗୁଡ଼ିକ ଝାଡଖଣ୍ଡରୁ ଆସୁଥିଲା। ବୋତଲରେ ଅସ୍ପଷ୍ଟ ବାରକୋର୍ଡ ସାଙ୍ଗକୁ କୌଣସି କାଗଜପତ୍ର ନ ଥିବା ଜଣାପଡ଼ିଥିଲା। ଏହାକୁ ଜବତ କରାଯାଇଥିଲା। ଏଥିରେ କିଛି ସମ୍ପୃକ୍ତ ଫେରାର ଅଛନ୍ତି। ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଡିଏସ୍ଇ ବାରିକ କହିଥିଲେ।

## ଦୁର୍ବୃତ୍ତ ପୋଡିଦେଲେ ବାଇକ୍: ଥାନାରେ ମାମଲା

ରାଉରକେଲା/ଲାଠିକଟା,୪।୯ (ସଙ୍ଗୀତାଜେନା/ ରାମେଶ୍ୱର ଖାଡ଼ାଙ୍ଗା)

ଟାଙ୍ଗରପାଲୀ ଥାନା ଅନ୍ତର୍ଗତ ସେକ୍ଟର -୨୨ ନାରାୟଣ ମାର୍କେଟରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ରଖାଯାଇଥିବା ବାଇକକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ବାଇକ୍ ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା(ନଂ.୧୫୭/୨୪) ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନାଅନୁଯାୟୀ, ସନ୍ଦୀପ ସାମଲ ନାରାୟଣ ମାର୍କେଟ ଅଞ୍ଚଳରେ ରୁହନ୍ତି। ବୁଧବାର ଭୋର ସମୟରେ କେହି ଦୁର୍ବୃତ୍ତ ତାଙ୍କ ହିରୋହୋଣ୍ଡା ବାଇକ ନମ୍ବର ଓଆର୍ ୧୪ଡ଼ବ୍ଲ୍ୟୁ ୩୨୭୮କୁ ନିଆଁ ଲଗାଇଦେଇ ଫେରାର ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକ ନିଆଁ ଲିଭାଇଥିଲେ ମଧ୍ୟ ତାହା ନଷ୍ଟ ହୋଇଯାଇଥିଲ। ସୂଚନାଯୋଗ୍ୟ, କେହି ଶତ୍ରୁତା କରି ଏପରି କାଣ୍ଡ କରିଥିବା ନେଇ ଆଲୋଚନା ହେଉଛି।

## ଛୋଟ ପଦକ୍ଷେପ ପ୍ରଦୂଷଣକୁ ନିୟନ୍ତ୍ରଣ କରିବ



ଏନ୍ଆଇଟି ମଧ୍ୟରେ ଥିବା ଆଇଇଆଇରେ କାର୍ଯ୍ୟକ୍ରମରେ ଅତିଥି।

ରାଉରକେଲା, ୪।୯(ସଙ୍ଗୀତା ଜେନା)

**ଆଇଇଆଇ ପକ୍ଷରୁ ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି) ପରିସରରେ ଥିବା ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ଭାରତ(ଆଇଇଆଇ) ପକ୍ଷରୁ ବୁଧବାର ସନ୍ଧ୍ୟାରେ 'ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ' ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କୌଶଳଗୁଡ଼ିକରେ ରାଉରକେଲା ସହରର ବାୟୁ ଗୁଣବତ୍ତା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ପୋଲାକି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନ ରାଉରକେଲା ଅଧ୍ୟାୟର ସାଧାରଣ ସମ୍ପାଦକ ଡ. ଅଜିତ ବେହେରା ସଂକ୍ଷେପରେ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବକ୍ତା ଭାବେ ରାଜ୍ୟପ୍ରଦୂଷଣ ବୋର୍ଡର ଉପପରିବେଶ ଯନ୍ତ୍ରୀ ବିଜୟ ଭୋଇ ଯୋଗଦେଇ କହିଲେ, ପ୍ରଦୂଷଣ ସମ୍ପ୍ରତି ବିଶ୍ୱବ୍ୟାପୀ ହୋଇଛି । ଛୋଟ ଛୋଟ ପଦକ୍ଷେପ ହିଁ ଏହାକୁ ନିୟନ୍ତ୍ରଣ କରିପାରିବ। ବାୟୁ ପ୍ରଦୂଷଣ, ପରିବେଶ ତଥା ଜନସ୍ୱାସ୍ଥ୍ୟ ଏକ ପୂର୍ଣ୍ଣ ସମସ୍ୟା ଅଟେ। ଶିଳ୍ପ ପ୍ରକ୍ରିୟା, ପରିବହନ ଓ ଶକ୍ତି ଉତ୍ପାଦନ ଆଦିରୁ ଅଧିକ ବାୟୁପ୍ରଦୂଷଣ ହୋଇଥାଏ। ଏହାର ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ସୁଦୂରପ୍ରସାରୀ ନିୟମ ଓ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ଉକ୍ତ ଆଲୋଚନାଚକ୍ର ଉଭୟ ଅନ୍ଲାଇନ୍ ଓ ଅଫ୍ଲାଇନ୍ ଆୟୋଜିତ ହୋଇଥିଲା। ଅନ୍ଲାଇନ୍ରେ ଆଇଇଆଇ ଉପାଧ୍ୟକ୍ଷ ଡ. ନୂତନ ଦାସ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ୫୦ରୁ ଊର୍ଦ୍ଧ୍ୱ ଅଫ୍ଲାଇନ୍ ଅଂଶଗ୍ରହଣକାରୀ ମଧ୍ୟ ଏଥିରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଡ. ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତରଭାରତୀୟ ସମନ୍ୱୟ ସମିତିର ସ୍ମାରକପତ୍ର

ରାଉରକେଲା,୪।୯ (ସଙ୍ଗୀତା ଜେନା)

**ଷ୍ଟ୍ରିଟଲାଇଟ୍ ବ୍ୟବସ୍ଥା ନେଇ ଆର୍ଏମ୍ସିରେ ଅଭିଯୋଗ**

ଆଗାମୀ ଦିନରେ ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ପ୍ରବଳ ଜନସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେଷ୍ଟ୍ରିଟ ଲାଇଟ୍ର ସୁବନ୍ଦୋବସ୍ତ କରିବା ପାଇଁ ବୁଧବାର ସାମାଜିକ ଅନୁଷ୍ଠାନ ଉତ୍ତର ଭାରତୀୟ ସମନ୍ୱୟ ସମିତି ପକ୍ଷରୁ ରାଉରକେଲା ମହାନଗରନିଗମ (ଆର୍ଏମ୍ସି) ଉପାୟୁକ୍ତ ପଲ୍ଲବୀ ନାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଜୁଳି ଲାଇଟ୍ ବ୍ୟବସ୍ଥା ଅଭାବରୁ ଦୁର୍ଘଟଣା ଏବଂ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ହେବା ଆଶଙ୍କା ପ୍ରକାଶ କରାଯାଇଛି ଉକ୍ତ ସ୍ମାରକପତ୍ରରେ। ପୂର୍ବତନ କାଉନସିଲର ବ୍ରଜେଶ ମହତୋ, ଓପି ସିଂହ, ହରିଶଙ୍କର ସାହା, ଟିଙ୍କି ମହାନ୍ତି, ବିକାଶ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳବାର ଉତ୍ତମ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଡିଏସ୍ପି ଜୋନ୍--୨ ନିର୍ମଳ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।


ଉପାୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ସଦସ୍ୟମାନେ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ


କାର୍ଯ୍ୟକ୍ରମରେ ସମ୍ମିଳିତ ଅତିଥି ଓ କବି କବିୟତ୍ରୀ।

ରାଉରକେଲା, ୪।୯(ବିପ୍ଲବ ରଞ୍ଜନ ଦାଶ)

**ରଘୁନାଥ ଦାସଙ୍କ ରଚିତ କାବ୍ୟ ଉପରେ ଆଲୋଚନା**

ରାଉରକେଲା ସହରର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ କଲଚରାଲ ଏକାଡେମୀ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସହ କାବ୍ୟ କବିତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ବିଷ୍ଣୁପ୍ରିୟା ମହାପାତ୍ରଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ କାଶୀନାଥ ପାତ୍ରଙ୍କ ଆବାହକତ୍ୱ ଏବଂ ସଂଯୋଜନାରେ ପାଳିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇସ୍ପାତ କାରଖାନାର ମୁଖ୍ୟ ମହାପରିଚାଳକ ବିଜୟ କୁମାର ଯୋଯୋ ଓ ଗଜପତି ଜିଲାର ଉପଆରକ୍ଷୀ ଅଧୀକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ଚନ୍ଦ୍ରଶେଖର ହୋତା ମୁଖ୍ୟବକ୍ତା ଭାବେ ଯୋଗଦାନ ଦେଇ ଆଲୋଚ୍ୟ ବିଷୟ ରଘୁନାଥ ଦାସଙ୍କ ଜଟାୟୁ କବିତାରେ ସାଧାରଣ ମଣିଷର କଥା ସମ୍ପର୍କରେ ଆଲୋଚନା କରିଥିଲେ। ଡକ୍ଟର ହୋତା କହିଥିଲେ ଯେ, ବିକାଶବାଦୀର ଭଗିରଥ ଥିଲେ ରଘୁନାଥ ଦାସ। ତାଙ୍କ ରଚିତ ଜଟାୟୁ ଏକ ସଫଳତମ କୃତୀ। ରାମାୟଣରେ ଦର୍ଶାଯାଇଥିବା ଜଟାୟୁ ପକ୍ଷୀକୁ ସେ ଅନ୍ୟାୟ ଓ ଅନିତୀକୁ ପ୍ରତିରୋଧ କରୁଥିବା ଏକ ପ୍ରତିସ୍ୱର ରୂପେ ଅବହିତ କରିଥିଲେ। ଏହିଭଳି ରଘୁନାଥ ଦାସଙ୍କ କବିତା ପଦ୍ମତୋଳା, ବାଟୋଇ, ଶତାବ୍ଦୀର କଥା ଆଦିରେ ଗ୍ରାମୀଣ ଲୋକମାନେ କିପରି ଶୋଷଣ ଏବଂ କଷଣର ଶିକାର ହେଉଥିଲେ ତାହାକୁ ନେଇ ରଚିତ ହୋଇଥିବା କଥା ଅତି ମାର୍ମିକ ବୋଲି କହିଥିଲେ। ପରେ ବିଷ୍ଣୁପ୍ରିୟା ମହାପାତ୍ର ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଡ. କୃପାସିନ୍ଧୁ ନାୟକଙ୍କ ସଭାପତିତ୍ୱରେ ଓ କବି ବଳରାମ ରାଉଳଙ୍କ ସଂଯୋଜନାରେ କୁଞ୍ଜବିହାରୀ ରାଉତ, ପ୍ରତାପ ପଣ୍ଡା, ଅଶୋକ କୁମାର ପଟ୍ଟନାୟକ, ଅର୍ଚ୍ଚନା ପାତ୍ର, ରଶ୍ମୀ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ପୋଲିସ ଉପସ୍ଥିତିରେ ପ୍ରେମୀଯୁଗଳଙ୍କ ବିବାହ

ରାଉରକେଲା,୪।୯(ସଙ୍ଗୀତା ଜେନା)


ଛେଣ୍ଡ ନୀଳକଣ୍ଠେଶ୍ୱର ମନ୍ଦିରରେ ପୋଲିସ ଉପସ୍ଥିତିରେ ବିବାହ ସମ୍ପନ୍ନ କରାଯାଉଛି।

ଛେଣ୍ଡ ଅଞ୍ଚଳର ଗର୍ଭବତୀ ପ୍ରେମିକାଙ୍କୁ ପ୍ରେମିକ ବିବାହ ପାଇଁ ଅମଙ୍ଗ ପ୍ରକାଶ କରୁଥିଲେ। ଏ ନେଇ ପ୍ରେମିକା ଓ ତାଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପୋଲିସ ତତ୍ପରତା ଦେଖାଇଥିଲା। ତୁରନ୍ତ ବିବାହ କରାଇବାକୁ ରାଉରକେଲା ଡିଆଇଜି ବ୍ରିଜେଶ ରାୟ ଛେଣ୍ଡ ଥାନା ପୋଲିସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମଧ୍ୟରେ ବିତିଯାଇଥିଲା ୨ ମାସ। ପ୍ରାୟ ୨ ମାସ ଦ୍ୱନ୍ଦ ଓ ସଂଘର୍ଷ ପରେ ବୁଧବାର ସକାଳେ ପୋଲିସ ଉପସ୍ଥିତିରେ ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଛି ଛେଣ୍ଡ ଫେଜ୍ -୧ ମଧୁସୂଦନନଗର ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ। ପୂଜକ ଦେବେନ୍ଦ୍ର ରଥଙ୍କ ପୂଜାବିଧି ଅନୁସାରେ ଉକ୍ତ ବିବାହ କରାଯାଇଥିଲା। ପ୍ରେମିକ ସୁଜିତ ମୁଣ୍ଡାରୀ ପ୍ରେମିକାଙ୍କ ମଧ୍ୟରେ ବୈଦିକ ରୀତିନୀତିରେ ବିବାହ ହୋଇଥିଲା। ଏଥିରେ ସମାଜସେବୀ ଭବାନୀ ଶଙ୍କର ଦାସ, ମହିଳାସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆରାଧ୍ୟା'ର ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକ, ସମ୍ପାଦିକା ପ୍ରେମଲତା ମହାନ୍ତିଙ୍କ ସମେତ ବରକନ୍ୟାଙ୍କ ପିତାମାତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ସୋଶିଆଲ ମିଡ଼ିଆରୁ ପ୍ରେମ ଆରମ୍ଭ ହୋଇଥିଲା। ଦୁହେଁ ବନ୍ଧମୁଣ୍ଡା ଥାନା ଦଲପୋଷ ଅଞ୍ଚଳରେ ପ୍ରାୟ ୮ ମାସ ଏକାଠି ରହୁଥିଲେ। ପ୍ରେମିକା ଗର୍ଭବତୀ ହେବା ପରେ ବିବାହ ପ୍ରସଙ୍ଗ ମୁଣ୍ଡ ଟେକିଲା। ଏଥିରେ ପ୍ରେମିକ ଓ ତାଙ୍କ ପିତାମାତା ଅନିଚ୍ଛା ପ୍ରକାଶ କରିଥିଲେ। ଏହା ପରେ ଛେଣ୍ଡ ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ପୁଅ ଘର ପକ୍ଷରୁ ବିଭିନ୍ନ ଆଳଦେଖାଇ ବିବାହ ନ କରିବାକୁ ଉଦ୍ୟମ କରାଯାଉଥିଲା। ପରେ ଏଥିରେ ପୋଲିସ ହସ୍ତକ୍ଷେପ କରିଥିଲା। ପ୍ରଥମେ କୋର୍ଟରେ ବିବାହ ପ୍ରକ୍ରିୟା କରାଯାଇଥିବା ବେଳେ ବୁଧବାର ମନ୍ଦିରରେ ହିନ୍ଦୁ ବୈଦିକ ରୀତିନୀତିରେ କରାଯାଇଥିଲା।

# ୨୦ ମହିଳାଙ୍କୁ ଛତୁଚାଷ ତାଲିମ

ରାଉରକେଲା, ୪।୯(ବିପ୍ଲବ ରଞ୍ଜନ ଦାଶ)


ଛତୁଚାଷ ତାଲିମ କାର୍ଯ୍ୟକ୍ରମରେ ସାମିଲ ଅଂଶଗ୍ରହଣକାରୀ।

ଆରଏସପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗୀୟ ପାର୍ଶ୍ୱାଂଚଳ ବିକାଶ ପ୍ରତିଷ୍ଠାନର ଆଇପିଡି କେନ୍ଦ୍ର ପରସରରେ ଚାଲିଥିବା ଦୁଇଦିନିଆ ଛତୁଚାଷ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ଏଚଆର ସିଏଲସି ବିଭାଗର ଜିଏମ ଜି.ଆର ଦାଶ ଅଧକ୍ଷତା କରିବା ସହିତ ସଫଳତାର ସହିତ ତାଲିମ ସମାପ୍ତ କରିଥିବା ପ୍ରଶିକ୍ଷାର୍ଥିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକର ଡେଗାଘାଟ ଏବଂ ବିରକେଲ ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ୨୦ଜଣ ଅଂଶଗ୍ରହଣ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଛତୁଚାଷ ଉପରେ ତତ୍ୱଗତ ଇନପୁଟ ଏବଂ ବ୍ୟବହାରିକ ପ୍ରଦର୍ଶନ ସହିତ ହ୍ୟାଣ୍ଡ -ଅନ୍ ଟ୍ରେନିଙ୍ଗ ପ୍ରଦାନ କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମ ସମାପ୍ତି ପରେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ନିଜ ସ୍ଥାନରେ ଚାଷ କରିବା ଓ ଅନ୍ୟମାନଙ୍କୁ ଏନେଇ ଉତ୍ସାହିତ କରିବା ପାଇଁ ଏକ ଏକ ବୋତଲ ଛତୁ ମଞ୍ଜି ପ୍ରଦାନ କରାଯାଇଥିଲା। ତାଲିମ ପରେ ହିତାଧିକାରୀମାନେ କାର୍ଯ୍ୟକ୍ରମକୁ ନେଇ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ସିଏସ୍ଆର ବିଭାଗର ମାଷ୍ଟର ଟ୍ରେନର ଟି ଭେଙ୍ଗରା ଓ ବି.ଏକ୍କା ଦଲପୋଷ ଗ୍ରାମର ସୁମନ ସ୍ୱୟଂ ସହାୟକ ଗୋଷ୍ଠି ମାଷ୍ଟର ଟ୍ରେନର ସୁଶ୍ରୀ କମଳା ଟପ୍ପୋ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣରେ ଆରଏସପିର ବିଭିନ୍ନ ସିଏସଆର କାର୍ଯ୍ୟଧାରା ଉପରେ ସୂଚନା ପ୍ରଦାନ କରିଥିଲେ। ବିଭାଗର ଏଜିଏମ ଟି.ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିବା ବେଳେ ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି.ଏକ୍କା ତାଲିମ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ମାଲଗାଡ଼ି ଉପରେ ଜଳିଯାଇଥିବା ବିକୃତ ମସ୍ତିଷ୍କ ବ୍ୟକ୍ତିଙ୍କ ମୃତ୍ୟୁ

ରାଉରକେଲା,୪।୯(ସଙ୍ଗୀତା ଜେନା)

ଗତ ୨୭ ତାରିଖରେ କଳୁଙ୍ଗା ଠାରେ ଏକ ମାଲଗାଡ଼ି ଉପରେ ଚଢ଼ିଯାଇ ଆହତ ହୋଇଥିବା ବିକୃତ ମସ୍ତିଷ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କର ପରିଚୟ ମିଳିପାରିନାହିଁ। ବୁଧବାର ତାଙ୍କ ବ୍ୟବଚ୍ଛେଦ ପରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ସେ ମାଲଗାଡ଼ି ଉପରେ ଚଢ଼ିଯାଇଥିଲେ। ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିଲେ। ତଶଙ୍କୁ ଆରଜିଏଚ୍ରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଜିଆରପି ପୋଲିସ ମାମଲା(୬୩/୨୪) ରୁଜୁ କରିଛି।

## ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ପୋଲିସ ମୁଖ୍ୟାଳୟରେ ବୈଠକ

ରାଉରକେଲା,୪।୯(ସଙ୍ଗୀତା ଜେନା)

ଇସ୍ପାତ ସହରରେ ଟ୍ରାଫିକ୍ ଶୃଙ୍ଖଳିତ କରିବା ଓ ଆଇନକାନୁନ୍ ସୁପରିଚାଳନା ପାଇଁ ବୁଧବାର ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଏକ ବୈଠକ ଡିଆଇଜି ବ୍ରିଜେଶ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍ପି ରାଜକିଶୋର ମିଶ୍ର, ପ୍ରଭାଶଙ୍କର ନାୟକ, ଡିଏସ୍ପି ଟ୍ରାଫିକ୍ ପୁରୁଷୋତ୍ତମ ଭୋଇ, ଜୋନ୍-୨ ଡିଏସ୍ପି ନିର୍ମଳ ମହାପାତ୍ରଙ୍କ ସମେତ ଥାନା ଅଧିକାରୀ, ଇଣ୍ଟିଗ୍ରେସନ୍ ଫୋରମ୍ କମକର୍ତ୍ତା, ହୋଟେଲ ସଂଘ, ବ୍ୟବସାୟୀ ସଂଘ, ଟ୍ରାନ୍ସପୋର୍ଟ ଆସୋସିଏସନ୍ ଓ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରସ୍ତାବ ଉପରେ ବିଚାର ବିମର୍ଶ କରି ଟ୍ରାଫିକ ବ୍ୟବସ୍ଥା ସୁଧାରିବା ଓ ଶୃଙ୍ଖଳିତ କରିବା ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଆଇଜି ରାୟ କହିଥିଲେ।

## ଆର୍ଏସ୍ପି ପ୍ଲେଟ୍ ମିଲ୍ ବିଭାଗର ଡାଇନାମିକ ଗୁଣବତ୍ତା ମଣ୍ଡଳୀର ଅଭିନବ ପ୍ରୟାସ

ରାଉରକେଲା,୪।୯(ବିପ୍ଲବ ରଞ୍ଜନ ଦାଶ)



ଆରଏସ୍ପିର ପ୍ଲେଟ ମିଲ ବିଭାଗର ଡାଇନାମିକ ଗୁଣବତା ମଣ୍ଡଳୀ ସେମାନଙ୍କ ଅଭିନବ ପ୍ରଜେକ୍ଟ ଗୃଭରୋଲ ଗିଅରବକ୍ସ ବ୍ରିଜର ବିଫଳତା ହେତୁ କାର୍ଯ୍ୟକ୍ଷମ ବିଫଳତାକୁ ସଫଳତାର ସହିତ ଏଡାଇବା ସହ ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତା ହାସଲରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ପ୍ଲେଟ ମିଲକୁ ସ୍ଲାବ ଯୋଗାଇ ଦେବା ପାଇଁ ୧୨ଟି ଗୃଭ ରୋଲ ପ୍ରବେଶ ପାର୍ଶ୍ୱ ପାଇଁ ଗୋଟିଏ ଆଇଡିଆଲ ରୋଲ ସହ ୮ଟି ରୋଲ ଏବଂ ଡେଲିଭରି ପାର୍ଶ୍ୱରେ ୪ଟି ରୋଲ ନିର୍ଭର କରେ। ଏହି ଗୃଭ ରୋଲଗୁଡିକ ୩ ଗିଅରବକ୍ସ ଦ୍ୱାରା ଚାଳିତ ହୋଇଥାଏ। ଡାଇନାମିକ ଗୁଣବତା ମଣ୍ଡଳୀ ଦ୍ୱାରା ଚିହ୍ନଟ ହେଲା ଯେ ମିଲ କାର୍ଯ୍ୟ ରୋଲ ନିକଟରେ ଅବସ୍ଥିତ ଗୃଭରୋଲ ଗିୟରବକ୍ସ-୨ ବିଫଳତା ପାଇଁ ଅସୁରକ୍ଷିତ ଅଟୋ ଗିୟରବକ୍ସର ବ୍ରିଜ, ଯାହା ଆଉଟପୁଟ ଗିୟର ଟ୍ରେନକୁ ସମର୍ଥନ କରିବା ସହ ମିଲ ଅସମାନ ଲୋଡ ଅବସ୍ଥା ହେତୁ ୱେଲ୍ଡେଡ ଜଏଣ୍ଟରେ ବାରମ୍ବାର ବାଧା ସୃଷ୍ଟି ହୋଇଥାଏ। ଏହି ବିଫଳତା ଉଭୟ ଇନପୁଟ ଓ ଆଉଟପୁଟ ଗିୟର ଗୁଡିକର କ୍ଷତି ଘଟାଇଥିଲା। ଯଦ୍ୱାରା ଗିୟରବକ୍ସକୁ କାର୍ଯ୍ୟକ୍ଷମ ସ୍ଥିତିକୁ ପୁନଃସ୍ଥାପନ କରିବାକୁ ୧୦ରୁ ୧୨ଘଣ୍ଟା ସମୟ ଲାଗିଥାଏ। ଏହି ଘଟଣାର ଅନୁସନ୍ଧାନ କରିବା ପରେ ପ୍ଲେଟ ମିଲ ବିଭାଗର ଡେପୁଟି ମ୍ୟାନେଜର ଏସ.କେ ସ୍ୱାଇଁ .ଏମଓଏମଟି ଜେ.ସି ବିଶୋଇ,ଓସଟି କେ ବେରିକ,ଓସିଟି ଆର ପି ହେମ୍ବ୍ରମ ,ଅପରେଟର ଏସ.କେ ବେହେରା, ଏସିଟିଏସ ସାହୁ ଓ ଆନନ୍ଦ ଏକ୍କାଙ୍କୁ ନେଇ ଗଠିତ ଡାଇନାମିକ ଗୁଣବତା ମଣ୍ଡଳୀ ଜାଣିଲେ ଯେ ,ଗିୟରବକ୍ସ ଭିତରେ ଥିବା ଉଭୟ ସେତୁର ବାହ୍ୟ ପାର୍ଶ୍ୱ କାନ୍ଥରେ ଭୂଲମ୍ବ ସମର୍ଥନର ବିଶେଷ ପ୍ରଭାବ ରହିଛି। ଏଣୁ ଏହାର ସମାଧାନ ପାଇଁ ବ୍ରିଜ ମଧ୍ୟେ ଥିବା ଖାଲି ସ୍ଥାନକୁ ଫିଟ୍ କରିବା ପାଇଁ ପ୍ରତ୍ୟେକ ୨୦ମିମି ମୋଟା ଦୁଇଟି ପ୍ଲେଟ କାଟିଥିଲେ। ପ୍ଲେଟ ଗୁଡିକ ପରେ ସେତୁ ଓ ଗିୟରବକ୍ସର ତଳ ଭାଗରେ ଭୂଲମ୍ବ ଭାବେ ୱେଲ କରା ଯାଇଥିଲା। ଦୁଇଟି ପୃଥକ ସେତୁକୁ ଏକ ଦୃଢ଼ ସଂରଚନାରେ ପ୍ରଭାବଶାଳୀ ଭାବେ ରୂପାନ୍ତରିତ କରାଗଲା। ଏହି ସଂଶୋଧନ ବର୍ତ୍ତମାନ ନିଶ୍ଚିତ କରେ ଯେ ମିଲର ଯେକୌଣସି ଅସମାନ ଭାର ବ୍ରିଜ ମଧ୍ୟେ ସମାନ ଭାବେ ବଣ୍ଟନ ହୁଏ, ଯାହାପୂର୍ବରୁ ୱେଲଗୁଡିକ ଫାଟି ଯାଇଥିବା ଚାପ ପଏଂଟକୁ ରୋକିଥାଏ।

# ମମତା,ଚେତନା ଭରା କବିତାର ସୃଜନିକା ଥିଲେ କୁନ୍ତଳା କୁମାରୀ ସାବତ

ରାଉରକେଲା,୪।୯(ବିପ୍ଲବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ସମ୍ମିଳିତ ବିଦ୍ୟାଳୟ ଛାତ୍ରୀଛାତ୍ର।

ରାଉରକେଲା ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ସେକ୍ଟର-୩ ବାଜି ରାଉତ ଶିକ୍ଷା ନିକେତନର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଦିବସ ପାଳନ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ,ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ କବି କୁଞ୍ଜବିହାରୀ ରାଉତ ଏବଂ ମୁଖ୍ୟବକ୍ତା ଭାବରେ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଯୋଗଦାନ କରିଥିଲେ। ଏ ଅବସରରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା କନ୍ତଳା କୁମାରୀଙ୍କ ଜୀବନ ଅଦର୍ଶ ଉପରେ ସ୍ମୃତିଚାରଣ କରି କହିଥିଲେ ଯେ, କୁନ୍ତଳା ଥିଲେ ମମତାଭରା କବିତାର ସୃଜନୀକା। କୁନ୍ତଳାଙ୍କ ରଚିତ ଗଭୀର ମମତ୍ୱବୋଧ ଭରା କବିତା, ଉପନ୍ୟାସ ଓ ପ୍ରବନ୍ଧରେ ସେ ନାରୀମାନଙ୍କର ଆର୍ଥିକ, ଶୈକ୍ଷିକ ଓ ଚେତନାଗତ ବିକାଶକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସମାଧାନର ମାର୍ଗ ମଧ ଫିଟାଇଛନ୍ତି। ତାଙ୍କର ସାରସ୍ୱତ ସାଧନାର ମୂଳମନ୍ତ୍ର ଥିଲା ଉତ୍କଳ ଭୂମୀ, ଭାଷା ଓ ଉତ୍କଳ ପ୍ରଦେଶର ପ୍ରଗତି। ଏହିଭଳି ଜାତିପ୍ରେମ ନିମନ୍ତେ କୁନ୍ତଳାଙ୍କୁ ଉତ୍କଳ ଭାରତୀ ଉପାଧି ଦିଆଯାଇଥିଲା। କାଳିବୋହୁ ତାଙ୍କର ଏକ ସଫଳ ରଚନା। ଏଥିସହ କବିଙ୍କ ଭ୍ରାନ୍ତି, ନଅତୁଣ୍ଡି,ପରଶମଣୀ ଓ ରଘୁ ଅରିକ୍ଷିତ ଆଦି ବହୁ ରଚନା କାଳଜୟୀ ରଚନା ଭାବେ ବିବେଚିତ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ସୌମ୍ୟଜିତ ମହାପାତ୍ର ,ରେଖାରାଣୀ ଗିରି ଓ ଭାଗ୍ୟଶ୍ରୀ କିଶାନ ପ୍ରମୁଖ କବିୟିତ୍ରୀଙ୍କ ବିଷୟରେ ବାର୍ତ୍ତା ପ୍ରଦାନ କରିଥିଲେ। ପରେ ଏନେଇ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଠିକ ଉତ୍ତର ଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପିକା ସୁଜାତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସର ପରିଚାଳନାରେ ବରିଷ୍ଠ ଶିକ୍ଷକ ବିମଳ ଚନ୍ଦ୍ର ମନ୍ତ୍ରୀ, ବିପିନ ବିହାରୀ ସାମନ୍ତସିଂହାର,ତରୁଣ କୁମାର ସାହୁ ପ୍ରମୁଖ ସହଯୋଗିତା କରିଥିଲେ।

# କର୍ମଚାରୀ ଶୂନ୍ୟ ଜିଲା ପାଠାଗାର

ସମ୍ବଲପୁର,୪।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ପାଠାଗାର ସରକାରୀ ଅବହେଳାର ଶିକାର ହୋଇ ପଡିରହିଛି। ଏହି ପାଠାଗାରରେ ବହୁ ସଂଖ୍ୟାରେ ଉପାଦେୟ ପୁସ୍ତକ ଗଚ୍ଛିତ ହୋଇ ରହିଛି। ହେଲେ ଆଶ୍ଚର୍ଯ୍ୟର ବିଷୟ ପାଠାଗାରରେ ଜଣେ ବି କର୍ମଚାରୀ ନାହାନ୍ତି। ଏହି ପାଠାଗାରରେ କିଛି ବର୍ଷ ପୂର୍ବରୁ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ବସି ବିଭିନ୍ନ ପୁସ୍ତକ ପଢୁଥିଲେ। ଗବେଷକମାନେ ପାଠାଗାରରେ ଥିବା ମୂଲ୍ୟବାନ ପୁସ୍ତକ ଖୋଜି ଗବେଷଣା କରୁଥିଲେ। ହେଲେ ଏବେ ଏହି ଜିଲା ପାଠାଗାର ପାଠକ ଶୂନ୍ୟ ହେବାକୁ ବସିଛି। ଗତ ଜୁଲାଇ ୩୧ରେ ଏଠାରେ ଦାୟିତ୍ୱରେ ରହିଥିବା ଜଣେ ମାତ୍ର ସହାୟକ ଲାଇବ୍ରେରିଆନ ଅବସର ଗ୍ରହଣ କରିବା ପରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ପୂର୍ବରୁ ମଧ୍ୟ ସେ ଦାୟିତ୍ୱରେ ରହିଥିବା ସମୟରେ କେହି ପିଅନ କିମ୍ବା ରାତ୍ରୀ ଜଗୁଆଳି ନ ଥିବାରୁ ପାଠକମାନଙ୍କୁ ବହି ଖଣ୍ଡିଏ ବାହାର କରିବାକୁ କେହି ନଥିଲେ । ତଥାପି ପାଠକ ମାନେ ନିଜେ ବହି ଖୋଜି ବାହାର କଲେ ସହାୟକ ଲାଇବ୍ରେରିଆନ ତାକୁ ଇସ୍ୟୁ କରି ପଢିବା ପାଇଁ ଦେଉଥିଲେ। ହେଲେ ସେ ଅବସର ଗ୍ରହଣ କରିବା ପରେ ସେସବୁ ମଧ୍ୟ ବନ୍ଦ ହୋଇଯାଇଛି।

ପାଠାଗାର ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବାରୁ ଜିଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଏହି ପାଠାଗାର ଖୋଲୁଛନ୍ତି। ତେବେ ସେ ନିଜ କାମରେ ବ୍ୟସ୍ତ ରହୁଥିବାରୁ କାହାକୁ ବହି ଖଣ୍ଡେ ବାହାର କରି ଦେବା ସମ୍ଭବ ହୋଇପାରୁ ନାହିଁ। ଜିଲା ସଂସ୍କୃତି ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିବାରୁ ସଂସ୍କୃତି ଅଧିକାରୀ କାମ ସହ ସହାୟକ ଜିଲାପାଳ କାର୍ଯ୍ୟ କରୁଛନ୍ତି। ସେ ଅନେକ ସମୟରେ ସହାୟକ ଜିଲାପାଳ କାର୍ଯ୍ୟାଳୟରେ ମଧ୍ୟ ବସିଥାନ୍ତି। ତେଣୁ ପୂର୍ବାହ୍ନ ୧୦ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପାଠାଗାର ନିୟମିତ ଖୋଲା ରଖିବା ସମ୍ଭବ ହେଉନାହିଁ। ଏହାସହ କୌଣସି କାମରେ ବାହାରକୁ ଗଲେ ସଂସ୍କୃତି କାର୍ଯ୍ୟାଳୟ ସହ ପାଠାଗାରକୁ ମଧ୍ୟ ବନ୍ଦ କରି ଯିବାକୁ ପଡିଥାଏ। ସେଥିପାଇଁ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ର ପୁସ୍ତକ ଏବଂ ପତ୍ରପତ୍ରିକା ପଢିବା ପାଇଁ ଆସି ହଇରାଣ ହେଉଛନ୍ତି। ଯଦ୍ୱାରା ପାଠାଗାରକୁ ପ୍ରତିବର୍ଷ ଶହଶହ ପୁସ୍ତକ ଆସୁଥିବା ବେଳେ ସେଗୁଡିକୁ ପାଠାଗାରରେ ସଜାଇ ରଖିବା ମଧ୍ୟ ସମ୍ଭବ ହୋଇପାରୁ ନାହିଁ। ଯେମିତି ପେଟି ଗୁଡିକରେ ବହି ଆସିଥାଏ ସେମିତି ତାକୁ ବର୍ଷବର୍ଷ ଧରି ପାଠାଗାର ପରିସରରେ ଗଦା ହୋଇ ପଡିରହୁଛି। ଏପରିକି ପାଠକମାନଙ୍କ ପାଇଁ ପାଠାଗାର ଉପର ମହଲାରେ ସ୍ୱତନ୍ତ୍ର ଭାବେ ହଲ ରହିଛି । ଯେଉଁଠି ପାଠକମାନେ ସୁବିଧାରେ ବସି ପଢି ପାରିବା କଥା ହେଲେ କର୍ମଚାରୀ ନଥିବାରୁ ତାହା ମଧ୍ୟ ଖୋଲାଯାଉନାହିଁ। ଏମିତି ନାନା ଅସୁବିଧା ମଧ୍ୟରେ ଜିଲା ପାଠାଗାର ତାର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇଛି।



ଜିଲା ସଂସ୍କୃତି କାର୍ଯ୍ୟାଳୟରେ ରହିଥିବା ଜିଲା ପାଠାଗାର ବିଲ୍ଡିଂ।


ଜିଲା ପାଠାଗାରରେ ଗଦା ହୋଇ ପଡିଥିବା ପୁସ୍ତକ।

**■ସହାୟକ ଜିଲାପାଳଙ୍କ ଭରସାରେ ଖୋଲୁଛି ଜିଲା ପାଠାଗାର**

**■କର୍ମଚାରୀ ନଥିବାରୁ ନିୟମିତ ଖୋଲୁନି**

ସୂଚନା ଅନୁସାରେ ଜିଲା ପାଠାଗାରରେ ଜଣେ ସହାୟକ ଲାଇବ୍ରେରିଆନ ସହ ୨ ଜଣ ଆଟେଣ୍ଡାଣ୍ଟ, ଜଣେ ସୁଇପର, ଜଣେ ୱାଚର ପଦବୀ ରହିଛି। ହେଲେ ସରକାରଙ୍କ ଦୃଷ୍ଟି ଅଢୁଆଳରେ ଏହି ଜିଲା ପାଠାଗାରରେ କେହି ଜଣେବି କୌଣସି ପଦବୀରେ ସ୍ଥାୟୀ ଭାବେ ଦାୟିତ୍ୱରେ ନାହାନ୍ତି। ସମ୍ବଲପୁର ଭଳି ସଂସ୍କୃତି ସମ୍ପନ୍ନ ସହରରେ ଜିଲା ପାଠାଗାରର ଏଭଳି ଦୁର୍ଦ୍ଦଶାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜିଲା ପାଠାଗାର ଅତିରିକ୍ତ ଦାୟିତ୍ୱରେ ଥିବା ଜିଲା ସଂସ୍କୃତି ଅଧିକାରୀ ରୋଜାଲିନ ତିର୍କୀ କହିଛନ୍ତି, ଲାଇବ୍ରେରିଆନ ପଦବୀ ଏକ ବିଶେଷଜ୍ଞ ପଦବୀ। ପୁସ୍ତକଗୁଡିକୁ ପଞ୍ଜୀକୃତ କରିବା, ସଜାଇ ରଖିବା, ପାଠକମାନଙ୍କୁ ପୁସ୍ତକ ଖୋଜି ଦେବା, ତାକୁ ଠିକ ଜାଗାରେ ଗଚ୍ଛିତ ରଖିବା ପାଇଁ କେହି ନାହାନ୍ତି। ଅମଦ୍ୱାରା ଯାହା ସମ୍ଭବ ହେଉଛି ପାଠକ ମାନଙ୍କୁ ସହଯୋଗ କରିବାକୁ ଚେଷ୍ଟା କରୁଛୁ। ତେବେ ପାଠାଗାରର ଏଭଳି ସ୍ଥିତିକୁ ନେଇ ପାଠକ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ରାଜ୍ୟ ସରକାର ସମ୍ବଲପୁର ଜିଲା ପାଠାଗାରରେ ଯଥାଶୀଘ୍ର ସ୍ଥାୟୀଭାବେ ସମସ୍ତ ପଦବୀ ପୂରଣ କରିବାକୁ ପାଠକମାନେ ଦାବି କରିଛନ୍ତି ।

# ୧୧ରୁ ପ୍ରଥମ ପର୍ଯ୍ୟାୟ ୱାର୍ଡୱାରି ସର୍ଭେ

ସମ୍ବଲପୁର,୪।୯(ପ୍ରମୋଦ ବହିଦାର)

**ସମ୍ବଲପୁର ସହରରେ ଡ୍ରେନେଜ୍ ମାଷ୍ଟର ପ୍ଲାନ୍**

ସମ୍ବଲପୁର ମହାନଗର ନିଗମରେ ପରିମଳ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ଡ୍ରେନେଜ୍ ମଷ୍ଟର ପ୍ଲାନ ପ୍ରସ୍ତୁତ ପାଇଁ ଅଣ୍ଟା ଭିଡ଼ିଛି ମହାନଗର ନିଗମ। ଏଥିପାଇଁ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ ୱାର୍ଡୱାରି ସର୍ଭେ। ଏସମ୍ପର୍କରେ ଜିଲାପାଳଙ୍କ ଉପସ୍ଥିତିରେ ବୁଧବାର ସୂଚନା ଦେଇଛନ୍ତି ମହାନଗର ନଗମ ଆୟୁକ୍ତ ବେଦଭୂଷଣ। ସେ କହିଛନ୍ତି ସମ୍ବଲପୁର ମହାନଗର ଅଞ୍ଚଳରେ ଡ୍ରେନେଜ ମାଷ୍ଟର ପ୍ଲାନ ପାଇଁ ଡିପିଆର ପ୍ରସ୍ତୁତି ପୂର୍ବରୁ ବିଭିନ୍ନ ୱାର୍ଡର ଆବଶ୍ୟକତା ଅନୁସାରେ କ୍ଷେତ୍ର ପରିଦର୍ଶନ ପୂର୍ବକ ସର୍ଭେ କରାଯିବ। ଏଥିରେ ସ୍ଥାନୀୟ ଜନସାଧାରଣଙ୍କ ମତାମତ ଓ ପ୍ରସ୍ତାବକୁ ବିଚାରକୁ ନିଆଯିବ। ତେବେ ଏଥିପାଇଁ ଆଶାକର୍ମୀ, ଜଳସାଥୀ, ଅଙ୍ଗନବାଡ଼ିକର୍ମୀ ତଥା ବିଭିନ୍ନ ୱାର୍ଡରେ ନିୟୋଜିତ ୱାର୍ଡ ଅଧିକାରୀଙ୍କ ସହିତ ମହାନଗର ନିଗମ କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଏକ ବୈଠକ ବସି ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯିବ। ଏହାବାଦ ଉକ୍ତ କର୍ମଚାରୀଙ୍କ ଜରିଆରେ ୱାର୍ଡୱାରି ସର୍ଭେ କରାଯିବ। ତେବେ ସର୍ଭେ ସମୟରେ ସ୍ଥାନୀୟ ଲୋକଙ୍କ ସହ ବୈଠକ ଡକାଯାଇ ସେମାନଙ୍କ ପ୍ରସ୍ତାବକୁ ଗ୍ରହଣ କରାଯିବ। ପ୍ରତିଦିନ ଗୋଟି ୱାର୍ଡରେ ସର୍ଭେ କରାଯିବ। ପ୍ରଥମ ଦଫାରେ ମହାନଗର ନିଗମ ଅନ୍ତର୍ଗତ ୯ ଟି ୱାର୍ଡରେ ସର୍ଭେ ଆରମ୍ଭ ହେବ। ପ୍ରତି ୱାର୍ଡରେ ସମ୍ପୂର୍ଣ୍ଣ ଗୋଟିଏ ଦିନ ପାଇଁ ସର୍ଭେ ଅନୁଷ୍ଠିତ ହେବ। ଆସନ୍ତା ୧୧ ତାରିଖ ପ୍ରଥମ ଦିନରେ ୧୫ ନମ୍ବର ୱାର୍ଡ, ୧୨ ରେ ୨୨ ନମ୍ବର, ୧୯ ରେ ୧୮ ନମ୍ବର, ୨୦ରେ ୧୯ ନମ୍ବର, ୨୧ରେ ୨୬ ନମ୍ବର, ୨୩ ରେ ୨୭ ନମ୍ବର, ୨୪ ରେ ୩୧ ନମ୍ବର, ୨୫ରେ ୩୨ ନମ୍ବର ଓ ୨୬ ତାରିଖରେ ୩୪ ନମ୍ବର ୱାର୍ଡରେ ସର୍ଭେ କରାଯିବ। ସର୍ଭେ ଦ୍ୱାରା ସମ୍ପୃକ୍ତ ୱାର୍ଡରେ ଜମୁଥିବା ଆବର୍ଜନା ଓ ନର୍ଦ୍ଦମା ଜଳ, ନାଳ ଓ ରାସ୍ତା ଜବର ଦଖଲ, ଆବଶ୍ୟକତା ଅନୁସାରେ ନାଳର ଗଭୀରତା ଓ ଓସାର ଅନୁଧ୍ୟାନ, ଜମି ଅଧିଗ୍ରହଣର ଆବଶ୍ୟକତା, ନାଳ ମଧ୍ୟଦେଇ ବିଛା ଯାଇଥିବା ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ଆଦିର ଯାଞ୍ଚ କରାଯିବ। ଏନେଇ ଲୋକଙ୍କ ମତାମତ ମଧ୍ୟ ଲୋଡ଼ାଯିବ। ତେବେ ସର୍ଭେ ହେବାକୁ ଥିବା ଧାର୍ଯ୍ୟ ଦିବସ ପୂର୍ବରୁ ସମ୍ପୃକ୍ତ ୱାର୍ଡବାସୀଙ୍କୁ ସୂଚିତ କରାଯିବ ଓ ସର୍ଭେ ବୈଠକରେ ୱାର୍ଡର ସମସ୍ତ ବାସିନ୍ଦା ସାମିଲ ହୋଇ ନିଜ ପ୍ରସ୍ତାବ ଓ ମତାମତ ଦେବାକୁ ମହାନଗର ନିଗମ ଆୟୁକ୍ତ ଆଗୁଆ ନିବେଦନ କରିଛନ୍ତି। ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡରେ ସର୍ଭେ ଶେଷ ହେଲା ପରେ ସମସ୍ତଙ୍କ ମତାମତ, ପ୍ରସ୍ତାବ ତଥା କର୍ମଚାରୀଙ୍କ ଦ୍ୱାରା ସଂଗୃହୀତ ତଥ୍ୟକୁ ତର୍ଜମା କରି ଡ୍ରେନେଜ ମାଷ୍ଟର ପ୍ଲାନ ସହିତ ଏଥିପାଇଁ ଡିପିଆର ପ୍ରସ୍ତୁତ କରାଯିବ। ଏହି ପ୍ରକଳ୍ପକୁ ୧ ବର୍ଷର ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସଂଘ ବୈଠକ


ବୈଠକରେ ଉପସ୍ଥିତ ଶିକ୍ଷକ ଅଭିଭାବକ ସଂଘ କର୍ମକର୍ତ୍ତା।

ସମ୍ବଲପୁର,୪।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁର୍ଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ ରେ ଶିକ୍ଷକ ଅଭିଭାବକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷା ସୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଶିକ୍ଷଣ ବ୍ୟବସ୍ଥା ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା, ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଏବଂ ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇଥିଲା। ଜାତୀୟ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରକ୍ରିୟାରେ ଆସିଥିବା ପରିବର୍ତ୍ତନ ବିଷୟରେ ବିଦ୍ୟାଳୟ ଅଧ୍ୟକ୍ଷା ଅଭିଭାବକମାନଙ୍କୁ ଅବଗତ କରିଥିଲେ। ଖେଳର ଉନ୍ନତି ପାଇଁ ବିଦ୍ୟାଳୟ ଖେଳପଡିଆ ବିକାଶ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ପାଠପଢା ସହ ପରୀକ୍ଷା ପରିଚାଳନା ବିଷୟରେ ଅଭିଭାବକମାନେ ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଛାତ୍ରୀଛାତ୍ରଙ୍କ ପିଇବା ପାଣିର ସୁବିଧା ପାଇଁ ପାନୀୟ ଜଳ ପ୍ରକଳ୍ପ, ବିଦ୍ୟାଳୟ ସାମନାରେ ପାର୍କିଂ ସମସ୍ୟା, ବୁର୍ଲା ଏନଏସି ମହାବିଦ୍ୟାଳୟରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ଅଣଓସାରିଆ ରାସ୍ତା ସମସ୍ୟା ଉପରେ ଆଲୋଚନା କରାଯାଇ ବିଦ୍ୟାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ମହାନଗର ନିଗମ କମିଶନର ଏବଂ ପ୍ରଶାସନକୁ ଅବଗତ କରିବାକୁ ବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ଅଭିଭାବକ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଶିକ୍ଷକ ଅଭିଭାବକ ବୈଠକରେ ସଂଘ ଉପସଭାପତି ଅଧ୍ୟାପକ ଅକ୍ଷୟ କୁମାର ପଟନାୟକ, ଅଧ୍ୟାପକ ସରୋଜ କୁମାର ପ୍ରଧାନ, ଚିନ୍ମୟୀ ବେହେରା, ସଂଘମିତ୍ରା ଜେନା, ସୁରଭିରାଣୀ ବିଶ୍ୱାଳ, ଶିକ୍ଷକ ଅରବିନ୍ଦ ବେହେରା, ସୁଧାଂଶୁ ଶେଖର ଭୋଇ ସାମିଲ ଥିଲେ ।

# ୧.୩୩ ଲକ୍ଷ ଦଣ୍ଡ ଗଣିବେ ଶୋ'ରୁମ ମାଲିକ

ସମ୍ବଲପୁର,୪।୯(ପ୍ରମୋଦ ବହିଦାର)

ଅଗ୍ରୀମ ଟଙ୍କା ପାଇଠ କରିଥିବା ଗ୍ରାହକଙ୍କୁ ଠିକଣା ସମୟରେ ବାଇକ୍ ବା ଟଙ୍କା ଫେରସ୍ତ କରି ନ ଥିବା ଶୋ'ରୁମ ମାଲିକଙ୍କୁ ୧.୩୩ ଲକ୍ଷ ଟଙ୍କା ଜରିମାନା ଆଦେଶ ମିଳିଛି। ଜିଲା ଖାଉଟି ଅଦାଲତ ଏ ସମ୍ପର୍କିତ ମାମଲାର ବିଚାର କରି ଏହି ରାୟ ଶୁଣାଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ଭଉଣୀ ବାହାଘର ପାଇଁ ରେଢ଼ାଖୋଲ ଉପଖଣ୍ଡ ତ୍ରିବଣପୁର ପଞ୍ଚାୟତ ଛନ୍ଦପୁରର ସୌମିତ୍ର ପ୍ରଧାନ ଗତ ମାର୍ଚ୍ଚ ୧୧ରେ ରେଢ଼ାଖୋଲ ବୌଦ୍ଧରୋଡ଼ରେ ଥିବା ଏକ ଶୋ'ରୁମ୍‌ରେ ବାଇକ କ୍ରୟ ସକାଶେ ୫୦ ହଜାର ଟଙ୍କା ଅଗ୍ରିମ ଦାଖଲ କରିଥିଲେ। ବାହାଘର ମାର୍ଚ୍ଚ ୨୦ରେ ଥିବାରୁ ଏହା ପୂର୍ବରୁ ଅର୍ଥାତ ୧୮ତାରିଖରେ ନୂତନ ବାଇକ୍ ମିଳିଯିବ ବୋଲି ଶୋ'ରୁମ ପକ୍ଷରୁ କୁହାଯାଇଥିଲା। ମାତ୍ର ଠିକଣା ସମୟରେ ବାଇକ ଦିଆଯାଇ ନ ଥିଲା କି ଅଗ୍ରୀମ ରାଶିକୁ ଫେରସ୍ତ କରାଗଲା ନାହିଁ। ଫଳରେ ସୌମିତ୍ର ଭଉଣୀ ବାହାଘର ପାଇଁ ଆଠମଲ୍ଲିକର ଏକ ବାଇକ୍ ଶୋ'ରୁମ୍‌ରୁ ବାଇକ କ୍ରୟ କରିଥିଲେ। ମାତ୍ର ଆଠମଲ୍ଲିକରୁ ଫେରିବା ବାଟରେ ସେ ଦୁର୍ଘଟଣାର ସମ୍ମୁଖୀନ ହେଲେ। ଭାଙ୍ଗି ଯାଇଥିବା ନୂତନ ବାଇକ ମରାମତି ପାଇଁ ତାଙ୍କୁ ୨୭,୯୪୦ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। ବିବାହ ଶେଷ ହେବା ପରେ ବାରମ୍ବାର ଅନୁରୋଧ ସତ୍ତ୍ୱେ ବୌଦ୍ଧରୋଡ ବାଇକ୍ ଶୋ'ରୁମ ପକ୍ଷରୁ ତାଙ୍କ ଟଙ୍କା ଫେରସ୍ତ କରାଯାଇ ନ ଥିଲା। ଏଥିଯୋଗୁ ଶାରୀରିକ, ମାନସିକ କଷ୍ଟ ସହ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ଅଭିଯୋଗ କରି ସୌମିତ୍ର ଜିଲା ଖଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ବୁଧବାର ଆୟୋଗ ସଭାପତି ଡ. ରମାକାନ୍ତ ଶତପଥୀ ଓ ସଭ୍ୟ ସଦାନନ୍ଦ ତ୍ରିପାଠୀ ମିଳିତ ଭାବେ ରାୟ ପ୍ରକାଶ କରି ବାର୍ଷିକ ୯ ପ୍ରତିଶତ ହାରରେ ବାଇକ କ୍ରୟ ପାଇଁ ଅଗ୍ରିମ ଆକାରରେ ପଇଠ ୫୦ ହଜାର ଟଙ୍କା ସହ କ୍ଷତିପୂରଣ ବାବଦକୁ ଅତିରିକ୍ତ ୫୦ ହଜାର ଟଙ୍କା ଓ ବାଇକ୍ ମରାମତି ଖର୍ଚ୍ଚ ବାବଦକୁ ନିଆଯାଇଥିବା ୨୭,୯୪୦ ଟଙ୍କା ଓ ମକଦ୍ଦମା ପରିଚାଳନା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦେୟ ମାମଲା ରାୟ ପ୍ରକାଶ ପାଇବାର ୧ ମାସ ମଧ୍ୟରେ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟଥା ସମ୍ପୂର୍ଣ୍ଣ ରାଶିକୁ ବାର୍ଷିକ ୧୨ ପ୍ରତିଶତ ହାରରେ ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି ଖାଉଟି ବିବାଦ ମିମାଂସା ଆୟୁକ୍ତ।

# ଆର୍‌ଡିସିଙ୍କ କୁଚିଣ୍ଡା ଉପଖଣ୍ଡ ଗସ୍ତ


ଅନ୍ୟମାନଙ୍କ ସହ ଆରଡିସି ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।

ଜମନକିରା/କୁଚିଣ୍ଡା, ୪।୯
(ରବୀନ୍ଦ୍ର ପ୍ରସାଦ ଦାନୀ/ବିଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ରାମଚନ୍ଦ୍ର ଯାଦବ ବୁଧବାର ଗସ୍ତ କରିଥିଲେ। ଉପଖଣ୍ଡ ଅଧୀନ ଜମନକିରା ବ୍ଲକ ବଡରମା ପଞ୍ଚାୟତ ଅନ୍ତର୍ଗତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଆରଡିସି ଯାଦବ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ସ୍କୁଲର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଛାତ୍ର ଓ ଛାତ୍ରୀ ନିବାସ ଏବଂ ଶ୍ରେଣୀ ଗୃହ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ବିଷୟରେ ପଚାରି ବୁଝିଥିଲେ। ପରିଦର୍ଶନ ସମୟରେ ତାଙ୍କ ସହିତ ଜମନକିରା ବିଡିଓ ରୀନା ନାଏକ, କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇ, ଉପନିର୍ଦ୍ଦେଶକ ଆର୍‌ଡିସି ଚନ୍ଦ୍ରକାନ୍ତ ମାଝୀ, ଜମନକିରା ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲିନି ସିଂ ଉପସ୍ଥିତ ଥିଲେ। ଷଣ୍ଢପଥର ସ୍କୁଲ ପରିଦର୍ଶନ ପରେ ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଇଣ୍ଡୋର ଷ୍ଟାଡିୟମ ଏବଂ କୁଚିଣ୍ଡା ଆଇଟିଡିଏ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ।

ଏହାପରେ ଆର୍‌ଡିସି ଯାଦବ କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ, ବିଜୁପଟ୍ଟନାୟକ ଇନଡୋର ଷ୍ଟାଡିୟମ, କଲେଜ ପଡିଆ ପରିଦର୍ଶନ କରିଥିଲେ। ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଭିତ୍ତିଭୂମି କିଭଳି ରକ୍ଷଣାବେକ୍ଷଣା ହେଉଛି ସେନେଇ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ମହାବିଦ୍ୟାଳୟସ୍ଥିତ ପଡିଆରେ କ୍ରୀଡାର ବିକାଶ ଦିଗରେ ଯୋଜନା କରାଯିବା ନେଇ ଆଲୋଚନା ହୋଇଥିଲା। ଷଣ୍ଢପଥର ଉଚ୍ଚବିଦ୍ୟାଳୟ ପରିଦର୍ଶନ ସମୟରେ ବିଦ୍ୟାଳୟର ଆନୁସାଙ୍ଗିକ ସ୍ଥିତି ପରଖି ପିଲାଙ୍କ ସହିତ ମତ ବିନିମୟ କରିଥିଲେ। ଏହି ଗସ୍ତ ସମୟରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇ, ବିଡିଓ ନିରଞ୍ଜନ ସା,ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ, ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନବୀନ ବାଗେ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, କଂଗ୍ରେସ ନଗର ସଭାପତି ଅଖିଳ ପ୍ରତାପ ସିଂ, ସଞ୍ଜିତ ଶର୍ମାଙ୍କ ସମେତ କୋଚ ଓ ଖେଳାଳିମାନେ ଉପସ୍ଥିତ ଥିଲେ।

# କୁଚିଣ୍ଡା କଲେଜରେ ପ୍ରବେଶ ଉତ୍ସବ
## ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୁଅ

କୁଚିଣ୍ଡା,୪।୯(ବିରଞ୍ଚି ଦର୍ବା)



କଲେଜ ଅଧ୍ୟକ୍ଷାଙ୍କ ସହ ଅନ୍ୟମାନେ।

ସମ୍ବଲପୁର ଜିଲା କୁଚିଣ୍ଡା କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ ବୁଧବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ସଭାପତିତ୍ୱ କରି ଛାତ୍ରୀଛାତ୍ରମାନେ ଉତ୍ତମ ଚରିତ୍ର ଗଠନ ସହ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଡ.ସୁମନ୍ତ କୁମାର ପଟେଲ, ଡ.ଦିଲୀପ କୁମାର ନନ୍ଦ, ମଞ୍ଜୁଶ୍ରୀ ଦାସ, ରୋସନ କୁଲ୍ଲୁ, ଡ.ସଞ୍ଜୁଶ୍ରୀ ସାହୁ, ସୁଧାଂଶୁ ମହାପାତ୍ର, ଦିବ୍ୟ ନାଗ, ଖୁର୍ସିଦ ଆରା ବେଗମ, କ୍ରୀଡା ଶିକ୍ଷକ ବିଜୟ କଉଡ଼ି, କିରଣ କୁମାର ମହାପାତ୍ର, ମହାଦେବ ମେହେର, ରିତୁପ୍ରିୟା ନାଏକ, ସାର୍ଥକ ମିଶ୍ର, ଶମ୍ଭୁ କୁମାର ମୁଣ୍ଡା, ଗ୍ରନ୍ଥାଗରିକ କିଶୋର ମହକୁଳ, ପ୍ରଶାନ୍ତ କୁମାର ଶର୍ମା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପିକା ସୁଭଦ୍ରା ଦାସ ପରିଚାଳନା କରିଥିଲେ। ଅଧ୍ୟାପିକା ଜୟନ୍ତି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟଣେଶ୍ୱରୀ ମନ୍ଦିର ହୁଣ୍ଡିରୁ ମିଳିଲା ୨ଲକ୍ଷ ୯୫ ହଜାର ଟଙ୍କା


ପାଟଣେଶ୍ୱରୀ ମନ୍ଦିର ହୁଣ୍ଡି ଅର୍ଥ ଗଣତି କରାଯାଉଛି।

ସମ୍ବଲପୁର,୪।୯(ବି.ଶଙ୍କର): ସମ୍ବଲପୁର କମଳିବଜାର ସ୍ଥିତ ପାଟଣେଶ୍ୱରୀ ମନ୍ଦିରର ହୁଣ୍ଡିରେ ଦାନ ଆକାରରେ ମିଳିଥିବା ଅର୍ଥ ବୁଧବାର ଗଣତି କରାଯାଇଛି । ଏଥିରେ ଭକ୍ତମାନେ ଦାନ କରଇଥିବା ୨ଲକ୍ଷ ୯୫ ହଜାର ୭୦ ଟଙ୍କା ସଂଗ୍ରହ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟିର ସୁଶାନ୍ତ ପୁରୋହିତ, ବୋର୍ଡ ସଦସ୍ୟ ଅଶୋକ ପ୍ରଧାନ, ସିଦ୍ଧାର୍ଥ କୁମାର ଦଫେଦାର, ଶକ୍ତି ପ୍ରସାଦ ପାଣିଗ୍ରାହୀ, ପୂଜକ ରମେଶ ପୁରୋହିତ, ଦଧିବାମନ ପଣ୍ଡା ପ୍ରମୁଖ ଟଙ୍କା ଗଣତି ସମୟରେ ଉପସ୍ଥିତ ଥିଲେ ।

# ନୂଆଁଖାଇ ଶୀର୍ଷକ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ସମ୍ବଲପୁର,୪।୯(ବି.ଶଙ୍କର)


ପ୍ରତିଯୋଗିତାରେ ଆୟୋଜକ, ଅତିଥି ଓ ବିଚାରକ ଏବଂ ଛାତ୍ରୀଛାତ୍ରମାନେ।

**ଏକକ ହାସ୍ୟ ଅଭିନୟ, ସମ୍ବଲପୁରୀ ଗୀତ ଗାୟନରେ ଭାଗନେଲେ ଛାତ୍ରୀଛାତ୍ର**

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଶୀର୍ଷକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଏକକ ହାସ୍ୟ ଅଭିନୟ ଓ ସମ୍ବଲପୁରୀ ଗୀତ ଗାୟନ ପ୍ରତିଯୋଗିତା ବୁଧବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ.ପରେଶ ଚନ୍ଦ୍ର ଦାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏକକ ହାସ୍ୟ ଅଭିନୟରେ ବିଦ୍ୟାଳୟସ୍ତରରେ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ତୁଳସୀ ସୁଆର ପ୍ରଥମ, ବୁଢାରାଜା ବାଳିକା ବିଦ୍ୟାଳୟର ରାକ୍ଷୀ ଶର୍ମା ଦ୍ୱିତୀୟ ଓ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ତନୁଜା ଦାଶ ଓ କ୍ଷେତରାଜପୁର ବାଳିକା ବିଦ୍ୟାଳୟର ଅଙ୍କିତା ଛୁରିଆ ଯୁଗ୍ମ ତୃତୀୟ ହୋଇଛନ୍ତି । ମହାବିଦ୍ୟାଳୟସ୍ତରରେ ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲର ପ୍ରିୟାଂଶୁ ପ୍ରଧାନ ଓ ଶାଶ୍ୱତ ସ୍ୱରୂପ ମିଶ୍ର ଯୁଗ୍ମ ପ୍ରଥମ, ଆଞ୍ଚଳ ନାୟକ ଦ୍ୱିତୀୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପିୟୁଷ ଠାକୁର ତୃତୀୟ ହୋଇଛନ୍ତି । ଏହାର ବିଚାରକ ଭାବେ ଡ.ଶ୍ୟାମସୁନ୍ଦର ଧର, ସତ୍ୟ ରଞ୍ଜନ ବେହେରା, ସଂଯୁକ୍ତା ପଣ୍ଡା, ରମେଶ ପାଢୀ ଯୋଗ ଦେଇଥିଲେ ।

ସମ୍ବଲପୁରୀ ଗୀତ ଗାୟନ ପ୍ରତିଯୋଗୀତାରେ ଶ୍ରୀ ଅରବିନ୍ଦ ବିଦ୍ୟାଳୟର ସୁଶ୍ରୀ ଶ୍ରଦ୍ଧା ମିଶ୍ର ପ୍ରଥମ, ସେଣ୍ଟ ଜନ ବିଦ୍ୟାଳୟର ପ୍ରକୃତି ପଣ୍ଡା ଦ୍ୱିତୀୟ ଓ ଶ୍ରୀଅରବିନ୍ଦ ବିଦ୍ୟାଳୟ ଚିନ୍ମୟୀ ସାହୁ ତୃତୀୟ ହୋଇଛନ୍ତି। ସେହିପରି ମହାବିଦ୍ୟାଳୟସ୍ତରରେ ମହିଳା ମହାବିଦ୍ୟାଳୟର ରୁବି ପ୍ରଧାନ ପ୍ରଥମ ଓ ସୁଜାତା ଓରାମ ଦ୍ୱିତୀୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୁଶ୍ରୀ ସୌମ୍ୟା ମିଶ୍ର ତୃତୀୟ ହୋଇଛନ୍ତି। ବିଚାରକ ଭାବେ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ, ମୋତିଲାଲା ଦୋରା, ସନ୍ତୋଷ ମିଶ୍ର ଓ ତ୍ରିଲୋଚନ ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଶୋକ ମିଶ୍ର, ହରି ଶଙ୍କର ପଣ୍ଡା, କୈଳାଶ ମିସ୍ତ୍ରୀ, କୃଷ୍ଣଚନ୍ଦ୍ର ବାଗ, କମଳ ଲୋଚନ ପଣ୍ଡା, ଦିଲୀପ ବଘାର, ଲଳିତ ବେବର୍ତ୍ତା ଓ ରାମାନୁଜ ପଣ୍ଡା ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ମାସ ୮ତାରିଖ ସନ୍ଧ୍ୟାରେ ହେବାକୁ ଥିବା ନୂଆଁଖାଇ ଭେଟଘାଟ -୨୪ କାର୍ଯ୍ୟକ୍ରମରେ କୃତୀମାନଙ୍କୁ ପୁରସ୍କୃତ କରାଯିବ। ଏଥିସହ ଚଳିତ ନୂଆଁଖାଇ ସମ୍ମାନ ପାଇଁ ବିଶିଷ୍ଟ ସମ୍ବଲପୁରୀ, ଓଡିଆ, ହିନ୍ଦୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା ଓ ସୁନ୍ଦରଗଡ଼ ଜିଲାର ସଫଳ ଚାଷୀ ସୁରଥରାମ କିଷାନଙ୍କୁ ପ୍ରଦାନ କରାଯିବ ବୋଲି ସମ୍ପାଦକ ଦୀନବନ୍ଧୁ ପଣ୍ଡା ସୂଚିତ କରିଛନ୍ତି।

# ସାରା ବିଶ୍ୱରେ ଓଡ଼ିଶା ଚାଉଳର ଚାହିଦା ସର୍ବାଧିକ

## ୨ ଦିନିଆ ଅଲ ଓଡ଼ିଶା ରାଇସ ମିଲର୍ସ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୪।୯ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ମଧ୍ୟ ଅଲ ଓଡ଼ିଶା ରାଇସ ମିଲର୍ସ ଆସୋଶିଏଶନ (ଅରୋମା/ଏଓଆରଏମଏ)ର ୨ ଦିନିଆ ଅଲ ଓଡିଶା ରାଇସ ମିଲର୍ସ କନକ୍ଲେଭ-୨୦୨୪ ବୁଧବାର ଉଦ୍‌ଯାପିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ଉଭୟ ସରକାରୀ ଓ ଘରୋଇ ପ୍ରତିଷ୍ଠାନର ମିଳିତ ସହଯୋଗରେ ସେପ୍ଟେମ୍ବର ୩ରୁ ଆୟୋଜିତ ଏହି ୨ ଦିନିଆ ସମ୍ମିଳନୀରେ ରାଜ୍ୟର ପ୍ରାୟ ୫୦୦ ମିଲର୍ସ ଓ ୧୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ସମ୍ମିଳନୀର ୨ୟ ଦିନ ବା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଥିଲେ, ଓଡ଼ିଶାର ଚାଉଳ ସାରା ବିଶ୍ୱରେ ସର୍ବାଧିକ ଚାହିଦା ବହନ କରିଥାଏ। କାରଣ ଆମ ମିଲର୍ସମାନେ ଉନ୍ନତମାନ ଚାଉଳ ଉତ୍ପାଦନ ସହ ରପ୍ତାନି ମଧ୍ୟ କରିଥାନ୍ତି। ବିଶେଷକରି ଗୁଣାତ୍ମକମାନର କଞ୍ଚାମାଲ ଓ ଠିକ୍ ଭାବେ ତା'ର ପ୍ରସ୍ତୁତି ଯୋଗୁ ଚାଉଳମାନ ଉଚ୍ଚ କୋଟିର ହୋଇଥାଏ ବୋଲି ସାମଲ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ବାଚସ୍ପତି ସୁରମା ପାଢ଼ୀ କହିଥିଲେ ମିଲର୍ସମାନେ କୃଷକଙ୍କର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଥାନ୍ତି। ସେମାନେ ଆମର ଚାଷୀଭାଇଙ୍କଠାରୁ ଧାନ କ୍ରୟ କରି ଠିକ୍ ଭାବେ ତା'ର ପ୍ରକ୍ରିୟାକରଣ କରି ଉଭୟ ଘରୋଇ ଓ ବିଦେଶ ବଜାରର ଚାହିଦା ମେଣ୍ଟାଇଥାନ୍ତି। ଅପରପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୋକୁଳାନନ୍ଦ ମଲିକ ଉଭୟ ଚାଷୀ ଓ ମିଲର୍ସଙ୍କ ସମ୍ପର୍କ ସହିତ ସରକାରଙ୍କ ସହଯୋଗ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏ ସମ୍ପର୍କରେ ଅରୋମାର ସଭାପତି ମହେଶ କୁମାର ବଂଶଲ ମିଲର୍ସମାନଙ୍କର ଆବଶ୍ୟକତା ଓ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲାବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ଦରବୃଦ୍ଧି ଓ ସବ୍‌ସିଡି ଓ ସରକାରୀ ସୁବିଧା ଆଦି ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ବିଭିନ୍ନ ବିଷୟ ଉପରେ ସ୍ୱତନ୍ତ୍ର ଆଲୋଚନା ଓ ଅଧିବେଶନ ଆୟୋଜନ କରାଯାଇଥିଲା।




# ଜେବିଏଲ୍‌ର ଫେଷ୍ଟିଭ କ୍ୟାମ୍ପେନ

ନୂଆଦିଲ୍ଲୀ,୪।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଅଡିଓ ବ୍ରାଣ୍ଡ୍ ଜେବିଏଲ୍‌ର ବହୁ ପ୍ରତୀକ୍ଷିତ ପାର୍ବଣ ଅଭିଯାନ ବା ଫେଷ୍ଟିଭ କ୍ୟାମ୍ପେନ 'ଇଞ୍ଜିନିୟର୍ଡ ଫର୍ ଇମୋଶନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ୨୦୨୪ ସେପ୍ଟେମ୍ବରରୁ ନଭେମ୍ବର ପର୍ଯ୍ୟନ୍ତ ପରିଚାଳିତ ହେବ। ଏହି କ୍ୟାମ୍ପେନ ଚମତ୍କାର ଅଡିଓ ଅନୁଭୂତି ପ୍ରଦାନ କରିବା ଉପରେ ଗୁରୁତ୍ୱ ସହିତ ଅଡିଓ ଉତ୍ସାହୀମାନଙ୍କୁ ଧ୍ୟାନରେ ରଖିଛି। ସେହିଭଳି ଜେବିଏଲ୍‌ର 'ଇଞ୍ଜିନିୟର୍ଡ ଫର୍ ଇମୋଶନ' କ୍ୟାମ୍ପେନ ହେଉଛି, ପାର୍ବଣ ଋତୁ ସୃଷ୍ଟି କରୁଥିବା ଖୁସି, ସ୍ମୃତି ଓ ଏକତ୍ରୀକରଣକୁ ବୃଦ୍ଧି କରି ସାଉଣ୍ଡ ବା ଶବ୍ଦ କିଭଳି ସକାରାତ୍ମକସ୍ତରରେ ପ୍ରଭାବିତ ଓ ଅନୁପ୍ରାଣିତ କରିପାରିଥାଏ, ତାହାର ଏକ ସେଲିବ୍ରେଶନ। ଜେବିଏଲ୍‌ର ଫେଷ୍ଟିଭ କ୍ୟାମ୍ପେନର ମୁଖ୍ୟ ବର୍ଗଗୁଡିକ ଆପଣଙ୍କର ଅଡିଓ ଅନୁଭୂତିକୁ ଉନ୍ନତ କରିବା ପାଇଁ ପ୍ରସ୍ତୁତ ରହିଛି। ଟିଡବ୍ଲୁଏସ୍/ହେଡ୍‌ଫୋନ୍ ସେଗ୍‌ମେଣ୍ଟରେ ଟ୍ୟୁନ୍ ବିମ୍ ଆଣ୍ଡ ବଡ୍‌ସ ଓ ଟ୍ୟୁନ୍ ୭୭୦ ଏନ୍‌ସି ଉନ୍ନତମାନର ସାଉଣ୍ଡ ଓ ଆରାମ ପ୍ରଦାନ କରୁଛନ୍ତି। ଏପରିକି ପ୍ରିମିୟମ ନଏଜ୍-କ୍ୟାନ୍ସେଲିଙ୍ଗ୍ ପାଇଁ ଲିଭ୍ ପ୍ରୋ୨, ଲିଭ୍ ବିମ୍ ୩ ଓ ଟୁର୍ ୱାନ୍ ଏମ୍୨ ଅତୁଳନୀୟ ସ୍ୱଚ୍ଛତା ପ୍ରଦାନ କରୁଛନ୍ତି। ବାର୍ ସିରିଜ୍ ସାଉଣ୍ଡବାର୍‌ଗୁଡିକ ଆପଣଙ୍କ ଲିଭିଙ୍ଗ୍ ରୁମ୍‌ରେ ଡଲ୍‌ବି ଅଟ୍‌ମୋସ ଓ ମଲ୍ଟିବିମ୍ ଟେକ୍ନୋଲୋଜି ସହିତ ସିନେମାଟିକ ସରାଉଣ୍ଡ ସାଉଣ୍ଡ ସୁନିଶ୍ଚିତ କରିଥାନ୍ତି। ଜେବିଏଲ୍ ଭାରତବ୍ୟାପୀ ବିଭିନ୍ନ ପର୍ବଗୁଡିକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକାଧିକ କଞ୍ଜ୍ୟୁମର ଅଫର୍ ଓ ଅଞ୍ଚଳ-କେନ୍ଦ୍ରିକ ପଦକ୍ଷେପ ସହିତ ଚଳିତ ପାର୍ବଣ ଋତୁକୁ ଅଧିକ ଉତ୍ସାହଜନକ କରିଛି। ବ୍ରାଣ୍ଡ୍ ପକ୍ଷରୁ ୮୦୦୦ଟଙ୍କା ପର୍ଯ୍ୟନ୍ତ ୧୫% ତତ୍କାଳ କ୍ୟାଶ୍‌ବ୍ୟାକ ଏବଂ ନିର୍ଦ୍ଦିଷ୍ଟ ଉତ୍ପାଦଗୁଡିକରେ ଉପରେ ଗୋଟିଏ ମାଗଣା ଇଏମ୍‌ଆଇ ସମେତ ଆକର୍ଷଣୀୟ ଅଫରଗୁଡିକର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ହର୍‌ମନ ଇଣ୍ଡିଆର ଲାଇଫ୍‌ଷ୍ଟାଇଲ ବିଭାଗର ଉପାଧ୍ୟକ୍ଷ ବିକ୍ରମ ଖେର୍ କହିଛନ୍ତି, ଆମର ହେଡ୍‌ଫୋନ୍ ଓ ଟିଡବ୍ଲୁଏସ୍ ଇୟରବଡ୍‌ଗୁଡିକୁ ରୋମାଞ୍ଚିତ ଅନୁଭୂତି ସୃଷ୍ଟିକରିବା ପାଇଁ ନିର୍ମାଣ କରାଯାଇଛି। ଆମର ସାଉଣ୍ଡବାର୍‌ଗୁଡିକୁ ଥ୍ରିଲ୍ ଓ ଚିଲ୍ ପାଇଁ ନିର୍ମାଣ କରାଯାଇଥିବାବେଳେ ବ୍ରାଣ୍ଡର ପାର୍ଟିବକ୍ସ ଓ ବ୍ଲୁଟୁଥ୍ ସ୍ପିକରଗୁଡିକୁ ହୃଦୟର ସ୍ପନ୍ଦନକୁ ବଢାଇବା ଓ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ପାଇଁ ନିର୍ମାଣ କରାଯାଇଛି। ଜେବିଏଲ୍ ପକ୍ଷରୁ ଦର୍ଶକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଓ ବିଶ୍ୱସ୍ତ ଗ୍ରାହକମାନଙ୍କୁ ପୁରସ୍କୃତ କରିବା ପାଇଁ ପରିକଳ୍ପନା କରାଯାଇଥିବା ସୋସିଆଲ ମିଡିଆ ପ୍ରତିଯୋଗିତା ଓ ଗିଭ୍‌ଆୱେର ଆୟୋଜନ କରାଯିବ।

# ଖସିଲା ଶେୟାର ବଜାର



ନୂଆଦିଲ୍ଲୀ,୪।୯ (ଅଭୟ ଦାଶ)

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୩ (୨୦୨.୮୦) ପଏଣ୍ଟ କମି ୮୨,୩୫୩(୮୨,୩୫୨.୬୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୧ (୮୧.୧୫) ପଏଣ୍ଟ ହ୍ରାସ ଘଟି ୨୫,୧୯୯ (୨୫,୧୯୮.୭୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସୁରକ୍ଷିତ ୟୁପିଆଇ କାରବାରକୁ ଗୁରୁତ୍ୱ

ନୂଆଦିଲ୍ଲୀ,୪।୯ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ବଜାରରେ ଡିଜିଟାଲ କାରବାର ବୃଦ୍ଧି ପାଉଛି। ଏପରିକି ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ)ର କାରବାରକୁ ଅଧିକ ସକ୍ଷମ ଓ ସୁରକ୍ଷିତ କରିବାକୁ ବିଭିନ୍ନ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ନୂଆ ନୂଆ ଆପ୍ ଉନ୍ମୋଚନକରି ସୁରକ୍ଷିତ ୟୁପିଆଇ କାରବାରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଅପରପକ୍ଷରେ ଭାରତର ଲକ୍ଷ ଲକ୍ଷ ଗ୍ରାହକଙ୍କ ଲାଗି ଭାରତପେ ୟୁପିଆଇ ଥାର୍ଡ ପାର୍ଟି ଆପ୍ଲିକେଶନ ପ୍ରୋଭାଇଡର (ଟିପିଏପି) ଅଫରିଂ ସେବାର ଶୁଭାରମ୍ଭ ସହ ଗ୍ରାହକ ଦେୟ ଘୋଷଣା ପାଇଁ ବ୍ରାଣ୍ଡ୍‌ର ପୋଷ୍ଟ ପେ ଆପ୍‌କୁ ରିବ୍ରାଣ୍ଡ୍ କରିଛି। ଏହା ଜରିଆରେ ଲକ୍ଷ ଲକ୍ଷ ଗ୍ରାହକ ଡିଜିଟାଲ ପେମେଣ୍ଟ ବ୍ୟବହାର କରିବାକୁ ସକ୍ଷମ ହେବେ ଏବଂ ଭାରତପେ ଆପ୍ ଜରିଆରେ ସେମାନଙ୍କ ୟୁପିଆଇ ଆଇଡି ମଧ୍ୟ ସୃଷ୍ଟି କରିପାରିବେ। ଏପରିକି ଆଣ୍ଡ୍ରୋଏଡ୍ ବ୍ୟବହାରକାରୀମାନେ ପ୍ଲେ ଷ୍ଟୋରରୁ ଏହି ଆପ୍‌କୁ ଡାଉନଲୋଡ୍ ମଧ୍ୟ କରିପାରିବେ। ନିକଟରେ କମ୍ପାନୀ ଏକ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ସହ ସହଭାଗୀ ହୋଇଛି।

ସେହିପରି ଭାରତପେ ବିଭିନ୍ନ ପ୍ରକାର ପେମେଣ୍ଟ ମାମଲାକୁ ପୂରଣ କରିବ। ଏପରିକି ଗ୍ରାହକମାନେ ଏହାର ବିଭିନ୍ନ ବୈଶିଷ୍ଟ୍ୟକୁ ବ୍ୟବହାର କରିପାରିବେ ଯଥା ସ୍ୱୟଂ ଦେୟ, ବଣିକଙ୍କୁ ଦେୟ, ବ୍ୟାଙ୍କକୁ ଦେୟ, ୟୁପିଆଇ ଆଇଡିକୁ ଦେୟ, ବ୍ୟାଙ୍କ ସ୍ଥାନାନ୍ତର, ବାଲାନ୍ସ ଯାଞ୍ଚ ଇତ୍ୟାଦି। ଏହା ବ୍ୟତୀତ ପ୍ରିପେଡ୍, ପୋଷ୍ଟପେଡ୍, ଗ୍ୟାସ୍, ଡିଟିଏଚ୍, ବିଜୁଳି ବିଲ୍, ବୀମା ଦେୟ ଅନ୍ତର୍ଭୁକ୍ତ ରହିବା ସହ ଏହି ଆପ୍ ବ୍ୟବହାରକରି ମନୋରଞ୍ଜନ, ଫ୍ୟାଶନ, ଖାଦ୍ୟ, ଭ୍ରମଣ ପାଇଁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ବ୍ରାଣ୍ଡରୁ ରିହାତି ମୂଲ୍ୟରେ ଉପହାର ଭାଉଚର କିଣିପାରିବେ। ଭାରତପେ ଆପ୍ ମଧ୍ୟ ୟୁପିଆଇ ଲାଇଟ ବୈଶିଷ୍ଟ୍ୟ ପ୍ରଦାନ କରିବ।

ଏ ସମ୍ପର୍କରେ ଭାରତପେ'ର ସିଇଓ ନଳୀନ ନେଗି କହିଛନ୍ତି, ଆମେ ଆମର ଗ୍ରାହକ ଓ ବଣିକମାନଙ୍କ ଲାଗି ଏକ ପସନ୍ଦଯୋଗ୍ୟ ପ୍ଲାଟ୍‌ଫର୍ମ ପ୍ରଦାନ ସହ ଭାରତ ନିର୍ମାଣରେ ଆବଶ୍ୟକ ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ବର୍ଷ ବର୍ଷ ଧରି ଆମେ ଦେୟ ଓ ଋଣ ମଧ୍ୟରେ ଆମର ଅଭିନବ ଉତ୍ପାଦ ସହିତ ୧.୩ କୋଟିରୁ ଅଧିକ ବ୍ୟବସାୟୀଙ୍କୁ ସଶକ୍ତ କରିପାରିଛୁ। ସେହିଭଳି ଆମର ୟୁପିଆଇ ଟିପିଏପି ପ୍ଲାଟ୍‌ଫର୍ମ ସହ ବ୍ୟକ୍ତିଗତ ଓ ବ୍ୟବସାୟିକ ଆବଶ୍ୟକତା ପୂରଣ ଲାଗି ଆମେ ଭାରତର ଲକ୍ଷ ଲକ୍ଷ ଲୋକଙ୍କୁ ନିରାପଦ ଓ ସୁରକ୍ଷିତ ୟୁପିଆଇ କାରବାର କରିବାକୁ ସକ୍ଷମ କରାଇବାକୁ ଲକ୍ଷ୍ୟ ରଖିଛୁ।

ସେହିପରି ୟୁପିଆଇର ବ୍ୟବହାର ସର୍ବତ୍ର ହେଉଥିଲାବେଳେ ଗତ କିଛି ବର୍ଷ ମଧ୍ୟରେ ଏହାର ଅଭିବୃଦ୍ଧି ଘଟିଛି। ଏପରିକି ଗ୍ରାହକଙ୍କ ଆବଶ୍ୟତା ପୂରଣ ଲାଗି ଆମେ ଏହି ନୂତନ ଆପ୍‌କୁ ଡିଜାଇନ ମଧ୍ୟ କରିଛୁ। ଏଥିରେ ବହୁ ବୈଶିଷ୍ଟ୍ୟ ସାମିଲ ରହିଥିବାରୁ ଏହା ଜରିଆରେ ଗ୍ରାହକ ସମସ୍ତ ସୁବିଧା ପାଇପାରିବେ। ଆସନ୍ତା ମାସରେ ଆମେ ଭାରତପେ ପ୍ଲାଟ୍‌ଫର୍ମରେ ଆଉ କିଛି ନୂଆ ବୈଶିଷ୍ଟ୍ୟ ଯୋଗକରିବୁ।

ଭାରତପେର ବିଜ୍‌ନେସ୍ ହେଡ୍ (କଞ୍ଜ୍ୟୁମର) କୋହିନୁର ବିଶ୍ୱାସ କହିଛନ୍ତି, ଭାରତପେ ବାଣିଜ୍ୟିକ କ୍ଷେତ୍ରର ଅନ୍ୟତମ ପ୍ରମୁଖ ସଂସ୍ଥା ହୋଇଥିଲାବେଳେ ଭାରତପେ କ୍ୟୁଆର୍ କୋଡ୍, ସାଉଣ୍ଡ ବକ୍ସ ଓ ପିଓଏସ୍ ଉପକରଣ ମାଧ୍ୟମରେ ୟୁପିଆଇ ଦେୟ ଗ୍ରହଣ କରିବାକୁ ସକ୍ଷମ କରାଇପାରିଛି।

**OFFICE OF THE ASSISTANT DIRECTOR OF SERICULTURE, DHENKANAL**

Qr No- 3R/10, Near Civil Court, Dhenkanal- 759001
Email: ads-dhenkanal@gov.in / adsdhenkanal@yahoo.com

L-56: Sealed Tenders are invited from the Government / Semi-Government (including registered co-operative societies/ original manufacturers for supply of **Vermin compost & Organic Manures (Multi Content)** may be quote their rate in separate seal covers and the tender documents which may be downloaded from the website http://dhenkanal.nic.in. The last date & time for submission of Tender is 19.09.2024 by 05:30 PM, failing which the related quotations shall not be considered.

The undersigned reserves the right to reject or accept any or all the quotations without assigning any reason thereof.

Assistant Director, Sericulture, Dhenkanal

OIPR-01439/11/0003/2425

**ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ ରିଚ୍‌ଠାରେ ଠିକା ସ୍ୱାସ୍ଥ୍ୟ ଚିକିତ୍ସକଙ୍କ ନିଯୋଜନ ଲାଗି 'ୱାକ୍-ଇନ୍-ଇଣ୍ଟରଭ୍ୟୁ'**

କର୍ମନିଯୁକ୍ତି ବିଜ୍ଞପ୍ତି ନଂ. ୦୨/୨୦୨୪ (ମେଡ୍) ସିଏମ୍‌ପି/ସିଏଚ୍/ ଗାର୍ଡେନ ରିଚ୍ (ଆଇଆର୍‌ଏଚ୍‌ଏସ୍ ଖାଲିପଦବୀ)

ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, ଭାରତ ସରକାର, ରେଳ ମନ୍ତ୍ରଣାଳୟ ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ ରିଚ୍‌ଠାରେ ଏକ ବର୍ଷର ପ୍ରାରମ୍ଭିକ ଅବଧି ପାଇଁ କିମ୍ବା ୟୁପିଏସ୍‌ସି ଚୟନିତ ଡାକ୍ତରଙ୍କ ଦ୍ୱାରା ପ୍ରତିବଦଳ ହେବା ପର୍ଯ୍ୟନ୍ତ (ଯାହା ପୂର୍ବରୁ ହେଉଥିବ) ୦୨ (ଦୁଇ) ପୂର୍ଣ୍ଣକାଳୀନ "ଠିକା ସ୍ୱାସ୍ଥ୍ୟ ଚିକିତ୍ସା ବିଶେଷଜ୍ଞ" (ଅର୍ଥୋପେଡିକ୍ସ ବିଶେଷଜ୍ଞ ଏବଂ ଜେନେରାଲ ମେଡିସିନ୍ ବିଶେଷଜ୍ଞ) ଙ୍କ ନିୟୋଜନ ଲାଗି ଏକ 'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସଞ୍ଚାଳନ କରିବ। 'ୱାକ୍-ଇନ୍-ଇଣ୍ଟରଭ୍ୟୁ' ନିମ୍ନଲିଖିତ ଅନୁସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

| ୱାକ୍-ଇନ୍-ଇଣ୍ଟରଭ୍ୟୁର ତାରିଖ ଓ ସମୟ | ସ୍ଥାନ |
|---|---|
| ୧୯ ସେପ୍ଟେମ୍ବର ୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକା ପରଠାରୁ | ମେଡିକାଲ ଡାଇରେକ୍ଟରଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ |

ଅଧିସୂଚନା ସମ୍ବନ୍ଧୀୟ ସବିଶେଷ ନିୟମ ଓ ସର୍ତ୍ତାବଳୀ, ଆବେଦନ ଫର୍ମ ତଥା ଅନ୍ୟାନ୍ୟ ବିବରଣୀ ପାଇଁ, ପ୍ରାର୍ଥୀମାନେ ଆମର ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରିପାରନ୍ତି (ବିଭାଗ > କାର୍ମିକ > ଗେଜେଟେଡ୍ ଅଧିସୂଚନାକୁ ଯାଆନ୍ତୁ)। ଅଧିକନ୍ତୁ, 'ଶୁଦ୍ଧିପତ୍ର', 'ଯୋଗପତ୍ର', 'ବାତିଲକରଣ', ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ। ଦୟାକରି ନିୟମିତ ବ୍ୟବଧାନରେ ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ।

(PR-558) **ସାଧାରଣ ପରିଚାଳକ (କାର୍ମିକ)**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**Government of Odisha** No.C-548:
**Housing and Urban Development Department**
**No.HUD-OE-MISC-0006/2019 16169 /HUD, Dated.16.08.2024**

**TENDER CALL NOTICE**

1. Sealed tenders/quotations on plain paper/ letter pad are invited by the undersigned from the local authorized Dealers/ Suppliers and Registered Firms having their own office/ shop at Bhubaneswar only, with valid GST Registration No., Income Tax clearance up to last assessment year/ copy of the last year return filed before the Income Tax Authorities, Valid PAN and for supply of **one HP All-in-One (Specification mentioned below)** for official use of Principal Secretary to Govt. of Housing and Urban Development Department.

The tender complete in all respect should reach before the undersigned on or before **04.09.2024 by 11.00 A.M** and the received tenders/ quotations will be opened on the same day at **12.00 P.M** in the presence of the Tenderer or their authorized representative, if they so desire. In case this day is declared a Holiday for any reason, the quotations will be received and opened on the next working day at the scheduled time.

The incomplete tender or tenders received after the scheduled date and time shall be rejected.

The undersigned reserves the right to reject all or any tender received without assigning any reason thereof.

**Specification**

HP Pavilion 80.01 cm (31.5) All-in-One Desktop PC 32-b1902in
17 Processor, 13th Generation, 32GB RAM, 1TB SSD, 4BG Graphics, Window Home-11, with 32inch screen, 1 Year Warranty

Sd./-
**Under Secretary to Government**

OIPR-13001/11/0003/2425

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No. XXXIII-29

**ନୋଟିସ**

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୨୧୫/୨୦୧୯**

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ**

**ବନାମ**

୧. ଅକ୍ରୁର ଦେହୁରୀ, ୨. ନେତ୍ରାନନ୍ଦ ଦେହୁରୀ, ପିତା: ଦାମ ଦେହୁରୀ, ୩. ନେତ ଦେହୁରୀ, ସ୍ୱାମୀ: ଭୋଳି ଦେହୁରୀ, ୪. ପ୍ରହଲ୍ଲାଦ ଦେହୁରୀ, ୫. ବାସୁଦେବ ଦେହୁରୀ, ୬. ଦ୍ରୌପଦୀ ଦେହୁରୀ, ୭. ପଦ୍ମା ଦେହୁରୀ, ୮. ମଣି ଦେହୁରୀ, ପିତା: ଭୋଳି ଦେହୁରୀ, ୯. ପ୍ରତାପ ଦେହୁରୀ, ୧୦. ଆକୁଳାନନ୍ଦ ଦେହୁରୀ, ୧୧. ଗୋକୁଳ ଦେହୁରୀ, ୧୨. ବଣି ଦେହୁରୀ, ୧୩. ଅଞ୍ଜନା ଦେହୁରୀ, ପିତା: ବଳରାମ ଦେହୁରୀ, ୧୪. ଶଶି ଦେହୁରୀ, ପିତା: ପଞ୍ଚୁ ଦେହୁରୀ, ୧୫. ଉଷା ଦେହୁରୀ, ୧୬. ବଛି ଦେହୁରୀ, ପିତା: ପାଣ୍ଡବ ଦେହୁରୀ, ୧୭. ବିଜୁ ଦେହୁରୀ, ସ୍ୱାମୀ: ହରି ଦେହୁରୀ, ୧୮. ଦାମ ଦେହୁରୀ, ପିତା: ରାମ ଦେହୁରୀ, ଗ୍ରାମ: ପଥରଗାଡ଼ିଆ, ପୋ.: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୧୯. ପୁଷ୍ପଲତା ସାମନ୍ତ, ସ୍ୱାମୀ: ହୃଦୟଚନ୍ଦ୍ର ସାମନ୍ତ, ଗ୍ରାମ: ନରଣପୁର, ଥାନା: ବାଙ୍କି, ଜିଲ୍ଲା: କଟକ, ୨୦. ପ୍ରଦୀପ କୁମାର ମହାନ୍ତି, ପିତା: ଉପେନ୍ଦ୍ର ମହାନ୍ତି, ଗ୍ରା/ପୋ./ଥାନା/ଜିଲ୍ଲା: ଢେଙ୍କାନାଳ, ୨୧. ପ୍ରଦୀପ୍ତ କୁମାର ମହାପାତ୍ର, ପିତା: ବୈକୁଣ୍ଠନାଥ ମହାପାତ୍ର, ସା: ସତ୍ୟନଗର, ପ୍ଲଟ ନଂ. ୩୬, ଫ୍ଲାଟ ନଂ. ୨୦୩, ଜାପାନିଜ୍ ପ୍ୟାଲେସ୍, ଭୁବନେଶ୍ୱର, ୨୨. ମନୋଜ କୁମାର ସିଂହ, ପିତା: ଏନ୍.ପି. ସିଂହ, ସା: ପୁଷ୍ପକ ମଧୁପାଟଣା, ଥାନା/ଜିଲ୍ଲା: କଟକ, ୨୩. ସଂଗ୍ରାମ କେଶରୀ ଧିର, ପିତା: ଘନଶ୍ୟାମ ଧିର, ସା: ଗଡ଼ଖଙ୍କିରା, ପୋ/ଥାନା: ନିହାଲ ପ୍ରସାଦ, ଜିଲ୍ଲା: ଢେଙ୍କାନାଳ, ୨୪. ଦେବବ୍ରତ ଧିର, ପିତା: ନୃସିଂହ ଚରଣ ଧିର, ସା: ଏନ୍-୩/୩୩୮, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ୨୫. ଗୀତାଞ୍ଜଳି ମହାନ୍ତି, ସ୍ୱାମୀ: ମହେନ୍ଦ୍ର ମହାନ୍ତି, ସା: ମରଢାପଲ୍ଲୀ, ପୋ: ଗଡ଼ସାହି, ଥାନା: କଣାସ, ଜିଲ୍ଲା: ପୁରୀ, ୨୬. ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ: କବିସୂର୍ଯ୍ୟ ନାୟକ, ସା: ଏଫ୍-୧୯/୧, ରେଲୱେ କଲୋନୀ, ପୋ/ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ୨୭. ମନୋରଞ୍ଜନ ମହାନ୍ତି, ଚିନ୍ତାମଣି ମହାନ୍ତି, ସା: ଏମ୍.ଆଇ.ଜି.-୧-୧୬/୧୨, ବି.ଡ଼ି.ଏ. କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୨୮. ଜ୍ୟୋତିରଞ୍ଜନ ରାଉତ, ପିତା: କୃଷ୍ଣଚନ୍ଦ୍ର ରାଉତ, ଗ୍ରାମ/ପୋ: ଗଣ୍ଡରପୁର, ଥାନା: ନନ୍ଦନକାନନ, ଜିଲ୍ଲା: ଖୋର୍ଦ୍ଧା, ୨୯. ବିଜୟ କୁମାର ପରିଡ଼ା, ପିତା: କୈଳାସ ଚନ୍ଦ୍ର ପରିଡ଼ା, ସା: ସୁନ୍ଦରପୁର, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା ..... **ବିରୋଧୀପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ତଥା ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୨୧୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ଜିଲ୍ଲା: ଖୋର୍ଦ୍ଧା, ମୌଜା: ସୁନ୍ଦରପୁର, ଖାତା ନଂ. ୧୨୨, ପ୍ଲଟ ନଂ. ୫୩୫/୮୯୯, ରକବା ଏ୦.୦୫୦ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୦୫।୧୧।୨୦୨୪ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୨୭।୦୮।୨୦୨୪ରିଖ Draft Notice is approved. Petitioner to get it published in any of the four most widely circulate odia daily newspaper namely The Samaj, The Sambad, The Prameya & The Dharitri within 15 days.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି
ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0032/2425

# ସୁଯୋଗ ମିଳିଲେ ମହିଳାମାନେ ବହୁ ଆଗକୁ ଯାଇପାରିବେ: ଅଭ୍ୟୁଦୟ

## ସାଗରିକାଙ୍କୁ 'ୱିଙ୍ଗସ୍ ଅଫ୍ ଷ୍ଟିଲ୍' ପୁରସ୍କାର

ଭୁବନେଶ୍ୱର,୪।୯ (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଯାଜପୁର ୟୁନିଟ୍ (ପ୍ଲାଣ୍ଟ) ସୁରକ୍ଷା ବିଭାଗର କମାଣ୍ଡୋ ଟିମ୍ ସଦସ୍ୟା ସାଗରିକା ସୋରେନଙ୍କୁ 'ଲିଙ୍ଗ ଓ ବିବିଧତା' ବର୍ଗରେ ସମ୍ମାନଜନକ 'ୱିଙ୍ଗସ୍ ଅଫ୍ ଷ୍ଟିଲ୍' ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଷ୍ଟିଲ୍ ଆସୋସିଏସନ (ଆଇଏସ୍‌ଏ) ପକ୍ଷରୁ ନୂଆଦିଲ୍ଲୀ ଠାରେ ୨ ଦିନିଆ ଭାରତୀୟ ଇସ୍ପାତ ସମ୍ମିଳନୀ/ ଏସଏ ଷ୍ଟିଲ୍ କନ୍‌କ୍ଲେଭର ୫ମ ସଂସ୍କରଣ ବୁଧବାରଠାରୁ ଆୟୋଜିତ ହୋଇଛି। ଏହି ଅବସରରେ ସାଗରିକା ସୋରେନଙ୍କୁ ଇସ୍ପାତ ସଚିବ ନଗେନ୍ଦ୍ରନାଥ ସିହ୍ନା ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦୃଢ଼ ସାହସ ଓ ସଂକଳ୍ପ ଦେଖାଇଥିବା ସାଗରିକାଙ୍କୁ କେନ୍ଦ୍ର ଭାରି ଶିଳ୍ପ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସାଗରିକାଙ୍କୁ ଜୁରି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା ସାଗରିକାଙ୍କୁ ତାଙ୍କ ନେତୃତ୍ୱ ଓ ଅଗ୍ରଣୀ ମାନସିକତା ପାଇଁ ଏହି ପୁରସ୍କାର ଦିଆଯାଇଛି। ଏପରିକି ଆଇଏସ୍‌ଏ ପକ୍ଷରୁ ସାଗରିକାଙ୍କୁ ଉକ୍ତ ପୁରସ୍କାର ମିଳିବା ଆମ ପାଇଁ ଏକ ଗୌରବର ବିଷୟ ହୋଇଥିଲାବେଳେ ତାଙ୍କ ନିଷ୍ଠା, ନେତୃତ୍ୱ ଓ ସାହସ ବେଶ୍ ପ୍ରେରଣାଦାୟକ । ସେହିଭଳି ଆମେ ବିଶ୍ୱାସକରୁ ଯେ ସୁଯୋଗ ମିଳିଲେ ମହିଳାମାନେ ବହୁ ଆଗକୁ ଯାଇପାରିବେ। ଏପରିକି ଆମେ ଏପରି ଏକ କର୍ମକ୍ଷେତ୍ର ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ,ଯେଉଁଠି ମହିଳାମାନେ ସଶକ୍ତ ହୋଇ ଲକ୍ଷ୍ୟ ହାସଲ କରିବା ସହ ସକାରାତ୍ମକ ପ୍ରଭାବ ମଧ୍ୟ ଆଣିପାରିବେ। ଅପରପକ୍ଷରେ ସାଗରିକା କହିଛନ୍ତି, ଏହି ପୁରସ୍କାର ପାଇବା ମୋ ପାଇଁ ଏକ ବଡ଼ ଉପଲବ୍ଧି ହୋଇଥିଲାବେଳେ ପୃଷ୍ଠଭୂମି ନିର୍ବିଶେଷରେ ମହିଳାମାନେ ଯେକୌଣସି କ୍ଷେତ୍ରରେ ଉତ୍କୃଷ୍ଟ ହୋଇପାରିବେ।




**MAHILA VIKAS SAMABAYA NIGAM**
**(Govt. of Odisha Undertaking)**
**2nd Floor, W&CD Complex, Plot No.483 (Pt), Unit-VI Ganganagar, Bhubaneswar-751001**
**Ph.No.2533223, 2533214,**
**E-mail:mvsn_bbsr@yahoo.com**

**Ref.1216/MVSN** **Date 02.09.24**

**SHORT TENDER CALL NOTICE**

**No.CAD-** Sealed tenders are invited from interested GST registered firms/agencies/ for supply of "Sling Bags" with logo to be used in the launching of SUBHADRA, a flagship scheme by the Government of Odisha. The tender completed in all respect shall be submitted in the Office of Managing Director, Mahila Vikas Samabaya Nigam, 2nd Floor, W&CD Complex, Plot No.483(Pt), Unit-VI, Ganganagar, Bhubaneswar- 751001 on or before **Dt.11.09.2024 by 5 P.M.** through Register Post/ Speed Post/Couriers only. The tender document containing tender schedule and other relevant information and terms & conditions of Tender can be downloaded from the website- **www.wcd.odisha.gov.in** from **04.09.2024 to 11.09.2024.** A non-refundable Bank Draft for Rs.1,500/- towards tender fee in shape of DD in favour of Managing Director, Mahila Vikas Samabaya Nigam (MVSN) drawn in any Nationalized Bank payable at Bhubaneswar. Further, Rs.15,000/- towards EMD in the form of DD drawn in any Nationalized Bank payable at Bhubaneswar along with the tender document. Interested agencies/ suppliers may apply for the item.

The authority reserves the right to modify/cancel the Tender at any point of time.

**Sd./-Managing Director**
**Mahila Vikas Samabaya Nigam**

OIPR-33003/11/0004/2425

# ଅତ୍ୟାଧୁନିକ ଫ୍ଲେକ୍ସିବୁଲ ୱାର୍କସ୍ପେସ୍ ଉଦ୍‌ଘାଟିତ

ନୂଆଦିଲ୍ଲୀ,୪।୯ (ଅଭୟ ଦାଶ)

ଇଣ୍ଟରନ୍ୟାଶନାଲ ୱାର୍କପ୍ଲେସ୍ ଗ୍ରୁପ୍ (ଆଇଡବ୍ଲୁଜି)ର ପ୍ରମୁଖ ବ୍ରାଣ୍ଡ ରେଗସର ଏକ ଅତ୍ୟାଧୁନିକ ଫ୍ଲେକ୍ସିବୁଲ ୱର୍କସ୍ପେସ୍ ନିକଟରେ ଭୁବନେଶ୍ୱରସ୍ଥିତ ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ର ଏସ୍‌ଆର୍‌ବି ଟାୱାର ଲେଭେଲ୍ ୩ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବିଶ୍ୱର ସର୍ବବୃହତ୍ ହାଇବ୍ରିଡ ୱର୍କିଙ୍ଗ୍ ସଲ୍ୟୁଶନ ପ୍ରଦାତା ଆଇଡବ୍ଲୁଜିର ପ୍ରମୁଖ ବ୍ରାଣ୍ଡ ସ୍ପେଶେସ୍, ରେଗସ୍ ଓ ଏଚ୍‌କ୍ୟୁର ଏକ ନୂତନ ଅତ୍ୟାଧୁନିକ ଫ୍ଲେକ୍ସିବୁଲ ୱାର୍କସ୍ପେସ୍ ଓଡ଼ିଶାରେ ଆରମ୍ଭ ହୋଇଛି। ଏପରିକି ଓଡ଼ିଶାକୁ ଏକ ଉଚ୍ଚମାନର ଫ୍ଲେକ୍ସିବୁଲ ଅଫିସ୍ ସ୍ପେସ୍ ଆଣି ଏହା କର୍ମଚାରୀମାନଙ୍କୁ ସେମାନଙ୍କ ବାସସ୍ଥାନରୁ ଦୂରକୁ ଯାତ୍ରା ନ କରି ନିଜ ଘର ନିକଟରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେଉଛି। ଏଠାରେ ଲୋକମାନଙ୍କ ପାଇଁ ସେମାନେ ପସନ୍ଦ କରୁଥିବା କାର୍ଯ୍ୟଶୈଳୀ ଉପରେ ଆଧାରକରି ଚୟନ କରିବା ଲାଗି ବିଭିନ୍ନ ଫ୍ଲେକ୍ସସ୍ପେସ୍ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ଆଇଡବ୍ଲୁଜିର କଣ୍ଟ୍ରି ମ୍ୟାନେଜର ଇଣ୍ଡିଆ ଓ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ ହର୍ଷ ଲାମ୍ବା କହିଛନ୍ତି, ଭୁବନେଶ୍ୱରଠାରେ ଆମେ ଆମର ପ୍ରଥମ ସେଣ୍ଟରର ଶୁଭାରମ୍ଭ ସହ ଓଡ଼ିଶା ବଜାରରେ ଆମର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ଦ୍ରୁତ ବିକଶିତ ବ୍ୟବସାୟିକ ପରିବେଶ ପାଇଁ ପରିଚିତ ଭୁବନେଶ୍ୱର ଆମର ଆଞ୍ଚଳିକ ଅଭିବୃଦ୍ଧି ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ପଦକ୍ଷେପକୁ ଚିହ୍ନିତ କରୁଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଆମେ ଓଡ଼ିଶାର ଅନ୍ୟ ସହରଗୁଡିକୁ ବିସ୍ତାର ହେବାକୁ ଯୋଜନା ରଖିଛୁ ଯାହା ଏହି ଅଞ୍ଚଳରେ ଆଇଡବ୍ଲୁଜିର ବର୍ଦ୍ଧିତ ପହଞ୍ଚକୁ ମଜବୁତ କରିବ। ସେହିପରି ଭୁବନେଶ୍ୱରରେ ଏହି ପ୍ରଥମ ସେଣ୍ଟର ଦୁଇଟି ସୁବ୍ୟବସ୍ଥିତ ମିଟିଂ ରୁମ୍ ଓ ଏକ ବିଜ୍‌ନେସ୍ ଲାଉଞ୍ଜ ସମେତ ୩୫ଟି ଅଫିସ୍ ଓ ୧୩୧ଟି ୱାର୍କଷ୍ଟେଶନ ରହିଛି, ଯାହାକୁ ଉତ୍ପାଦକତା ଓ ସହଭାଗିତା ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି।

# ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ଉଦ୍ୟମ

## ଛାତ୍ର ସଂସଦ ନିର୍ବାଚନ ଦାବି

ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)


ଛାତ୍ର କଂଗ୍ରେସ କର୍ମୀ ବୁଧବାର ଛାତ୍ର ସଂସଦ ନିର୍ବାଚନ ଦାବି ନେଇ ବିଧାନସଭା ଅଭିମୁଖେ ଯାଉଛନ୍ତି।

ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର ସଂସଦ ନିର୍ବାଚନ ଦାବି ନେଇ ବୁଧବାର ବିଧାନସଭା ଘେରାଉ ଉଦ୍ୟମ କରାଯାଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ବିଧାନସଭା ଅଭିମୁଖେ ଯିବା ସମୟରେ ଲୋୟର ପିଏମ୍‌ଜିଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାପରେ ଛାତ୍ର କଂଗ୍ରେସ କର୍ମୀ ଓ ପୋଲିସଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ କେତେଜଣ ଛାତ୍ର କଂଗ୍ରେସ ନେତାଙ୍କୁ ଅଟକ ରଖି ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବା ଜଣାପଡ଼ିଛି।

ଏହି ଅବସରରେ ଉଦିତ୍ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ବନ୍ଦକରି ସରକାର ନେତୃତ୍ୱ ସୃଷ୍ଟି କରିବାପାଇଁ ଚାହୁଁନାହାନ୍ତି। ଛାତ୍ରମାନେ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ। ଭବିଷ୍ୟତର ପିଢ଼ିକୁ ଏ ସରକାର ଅଣଦେଖା କରିବାକୁ ଚେଷ୍ଟା କରୁଛନ୍ତି। ପୂର୍ବର ବିଜେଡି ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଥିଲେ। ଭାଜପା ସରକାରରେ ଏହାର ପୁନରାବୃତ୍ତି କରାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ଉଭୟ ଭାଜପା ଏବଂ ବିଜେଡି ଛାତ୍ରୀଛାତ୍ରଙ୍କୁ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ରଖିବା ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି। ତଥାପି ସରକାରଙ୍କ ଏଭଳି ଷଡ଼ଯନ୍ତ୍ରକୁ ଛାତ୍ର କଂଗ୍ରେସ କେବେହେଲେ ବରଦାସ୍ତ କରିବ ନାହିଁ। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ରମନ୍ତ୍ରୀ ଯେଉଁ ହୀନ ପ୍ରୟାସ କରୁଛନ୍ତି ତାହ ନିନ୍ଦନୀୟ। ଅପରପକ୍ଷେ ଛାତ୍ର କଂଗ୍ରେସ ସଭାପତି ତାଙ୍କ ବକ୍ତବ୍ୟରେ ମଧ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଯଦି ଛାତ୍ରୀଛାତ୍ରଙ୍କ ନ୍ୟାଯ୍ୟ ଦାବିରେ କୌଣସି ବାଧା ସୃଷ୍ଟି କରନ୍ତି ତେବେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ଉଦିତ୍ କହିଛନ୍ତି।

# କଲେଜ ନିର୍ବାଚନ ପାଇଁ ରାଜନୀତି କରୁଛି ଛାତ୍ର ବିଜେଡି: ଅରିନ୍ଦମ

## ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗ

କଟକ,୪।୯(ଶିକ୍ଷା ପ୍ରିୟଦର୍ଶିନୀ)


ଅରିନ୍ଦମ ରାଏ

କଟକରେ ଆୟୋଜିତ ସ୍ୱାୟତ୍ତଶାସନ ଦିବସ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦର ସ୍ୱର ଉଠିବା ସହ ବିକ୍ଷୋଭ ପ୍ରଦର୍ଶନ ଦେଖିବାକୁ ମିଳିଛି। ତେବେ ଏ ସମ୍ପର୍କରେ କଟକ ମେରିଆ ବଜାରସ୍ଥିତ କାର୍ଯ୍ୟାଳୟରେ ଭାଜପା ନେତା ଅରିନ୍ଦମ ରାଏ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ମତରେ କୌଣସି ଆପତ୍ତି ଉଠାଯିବା ଉଚିତ ନୁହେଁ। କିନ୍ତୁ ବିଜୁ ଛାତ୍ର ଜନତା ଦଳ ଏହାକୁ ରାଜନୈତିକ ପ୍ରସଙ୍ଗ କରି ନିର୍ବାଚନ ପାଇଁ ପ୍ରସ୍ତୁତି ଚଳାଇଛି। ଏହି ଦଳର ସଦସ୍ୟ ଏବେ ବିକ୍ଷୋଭ କରୁଛନ୍ତି। ବିକ୍ଷୋଭକାରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଅଣଛାତ୍ର। କେନ୍ଦ୍ରମନ୍ତ୍ରୀ ଗତବର୍ଷ କଟକରେ ଏକ କାର୍ଯ୍ୟକ୍ରମରେ ସମାନ ମନ୍ତବ୍ୟ ଦେଇଥିଲେ। ହେଲେ ସେତେବେଳେ କେଉଁଠି ଥିଲେ ଏହି ଦଳର ବିକ୍ଷୋଭକାରୀ। କେବଳ ଆଗାମୀ ଛାତ୍ର ସଂସଦ ନିର୍ବାଚନକୁ ନଜରରେ ରଖି ଏଭଳି ରାଜନୀତି କରାଯାଉଛି। ଏବେ ବିଜୁ ଛାତ୍ର ଜନତା ଦଳ ଏହି ପ୍ରସଙ୍ଗକୁ ଆଳ କରିଛି। ଯେଉଁଥିରେ ସେମାନେ ଦେଖାଉଛନ୍ତି ନିର୍ବାଚନ ଲଢ଼ିବା ପାଇଁ ସେମାନଙ୍କ ଦକ୍ଷତା ଅଛି। ହେଲେ ଏହି ଦକ୍ଷତା ଓ ବିକ୍ଷୋଭ କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଟ୍ରେନି ଡାକ୍ତରୀ ଛାତ୍ରୀ ବଳାତ୍କାର ଓ ହତ୍ୟା ଘଟଣା ସମୟରେ କେଉଁଠି ଥିଲା। ଅପରପକ୍ଷେ ସରକାର ରେଭେନ୍ସା ପ୍ରସଙ୍ଗରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି ବୋଲି ଅରିନ୍ଦମ କହିଛନ୍ତି।

# ନବୀନଙ୍କୁ ମହିଳା ଭୋଟବ୍ୟାଙ୍କ କମିଯିବା ଭୟ ଘାରିଛି: ଭାଜପା

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)


ଉର୍ମିଳା ମହାପାତ୍ର

ବିଜେଡି ସରକାର ୨୪ ବର୍ଷ ଶାସନରେ ଥିବାବେଳେ ମହିଳାଙ୍କୁ ଆର୍ଥିକ ସଶକ୍ତୀକରଣ ପାଇଁ କିଛି କରି ନ ଥିଲା। ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କୁ ଏତେଦିନ ପରେ ହଠାତ୍ ମହିଳାଙ୍କ ପ୍ରତି ସମ୍ମାନ ଓ ସମ୍ବେଦନଶୀଳତା ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ଏବେ ଯେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି, ସେହି ସମୟରେ ନବୀନବାବୁ ରାଜନୈତିକ ଉଦ୍ଦେଶ୍ୟ ରଖି ଟିପ୍ପଣୀ ଦେବା କେତେଦୂର ସମୀଚୀନ ତାହା ବୁଝାପଡୁନାହିଁ। ବାସ୍ତବରେ ନବୀନବାବୁଙ୍କୁ ଏବେ ମହିଳା ଭୋଟବ୍ୟାଙ୍କ କମିଯିବା ଭୟ ଘାରିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉର୍ମିଳା କହିଛନ୍ତି, ନବୀନବାବୁ ଶାସନ ଗାଦିରେ ଥାଇ ଏଭଳି କଥା କହିଥିଲେ ଶୋଭାପାଇଥାନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏବେ ଯେତେବେଳେ ଭାଜପା ସରକାର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବା ପାଇଁ ସ୍ଥିର କରିଛି ସେତେବେଳେ ନବୀନବାବୁ ଏତେ ଅସହିଷ୍ଣୁ କାହିଁକି ହୋଇପଡୁଛନ୍ତି। ବିଜେଡି ନିର୍ବାଚନ ହାରିବା ପରେ ତାଙ୍କ ମୁଖିଆ ହତାଶ ହୋଇପଡିଥିବା ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ଏଭଳି ବିବୃତି ଦେଉଛନ୍ତି। ସୁଭଦ୍ରା ଯୋଜନା ରାଜ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବିଜେଡିର ଭୋଟବ୍ୟାଙ୍କ ଭାଙ୍ଗିଯିବା ଭୟ ନବୀନବାବୁଙ୍କ ମନରେ ସୃଷ୍ଟି ହୋଇଛି। କେବଳ ମହିଳାଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାରକରି ଠକିବା ସେ ଜାଣିଥିଲେ। ତାଙ୍କ ସରକାର ସମୟରେ ଓଡ଼ିଶାରେ ମହିଳା ବିରୋଧୀ ହିଂସା ସୀମା ଲଂଘିଥିଲା। ମମିତା ମେହେର, ସ୍ୱିତାରାଣୀ, ଇତିଶ୍ରୀ, ବେବିନା, ମାଧବୀଲତା, ପରୀ ହତ୍ୟାକାଣ୍ଡ କାହା ସମୟରେ ଘଟିଥିଲା ସମସ୍ତେ ଜାଣନ୍ତି। ଭାଜପା ସରକାର ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷ୍ୟ ରଖିଛି। ଆଗାମୀ ଆର୍ଥିକ ବର୍ଷରେ '୨୬ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି'ର ସମ୍ମାନ ମିଳିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଉର୍ମିଳା କହିଛନ୍ତି।

# ମିଛ ଭାଜପାର ବଡ଼ ପରିଚୟ: ନବୀନ

## ବିଜୁ ମହିଳା ଜନତା ଦଳ ଜିଲା କର୍ମକର୍ତ୍ତା ସମାବେଶ

ଭୁବନେଶ୍ୱର,୪।୯(ଅନିଲ ଦାସ)



ମିଛ ଭାଜପାର ସବୁଠାରୁ ବଡ଼ ପରିଚୟ। ମିଛ ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତାକୁ ଆସିଛି। ଭାଜପାର ମିଛକୁ ଏକ୍ସପୋଜ କରିବାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଶଙ୍ଖ ଭବନରେ ବୁଧବାର ଆୟୋଜିତ ବିଜୁ ମହିଳା ଜନତା ଦଳର ଜିଲାସ୍ତରୀୟ କର୍ମକର୍ତ୍ତା ଓ ରାଜ୍ୟ ନେତୃବୃନ୍ଦଙ୍କୁ ସମ୍ବୋଧିତ କରିବା ଅବସରରେ ନବୀନ କହିଛନ୍ତି, ନିର୍ବାଚନ ବେଳେ ସାରା ଦେଶରୁ ଭାଜପାର ବଡ଼ ବଡ଼ ନେତା ଓଡ଼ିଶା ଆସି ହାତୀ ଦେବୁ ଘୋଡ଼ା ଦେବୁ କହିଲେ। କିନ୍ତୁ କାମରେ ଶୂନ। ସୁଭଦ୍ରା ଯୋଜନାରେ ୨ ବର୍ଷରେ ସବୁ ମା'ଙ୍କୁ ୫୦ ହଜାର ଟଙ୍କା ଦେବ ବୋଲି ଭାଜପା କହିଥିଲା। କିନ୍ତୁ ଏବେ ଅଳ୍ପ କିଛି ମା'ଙ୍କୁ ସୁଭଦ୍ରା ଯୋଜନାରେ ୬ ମାସରେ ମାତ୍ର ପାଞ୍ଚ ହଜାର ଟଙ୍କା ଦେବେ। ସେହିପରି ୩୦୦ ୟୁନିଟ୍ ମାଗଣା ବିଜୁଳି ମଧ୍ୟ ମିଛ। ମା'ମାନଙ୍କ ସହିତ ସାଧାରଣ ଲୋକଙ୍କ ବିଶ୍ୱାସ ସହ ଭାଜପା ଖେଳିବା ଉଚିତ ନୁହେଁ ବୋଲି ନବୀନ କହିଛନ୍ତି। ରାଜ୍ୟର ପ୍ରତି ଘରେ ଘରେ ଭାଜପାର ମିଛକୁ ଏକ୍ସପୋଜ କରାଯିବା ଦରକାର। ସାରା ଦେଶରେ ମହିଳାମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଘଟଣାରେ ଚିନ୍ତାପ୍ରକଟ କରି ନବୀନ କହିଛନ୍ତି, ଆମ ସଂସ୍କୃତିରେ ମା'ମାନଙ୍କୁ ଆମେ ଦେବୀ ଭାବରେ ପୂଜା କରୁ। ତେଣୁ ମା'ମାନଙ୍କ ଉପରେ ଅତ୍ୟାଚାର ଈଶ୍ୱରଙ୍କ ସହ ଦ୍ରୋହ । ଏଭଳି ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଅତ୍ୟାଚାରର ଶିକାର ହେଉଥିବା ମହିଳାମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ସେ ଦଳର ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଆମ ସମସ୍ତଙ୍କ ସାମୂହିକ ଉଦ୍ୟମ ହିଁ ମା'ମାନଙ୍କ ପାଇଁ ଏକ ନିରାପଦ ଦୁନିଆ ସ୍ଥାପନ କରିବାରେ ସହାୟକ ହେବ ବୋଲି ନବୀନ ଆଶା କରିଛନ୍ତି। ସାରା ଦେଶରେ ମହିଳା ସଶକ୍ତୀକରଣର ମୂଳଦୁଆ ବିଜୁବାବୁ ହିଁ ପକାଇଥିଲେ । ବିଜୁ ଜନତା ଦଳ ସବୁବେଳେ ମା'ମାନଙ୍କ ସ୍ୱର ହୋଇ ରହିଛି ଓ ରହିବ ବୋଲି ନବୀନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଦୁହିଁଲେ ଗୋସେଇଁ ରୁଷେ
ବହୁତ ଦୁହିଁଲେ ବାଛୁରୀ ରୁଷେ
ପର ଗାଈଦୁହାଁ ମୋତେ ନ ଆସେ।**

ଗାଈ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାଏ। ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ। ଏ ପରିସ୍ଥିତିରେ ଗାଈ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଯାଇଥାଏ। ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଅଦେଇ ଅଦେଇ କହୁଛ ମୋତେ
ମୁଁ କାହାକୁ ନ ଦିଏ କିସ ?
ଧୁଆ ଚାଉଳକୁ କୁଆକୁ ଦେଇ
ଚୁଲି କି ଝିଣ୍ଟ ଏ ତୋଷ।

ଧୁଆ ଚାଉଳକୁ କୁଆକୁ ଦେବା ଦାନ ନୁହେଁ। ଯେମିତି ଏହା ଅସତର୍କତାର ପରିଚୟ ହୋଇଥାଏ ସେମିତି ଚୁଲିକି ଗୋବରରେ ଲିପି ତାକୁ ତୋଷ କରାଉଥିବା କହିବା ହାସ୍ୟାସ୍ପଦ କଥା। ଭେଳିକି ଦେଖାଇ କୃପଣ ବ୍ୟକ୍ତି ନିଜ ଦାତାପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅନ୍ୟାନ୍ୟ ଖବର

# ଜିଲା ଗସ୍ତ କରିବେ ସଚିବ

ଭୁବନେଶ୍ୱର,୪।୯(ଅନିଲ ଦାସ)

- ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିବେ, ଡାକ୍ତରଖାନା, ଆହାର କେନ୍ଦ୍ର, ସ୍କୁଲ ବୁଲିବେ
- ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନରଙ୍କୁ ରିପୋର୍ଟ ଦେବେ

ଲୋକ ସଭା ଭବନରେ ନ ବସି ସଚିବମାନେ ଜିଲା ବୁଲି ସରକାରୀ କାର୍ଯ୍ୟକ୍ରମର ତଦାରଖ କରିବେ। ଏ ନେଇ ବୁଧବାର ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଗସ୍ତ ସମୟରେ ସଚିବମାନେ ଜିଲାର ଯେକୌଣସି ସ୍ଥାନକୁ ପରିଦର୍ଶନ କରିବେ। ଗ୍ରାମପଞ୍ଚାୟତକୁ ଯାଇ ବିଭିନ୍ନ ସରକାରୀ ଯୋଜନାକୁ ପରିଦର୍ଶନ କରିବେ। ଦିନକୁ ଅତିକମ୍‌ରେ ଥରେ କୌଣସି ଆହାର କେନ୍ଦ୍ର, ଅନୁସୂଚିତ ଜାତି/ଜନଜାତି ଛାତ୍ରାବାସ, ସ୍କୁଲକୁ ଯାଇ ମଧ୍ୟାହ୍ନଭୋଜନ ଖାଦ୍ୟର ଗୁଣବତ୍ତା ପରୀକ୍ଷା କରିବା ସହ ଭୋଜନ କରିବେ। କୌଣସି ଏକ ମେଡ଼ିକାଲକୁ ଯାଇ ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟ ସେବା ବିଷୟରେ ପଚାରି ବୁଝିବେ। ଅଙ୍ଗନୱାଡ଼ି ହିତାଧିକାରୀଙ୍କ ସହ କରିବେ ଆଲୋଚନା। ଏହାସହ ୮ଟି ଡିଏମ୍‌ଏଫ୍ ଜିଲା ଗସ୍ତ କରି ସେଠାରେ ଡିଏମ୍‌ଏଫ୍ ପାଣ୍ଠିର ବିନିଯୋଗ ବାବଦରେ ସମୀକ୍ଷା କରିବେ। କ୍ଷେତ୍ର ପରିଦର୍ଶନ ସରିବା ପରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଜିଲାପାଳ ଓ ଜିଲା ଅଧିକାରୀଙ୍କ ସହ ଆଲୋଚନା କରିବେ। ଜିଲାରେ ଥିବା ବନ୍ଦର, ବିମାନ ବନ୍ଦର, ଶିଳ୍ପ, ପାର୍କ ଓ ମେଡିକାଲ କଲେଜ, ବୃହତ୍ ଜଳସେଚନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବେ। ଆକାଂକ୍ଷୀ ଜିଲା ଗସ୍ତ କରି ସମୀକ୍ଷା କରିବେ। ଜିଲାରେ ଅବସ୍ଥାପିତ ହୋଇଥିବା କନିଷ୍ଠ ଅଧିକାରୀ ତଥା ଆଇଏଏସ୍‌ମାନଙ୍କ ସହ ଆଲୋଚନା କରିବେ। ଅଧିକାରୀମାନେ ପ୍ରତି ମାସରେ ନିର୍ଦ୍ଧାରିତ ଜିଲାକୁ ନିୟମିତ ଭାବରେ ପରିଦର୍ଶନ କରିବାକୁ ଯିବେ। ପ୍ରତିଟି ପରିଦର୍ଶନ ସମୀକ୍ଷା ବିଷୟରେ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନରଙ୍କୁ ଅବଗତ କରାଇବେ। ପ୍ରତି ୩ ମାସରେ ଥରେ ଆବଣ୍ଟିତ ଜିଲା ପରିବର୍ତ୍ତନ କରାଯିବ। ଏଥିରେ ଅଧିକ ସ୍ୱଚ୍ଛତା ପାଇଁ ଖୁବ୍‌ଶୀଘ୍ର ଏକ ପୋର୍ଟାଲ ବ୍ୟବସ୍ଥା କରାଯାଇ ପରିଦର୍ଶନ ରିପୋର୍ଟଗୁଡ଼ିକୁ ଅପଲୋଡ଼ କରାଯିବ ବୋଲି ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଚଳିତ ମାସରେ ଗୃହ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଜଗତ୍‌ସିଂହପୁର ଜିଲା ପରିଦର୍ଶନ କରିବା ବେଳେ ଦେଓରଞ୍ଜନ ସିଂହ ଅନୁଗୋଳ, ସୁରେନ୍ଦ୍ର କୁମାର କଟକ, ଜି. ମାଥିଭାଥାନନ କେନ୍ଦ୍ରାପଡ଼ା, ହେମନ୍ତ ଶର୍ମା କେନ୍ଦୁଝର, ବିଷ୍ଣୁପଦ ସେଠୀ ମାଲକାନଗିରି, ଚିତ୍ରା ଅରୁମୁଗମ କୋରାପୁଟ, ସୁଶୀଲ କୁମାର ଲୋହାନୀ କଳାହାଣ୍ଡି, ଅରବିନ୍ଦ କୁମାର ପାଢ଼ୀ ଖୋର୍ଦ୍ଧା, ଶାଶ୍ୱତ ମିଶ୍ର ବରଗଡ଼, ବୀରବିକ୍ରମ ଯାଦବ ବଲାଙ୍ଗୀର, ବିଶାଲ ଦେବ ନୂଆପଡ଼ା, ଉଷା ପାଢ଼ୀ କନ୍ଧମାଳ, ସଞ୍ଜୟ କୁମାର ସିଂ ମୟୂରଭଞ୍ଜ, ସୁରେଶ କୁମାର ବଶିଷ୍ଠ ପୁରୀ, ଶୁଭା ଶର୍ମା ଗଜପତି ଏବଂ ଭାସ୍କରଜ୍ୟୋତି ଶର୍ମା ନବରଙ୍ଗପୁର ଜିଲା ପରିଦର୍ଶନ କରିବେ। ସେହିପରି ଶାଳିନୀ ପଣ୍ଡିତ ରାୟଗଡ଼ା, ଏସ.ଅଶ୍ୱଥି ସୁନ୍ଦରଗଡ଼, ରାଜେଶ ପ୍ରଭାକର ପାଟିଲ ଦେବଗଡ଼, ଅରବିନ୍ଦ ଅଗ୍ରୱାଲ ସମ୍ବଲପୁର, ବଳବନ୍ତ ସିଂ ଗଞ୍ଜାମ, ଭୂପେନ୍ଦ୍ର ଏସ ପୁନିଆ ଝାରସୁଗୁଡ଼ା, ଯାମିନୀ ଷଡ଼ଙ୍ଗୀ ସୋନପୁର, ଗୁହା ପୁନମ ତାପସ କୁମାର ଭଦ୍ରକ, ବିଜୟକେତନ ଉପାଧ୍ୟାୟ ବୌଦ୍ଧ, ପ୍ରଶାନ୍ତ କୁମାର ରେଡ୍ଡୀ ବାଲେଶ୍ୱର, ଏନ.ଥିରୁମାଲା ନାଏକ ନୟାଗଡ଼, ସୁଧାଂଶୁ ମୋହନ ସାମଲ ଢେଙ୍କାନାଳ ଓ ରଶ୍ମିତା ପଣ୍ଡା ଯାଜପୁର ଜିଲା ପରିଦର୍ଶନ କରିବେ। ଏହି ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଆବଣ୍ଟିତ ଜିଲାକୁ ପରିଦର୍ଶନ କରିବା ପାଇଁ ୨/୩ ଦିନର ଯୋଜନା ପ୍ରସ୍ତୁତ କରିବା ସହ ଅନ୍ୟ ୧୧ଟି ଦିଗ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି।

# କେରଳ, ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ମୋହନ

## ଉଭୟ ରାଜ୍ୟକୁ ୫ କୋଟି ସହାୟତା ଘୋଷଣା

ଭୁବନେଶ୍ୱର,୪।୯(ଅନିଲଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସନ୍ଧ୍ୟାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାନିକ ଶାହାଙ୍କ ସହିତ ଫୋନ ଯୋଗେ ଆଲୋଚନା କରି ଉଭୟ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଘଟିଥିବା କ୍ଷୟକ୍ଷତି ପାଇଁ ସମବେଦନା ଜଣାଇଛନ୍ତି । ଉଭୟ ରାଜ୍ୟରେ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନର୍ନିର୍ମାଣ ପାଇଁ ଓଡ଼ିଶା ସହଯୋଗର ହାତ ବଢାଇବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଆଲୋଚନା ସମୟରେ କହିଛନ୍ତି। ଏଥିପାଇଁ ଉଭୟ କେରଳ ଓ ତ୍ରିପୁରାକୁ ୫ କୋଟି ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ। ଉଭୟ କେରଳ ଓ ତ୍ରିପୁରାର ମୁଖ୍ୟମନ୍ତ୍ରୀ ଏହି ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ଚୋର, ଡକାୟତଙ୍କୁ କମିଶନର କରାଯାଇଥିଲା: ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର,୪।୯(ଅନିଲ ଦାସ)

## ଖାଦ୍ୟ ସୁରକ୍ଷା କମିଶନର ନିଯୁକ୍ତି ନେଇ ମନ୍ତ୍ରୀ ଖପ୍ପା

ଖାଦ୍ୟ ସୁରକ୍ଷା କମିଶନର ଅଧକ୍ଷ ନିଯୁକ୍ତିକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଧାନସଭା ପ୍ରଶ୍ନକାଳରେ କଟୁ ସମାଲୋଚନା କରିଛନ୍ତି । ଭାଜପା ସଭ୍ୟ ସନାତନ ବିଜୁଳିଙ୍କ ଏକ ପ୍ରଶ୍ନର ଜବାବରେ ମନ୍ତ୍ରୀ କହିଛନ୍ତି, ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦରେ ଜ୍ଞାନ ନ ଥିବା ଜଣେ ଚୋର, ଡକାୟତଙ୍କୁ ବସାଯାଇଥିଲା । ଯୋଗ୍ୟତା ଥିବା ଲୋକଙ୍କୁ ବାଦ୍ ଦେଇ ପୂର୍ବ ସରକାର ଜଣେ କୋଇଲା ଚୋରା କାରବାର କରୁଥିବା ଲୋକକୁ ଖାଦ୍ୟ ସୁରକ୍ଷା କମିଶନ ଅଧକ୍ଷ କରିଥିଲେ। ଅଣ ଓଡ଼ିଆ ଅଫିସରଙ୍କୁ ଖୁସି କରୁଥିବା ଅଫିସରଙ୍କୁ ପୋଷାଯାଉଥିଲା। ଖାଦ୍ୟ ସୁରକ୍ଷା କମିଶନର ପଦବୀ ପାଇଁ ବହୁ ଆଇଏଫ୍‌ଏସ୍ ଅଫିସର ଆବେଦନ କରିଥିଲେ। ସେମାନଙ୍କୁ ନିଯୁକ୍ତି ଦିଆ ନ ଯାଇ ସେଠାରେ ଜଣେ ବିଏ ପାସ୍ ବ୍ୟକ୍ତିଙ୍କୁ କାହିଁକି ନିଯୁକ୍ତି ଦେଇ ମାସକୁ ୩ ଲକ୍ଷ ଟଙ୍କା ଦିଆଯାଉଥିଲା ବୋଲି ମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କୁ କ୍ୟାବିନେଟ ପାହ୍ୟା ଦିଆଯିବା ସହ ୧୫ରୁ ୨୦ ଅଫିସରଙ୍କୁ ଧରି ସେ ଚୋରା କାରବାର ଚଳାଇଥିଲେ। ଏ ନେଇ ଏକ କମିଟି ଗଠନ କରି ଯାଞ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି । ନିଯୁକ୍ତି ପ୍ରକ୍ରିୟା ଭୁଲ୍ ଥିଲେ ସଙ୍ଗେ ସଙ୍ଗେ ତାଙ୍କୁ ଅଧକ୍ଷ ପଦରୁ ବିତାଡ଼ିତ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

# ରାଶନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୪।୯(ଅନିଲ ଦାସ)

ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ସହ ୨୦ ପ୍ରତିଶତ ଗହମ ଯୋଗାଇ ଦିଆଯିବ। ଗହମ ଯୋଗାଇବାକୁ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଲିଖିତ ଆକାରରେ ଦେଇଛୁ । ଆବଶ୍ୟକ ହେଲେ ପୁଣି ଦେଖା କରିବୁ। ଡବଲ ଇଞ୍ଜିନ ସରକାରରେ ଗହମ ନିଶ୍ଚିତ ମିଳିବ। ବୁଧବାର ପ୍ରଶ୍ନକାଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ବିଜେଡି ସଭ୍ୟ ନିରଞ୍ଜନ ପୂଜାରୀ ପଚାରିଥିଲେ ଗହମ ଆଉ ଖୋଲା ବଜାରରେ ମିଳୁନି। ତେବେ ଗହମ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। କେବେ ସୁଦ୍ଧା ଯୋଗାଇ ଦେବେ। କେନ୍ଦ୍ର ସରକାରଙ୍କ ନିକଟରୁ ଲିଖିତ ଆଣିବେ କି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପଚାରିଲେ, କୋରାପୁଟ ଜିଲାର ସହରାଞ୍ଚଳରେ କିଛି ଲୋକ ଗହମ ପାଉଛନ୍ତି। ଗ୍ରାମାଞ୍ଚଳ ଲୋକ ଚାଉଳ ଓ ମାଣ୍ଡିଆ ପାଉଛନ୍ତି। ଗହମ ସହିତ ମାଣ୍ଡିଆ ଯୋଗାଇବା ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଲେ ଚାଉଳ ସହିତ ଗହମ ଦିଆଯିବ। ଯେଉଁଠି ଆବଶ୍ୟକ ସେଠାରେ ଗହମ ଦେବାକୁ ସରକାର ବିଚାର କରିବେ।

# ହାଇକୋର୍ଟରେ ଜବାବ ଦାଖଲ କଲେ ରାଜ୍ୟ ସରକାର

**ବିଦ୍ୟାଳୟରେ ଉଠବସ୍ ହୋଇ ଚତୁର୍ଥ ଶ୍ରେଣୀ ଛାତ୍ର ମୃତ୍ୟୁ ମାମଲା**

- ରାଜ୍ୟରୁ ଆସିଛି ୫୭ ଅଭିଯୋଗ
- ଶାରୀରିକ ଦଣ୍ଡ ଅଭିଯୋଗ ସୁନ୍ଦରଗଡ଼ରେ ସର୍ବାଧିକ



କଟକ,୪।୯ (କାର୍ତ୍ତିକ ସାହୁ)

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଦଣ୍ଡ ଦିଆ ନ ଯିବା ଉପରେ ନିଆଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ରାଜ୍ୟ ସରକାର ହାଇକୋର୍ଟରେ ବୁଧବାର ସତ୍ୟପାଠ ଆକାରରେ ଜବାବ ଦାଖଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଶାରୀରିକ ଦଣ୍ଡ ଦିଆଯିବା ନେଇ ବିଭିନ୍ନ ଜିଲାରୁ ମୋଟ ୫୭ଟି ଅଭିଯୋଗ ରାଜ୍ୟ ସରକାରଙ୍କର ହସ୍ତଗତ ହୋଇଛି। କେତେକ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ଆଉ କେତେକ ତଦନ୍ତ ଚାଲିଥିବା ସତ୍ୟପାଠରେ ଦର୍ଶାଯାଇଛି। ସେଥିମଧ୍ୟରୁ ବାଲେଶ୍ୱର ୫, ବରଗଡ଼ ୧, ବଲାଙ୍ଗୀର ୬, ବୌଦ୍ଧ ୨, କଟକ ୩, ଗଞ୍ଜାମ ୨, ଜଗତ୍‌ସିଂହପୁର ୨, ଯାଜପୁର ୬, ଝାରସୁଗୁଡ଼ା ୧, ଖୋର୍ଦ୍ଧା ୬, ମାଲକାନଗିରି ୧, ମୟୂରଭଞ୍ଜ ୫, ରାୟଗଡ଼ା ୨, ସମ୍ବଲପୁର ୨, ସୋନପୁର ୨ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୧୧ଟି ଅଭିଯୋଗ ରହିଛି। ଯାଜପୁର ଜିଲାର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଉଠବସ୍ କରାଇବା ହେତୁ ତାଙ୍କର ମୃତ୍ୟୁ ଘଟିବା ନେଇ ରୁଜୁ ମାମଲାରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ନଭେମ୍ବର ୨୧ରେ ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ଥାନା ଅଧୀନ ଓରାଳି ଗ୍ରାମରେ ଥିବା ସୂର୍ଯ୍ୟ ନାରାୟଣ ନୋଡାଲ ୟୁପି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ସେଠୀଙ୍କୁ ଜଣେ ଶିକ୍ଷୟିତ୍ରୀ ଉଠବସ୍ ହେବା ପାଇଁ ନିର୍ଦ୍ଦେଶ ଦେଲେ। ପଢ଼ାରେ ମନଯୋଗୀ ହୋଇ ନ ଥିବାରୁ ଶିକ୍ଷୟିତ୍ରୀ ଉଠବସ୍ ହେବାକୁ କହିଥିଲେ। ରୁଦ୍ର ଉଠବସ୍ ହେଉଥିବାବେଳେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆବେଦନକାରୀ ପ୍ରବୀର କୁମାର ଦାସ ଏନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣକରି ଦର୍ଶାଇଛନ୍ତି, ବିଦ୍ୟାଳୟଗୁଡ଼ିକୁ ରାଜ୍ୟ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଶାରୀରିକ ଦଣ୍ଡ କିମ୍ବା ମାନସିକ ନିର୍ଯାତନା ସ୍କୁଲରେ ପିଲାଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆଇନ ହୋଇଛି। ତଥାପି ଯାଜପୁରରେ ଏଭଳି ଘଟଣା ଘଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଲା। ସେହିପରି ବଲାଙ୍ଗୀର ଓ ନବରଙ୍ଗପୁରରେ ପିଲାମାନଙ୍କୁ ଉଠବସ୍ ହେବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ କହୁଛନ୍ତି। ତେଣୁ ଏହି ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା, ଦୋଷୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଆଗାମୀ ଦିନରେ ଏଭଳି ଘଟଣା ଯେପରି ବିଦ୍ୟାଳୟରେ ନ ଘଟିବା, ପିଲାମାନେ ଶାରୀରିକ ଓ ମାନସିକ ନିର୍ଯାତନା ଯେଭଳି ନ ଭୋଗିବେ ସେଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ବ୍ୟବସ୍ଥା ସରକାର କରିବା ଦରକାର ବୋଲି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଭଳି କେତେ ଘଟଣା ଘଟିଛି, କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ସରକାର କୌଣସି ତଥ୍ୟ ଦେଉନାହାନ୍ତି। ଏହାଦ୍ୱାରା ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଆବେଦନକାରୀ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି। ଏନେଇ ମେ' ୨୪ ତାରିଖରେ ଏହି ମାମଲା ରୁଜୁ ହୋଇଥିଲା।

# ସିନେ ପ୍ରଡକ୍ସନ ମ୍ୟାନେଜର ହରି ବିଶ୍ୱାଳଙ୍କ ପରଲୋକ

ସମ୍ବଲପୁର,୪।୯(ଭବାନୀ ଶଙ୍କର ଭୋଇ)


ହରି ବିଶ୍ୱାଳ।

ସମ୍ବଲପୁରର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହରି ବିଶ୍ୱାଳଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ସମ୍ବଲପୁର ଦଲାଇପଡ଼ାରେ ଜନ୍ମଗ୍ରହଣ କରିଥିବା ବିଶ୍ୱାଳ ପିଲାଦିନରୁ କ୍ରୀଡ଼ା ପ୍ରତି ବିଶେଷ ଆକର୍ଷଣ ରଖିଥିଲେ। କ୍ରୀଡ଼ା ସଙ୍ଗଠକ ଭାବେ ସେ ଅନେକ କାମ କରିଥିଲେ। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମର ବିକାଶରେ ତାଙ୍କର ତାଙ୍କର ଅବଦାନ ରହିଥିଲା। ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଲାବ୍ ଆସିଷ୍ଟାଣ୍ଟ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ସିନେମା ପ୍ରତି ତାଙ୍କର ବିଶେଷ ଆକର୍ଷଣ ଯୋଗୁ ପରବର୍ତ୍ତୀ ସମୟରେ ସିନେ ପ୍ରଡକ୍ସନ ମ୍ୟାନେଜର ଭାବେ ୮୦ରୁ ଊର୍ଦ୍ଧ୍ୱ ସିନେମାରେ କାର୍ଯ୍ୟ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅସ୍ତରାଗରୁ ତାଙ୍କର ସିନେ କ୍ୟାରିୟର ଆରମ୍ଭ ହୋଇଥିଲା। ଅସ୍ତରାଗ ସିନେମାର ସେ ପ୍ରଡକ୍ସନ ମ୍ୟାନେଜର ଓ ନିର୍ମାତା ରହିଥିଲେ। ଏହାସହ ସେ ବଙ୍ଗଳା, ତେଲୁଗୁ, ତାମିଲ, ସମ୍ବଲପୁରୀ ଭାଷାରେ ୮୦ରୁ ଊର୍ଦ୍ଧ୍ୱ ସିନେମାରେ ପ୍ରଡକ୍ସନ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ନିର୍ମିତ ଅକୁହା କଥାରେ କାର୍ଯ୍ୟ କରି ସେ ବଙ୍ଗଳା ସିନେ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରି ପାରିଥିଲେ। ଚେନ୍ନାଇ(ମାଡ୍ରାସ୍) ସିନେ ଇଣ୍ଡଷ୍ଟ୍ରି ସହ ତାଙ୍କର ସମ୍ପର୍କ ରହିଥିଲା। ୨୦୧୬ରେ ନିର୍ମିତ ତୁ ଦିୱାନା ମୁଁ ଦିୱାନୀ ତାଙ୍କର ଶେଷ ସିନେମା ଥିଲା। ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସେ କଟକରେ ରହିବା ପରେ ୨୦୧୦ ମସିହାରେ ସମ୍ବଲପୁରକୁ ଫେରିଥିଲେ। ମୃତ୍ୟୁର ୪ଦିନ ପୂର୍ବରୁ ସେ ଘରେ ପଡ଼ି ଯାଇ ଆହତ ହୋଇଥିଲେ। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶେଷ ସମୟରେ ତାଙ୍କ ପୁଅ ନନ୍ଦକିଶୋର ବିଶ୍ୱାଳ ଏବଂ ଝିଅ ନନ୍ଦିନୀ ବିଶ୍ୱାଳ ଉପସ୍ଥିତ ଥିଲେ। ବୁଧବାର ତାଙ୍କର ଶେଷକୃତ୍ୟ ସମ୍ବଲପୁର ରାଜଘାଟରେ କରାଯାଇଥିଲା। ଏକମାତ୍ର ପୁଅ ନନ୍ଦକିଶୋର ମୁଖାଗ୍ନି ଦେଇଥିଲେ। ରାଜଘାଟରେ ତାଙ୍କର ଶେଷ ଦର୍ଶନ କରିବାକୁ କ୍ରୀଡ଼ା ଜଗତ ଏବଂ ସିନେ ଜଗତର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସମ୍ବଲପୁର ସମେତ ଓଡ଼ିଶାର ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ବରିଷ୍ଠ ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ, ନାଟ୍ୟକାର ବବଲୁ ବାଗ, ସିନେ ନିର୍ଦ୍ଦେଶକ ମାନଭଞ୍ଜନ ନାୟକ ପ୍ରମୁଖ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଫାଇନାନ୍ସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ସଇଁତଲା,୪।୯(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ବଡ଼ମାଳ ଫାଣ୍ଡି ଅନ୍ତର୍ଗତ ଗୋଏଲଭାଡ଼ି ଗ୍ରାମ ନିକଟସ୍ଥ ବର୍ଣ୍ଣ ସଂରକ୍ଷିତ ଜଙ୍ଗଲରୁ ଜଣେ ଫାଇନାନ୍ସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସଇଁତଲା ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ଟିଟିଲାଗଡ଼ସ୍ଥିତ ସର୍ଗିଗୁଡ଼ା ଗ୍ରାମର ଉତ୍ତମ ନାଗ ନାମକ ଜଣେ ବ୍ୟକ୍ତି ଗତ ୨ ତାରିଖରୁ ନିଖୋଜ ଥିବା ନେଇ ଟିଟିଲାଗଡ଼ ଥାନାରେ ତାଙ୍କ ପରିବାର ଲିଖିତ ଅଭିଯୋଗ କରିଥିଲେ । ବୁଧବାର ସକାଳ ସମୟରେ ଗୋଏଲଭାଡ଼ି ଗ୍ରାମର କେତେଜଣ ବ୍ୟକ୍ତି ଜଙ୍ଗଲକୁ ଯାଇଥିବା ସମୟରେ ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖି ବଡ଼ମାଳ ଫାଣ୍ଡିକୁ ଖବର ଦେଇଥିଲେ। ବଡ଼ମାଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ମାଝୀ, ସଇଁତଲା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇ ଏବଂ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲେ। ତଦନ୍ତ ପରେ ପୋଲିସ ମୃତକ ଟିଟିଲାଗଡ଼ସ୍ଥିତ ସର୍ଗିଗୁଡ଼ାର ଉତ୍ତମ ନାଗ ବୋଲି ଜାଣିବାକୁ ପାଇଥିଲେ । ସେ ଗତ ୩ ବର୍ଷ ହେବ ଟିଟିଲାଗଡ଼ର ଏକ ଫାଇନାନ୍ସରେ କାମ କରୁଥିଲେ ବୋଲି ଜାଣିବାକୁ ପାଇ ପୋଲିସ ପରିବାର ଲୋକଙ୍କୁ ଖବର ଦେଇଥିଲା। ଘଟଣାସ୍ଥଳରୁ ପୋଲିସ ଏକ ମୋଟରସାଇକେଲ (ନଂ. ଓଡ଼ି –୦୮–ଏଚ–୮୮୬୮) ଓ ଗୋଟିଏ ବାଲଟି ଜବତ କରିଛି। ବଲାଙ୍ଗୀର ଫରେନସିକ ଟିମ୍ ପହଞ୍ଚି ଅଧିକ ତଦନ୍ତ ଚଳାଇଛି ।

# ପାନ ଦୋକାନୀଙ୍କ ମହାନତା

ସଇଁତଲା,୪।୯(ରାଖାଲ ପ୍ରସାଦ ଶତପଥୀ)

**ପାଇଥିବା ସୁନାଚେନ ଫେରାଇଲେ**



ସଇଁତଲା ବ୍ଲକ ସାମ୍ବାଦିକ ସଂଘର ସଭାପତି ତଥା ବଣିକ ସଂଘର ସଭାପତି ତରୁଣ ବେହେରା ପିନ୍ଧିଥିବା ସୁନାଚେନ ଗତ କିଛିଦିନ ତଳେ ସଇଁତଲା ଅଞ୍ଚଳର କୌଣସି ସ୍ଥାନରେ ପଡ଼ିଯାଇଥିଲା। ବେହେରା ବହୁ ଖୋଜାଖୋଜି କରି ମଧ୍ୟ ଚେନ ପାଇ ନ ଥିଲେ। ଦୁଇଦିନ ତଳେ ସେ ସାମାଜିକ ଗଣମାଧ୍ୟମରେ ସୁନାଚେନ ହଜି ଯାଇଥିବା ନେଇ ସୂଚନା ପ୍ରଦାନ କରିଥିଲେ। ବୁଧବାର ଦିନ ନବୀନ ଛକ ନିକଟରେ ପାନ ଦୋକାନ କରିଥିବା ଉମାକାନ୍ତ ରଣା ଉକ୍ତ ଚେନ ପାଇଥିବା ନେଇ ବେହେରାଙ୍କୁ ସୂଚନା ଦେବା ସହ ତାଙ୍କ ଚେନ୍‌ଟିକୁ ନେଇ ଯିବାକୁ କହିଥିଲେ। ରଣାଙ୍କ ନିକଟକୁ ଯାଇ ତରୁଣ ଚେନ୍‌କୁ ଗ୍ରହଣ କରିବା ସହ ତାଙ୍କ ମାନବିକତାକୁ ପ୍ରଶଂସା କରିଥିଲେ। ପାନଦୋକାନୀ ରଣାଙ୍କ ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।


## Government of Jharkhand
## Urban Development and Housing Department
## Nagar Panchayat Bundu

**e-Procurment Notice (Tenders Notice call)**
**Short Notice**

| S.I. | Tender id | Name of work | Amount | Earnest Money | Tender Fee | Completion Of Work |
|---|---|---|---|---|---|---|
| 1 | UDD/NIT/BNP/Park /RE/ 01/2024-25 | Construction of Park/Green Space Under AMRUT 2.0 at Bhakuwadih, Bundu, Jharkhand. | 2,24,62,176.00 | 4,49,243.00 | 10,000.00 | 09 Months |

| | | |
|---|---|---|
| 5 | Date Of Publication Of Tender On Website | 04-09-2024 AT 10:00 AM |
| 6 | Mode Of Submission Of Bids | E-Tendering …..http//:Jharkhandtenders.gov.In |
| 7 | Date Start Of Submission Of Bids | 04-09-2024 AT 10:00 AM |
| 8 | Last Date/Time Of Submission Of Bids | 18-09- 2024 AT 02:00 PM |
| 9 | Date Of Bid Opening | 19-09-2024 AT 03 :00 PM |
| 10 | Last Date/Time Of Submission At Office Cost of BOQ, Earnest Money And Tender Document | 18-09-2024 AT 02:00 PM |
| 11 | Name & Address Of Office Inviting Tender | NAGAR PANCHAYAT BUNDU |

NOTE :- Only E-Tender will be accepted. Further details can be seen on website http://jharkhandtenders.gov.in& Notice Board office of the Nagar Panchayat Bundu.

Executive Officer
Nagar Panchayat Bundu

PR.NO.334588 Urban Development(24-25):D



## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमंडल दुमका

**अति अल्पकालीन ई–निविदा आमंत्रण सूचना**

निविदा संख्या– 11/2024-25/RWD/EE/DUMKA दिनांक– 03.09.2024

1. कार्यपालक अभियंता ग्रामीण कार्य विभाग, कार्य प्रमंडल, दुमका द्वारा निम्न विवरणी के अनुसार E-procurement पद्धति से निविदा आमंत्रित की जाती है।

| क्र. सं. | आईडेंटिफिकेशन संख्या/पैकेज संख्या | कार्य का नाम | लंबाई (कि०मी०) | प्राक्कलित राशि (रु० में) अंक में | प्राक्कलित राशि (रु० में) अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | RWD/DUMKA/30/2024-25 | कटहरा पी०डब्ल्यू०डी० रोड से नवासार आर०ई०ओ० रोड भाया श्यामलापुर पहरीडीह तक पथ निर्माण कार्य। | 4.510 | 4,80,30,500 | चार करोड़ अस्सी लाख तीस हजार पाँच सौ | 18 महीने |
| 2 | RWD/DUMKA/31/2024-25 | चमडाबहियार (खैरबनी) से बभनडीहा तक पथ निर्माण कार्य। | 3.250 | 3,36,55,700 | तीन करोड़ छत्तीस लाख पच्पन हजार सात सौ | 18 महीने |
| 3 | RWD/DUMKA/32/2024-25 | बिहाजोरी से कुसमाहा तक पथ निर्माण कार्य। | 1.600 | 2,52,07,800 | दो करोड़ बावन लाख सात हजार आठ सौ | 12 महीने |

1. वेबसाईट में निविदा प्रकाशन की तिथि 09.09.2029
2. ई–निविदा प्राप्ति की अंतिम तिथि एवं समय 18.09.2024 अपराह्न 5:00 बजे तक।
3. निविदा शुल्क एवं अग्रधन की राशि Online के माध्यम से जमा किया जाएगा।
4. निविदा खोलने की तिथि 20.09.2024 एवं समय पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता– कार्यपालक अभियंता, ग्रामीण कार्य विभाग, कार्य प्रमण्डल, दुमका।
6. ई–निविदा प्रकोष्ठ का सम्पर्क संख्या– 06434 291033
7. विस्तृत जानकारी के लिए jharkhandtenders.gov.in/ नोटिस बोर्ड में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल दुमका

PR 334681 Rural Work Department(24-25)#D



## e-Procurement Cell
## Executive Engineer, National Rural Employment Programme, Ranchi
## JHARKHAND, RANCHI

**Very Short Term e-Procurement Notice**
**Tender Reference No.- 28/2024-25**

| SI. No | Name of Scheme | Estimated Amount (Lakhs) | Earnest Money (Lakhs) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | माण्डर प्रखण्ड के डी०ए०भी० स्कूल से गुणा उरॉव के घर तक 4950 फीट पी०सी०सी० पथ निर्माण | 9936400.00 | 2.00 | 10,000.00 | 09 Month | कार्य के अनुरूप |
| 2 | चान्हो प्रखण्ड के ग्राम हुटरी में मुख्य रोड से बुची डाडी तक 4620 फीट पी०सी०सी० पथ एवं 03 आर०सी०सी० पुलिया निर्माण | 9810300.00 | 2.00 | 10,000.00 | 09 Month | कार्य के अनुरूप |
| 3 | लापुंग प्रखण्ड के राजकीय कृत +2 हाई स्कूल लापुंग में दो कमरा एवं पेभर ब्लॉक का कार्य; लापुंग प्रखण्ड के इंटरमीडिएट के आंगन में पेवर ब्लॉक निर्माण | 11582500.00 | 2.32 | 10,000.00 | 06 Month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 06.09.2024 at 11:00 AM |
| 4 | Start Date of Submission of Bids | 06.09.2024 at 1:30 PM |
| 5 | Last Date/Time of Submission of Bids | 13.09.2024 at 11:00 AM |
| 6 | Date/Time of opening of Bid | 18.09.2024 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

Any change can be seen on Website *http:// Jharkhandtenders.gov.in.*
*Any other information can be seen on http:// Jharkhandtenders.gov.in.*

Nodal Officer e-Procurement Cell
Executive Engineer, National Rural Employment Programme, Ranchi

PR.NO.334562 NREP(24-25):D



## ODISHA JOINT ENTRANCE EXAMINATION - 2024 (OJEE - 2024)
## PUBLIC NOTICE REGARDING OJEE WEB COUNSELLING FOR BAMS/BHMS 2024-25

No: 461/ OJEE  Date: 04.09.2024

**NOTICE**

**No.h-08:**This is for the information of all concerned that OJEE Web-Based Counselling Process for **BAMS/ BHMS** Programs under State Quota seats of all Govt colleges and All State Quota and All India Quota seats in Private colleges is going to start from **6th September, 2024.**

Interested candidates having NEET UG-2024 qualified Ranks are advised to visit OJEE websites (www.ojee.nic.in/ www.odishajee.com) and see the detailed **Counselling Schedule.**

They are further advised to carefully go through the **"Information and Instruction" and other related documents** available in the website to get detailed information about the entire counselling process.

Sd/-
Chairman, OJEE
ODISHA

OIPR-44026/11/0008/2425



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 14141 IND–II–PH–୧୨୧୮  ତା.04.09.2024
No. CAD-1036

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ୍ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଚଉମୁଖ ଗ୍ରାମରେ ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟରେ ସର୍ବ ପାଣିପାଗ ବହୁମୁଖୀ ବନ୍ଦର (ପ୍ରଥମ ପର୍ଯ୍ୟାୟ) ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୭.୧୦.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ବାସୁଦେବପୁର ମୌଜାଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବାଲେଶ୍ୱର।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବାଲେଶ୍ୱର।**
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ବାଲେଶ୍ୱର।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବାଲେଶ୍ୱର।**
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱରସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OSPCB-PH-ENV-0001-2024/3/2024  OIPR-08012/11/0070/2425



GOVERNMENT OF CHHATTISGARH, WATER RESOURCES DEPARTMENT
## OFFICE OF THE EXECUTIVE ENGINEER
## WATER RESOURCES DIVISION RAIGARH
## DISTT. - RAIGARH (C.G.)

e-Procurement Tender Notice
eProcurement Portal : https://eproc.cgstate.gov.in
(Fourth Call)
System Tender No. 158152 NIT No.: 04/SAC/2024-25, Dated : 02.09.2024

Online Tenders are invited for the following works up to 19.09.2024 at 17.30 Hour.

| | | |
|---|---|---|
| Name of work | : | Renovation of Sodekela Tank Scheme and Canal Cement Concrete Lining Work |
| Probable Amount of Contract | : | Rs. 237.91 Lakhs |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 09.09.2024 at 17.31 Hours (IST) onwards.

**NOTE** : All eligible/interested contractors/bidders are mandated to get enrolled on the Integrated e-procurement portal (**https://eproc.cgstate.gov.in**) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division Raigarh
Distt.-Raigarh (C.G)

G-242502204/3



## कार्यपालक अभियंता का कार्यालय,
## पथ निर्माण विभाग, पथ प्रमण्डल, बोकारो

ई–प्रोक्युरमेंट सूचना
(एस0बी0डी0 आधारित अल्पकालीन ई–निविदा)
ई–निविदा प्रसंग संख्या– **RCD/BOKARO/1123/2024-25**
दिनांक–03.09.2024

| | | |
|---|---|---|
| 1. | कार्य का नाम | पथ प्रमण्डल, बोकारो अन्तर्गत "NH-23 से राधागॉव रेलवे स्टेशन भाया BPCL LPG Plant & Retail Depot पथ (कुल लम्बाई 7.179 कि0मी0 में से 1.879 कि0मी0) का पुनर्निर्माण कार्य, वर्ष 2023–24. |
| 2. | प्राक्कलित राशि (रूपये में) | 12,18,53,800.00 (बारह करोड़ अठारह लाख तिरपन हजार आठ सौ) रूपये मात्र। |
| 3. | कार्य पूर्ण होने की अवधि | 06 (छः) माह। |
| 4. | वेबसाईट पर निविदा प्रकाशन होने की तिथि एवं समय | 11.09.2024, 12.00 बजे दोपहर। |
| 5. | बिड प्राप्ति की अंतिम तिथि एवं समय | 25.09.2024, 12.00 बजे दोपहर तक। |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, बोकारो |
| 7. | प्रोक्युरमेंट पदाधिकारी का सम्पर्क संख्या | 06542–265569 |
| 8. | ई–प्रोक्युरमेंट सेल का हेल्पलाईन संख्या | 0651–2400210 |

नोट :– प्राक्कलित राशि घट बढ़ सकती है।
विस्तृत ब्यौरा के लिए वेबसाईट http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ निर्माण विभाग, पथ प्रमण्डल, बोकारो।

PR.NO.334699 Road(24-25):D



## झारखण्ड सरकार
## पेयजल एवं स्वच्छता विभाग
## कार्यपालक अभियंता का कार्यालय
## पेयजल एवं स्वच्छता प्रमण्डल, चतरा

अतिअल्पकालीन ई–प्रोक्योरमेन्ट सूचना (SBD) (1st Call)
निविदा सूचना संख्या–DWSD/TND/REORG/RPWSS/CH/07/2024-25
दिनांक – 04.09.2024

| | | |
|---|---|---|
| A | Name of Work : -Remaining work of Re-organization of Tandwa Rural Pipe Water Supply Scheme "On Turnkey Basis" under D.W & S. Division, CHATRA for the year 2024-25 | |
| B | प्राक्कलित राषि (लाख में) | Rs. 13,29,96,000/-(Thirteen Crore Twenty Nine Lac Ninety Six Thousand Only) |
| C | अग्रधन की राषि (रूपये में) | Rs. 13,30,000/-(Thirteen Lac Thirty Thousand Only) |
| D | परिमाण विपत्र का मूल्य (रूपये में) | Rs. 10,000/- (Ten Thousand Only) |
| E | कार्य पूर्ण करने की अवधि | 18th Months |
| F | वेबसाईट पर निविदा प्रकाषन की तिथि | 09.09.2024 समय 02:00 बजे अपराहन तक |
| G | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 18.09.2024 समय 05:00 बजे अपराहन तक |
| H | सरकार के सचिव, सूचना प्रौद्योगिकी एवं ई0–गवर्नेंस, झारखण्ड मंत्रालय, के ज्ञापांक–120 दिनांक 03.10.2023 के आलोक में विपत्र का मूल्य एवं अग्रधन की राषि Online जमा करने की अंतिम तिथि एवं समय | 18.09.2024 समय 05:00 बजे अपराहन तक |
| I | तकनीकी बिड खोलने की तिथि एवं समय | 19.09.2024 समय 05:00 बजे अपराहन तक |
| J | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वच्छता प्रमण्डल, चतरा। |
| K | निविदा आमंत्रित करने वाले पदाधिकारी का नाम/पदनाम | ई0 मनोज कुमार मुण्डारी कार्यपालक अभियंता, पेयजल एवं स्वच्छता प्रमण्डल, चतरा। |
| L | निविदा आमंत्रित करने वाले कार्यालय का टेलिफोन संख्या | 8002093156, 8851790994 एवं 06541–253273 |
| M | ई–प्रोक्यूरमेन्ट सेल का हेल्प लाईन नं0 | 0651–2480345 |

नोट – केवल ई निविदा ही स्वीकार किये जायेंगे।
अधिक जानकारी के लिए वेबसाईट http://jharkhandtenders.gov.in पर देखा जा सकता है।

(ई0 मनोज कुमार मुण्डारी)
कार्यपालक अभियंता
पेयजल एवं स्वच्छता प्रमण्डल, चतरा।

PR.NO.334744 Drinking Water and Sanitation(24-25):D

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେମି ଫାଇନାଲରେ ଟିଆଫୋ, ଫ୍ରିଟ୍ଜ

**ନ୍ୟୁୟର୍କ,୪।୯(ପି.ଟି.)**

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଫ୍ରାନ୍ସିସ ଟିଆଫୋ, ଟେଲର ଫ୍ରିଟ୍ଜ ଓ ଆରିନା ସାବାଲେଙ୍କା। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟେଲର ଫ୍ରିଟ୍ଜ ୭-୬(୭/୨), ୩-୬, ୬-୪ ଓ ୭-୬(୭/୩) ସେଟରେ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ।

## ୟୁଏସ୍ ଓପନ

ଅନ୍ୟ ଏକ ମ୍ୟାଚ୍‌ରେ ଫ୍ରାନ୍ସିସ୍ ଟିଆଫୋ ୱାକଓଭର ପାଇ ସେମିରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା କ୍ୱିନୱେନ ଝାଙ୍ଗଙ୍କୁ ପରାସ୍ତ କରିଥିଲେ।

ଦୀର୍ଘ ୧୮ ବର୍ଷ ପରେ ୟୁଏସ୍ ଓପନ ଫାଇନାଲରେ ଜଣେ ଆମେରିକୀୟ ନଜର ଆସିବେ। ଫ୍ରାନ୍ସିସ୍ ଟିଆଫୋ ଓ ଟେଲର ଫ୍ରିଟ୍ଜ ସେମି ଫାଇନାଲରେ ପରସ୍ପର ବିପକ୍ଷରେ ଖେଳିବାକୁ ଯାଉଥିବା ବେଳେ ଯିଏ ବି ବିଜୟୀ ହେଲେ ଜଣେ ଆମେରିକୀୟ ଫାଇନାଲରେ ପ୍ରବେଶ କରିବେ। ୨୦ ନମ୍ବର ସିଡ ଟିଆଫୋ ୬-୩, ୬-୭(୫/୮), ୬-୩ ଓ ୪-୧ରେ ଗ୍ରିଗୋର ଦିମିତ୍ରୋଭଙ୍କ ବିପକ୍ଷରେ ଆଗୁଆ ରହିଥିଲେ। ଦିମିତ୍ରୋଭ ଆହତ ହେବା କାରଣରୁ ଓହରି ଯିବା କାରଣରୁ ଟିଆଫୋଙ୍କୁ ୱାକଓଭର ମିଳିଥିଲା।

ପୂର୍ବରୁ ପ୍ରଥମ ମ୍ୟାଚରେ ଟେଲର ଫ୍ରିଟ୍ଜ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ଆଲେକଜାଣ୍ଡାର ଜେଭରେଭ୍‌ଙ୍କୁ ପରାସ୍ତ କରିଥିଲେ। ୭-୬(୭/୨), ୩-୬, ୬-୪ ଓ ୭-୬(୭/୩) ସେଟରେ ଫ୍ରିଟ୍ଜ ବିଜୟୀ ହୋଇଥିଲେ। ପ୍ରଥମ ସେଟ ଓ ଅନ୍ତିମ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ ଫ୍ରିଟ୍ଜ ବିଜୟୀ ହୋଇଥିଲେ। ଅନ୍ୟ ପକ୍ଷରେ ସେମି ଫାଇନାଲରେ ଉଭୟ ଫ୍ରାନ୍ସିସ ଟିଆଫୋ ଓ ଟେଲର ଫ୍ରିଟ୍ଜ ପରସ୍ପର ମୁକାବିଲା କରିବେ। ଟେଲର କୌଣସି ଗ୍ରାଣ୍ଡସ୍ଲାମର ସେମି ଫାଇନାଲ ଖେଳି ନ ଥିଲେ ମଧ୍ୟ ଟିଆଫୋଙ୍କ ବିପକ୍ଷରେ ତାଙ୍କର ୬-୧ର ବିଜୟ ରେକର୍ଡ ରହିଛି।

ମହିଳା ସିଙ୍ଗଲ୍ସରେ ଖେଳା ଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚାଇନାର କ୍ୱିନୱେନ ଝାଙ୍ଗଙ୍କୁ ସିଧାସଳଖ ସେଟରେ ପରାସ୍ତ କରିଥିଲେ ଆରିନା ସାବାଲେଙ୍କା। ୬-୪, ୬-୨ରେ ସାବାଲେଙ୍କା ବିଜୟୀ ହୋଇଥିବା ବେଳେ ଏମ୍ମା ନାଭାରୋଙ୍କ ସହ ଖେଳିବେ।



ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା ଟେଲର ଫ୍ରିଟ୍ଜ।

### ବୋପାନ୍ନାଙ୍କ ଅଭିଯାନ ଶେଷ

ଇଣ୍ଡୋନେସିଆର ଆଲଡିଲା ସୁଜିଆଦିଙ୍କୁ ସାଥୀ କରି ଖେଳୁଥିବା ଭାରତର ରୋହନ ବୋପାନ୍ନା ୟୁଏସ୍ ଓପନ ମିକ୍ସଡ ଡବଲ୍ସ ଇଭେଣ୍ଟର ସେମି ଫାଇନାଲରୁ ବିଦାୟ ନେଇଛନ୍ତି। ଅଷ୍ଟମ ସିଡେଡ ବୋପାନ୍ନା-ଆଲଡିଲା ଯୋଡି ୬-୩, ୬-୪ ସେଟରେ ସେଟରେ ଡୋନାଲ୍ଡ ୟଙ୍ଗ-ଟେଲର ଟାଉନସେଣ୍ଡଙ୍କ ନିକଟରୁ ପରାଜିତ ହୋଇଛନ୍ତି। ପୂର୍ବରୁ ପୁରୁଷ ଡବଲ୍ସ ମୁକାବିଲାର ତୃତୀୟ ରାଉଣ୍ଡରୁ ବୋପାନ୍ନା ବିଦାୟ ନେଇ ସାରିଥିବା ବେଳେ ୟୁଏସ୍ ଓପନରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି।

# ଦ୍ରାବିଡ ହେବେ ରାଜସ୍ଥାନର ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୪।୯ (ପି.ଟି.)**

ଭାରତର ଟି୨୦ ବିଶ୍ୱକପ୍ ୨୦୨୪ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ରେ ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଜୁନ୍‌ରେ ବାର୍ବାଡୋସରେ ଭାରତର ବିଜୟ ପରେ ଦ୍ରାବିଡ ତାଙ୍କ କ୍ୟାରିୟରରେ କିଛି ସମୟ ପାଇଁ ଛୁଟିରେ ଅଛନ୍ତି। ଖୁବ୍ ଶୀଘ୍ର ସେ ଫ୍ରାଞ୍ଚାଇଜ ସହ କାର୍ଯ୍ୟ କରିବାକୁ ଯାଉଛନ୍ତି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ନିଲାମି ପୂର୍ବରୁ ମୁଖ୍ୟ କୋଚ୍ ଭାବେ ସେ ପ୍ଲେୟର ରିଟେନଶନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତାଙ୍କୁ ମିଳିପାରେ। ଏନେଇ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଫ୍ରାଞ୍ଚାଇଜ ସୂତ୍ରରୁ ଜଣାପଡ଼ିଛି। ୨୦୨୧ରୁ ରୟାଲ୍ସର କ୍ରିକେଟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଥବବା କୁମାର ସଙ୍ଗକାରା ତାଙ୍କ ପଦବୀ ବଜାୟ ରଖିବେ। ଶ୍ରୀଲଙ୍କାର ପୂର୍ବତନ ଷ୍ଟାର ଖେଳାଳି କ୍ୟାରିବିନ ପ୍ରିମିୟର ଲିଗ୍‌ରେ ବାର୍ବାଡୋସ ରୟାଲ୍ସ ଏବଂ ସାଉଥ ଆଫ୍ରିକା ଟି୨୦ରେ ପାର୍ଲ ରୟାଲ୍ସ ସହିତ ୨ବର୍ଷ ହେଲା ମେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ବେଙ୍ଗାଲୁରୁରେ ଥିବା ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏଡ)ରେ ଯୋଗଦାନ ପରେ ୨୦୧୬ରେ ଦିଲ୍ଲୀ କ୍ୟାପିଟାଲରେ ଦ୍ରାବିଡ୍ ସମାନ ଭୂମିକାରେ ରହିଥିଲେ। ରୟାଲ୍ସରେ ଦ୍ରାବିଡ ଓ ସଞ୍ଜୁ ସାମସନ ପୁଣି ଏକାଠି ହେବେ। ସାମସନ ଆଉ ଏକ ସିଜନ ପାଇଁ ଦଳର ଅଧିନାୟକ ରହିବା ଯଥେଷ୍ଟ ସମ୍ଭାବନା ରହିଛି। ସାମସନ ପୂର୍ବରୁ ଦ୍ରାବିଡଙ୍କ ଅଧୀନରେ ତାଲିମ ନେଇଛନ୍ତି। ଖବର ଅନୁସାରେ ଦ୍ରାବିଡଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ଦଳର ବ୍ୟାଟିଂ କୋଚ୍ ରହିଥିବା ବିକ୍ରମ ରାଠୋରଙ୍କୁ ରୟାଲ୍ସ ଫ୍ରାଞ୍ଚାଇଜ୍ ସହକାରୀ କୋଚ୍ ପଦବୀରେ ନିଯୁକ୍ତି ଦେଇପାରେ।


ରାହୁଲ ଦ୍ରାବିଡ




ବିଶାଲ ପ୍ରିୟଦର୍ଶୀ (ଓମ୍)ର
ଊନବିଂଶତମ (୧୯) ଜନ୍ମଦିବସର
ଶୁଭକାମନା
ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ୍‌ଜନନୀ 'ମା' ଶାରଳାଙ୍କ ଚରଣରେ - ଅଜା, ବଡ଼ବାପା, ବଡ଼ମା, ବାପା, ମାଆ, ମାମୁ, ମାଇଁ ଓ ମଉସା ମାଉସୀ ପିଉସା ପିଉସୀ
ଧ-୭୫୩୪୬


# ଆନ୍ତଃ ବିଭାଗୀୟ ଜାତୀୟ ହକି ଚାମ୍ପିୟନଶିପ୍ ଆଜି

**ପୁଣେ, ୪।୯ (ପି.ଟି.)**

ହକି ମହାରାଷ୍ଟ୍ର ଆନୁକୂଲ୍ୟରେ ଚତୁର୍ଥ ହକି ଇଣ୍ଡିଆ ସିନିୟର ପୁରୁଷ ଆନ୍ତଃ ବିଭାଗୀୟ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ସେପ୍ଟେମ୍ବର ୫ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେଉଥିବା ୧୮ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ' ଓ 'ବି'ରେ ୫ଟି ଲେଖାଏ ଏବଂ 'ସି' ଓ 'ଡି'ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ୧୦ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ପୁଣେସ୍ଥିତ ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଖେଳାଯିବ। ବେଙ୍ଗାଲୁରୁ ଓ ନୂଆଦିଲ୍ଲୀ ପରେ ଏହି ପ୍ରତିଯୋଗିତା ଆୟୋଜନ କରିବାରେ ପୁଣେ ହେଉଛି ତୃତୀୟ ସହର।

# ଫିଜିଓଥେରାପିଷ୍ଟଙ୍କ କର୍ମଶାଳା


ଓସିଏ ପକ୍ଷରୁ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଫିଜିଓ।

**ଭୁବନେଶ୍ୱର,୪।୯(ସରୋଜ ଜେନା)**

ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ସହାୟତାରେ ଓଡ଼ିଶା କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଫିଜିଓଥେରାପିଷ୍ଟଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ମଙ୍ଗଳବାର ଆରମ୍ଭ ହୋଇଥିବା ଏହି କର୍ମଶାଳା ଗୁରୁବାର ଶେଷ ହେବ। ଏହି କର୍ମଶାଳାରେ ସିନିୟର ମହିଳା ଦଳର ପ୍ରଞ୍ଜଳି ପାଲକର, ୨୩ ବର୍ଷରୁ କମ ମହିଳା ଦଳର ନଫିଂଶା ନେହା, ୧୯ ବର୍ଷରୁ କମ ମହିଳା ଦଳର ସ୍ୱାତୀ ସୁମନ ବେହେରା, ୨୫ ବର୍ଷରୁ କମ ବାଳିକା ଦଳର ସ୍ମୃତିଶିଖା ଶତପଥୀ, ୨୩ ବର୍ଷରୁ କମ ପୁରୁଷ ଦଳର ଦୀନେଶ ସାହୁ ଓ ୧୯ ବର୍ଷରୁ କମ ମହିଳା ଦଳର ଫିଜିଓ ଥେରାପିଷ୍ଟ ସ୍ୱସ୍ତିକ ମହାନ୍ତି ଯୋଗ ଦେଇଥିଲେ। ଏନ୍‌ସିଏ ପକ୍ଷରୁ ସ୍ପୋର୍ଟ୍ସ ସାଇନ୍ସ ଓ ମେଡିସିନ୍ ବିଭାଗ ଜୋନାଲ ହେଡ୍ ସତୀଶ କୁମାର, ନୀରଜ କରମଚନ୍ଦି ଓ ହରିଣୀ ଭେମୁନି ଯୋଗ ଦେଇ ଫିଜିଓ ଥେରାପିଷ୍ଟ ମାନଙ୍କ ସହ ଆଲୋଚନା କରିଥିଲେ।

# ପାକିସ୍ତାନ ୮ମ ସ୍ଥାନକୁ ଖସିଲା

**ଦୁବାଇ, ୪।୯ (ପି.ଟି.):** ବାଂଲାଦେଶ ବିପକ୍ଷରେ ପାକିସ୍ତାନର ପ୍ରଥମ ସିରିଜ ପରାଜୟ ପରେ ଶନ ମାସୁଦଙ୍କ ଦଳ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ୮ମ ସ୍ଥାନକୁ ଖସି ଆସିଛି। ୧୯୬୫ରେ ଟେଷ୍ଟ ର୍‍ୟାଙ୍କିଙ୍ଗ ସିଷ୍ଟମ ପ୍ରଚଳନ ପରଠାରୁ ପ୍ରଥମ ଥର ପାକିସ୍ତାନର ରେଟିଂ ପଏଣ୍ଟ ସର୍ବନିମ୍ନ ରହିଛି। ରାୱଲପିଣ୍ଡିଠାରେ ଅନୁଷ୍ଠିତ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବାଂଲଦେଶ ପ୍ରଥମ ମ୍ୟାଚ ୧୦ଉଇକେଟ ଏବଂ ଦ୍ୱିତୀୟଟି ୬ ଉଇକେଟରେ ପରାଜିତ ହୋଇଥିଲା। ଏହି ସରିଜ ପୂର୍ବରୁ ପାକିସ୍ତାନ ର୍‍ୟାଙ୍କିଙ୍ଗ ପଏଣ୍ଟର ୬ଷ୍ଠ ସ୍ଥାନରେ ରହିଥିଲା। ମାତ୍ର ପଛକୁ ପଛ ପରାଜୟ ଦ୍ୱାରା ଏହି ଦଳ ୭୬ ରେଟିଂ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ ପଛକୁ ୮ମ ସ୍ଥାନକୁ ଖସି ଆସିଛି। ସିରିଜରୁ ବାଂଲାଦେଶ ୧୩ ରେଟିଂ ପଏଣ୍ଟ ଅର୍ଜନ କରିଥିଲେ ସୁଦ୍ଧା ର୍‍ୟାଙ୍କିଙ୍ଗ ତାଲିକାରେ ଏହି ଦଳ ପାକିସ୍ତାନ ପଛକୁ ୯ମ ସ୍ଥାନରେ ଅଛି। ତେବେ ୨-୦ରେ ସିରିଜ ବିଜୟ ଯୋଗୁ ବାଂଲାଦେଶ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ୨୦୨୩-୨୫ରେ ବର୍ତ୍ତମାନ ଟେବୁଲ ଟପର ଭାରତ, ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ଏବଂ ତୃତୀୟ ସ୍ଥାନରେ ରହିଥିବା ନ୍ୟୁଜିଲାଣ୍ଡ ପଛକୁ ୪ର୍ଥ ସ୍ଥାନରେ ଅଛି। ବାଂଲାଦେଶର ପରବର୍ତ୍ତୀ ନଜର ବର୍ତ୍ତମାନ ସେପ୍ଟେମ୍ବର ୧୯ରୁ ଭାରତ ବିପକ୍ଷରେ ଖେଳାଯିବାକୁଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ରହିଛି। ଏହି ଦଳ ଖେଳିଥିବା ଗତ ୬ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୩ଟିରେ ବିଜୟ ଏବଂ ସମାନ ସଂଖ୍ୟକ ମ୍ୟାଚରେ ପରାଜିତ ହୋଇ ୪୫.୮୩ ପ୍ରତିଶତ ପଏଣ୍ଟ ଏବଂ ୩୩ ପଏଣ୍ଟ ଅର୍ଜନ କରିଛି। ଡବ୍ଲ୍ୟୁଟିସିରେ ଏକ ଟେଷ୍ଟ ମ୍ୟାଚରେ ବିଜୟ ପାଇଁ ୧୨ ପଏଣ୍ଟ, ଏକ ଡ୍ର' ପାଇଁ ୪ ପଏଣ୍ଟ ବ୍ୟବସ୍ଥା ରହିଛି। ଟାଇ ହେଲେ ପ୍ରତିଶତ ପଏଣ୍ଟ ହାସଲ ଭିତିରେ ର୍‍ୟାଙ୍କିଙ୍ଗ ସ୍ଥିରୀକୃତ ହୋଇଥାଏ।

# ଶୁଟିଂରେ ପ୍ରଞ୍ଜଳିଙ୍କୁ ବ୍ରୋଞ୍ଜ୍



**ନୂଆଦିଲ୍ଲୀ, ୪।୯ (ପି.ଟି.)**

ଭାରତର ପ୍ରଞ୍ଜଳି ଧୂମଲ ଜର୍ମାନୀର ହାନୋଭରଠାରେ ଚାଲିଥିବା ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍ ୨୫ମିଟର ପିସ୍ତଲ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପ୍ରଞ୍ଜଳି ବିଶ୍ୱ ତଥା ଚାମ୍ପିୟନଶିପ୍ ରେକର୍ଡ ସ୍କୋର ୫୭୧ ସହ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ଧୂମଲ ସିରିଜ ୮ରେ ୫ଟି ଶଟ୍‌ରୁ ୩ଟି ହିଟ୍ କରିପାରିଥିଲେ। କ୍ରୋଏସିଆର ଲାନା ସ୍କେଲେଜିଜାଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ବ୍ରୋଞ୍ଜ ଜିତିଥିଲେ। ସେ ମୋଟ ୨୯ ସ୍କୋର କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ୟୁକ୍ରେନ୍‌ର ସୋଫିଆ ଓଲିଞ୍ଜ ଓ ହାଲିନା ମୋସିନାଙ୍କ ପଛରେ ତୃତୀୟ ହୋଇଥିଲେ। ଅନ୍ୟ ଜଣେ ଭାରତୀୟ ଶୁଟର ଅନୁୟା ପ୍ରସାଦ ୨୧ ସ୍କୋର ସହ ଫାଇନାଲରେ ୫ମ ସ୍ଥାନ ଅଧିକାର କରିଥିଲେ। କ୍ୱାଲିଫାଇଂରେ ସେ ୫୫୮ ପଏଣ୍ଟ ସ୍କୋର କରିଥିଲେ। ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ତୃତୀୟ ଭାରତୀୟ ବେଦିକା ଶର୍ମା ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୪୭୩ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ ଭାରତ ଇତିମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ଜିତି ସାରିଛନ୍ତି।

### ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍


# Classified Everyday
0674-2580101, 2549949


REAL ESTATE

SALE

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1247

Gharabari converted Plots available near Hitech Square, Sundarpada, Bhubaneswar. For more details contact-9937846404, 9437192512. D-1244

Healthcare

Asribada Panchakarma herbal SPA, Kesharimall, Bhubaneswar. Contact-8926173473. D-75779

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Kerala body Massage therapy Unisex any person Bhubaneswar. kajal- 9337672475. D-1214

Newly open health benefits SPA by expert therapist. Contact- 6371861658. D-76150

Newly open health benefits SPA special offer @ 799 Bapujinagar. 8018429809. D-76149

Newly open spa positively health benefits with expert therapist. 8658466886. D-76152

AFFIDAVIT

I, Sunil Kanungo, S/o- Late Nalinikanta Kanungo, resident of Ward No. 1, Jaleswar Mandir Road, P.O./P.S.- Bhawanipatna, Dist.- Kalahandi, Pin-766001 Odisha declare by this Affidavit No. 073401 dtd. 29.08.2024 that I shall be known as Sunil Kumar Kanungo for all future purposes. D-1242

I, Chittaranjan Rout, S/o- Late Lokanath Rout, resident of Vill.- Mangalpur, P.O.- Kushupanga, P.S.- Kantabania, Dist.- Dhenkanal-759121, Odisha declare by this affidavit No. 564 dtd.21.08.2024 that now onwards I shall be known as CHITTARANJAN ROUT for all future purpose. D-75453

By virtue of an affidavit before the Notary Public, Anandapur, Keonjhar Affidavit No. 3623 dtd. 20.08.2024 I, Anupama Mallick, W/o- Srinibas Mallick of Village- Karadapal, P.O.- Batto, Via- Sainkul, Dist. Keonjhar declare that I have changed my name from Anupama Swain to Anupama Mallick. Henceforth, I shall be known as Anupama Mallick for all purpose. D-1250

By virtue of an affidavit sworn before Executive Magistrate, Pipili, dated 13.08.2024, I, Binodini Nayak, At- Patasahanipur, P.O.- Gobindapur, P.S.- Pipili, Via- Pipili, Dist.- Puri, State- Odisha, Pin-752104, declare that I have changed my name from Minati Nayak to Binodini Nayak. Henceforth, I shall be known as Binodini Nayak for all purposes. D-1249

I, Uma Mahapatra, W/o Jiten Mohapatra, resident of Plot No. 2927, Flat No. 401, Shanti Mansion, Nageswartangi, P.S.- Shree Lingaraj, Bhubaneswar, Dist.- Khordha- 751002, Odisha declare by this affidavit No. CF No.160, dtd.04.09.2024 that now onwards I shall be known as Uma Kumari Mahapatra for all future purposes. D-75774

LEGAL NOTICE

**ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ**
**ସିଭିଲ କେସ୍ ନଂ.-୧୪/୨୦୨୪**
ରାଜ କୁମାର କହଁର ଏବଂ ଅନ୍ୟମାନେ ... ବାଦୀ
ବନାମ
ସନ୍ଧ୍ୟାରାଣୀ ଦେହୁରି ଏବଂ ଅନ୍ୟମାନେ ... ପ୍ରତିବାଦୀ
ପ୍ରାପ୍ତେଷୁ
କ୍ରମିକ ନଂ.୧ ସନ୍ଧ୍ୟାରାଣୀ ଦେହୁରି, ବୟସ ୨୭ ବର୍ଷ, ପି.- ନବୀନ ଦେହୁରି, ଗ୍ରାମ- ସରଧାପୁର, ପୋ.- ବଲଣ୍ଡା, ଥାନା/ଜି- ବୌଦ୍ଧ, ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ କେସ୍ ନଂ.- ୧୪/୨୦୨୪ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୧୧ରିଖ ସେପ୍ଟେମ୍ବର ମାସ, ୨୦୨୪ ଘ୧୦.୩୦ମି. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତ ଆପଣଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ସ୍ୱାକ୍ଷର
**ସିଭିଲ୍ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ**
ଧ-୧୨୪୫

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# କାହାଣୀ ସଂଘର୍ଷର

ମଣିଷ ଜୀବନରେ ତ୍ୟାଗ ଆଉ ସଂଘର୍ଷର ବିଶେଷ ଭୂମିକା ରହିଛି। ସେଭଳି କଥାବସ୍ତୁକୁ ନେଇ କାହାଣୀ ଗତିଶୀଳ। ଜଣେ ଅସୁସ୍ଥ ବୃଦ୍ଧଙ୍କର ମାନସିକ ଓ ଶାରୀରିକ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ପରିବର୍ତ୍ତିତ ସାମାଜିକ ସମସ୍ୟା କିପରି ଧୀରେ ଧୀରେ ବୟସ୍କଙ୍କୁ ଏକା ବଞ୍ଚିବାକୁ ଓ ମରିବାକୁ ବାଧ୍ୟ କରେ ଏବଂ କିପରି ଏହି ସମସ୍ୟାର ସମାଧାନ ହୋଇଛି ତାହକୁ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ଉକ୍ତ ସିନେମାର ଟାଇଟଲ ରହିଛି 'ସମୀକ୍ଷା'। ଚଳିତ ମାସ ୬ ତାରିଖରେ ମୁକ୍ତିଲାଭ କରୁଥିବା ଏହି ଚଳଚ୍ଚିତ୍ରର କାହାଣୀ ଚରନା କରିଛନ୍ତି ପ୍ରଭାସିନୀ ପାଇଯୋଶୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରଞ୍ଜନ ମିଶ୍ର। ସଂଳାପ ଓ ଗୀତ ରଚନା କରିଛନ୍ତି ସଜି ମହାନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଯଜ୍ଞ ଦାଶ ଏବଂ ବିଦ୍ୟାଧର। କଣ୍ଠଦାନ କରିଛନ୍ତି ପଣ୍ଡିତ ଶିବ ରଥ ଏବଂ କରୁଣାକର। ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ, ପ୍ରଭଞ୍ଜନ ମିଶ୍ର, ଅଭିଳାଷ ହୋତା, ବିକାଶ ପଟ୍ଟନାୟକ, ବବ୍‌ଲି, ବୁଲଟି, ଭରଦ୍ୱାଜ, ଅଂଶିତା, ଅପୂର୍ବ, ଧାରା ଶ୍ରାବଣୀ, ମମତା, କ୍ରିଷ୍ଣା ଓ ଶିଶୁ କଳାକାର ଆନିକା ପଟ୍ଟନାୟକ ଆଦି କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ। ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।



'ସମୀକ୍ଷା' ଫିଲ୍ମରେ ପ୍ରଭଞ୍ଜନ

ପରଦାରେ...

# ଅପରାହ୍ନର ସୂର୍ଯ୍ୟ




ଅନନ୍ୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଦ୍ୱିତୀୟ ଚଳଚ୍ଚିତ୍ର 'ଅପରାହ୍ନର ସୂର୍ଯ୍ୟ' ଚଳିତ ମାସ ୬ ତାରିଖରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚିତ୍ରଟିକୁ ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଅଜୟ କୁମାର ମହାନ୍ତି। ଆମ ରାଜ୍ୟରେ ବିଲୁପ୍ତ ପ୍ରାୟ ମୁଣ୍ଡପୋତା କେଳାଙ୍କ ଜୀବନୀକୁ ନେଇ ଏହାର କାହାଣୀ ରଚନା କରାଯାଇଛି। ଅଜୟ ଏହାର କାହାଣୀ ସହ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୁଣ୍ଡପୋତା କେଳାଙ୍କ ଜୀବନୀକୁ ନେଇ ଥରେ ଚିନ୍ତା କରୁଥିବା ବେଳେ ସ୍ଥିର କଲି ଯେ, ଏହାକୁ ନେଇ ଏକ ସୁନ୍ଦର ଓଡ଼ିଆ ସିନେମାଟିଏ ନିର୍ମାଣ କରାଯାଇପାରିବ। ତା'ପରେ କାହାଣୀ ଲେଖିଛି। ଶୁଟିଂ ସମୟରେ ତାହାକୁ କିପରି ଠିକ୍ ଭାବରେ ଉପସ୍ଥାପନା କରାଯାଇପାରିବ ସେ ନେଇ ସମସ୍ତେ ଚେଷ୍ଟା କରିଛନ୍ତି। ମୋର ଦୃଢ଼ ଆଶା ଓ ବିଶ୍ୱାସ ଫିଲ୍ମଟିକୁ ନିଶ୍ଚୟ ଦର୍ଶକ ପସନ୍ଦ କରିବେ।' ମହେନ୍ଦ୍ର ଆଚାର୍ଯ୍ୟ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କ୍ୟାମେରା ଦାୟିତ୍ୱ ତୁଲାଇଛନ୍ତି ଅଜିତ ଦାସ। ଏଥିରେ ଜୟା ସ୍ୱାମୀ, ପ୍ରମୋଦ ରାଉତ, କଳିଙ୍ଗ ଦାସ, ମୁନ୍‌ମୁନ୍ ଖୁଣ୍ଟିଆ, ଜାନକୀ ନାଥ ମିଶ୍ର, ଅଜୟ ମହାନ୍ତି, ରାହୁଲ ବିନ୍ଧାଣୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ମୁଁ ଆଶା କରୁଛି ଯେ ଏହି ପ୍ରୟାସ ଭବିଷ୍ୟତରେ ଆହୁରି ଆଗକୁ ଯାଉ।

# କାରଣ ଖୋଜୁଛନ୍ତି ତାରା

ତାରା ସୁଟାରିଆ ଏକାଧାରରେ ଜଣେ ଅଭିନେତ୍ରୀ ଏବଂ ଗାୟିକା। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର-୨'ରୁ ସେ ନିଜର ବଡ଼ପରଦା କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ତା'ପରେ ଯାହା ହେଲା ତାହା ନ କହିବା ଭଲ। ଏଭଳି ବଡ଼ ବ୍ୟାନରରେ ସେ ସିନା ୨୦୧୯ରେ ବ୍ରେକ୍ ପାଇଲେ, ହେଲେ ଚଳିତ ବର୍ଷ ସୁଦ୍ଧା ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି? ମାତ୍ର ୬ଟି। ତେଣୁ ନିଜ ଅଭିନୟ କ୍ୟାରିୟରର ଏଭଳି ଅବସ୍ଥାକୁ ଦେଖି ଚିନ୍ତାରେ ପଡିଛନ୍ତି ସେ। ଏ ସମ୍ପର୍କରେ ତାରା କହନ୍ତି, 'କରନ୍ ସାର୍ ମୋତେ ଯେତେବେଳେ ବ୍ରେକ୍ ଦେଲେ ସେତେବେଳେ ଭାବିଥିଲି, ଯାହାହେଉ ଏହାପରେ ମୋତେ ଅଫର ପରେ ଅଫର ମିଳିବ। ହେଲେ ମୋର ସବୁ ଆଶା କେବଳ ଆଶାରେ ହିଁ ରହିଗଲା। ମାତ୍ର ୫ବର୍ଷରେ ୬ଟି ସିନେମାରେ ଅଭିନୟ କରିଛି। ତଥାପି ମୋର ଆଶା ରହିଛି-ଦିନେନା ଦିନେ ମୋତେ ଭଲ ଅଫର ମିଳିବ ଆଉ ମୁଁ ବଲିଉଡ୍‌ରେ ଅଭିନୟ ଜାରି ରଖିବି। ଆକ୍ଟିଂ ଲାଇନ୍‌ରେ ଅପ୍ ଆଣ୍ଡ ଡାଉନ୍ ଲାଗି ରହିଥାଏ। ତେଣୁ ସେ ନେଇ ଯଦିଓ ମୁଁ ଟିକେ ଚିନ୍ତାରେ ଅଛି, ତଥାପି ଆଶା ହରାଇ ନାହିଁ। ଭାଗ୍ୟଦେବୀ ମୋ ପ୍ରତି ନିଶ୍ଚୟ କୃପା କରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି।' ତେବେ ଭବିଷ୍ୟତରେ ତାରାଙ୍କ ଅଭିନୟ ଜୀବନ କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।



ତାରା

# ସ୍ପେଶାଲ ଉପହାର

କିଆରା ଆଡଭାନୀଙ୍କ ଖୁସି ଏବେ ବନ୍ଧ ବାଡ ମାନୁନି। ମାନିବ ବା କେମିତି କହୁନାହାନ୍ତି? ଏହା ପଛରେ ସେଭଳି କିଛି କାରଣ ତ ନିଶ୍ଚୟ ଥିବ। କଥା କ'ଣ କି ସେ ନିକଟରେ ଏକ ଗିଫ୍ଟ ପାଇ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ହେଲେ ତାଙ୍କୁ ଏହି ଗିଫ୍ଟ କିଏ ଦେଇଥିଲେ ଜାଣିବେନି? ହଁ, ଏହାକୁ ତାଙ୍କୁ ତାଙ୍କର ସ୍ୱାମୀ ସିଦ୍ଧାର୍ଥ ମାଲହୋତ୍ରା ଦେଇଥିଲେ। ଏ ସମ୍ପର୍କରେ କିଆରା କହନ୍ତି, 'ନିକଟରେ ସିଦ୍ଧାର୍ଥ ମୋତେ ଆମ ବଙ୍ଗଳା ସାମନାକୁ ନେଇ କିଛି ସମୟ ଆଖିବୁଜି ଠିଆ ହେବାକୁ କହିଲେ। ମାତ୍ର କେଇ ମିନିଟ୍ ମଧ୍ୟରେ ମୋ ସାମନାରେ ଏକ କାର୍ ବ୍ରେକ୍ ଦେଲା। ମୁଁ ଚମକି ପଡି ଚାହିଁଦେଇ ଦେଖିଲି, କାର୍ ଭିତରେ ସିଦ୍ଧାର୍ଥ ବସିଛନ୍ତି। ସେ କାର୍‌ରୁ ଓହ୍ଲାଇପଡ଼ି ମୋ ହାତକୁ ଚାବି ଧରାଇ ଦେଇ କହିଲେ, ଏହା ହେଉଛି ତୁମ ପାଇଁ ସର୍‌ପ୍ରାଇଜ୍ ଗିଫ୍ଟ। କିଛି ମାସ ପୂର୍ବରୁ ମୁଁ ତାଙ୍କୁ ଏକ ବିଳାସପୂର୍ଣ୍ଣ କାର୍ ବିଷୟରେ କହିଥିଲି। ହେଲେ ମୁଁ କେବେ ଭାବି ନ ଥିଲି ଯେ ସେ ଦିନେ ମୋତେ ସେହି କାର୍ ଗିଫ୍ଟ ଆକାରରେ ଦେବେ।' କିଆରାଙ୍କ ଅଭିନୀତ 'ଗେମ୍ ଚେଞ୍ଜର' ଚଳିତ ବର୍ଷ ଡିସେମ୍ବର ୨୦ରେ ପରଦା ଉପରକୁ ଆସିବ। ଏଥିରେ କିଆରାଙ୍କ ନାୟକ ସାଜିଛନ୍ତି ରାମଚରଣ।

# ସୋନମଙ୍କ ସଜବାଜ

ସୋନମ କପୁର ଏବେ ପୁଣି ଥରେ ସଜବାଜ ହେଉଛନ୍ତି। ହେଲେ କ'ଣ ପାଇଁ? କିଛି ବର୍ଷର ବ୍ୟବଧାନ ପରେ ସେ ବର୍ତ୍ତମାନ ଆଉ ଥରେ ଆକ୍ଟିଂ ଦୁନିଆରେ ପାଦ ଥାପିବେ ବୋଲି କହିଛନ୍ତି। ସନ୍ତାନର ଜନନୀ ହେବା ପରେ ସେ ଏବେ ଅଭିନୟକୁ ଫେରୁଛନ୍ତି। ଆସନ୍ତା ବର୍ଷ ପ୍ରାରମ୍ଭରେ ତାଙ୍କର ଏକ ନୂଆ ପ୍ରୋଜେକ୍ଟର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏ ବିଷୟରେ ସୋନମ କହନ୍ତି, 'ନିକଟରେ ମୁଁ ଏକ ନୂଆ ସିନେମା ସାଇନ୍ କରିଛି। ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏପରିକି ଏହି ଫିଲ୍ମର ଟାଇଟଲ ମଧ୍ୟ ଫାଇନାଲ ହୋଇନାହିଁ। ତେଣୁ ସେ ସମ୍ପର୍କରେ ଏବେ ଅଧିକ କିଛି କହିହେବ ନାହିଁ। କେବଳ ଏତିକି କହିବି ମୁଁ ସେଥିରେ ଅଭିନୟ କରିବା ନିଶ୍ଚିତ। ଆସନ୍ତା ବର୍ଷ ଏହାର ଶୁଟିଂ ଆରମ୍ଭ ହେବ।' ହେଲେ ଜାଣନ୍ତି କି ଅଭିନୟ କରିବା ପୂର୍ବରୁ ସୋନମ ସହନିର୍ଦ୍ଦେଶକ ଭାବରେ କାମ କରୁଥିଲେ। ସଞ୍ଜୟ ଲୀଳା ଭଁସାଲିଙ୍କ 'ବ୍ଲାକ୍'ରେ ସେ ଏହି ଦାୟିତ୍ୱକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ତା'ପରେ ସଞ୍ଜୟଙ୍କ ପ୍ରାଜେକ୍ଟ 'ସାଓ୍ୱରିୟାଁ'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ତା'ପରେ ସେ 'ଦିଲ୍ଲୀ ୬', 'ଆଇ ହେଟ୍ ଲଭ୍ ଷ୍ଟୋରିଜ୍', 'ନିର୍‌ଜା' 'ରାନ୍‌ଝନା' ଏବଂ 'ପ୍ରେମ ରତନ ଧନ୍ ପାଓ'ରେ ଅଭିନୟ କରିଥିଲେ।



କିଆରା



ସୋନମ

# ଆଶ୍ରମ: ଏକ ଆହ୍ୱାନ



'ଆଶ୍ରମ' ଚଳଚ୍ଚିତ୍ରରେ ମହାଶ୍ୱେତା ରାୟ

ସାଧାରଣତଃ କେତେଜଣ ବୟସ୍କ ବ୍ୟକ୍ତି ଅବସର ପରେ 'ଆଶ୍ରମ'ରେ ରହିବାର ନଜିର ରହିଛି। ସେଠାରେ ଅବସାଦ ମେଣ୍ଟିବା ସହ ସେହି ସମଦଶାରେ ଭାଗୀଦାର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ହସଖୁସିରେ ସମୟ ଅତିବାହିତ କରିବା ଏକ ମାତ୍ର ସୁସ୍ଥ ପରମ୍ପରା। କାହାଣୀ ଅନୁସାରେ ନୀତିନିଷ୍ଠ ଉଚ୍ଚପଦସ୍ଥ ଅଫିସର ବିବାହ ପରେ ଅଧା ବୟସରୁ ସ୍ୱାମୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତା'ପରେ ମୃତ ସ୍ୱାମୀଙ୍କର ନିଜ ସମ୍ପର୍କୀୟମାନଙ୍କର ଏକାକୀ ଖୁଡ଼ୀର ଘର ପରିବେଶ ଦେଖି ଲୋଭ ବଢ଼େ। ଯେହେତୁ ଖୁଡ଼ୀ (ମୃତ ସ୍ୱାମୀଙ୍କ ପତ୍ନୀ)ଙ୍କର କେହି ନାହାନ୍ତି ତେଣୁ ଘରଟିକୁ ନିଜର ଅକ୍ତିଆରରେ ରଖିବ ବୋଲି ଯୋଜନାବଦ୍ଧ ଷଡ଼ଯନ୍ତ୍ର ରଚନା କରନ୍ତି। ସେପଟେ ନିଜ ସ୍ୱାମୀଙ୍କର ଗାୟନ ବାଦନ ସ୍ୱରକୁ ତାଙ୍କର ପତ୍ନୀ ଭୁଲି ନ ଥାନ୍ତି। ସେଗୁଡିକୁ ବ୍ୟବହାର କରି ସେ ପାଆନ୍ତି ଅନେକ ଆନନ୍ଦ। କିନ୍ତୁ ଅବସର ପରେ ଯେଉଁ ଆଶ୍ରମ (ନିଜ ଘର)ରେ ରହି ବାକି ଜୀବନକୁ କାଟି ଦେବାକୁ ସେ ସ୍ଥିର କରିଥାଆନ୍ତି, ସେଠାରେ ଏଭଳି ପରିସ୍ଥିତି ସୃଷ୍ଟି ହୁଏ ଯେ ସେ କ'ଣ ନିଷ୍ପତ୍ତି ନେବେ ସେ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ତେବେ ତା'ପରେ ସମୟ ଚକ୍ରରେ ପେଷି ହୋଇଯାଇଥିବା ଏହି ପତ୍ନୀ କ'ଣ କରନ୍ତି? ନିଜ ଆଶ୍ରମକୁ ଶେଷ ଠିକଣା ଭାବି ସେ କ'ଣ ସେଠାରେ ବାକି ଜୀବନ କଟାନ୍ତି? ଚାକିରିରୁ ଅବସର ପରେ ତାଙ୍କର ଅବଶିଷ୍ଟ ଜୀବନ କ'ଣ ଶାନ୍ତିରେ କଟେ? ଏଭଳି ଅନେକ ପ୍ରଶ୍ନର ଉତ୍ତର ଆପଣ ପାଇପାରିବେ ଏକ ଭିନ୍ନ ଧରଣର ଓଡ଼ିଆ ସିନେମାରେ। ତାହାର ଟାଇଟଲ ରହିଛି 'ଆଶ୍ରମ'। ଏହି ସିନେମା ଆଗାମୀ ଦିନରେ ସମାଜ ପାଇଁ ଏକ ଶିକ୍ଷଣୀୟ ବାର୍ତ୍ତା ବହନ କରୁଛି। ଏକ ସାମ୍ପ୍ରତିକ ଘଟଣାବଳୀକୁ ନେଇ ସୁନ୍ଦର ସିନେମାଟିଏ ନିର୍ମାଣ କରିଛନ୍ତି ପ୍ରଯୋଜକ ତପନ କୁମାର ଦାଶ। ତା'ସହ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଦୃଶ୍ୟାୟନ କରିଛନ୍ତି ଓଡ଼ିଆ ସିନେମା ଜଗତର ବରିଷ୍ଠ ତଥା ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏହି ଚିତ୍ରରେ ମୋଟ ଚାରୋଟି ଗୀତକୁ ବେଶ୍ ମନଛୁଆଁ କରିପାରିଛନ୍ତି ସ୍ୱର ସଂଯୋଜକ ଅଭିଜିତ ମଜୁମଦାର। ଏଭଳି ସ୍ୱର ନିଶ୍ଚିତ ଭାବରେ ଭଲ ସିନେମା ନିର୍ମାତାଙ୍କ ପାଇଁ ଉତ୍ସାହ ପ୍ରଦାନ କରିବ। ଏହି ଚଳଚ୍ଚିତ୍ରରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ ନିଜ ଭୂମିକାକୁ ଯେଉଁଭଳି ଭାବରେ ତୁଲାଇଛନ୍ତି ତାହା କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିବ। ନିଜ ଅଭିନୟ ପରିପକ୍ୱତାକୁ ବେଶ୍ ସୁନ୍ଦର ଭାବରେ ନିଜ ଚରିତ୍ର ମାଧ୍ୟମରେ ସେ ଅବତାରଣା କରିଛନ୍ତି। ତାଙ୍କର ଅଭିନୟ ଯେ ଅନ୍ୟମାନଙ୍କ ଠାରୁ କେତେ ନିଆରା ତାହା ଏହି ଫିଲ୍ମରେ ସ୍ପଷ୍ଟ ଭାବରେ ବାରି ହୋଇପଡୁଛି। ଅନ୍ୟପକ୍ଷରେ ଏହି ଫିଲ୍ମରେ ଅଭିଷେକ ଗିରି, ସୂର୍ଯ୍ୟମୟୀ ନିଜ ନିଜ ଭୂମିକାକୁ ସଫଳ କରିବାକୁ ଆଦୌ ପଛଘୁଞ୍ଚା ଦେଇନାହାନ୍ତି। ଏହି କଳାକାରଦ୍ୱୟ ଆଗାମୀ ଦିନରେ ନିଜ ଅଭିନୟକୁ ଆହୁରି ପରିପକ୍ୱ କରିବେ ଏବଂ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା କରାଯାଏ। ମୋଟ ଉପରେ ଚଳଚ୍ଚିତ୍ରଟି ଦର୍ଶକାଦୃତ ହେବ ବୋଲି କହିଲେ ଟିକିଏ ହେଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟପକ୍ଷରେ ଏଭଳି ଭିନ୍ନ ଧରଣର ତଥା ଶିକ୍ଷଣୀୟ ଚଳଚ୍ଚିତ୍ରକୁ ଟ୍ୟାକ୍ସ ଫ୍ରି ଘୋଷଣା କରାଗଲେ ତାହା ଅନ୍ୟ ପ୍ରଯୋଜକମାନଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ ହେବ।

**-ଦୀଲିପ ହାଲି**, ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ଯାହା ଭାବୁଥିଲେ ଅକ୍ଷୟ...

ଅକ୍ଷୟ କୁମାର ଖୁବ୍‌ଶୀଘ୍ର ପ୍ରିୟଦର୍ଶନଙ୍କ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅବଶ୍ୟ ତାଙ୍କ କ୍ୟାମ୍ପରେ ସେ ପୂର୍ବରୁ ଆକ୍ଟିଂ କରିସାରିଛନ୍ତି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ତଥା ଅକ୍ଷୟଙ୍କ ଅଭିନୀତ 'ହେରାଫେରି' ଏବଂ 'ଭୁଲ୍ ଭୁଲେୟାଁ' ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇସାରିଛି। ହେଲେ ଏହି ନୂଆ ସିନେମାଟିକୁ ନେଇ ତାଙ୍କ ମନରେ ଏକ ଆଶା ରହିଥିଲା। କିନ୍ତୁ ତାକୁ ସେ ନିର୍ଦ୍ଦେଶକଙ୍କୁ କହି ନ ଥିଲେ। ହେଲେ ପ୍ରିୟଦର୍ଶନ ସତେ ଯେମିତି ତାଙ୍କର ମନ କଥା ଜାଣିପାରି ତାହାକୁ ପୂରଣ କରିବାକୁ ଯାଉଛନ୍ତି। ଅର୍ଥାତ୍, ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଏକ ହରର-କମେଡି ଫିଲ୍ମରେ ଅକ୍ଷୟ ମୁଖ୍ୟ ଭୂମିକାରେ ଅଭିନୟ କରିବେ। କେବଳ ସେତିକି ନୁହେଁ, ଏହାର ଟିଜର ଚଳିତ ମାସ ୯ ତାରିଖରେ ରିଲିଜ ହେବ। ଆଉ ସେଦିନ କ'ଣ ଜାଣନ୍ତି? ଅକ୍ଷୟ କୁମାରଙ୍କ ଜନ୍ମଦିନ। ଏକଥା ଜାଣିବା ପରେ ଅକ୍ଷୟ ଏହାକୁ ପ୍ରିୟଦର୍ଶନଙ୍କ ମୋ ପାଇଁ ଜନ୍ମଦିନ ଭେଟି ବୋଲି କହିଛନ୍ତି।



ଅକ୍ଷୟ କୁମାର

# କ୍ୱାର୍ଟର ଫାଇନାଲରେ ହରବିନ୍ଦର

**ପ୍ୟାରିସ୍,୪।୯(ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସରେ ପୁରୁଷ ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ହରବିନ୍ଦର ସିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଟୋକିଓ ପାରାଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ହରବିନ୍ଦର କ୍ରମାଗତ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଚାଇନିଜ ତାଇପେର ସେଙ୍ଗ ଲଙ୍ଗ ହୁଇଙ୍କୁ ୭-୩ରେ ପରାଜିତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଇଣ୍ଡୋନେସିଆର ଘୋଲାମରେଜା ରହିମିଙ୍କୁ ୬-୪ରେ ହରାଇଥିଲେ। ୬୫ ବର୍ଷୀୟ ସେଙ୍ଗ ଲଙ୍ଗ ହୁଇଙ୍କ ବିପକ୍ଷ ମ୍ୟାଚରେ ପ୍ରଥମ ସେଟ୍ ୨୫-୨୫ରେ ରହିଥିଲା। ପରବର୍ତ୍ତୀ ସେଟକୁ ହରବିନ୍ଦର ୨୭-୨୬ରେ ଜିତିଥିଲେ। ତୃତୀୟ ସେଟକୁ ସେଙ୍ଗ ଲଙ୍ଗ ୨୯-୨୬ରେ ଜିତି ନେଇଥିବା ବେଳେ ମ୍ୟାଚ୍ ୩-୩ରେ ରହିଥିଲା। ଅନ୍ତିମ ୨ ସେଟକୁ ଜିତିବା ସହିତ ହରବିନ୍ଦର ୭-୩ରେ ବିଜୟୀ ହୋଇଥିଲେ। ସେହିପରି ଘୋଲାମରେଜା ରହିମିଙ୍କ ବିପକ୍ଷ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ପ୍ରଥମ ସେଟରେ ପରାଜିତ ହୋଇଥିଲେ ହରବିନ୍ଦର। ତେବେ ପରବର୍ତ୍ତୀ ୨ ସେଟରେ ବିଜୟ ସହ ହରବିନ୍ଦର ୪-୨ରେ ଆଗୁଆ ଥିଲେ। ରହିମି ମ୍ୟାଚ୍‌କୁ ୪-୪ ସ୍ଥିତିକୁ ଆଣିବା ପରେ ଅନ୍ତିମ ତଥା ନିର୍ଣ୍ଣାୟକ ସେଟ୍ ଜିତି ନେଇଥିଲେ ହରବିନ୍ଦର।



ହରବିନ୍ଦର ସିଂ

## ବିଦା ହେଲେ ଭବିନା

ଟୋକିଓ ପାରାଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟିନୀ ଟେବୁଲ ଟେନିସ୍ ଖେଳାଳି ଭବିନାବେନ୍ ପଟେଲ ଡବ୍ଲ୍ୟୁଏସ୍-୪ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଚାଇନାର ଝୋଉ ୟିଙ୍ଗଙ୍କ ନିକଟରୁ ୧୪-୧୨, ୧୧-୯, ୮-୧୧ ଓ ୧୧-୬ରେ ପରାଜିତ ହୋଇଥିଲେ ଭବିନା।

## ଶୁଟର ବିଫଳ

ଏସ୍‌ଏଚ୍-୧ ଶୁଟିଂ ବର୍ଗର ୫୦ ମିଟର ପିସ୍ତଲ ଇଭେଣ୍ଟର ଫାଇନାଲ ପ୍ରବେଶରେ ବିଫଳ ହୋଇଛନ୍ତି ଭାରତର ନିହାଲ ସିଂ ଓ ରୁଦ୍ରାଂଶ ଖଣ୍ଡେଲୱାଲ। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟୀ ନିହାଲ ୫୨୨ ପଏଣ୍ଟ ସ୍କୋର କରିବା ସହ ୧୯ତମ ସ୍ଥାନରେ ରହିଥିଲେ। ୧୭ ବର୍ଷୀୟ ରୁଦ୍ରାଂଶ ଖଣ୍ଡେଲୱାଲ ୫୧୭ ପଏଣ୍ଟ ସ୍କୋର କରି ୨୨ତମ ସ୍ଥାନରେ ରହିଥିଲେ। କୋରିଆର ଜୋ ଜିଓଙ୍ଗଡୁ ୫୫୩ ପଏଣ୍ଟ ସ୍କୋର କରି କ୍ୱାଲିଫିକେଶନରେ ପ୍ରଥମ ସ୍ଥାନରେ ରହିଥିଲେ।

## ଅମୀଷା ନବମ

ଏଫ୍୪୬ ମହିଳା ଶଟ୍‌ପୁଟ ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଭାରତର ଅମୀଷା ରାୱତ ୧୪ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଅମୀଷା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ୯.୨୫ ମିଟର ଥ୍ରୋ କରିଥିଲେ।



କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏମ୍‌ଜିଏମ୍ ଫାଓ ଲିଗ୍ ୨୦୨୪ (୨ୟ ଡିଭିଜନ) ଫାଇନାଲରେ ଉଦୟ କ୍ଲବକୁ ୨-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିବା ୱାଇଏଏଫ୍‌ସି ଚୌଦ୍ୱାର କ୍ଲବର ଖେଳାଳିମାନେ।

# ଦୁଲୀପ ଟ୍ରଫି: ନଜରରେ ରହିବେ ପନ୍ତ

**ବେଙ୍ଗାଲୁରୁ, ୪।୯ (ପି.ଟି.)**

ଗରୁବାରଠାରୁ ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହା ବେଙ୍ଗାଲୁରୁ ଓ ଅନନ୍ତପୁରରେ ଖେଳାଯିବ। ମ୍ୟାଚ ବେଳେ ଜାତୀୟ ଚୟନକର୍ତ୍ତାମାନେ ଉପସ୍ଥିତ ରହିବେ। ଆଗାମି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିଜନ ପାଇଁ ଆଗଧାଡ଼ି ଷ୍ଟାର ଖେଳାଳିଙ୍କ ଉପଯୁକ୍ତ ବିକଳ୍ପ ଖେଳାଳିଙ୍କୁ ସେମାନେ ଖୋଜି ବାହାର କରିବେ। ବିଶେଷ କରି ରେଡ୍‌ବଲ କ୍ରିକେଟକୁ ରିଷଭ ପନ୍ତଙ୍କ ପ୍ରତ୍ୟାବର୍ତ୍ତନ ଉପରେ ସେମାନଙ୍କ ନଜର ରହିବ। ଭୟଙ୍କର କାର୍ ଦୁର୍ଘଟଣା ପରେ ହ୍ୱାଇଟ ବଲ୍ ଫର୍ମାଟକୁ ଫେରିଥିବା ପନ୍ତ ଏପର୍ଯ୍ୟନ୍ତ ଲମ୍ବା ଫର୍ମାଟ ମ୍ୟାଚ ଖେଳି ନାହାନ୍ତି। ସେ ଶେଷ ଥର ପାଇଁ ଏକ ଟେଷ୍ଟ ମ୍ୟାଚ ୨୦୨୨ ଡିସେମ୍ବରରେ ବାଂଲାଦେଶ ବିପକ୍ଷରେ ଖେଳିଥିଲେ। ବର୍ତ୍ତମାନ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସେ ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧୀନ 'ବି' ଟିମ୍ ତରଫରୁ ଶୁବମନ ଗିଲ୍ ଅଧିନାୟକତ୍ୱରେ ଟିମ୍ 'ଏ' ବିପକ୍ଷରେ ଖେଳିବେ। ସେ 'ବି' ଟିମ୍‌ର ଉଇକେଟକିପର ଦାୟିତ୍ୱ ତୁଲାଇବେ। ଆସନ୍ତାବର୍ଷ ଜୁନ୍‌ରେ ଲର୍ଡ୍ସଠାରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳାଯିବ। ପନ୍ତ ଚଳିତ ସିଜନରେ ଜଣେ ଉଇକେଟକିପର-ବ୍ୟାଟର ଭାବେ ତାଙ୍କ ଦାୟିତ୍ୱ କିପରି ତୁଲାଉଛନ୍ତି ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ତାହା ଉପରେ ନଜର ରଖିବ। ଏହି ଟୁର୍ନାମେଣ୍ଟରେ ଚୟନକର୍ତ୍ତାମାନେ ଯେଉଁ ଅନ୍ୟ କେତେଜଣ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବେ ସେମାନଙ୍କ ମଧ୍ୟରେ ଧ୍ରୁବ ଜୁରେଲ (ଟିମ୍ 'ଏ'), ଯିଏକି ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷ ସିରିଜରେ ତାଙ୍କ ପଦାର୍ପଣ କରିଥିଲେ। ଅନ୍ୟ ଜଣେ ହେଲେ ଇଶନ କିଶନ। ସେ ଅନନ୍ତପୁରଠାରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ 'ଡି' ତରଫରୁ ଖେଳିବେ। କିଶନ ଦୁଲିପ ଟ୍ରଫି ଜରିଆରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ଅଛନ୍ତି। ବାଂଲାଦେଶ ସିରିଜ ପାଇଁ ଭେଟେରାନ ବିରାଟ କୋହଲି ଓ ରୋହିତ ଶର୍ମା ଦଳକୁ ଫେରିଛନ୍ତି।



ସଚିନ୍ ସର୍ଜେରାଓ ଖିଲାରି

# ୟୁପିଏସ୍‌ସି ଶିକ୍ଷକରୁ ଅଲିମ୍ପିକ୍ସ ରୌପ୍ୟ

**ପ୍ୟାରିସ୍,୪।୯:** ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି ସଚିନ୍ ସର୍ଜେରାଓ ଖିଲାରି। ପୁରୁଷ ଏଫ୍ ୪୬ ବର୍ଗରେ ସଚିନ୍ ଏହି ସଫଳତା ହାସଲ କରିଥିବା ବେଳେ ସେ ଜଣେ ମେକାନିକାଲ ଇଞ୍ଜିନିୟର। ଏପରିକି ମହାରାଷ୍ଟ୍ର ପବ୍ଲିକ୍ ସର୍ଭିସ୍ କମିଶନ(ଏମ୍‌ପିଏସ୍‌ସି) ଓ ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନ(ୟୁପିଏସ୍‌ସି) ପ୍ରତ୍ୟାଶୀ ମାନଙ୍କୁ କୋଚିଂ ପ୍ରଦାନ କରିଥାନ୍ତି ସଚିନ୍। ପିଲାଦିନରୁ ସାଇକେଲ ଦୁର୍ଘଟଣା କାରଣରୁ ହାତର ମାଂଶପେଶୀ ଦୁର୍ବଳ ହୋଇ ଯାଇଥିଲା। ଏପରିକି ଶିଶୁ ଅବସ୍ଥାରେ ମା'ଙ୍କୁ ମଧ୍ୟ ହରାଇଥିଲେ। ହାତରେ ଏକାଧିକ ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ ସଚିନ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରି ନ ଥିଲେ। ପିତା କିନ୍ତୁ ସଚିନଙ୍କୁ ସର୍ବଦା ସମର୍ଥନ ଦେଇ ଆସିଥିଲେ। ୧୮ ବର୍ଷ ବୟସରେ ପ୍ରଥମ ଥର ପାରା ସ୍ପୋର୍ଟ୍ସ ସମ୍ପର୍କରେ ଆସିଥିଲେ। ଶିକ୍ଷକ ଉତ୍ତମ ଘୋରାଡେଙ୍କ ଦ୍ୱାରା ପ୍ରଭାବିତ ହୋଇ ସଚିନ୍ ପାରା ଶଟ୍‌ପୁଟ ଖେଳିବା ଆରମ୍ଭ କରିଥିଲେ। ସପ୍ତାହରେ ୩୦ ଘଣ୍ଟା ପ୍ରଶିକ୍ଷଣ ନେଉଥିବା ସଚିନ୍ ନିଜ ପାଠପଢ଼ାରେ କେବେ ଅବହେଳା କରି ନାହାନ୍ତି। ସେ ପୁଣେ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି।

୨୦୧୫ରୁ ପାରା ସ୍ପୋର୍ଟ୍ସ ଅଭ୍ୟାସ ଆରମ୍ଭ କରିବା ସହିତ ସଚିନ୍ ୨୦୧୭ରେ ପ୍ରଥମ ଥର ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଇତି ମଧ୍ୟରେ ୫ ଥର ଜାତୀୟ ଚାମ୍ପିୟନଶିପ୍ ଜିତି ସାରିଥିବା ବେଳେ ୨୦୨୨ ହାଙ୍ଗଝୋ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୩ ଓ ୨୦୨୪ରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତଥିଲେ। ୩୪ବର୍ଷୀୟ ସଚିନ୍ ଆସନ୍ତା ଲସଏଞ୍ଜେଲ୍ସ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବାର ଇଚ୍ଛା ପ୍ରକାଶ କରିଥିବା ବେଳେ ଆଗାମୀ ଦିନରେ କୋଚିଂ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି।








Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~As per the cumulative dispatch number till March 2023. "Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22)". ^^Based on offers from empanelled dealers on Wheels of Trust platform. ^Finance offer is at the sole discretion of the Financier, subject to its respective T&Cs. ^Basis data available in the public forum for products in the 100cc motorcycle segment. #This scheme is applicable only for teachers and subject to terms and conditions.

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors, Ph- 6372753989, Jeypore: Supreme Sales, Ph- 8144822656; Associate Dealers: Rahama: Sarala Automobiles- 9937018532, Nimapara:Basudev Automobiles- 9861020724, Pipili:Shri Ram Motors-9437110789 , Khamakhyanagar:Reliance Automobiles-9938435743, Chendipada:Tara Motors-8018339414 Bhubaneswar:Mahamayee Motors-9437004624 Khurdha: Dinesh Trading Co.-9778097876 Sakhigopal:Sai Motors-9439765820 Begunia:Rashmi Automobiles-9178316145 Laxmipur:Tarini Motors- 7205862853 Rajgangpur:Kedia & Kedia-9437152881 Brajrajnagar: Bina Motors-9861078290 Belpahar:Varsha Motors-9437058417 Deogarh:Jindal Motors-9437056659 Bamra:Choudhury Motors-9938274720 Baliapal:Baba Motors-8093603116 Soro:Twinkle Motors- 9861594852 Kendrapara:Baishnabi Motors-9437089454/9853471301 Barbil:Wheels Motors-9776931870 Pattamundai:Mishra Auto-9853843713 Basta: Shivam Motors- 7735958754 Rairangpur:Maa Sakambari Motors- 7008581719 Khuakia:Binayak Automobiles-9090444379 Jajpur Town:Ayush Automobiles-9556189870 Mayurbhanj:Jk Motors-9040909925 Semiliguda:K P Enterprises-9437233464 Parlakhemundi:Preetam Enterprises- 9438685535 Nabarangpur:Arun Sales & Service-9437174795 Bhanjanagar:Rebati Motors-9438279794/9937015509 Narsinghpur: Ambika Motocorp-9861811411 Gunpur:M/s Sai Sharan Automobiles- 9437234012 Malkangiri:Kanishka Automobiles-9437181980 Kotpad:Shai Automobiles-7205593156 Umerkote:Bharat Sales-9937455659/9777765563 Junagarh:Shree Bimala Motors-9668287479 Rajakhariar: Jagdamba Auto Combines-9937002262 Boudh:Bansal Auto-9437062948 Nuapada:Maruti Auto-9178014999 Padampur:Debesh Motors-9437253970 Barpalli:Durga Motors-9861265979 Titlagarh:Sneha Motors- 9853925879 Mayurbhanj:Mahaveer Motors-7326872255/9853290346 Baliguda:Sai Automobiles-9827843657 Patrapur:Ronak Motors-9030985084 Balipatna:M/S Jagannath Motors-7064309702 Kalimela: Laxminiyati Motors-9861002055 Chandpur:Apsara-9861418161 Subdega:Jdj Automobiles-9937060108 Bissam cuttack: Patnaik Motors- 7008615208 BasudevPur:Bidyalalita Automobile-9827487072 Telkoi: Panchamukhi Motors-9717004926 Tikabali:M/S Maa Rudrakali Automobiles-7846961367 Kamrda:Siddhivinayak Motors-7208675074 JAGDALPUR:KIRAN SALES-9827654949 Kesinga: Annapurna Automobile- 7978787287, M.Rampur:Aruna Automobiles- 8114331356

WT.5713.2024ORI


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ